# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, August 13/2025 | Page 16 | ₹ 7.00

୫୧ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 259 | ମୂଲ୍ୟ ₹୭/-





## ସଂକ୍ଷେପରେ

### ବେଲୋଚ ଗୋଷ୍ଠୀକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

ୱାଶିଂଟନ୍,୧୨।୮

ପାକିସ୍ତାନର ବିଚ୍ଛିନ୍ନତାବାଦୀ ବେଲୋଚ ଲିବରେଶନ ଆର୍ମି (ବିଏଲ୍ଏ) ଏବଂ ଏହାର ଶାଖା ମଜିଦ ବ୍ରିଗେଡ୍‌କୁ ଆମେରିକା ପରରାଷ୍ଟ୍ର ବିଭାଗ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ୨୦୧୯ରୁ ବିଏଲ୍ଏକୁ ସ୍ୱତନ୍ତ୍ର ଭାବେ ନାମିତ ବୈଶ୍ୱିକ ଆତଙ୍କବାଦୀ (ଏସ୍‌ଡିଜିଟି)ବର୍ଗରେ ସାମିଲ କରାଯାଇଥିଲା। ଏବେ ପାକ୍ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ ମୁନିର ଆମେରିକା ଗସ୍ତରେ ଥିବାବେଳେ ବିଏଲ୍ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି। ଦୁଇ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଛି, ଯାହା ଫଳରେ ବେଲୁଚିସ୍ତାନର ତୈଳ ଭଣ୍ଡାରରେ ଆମେରିକୀୟ କମ୍ପାନୀକୁ ପ୍ରବେଶ ଅନୁମତି ମିଳିପାରିବ। ଦୀର୍ଘ ଦଶନ୍ଧି ଧରି ବିଏଲ୍ଏ ବେଲୁଚିସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଆନ୍ଦୋଳନର ପ୍ରମୁଖ ସଂଗଠନ ରହିଆସିଥିଲା।

### ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୨।୮

ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ିର ମାଲିକଙ୍କୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁରୁଣା ଗଡ଼ିର ମାଲିକଙ୍କ ବିରୋଧରେ କୌଣସି ଜୋର ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ଚଳାଚଳକୁ ନିଷେଧ କରିବା ପାଇଁ ଦିଲ୍ଲୀ ସରକାରଙ୍କ ପୁନର୍ବିଚାର ଆବେଦନର ଶୁଣାଣି ବେଳେ ସିଜେଆଇ ବି.ଆର୍. ଗବଇ, ଜଷ୍ଟିସ୍ ବିନୋଦ କେ ଚନ୍ଦ୍ରନ୍ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ହେବ। ସେପର୍ଯ୍ୟନ୍ତ ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି ମିଳିଛି।

### ସିବିଏସ୍‌ଇ ପାଠ୍ୟକ୍ରମରେ ସାମିଲ ହେବ ନୂଆ ଆପରାଧିକ ଆଇନ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଆଇନଗତ ଅଧ୍ୟୟନ ପାଠ୍ୟକ୍ରମରେ ସମ୍ବିଧାନର ଧାରା ୩୭୭ ଏବଂ ତିନି ତଲାକ ଆଇନ ରଦ୍ଦ ସମେତ ନୂଆ ଆପରାଧିକ ଆଇନ ସାମିଲ ହେବ। ସିବିଏସ୍‌ଇର କରିକୁଲମ୍ କମିଟି ଏହି ନିଷ୍ପତ୍ତିକୁ ଅନୁମୋଦନ କରିଥିବାବେଳେ ଗଭର୍ଣ୍ଣିଂ ବଡ଼ି ମଞ୍ଜୁରୀ ପ୍ରଦାନ କରିଛି। ଉପନିବେଶୀୟ ଯୁଗର ପୁରୁଣା ଆପରାଧିକ ଆଇନ ବଦଳରେ ଅଣାଯାଇଥିବା ନୂଆ ଆଇନ ସମ୍ପର୍କରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବେ।




ଭୋଟ ଚୋରି ଏବଂ ବିହାରରେ ଏସ୍ଆଇଆର୍ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଟି-ଶାର୍ଟ ପିନ୍ଧି ପ୍ରତିବାଦ କରୁଛନ୍ତି।

# ପିକ୍ଚର ବାକି ଅଛି: ରାହୁଲ

**ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନଙ୍କ ଏସ୍ଆଇଆର୍ କେବଳ ରାଜ୍ୟରେ ନୁହେଁ ବରଂ ପୂରା ଦେଶରେ ବିତର୍କ ସୃଷ୍ଟି କରିଛି। ଭୋଟର ତାଲିକା ସଂଶୋଧନ ଉଦ୍ଦେଶ୍ୟରେ ଆୟୋଗଙ୍କ ଏହି ଅଭିଯାନକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି। ନାଗରିକଙ୍କ ମତଦାନ ଅଧିକାରକୁ ଛଡ଼ାଇନେବା ପାଇଁ ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ସେମାନେ କହୁଛନ୍ତି। ତେବେ କେବଳ ଏସ୍ଆଇଆର୍ ନୁହେଁ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଭାଜପାକୁ ଜିତାଇବା ପାଇଁ କମିଶନ ଭୋଟ ଚୋରି କରୁଥିଲେ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣି ପ୍ରମାଣ ଦେଖାଇଥିଲେ। ଏନେଇ ଇସି ତାଙ୍କୁ ସ୍ୱାକ୍ଷର ସମ୍ବନ୍ଧିତ ସତ୍ୟପାଠ ମାଗିଥିବାବେଳେ ରାହୁଲ ତାହା ଦାଖଲ କରିନାହାନ୍ତି। ଏସ୍ଆଇଆର୍ ଏବଂ ଭୋଟ ଚୋରି ଅଭିଯୋଗକୁ ନେଇ ସଂସଦରେ ଅଚଳାବସ୍ଥା ଜାରି ରହିଥିବାବେଳେ ନିର୍ବାଚନ କମିଶନ 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉନାହାନ୍ତି ବୋଲି ମଙ୍ଗଳବାର ରାହୁଲ କହିଛନ୍ତି। ସେ କହିଛନ୍ତି, ଏବେ ପିକ୍ଚର ବାକି ଅଛି। ସୋମବାର ବିରୋଧୀ ନେତାମାନେ ନିର୍ବାଚନ ସଦନକୁ ବିକ୍ଷୋଭ ଶୋଭାଯାତ୍ରା କରିବା ଭଳି ଆଗକୁ ଅନେକ ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।**

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପୁଣିଥରେ ନିର୍ବାଚନ କମିଶନ (ଇସି)ଙ୍କୁ ଟାର୍ଗେଟ କରିଛନ୍ତି। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ଇସି ନିଜ କର୍ତ୍ତବ୍ୟକୁ ନିଭାଉନାହାନ୍ତି ବୋଲି ରାହୁଲ କହିଛନ୍ତି। ଭୋଟର ତାଲିକାରେ ଅନିୟମିତତା ନେଇ ନିଜ ଦାବିକୁ ରାହୁଲ ପୁଣିଥରେ ଦୋହରାଇ କହିଛନ୍ତି, ପିକ୍ଚର ଏବେ ବାକି ଅଛି। ସମ୍ବିଧାନକୁ ରକ୍ଷା କରିବା ପାଇଁ ତାଙ୍କ ଦଳ ସର୍ବଦା ପ୍ରୟାସ କରିବ।

ସଂସଦ ଭବନ ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ରାହୁଲ କହିଛନ୍ତି, ଭୋଟ ଚୋରି କେବଳ ଗୋଟିଏ ସିଟ୍‌ରେ ହୋଇନାହିଁ। ଅନେକ ସିଟ୍‌ରେ ଏପରି ମାମଲା ଦେଖିବାକୁ ମିଳିଛି। ଜାତୀୟ ସ୍ତରରେ ଏକ ବ୍ୟବସ୍ଥିତ ଢଙ୍ଗରେ ଭୋଟ ଚୋରି କରାଯାଉଛି। ଏନେଇ ଇସି ଭଲ ଭାବେ ଅବଗତ ଥିବା ସେ କହିଛନ୍ତି। ପୂର୍ବ ଇସି କହୁଥିଲେ, ପ୍ରମାଣ ଦିଅ। ଏବେ ପ୍ରମାଣ ଦିଆଯାଇଛି। ତଥାପି ଇସିଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତ ହେଉଛି ସମ୍ବିଧାନର ମୂଳଦୁଆ। ଏହାକୁ କାର୍ଯ୍ୟକାରୀ କରିବା ହେଉଛି ଇସିଙ୍କ ପ୍ରମୁଖ କର୍ତ୍ତବ୍ୟ। ଇସି ଉକ୍ତ କର୍ତ୍ତବ୍ୟକୁ ନିଭାଉ ନାହାନ୍ତି। ବିହାରର ଭୋଟର ତାଲିକାରେ ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କ ନାଁ ଥିବା ନେଇ ପଚରାଯିବାରୁ ରାହୁଲ କହିଛନ୍ତି, ଏହା ଏକମାତ୍ର ମାମଲା ନୁହେଁ, ଏପରି ଅନେକ ମାମଲା ରହିଛି।



ରାହୁଲ ଗାନ୍ଧୀ

ଅନ୍ୟପକ୍ଷେ, ବିହାରରେ ଏସ୍ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗକୁ ନେଇ ମଙ୍ଗଳବାର ମଧ୍ୟ ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଦେଖାଦେଇଛି। ଉଭୟ ପ୍ରସଙ୍ଗକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଅନେକ ଏମ୍‌ପି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ ପ୍ରତିବାଦ କରିଛନ୍ତି। ଏହି ଅବସରରେ ଏମ୍‌ପିମାନେ ଧଳାରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ। ଉକ୍ତ ଶାର୍ଟରେ ବିହାର ଭୋଟର ତାଲିକାରେ ଥିବା ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କର ନାମ ରହିଥିଲା। 'ଆମ ଭୋଟ ଆମ ଅଧିକାର ଆମ ଲଢ଼େଇ' ଲେଖାଥିବା ବ୍ୟାନର ସହ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଇସି ଏବଂ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ୍ ଦେଇ ପ୍ରତିବାଦ କରିଥିଲେ। ତେବେ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ପାଇଁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ବିହାର ଭୋଟର ତାଲିକାରେ ଏସ୍ଆଇଆର୍‌କୁ ନେଇ ଆଲୋଚନା ପାଇଁ ମୋଦି ସରକାର ପ୍ରସ୍ତୁତ ନୁହନ୍ତି। କେନ୍ଦ୍ରର ଏହି ଜିଦ୍ ଯୋଗୁ ସଂସଦର ଉଭୟ ଗୃହ ବାରମ୍ବାର ମୁଲତବୀ ହେଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## ୩ ଜଣିଆ ତଦନ୍ତ କମିଟି ଘୋଷଣା କଲେ ବାଚସ୍ପତି

### ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ

ନୂଆଦିଲ୍ଲୀ,୧୨।୮

ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିବାବେଳେ ଅଭିଯୋଗର ପ୍ରମାଣ ପାଇଁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ୩ ଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି। କମିଟିରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ୍ ହାଇକୋର୍ଟର ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବି. ବାସୁଦେବ ଆଚାର୍ଯ୍ୟ ରହିଛନ୍ତି। ଯଥାଶୀଘ୍ର ସମ୍ଭବ କମିଟି ଏହାର ରିପୋର୍ଟ ଦାଖଲ କରିବ। ତଦନ୍ତ କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଟକି ରହିବ ବୋଲି ବିର୍ଲା କହିଛନ୍ତି।

ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସରକାର ପୂର୍ବରୁ ମହାଭିଯୋଗ ପ୍ରସ୍ତାବର ପ୍ରକ୍ରିୟା ଆରମ୍ଭ କରିଥିଲେ। ଜଷ୍ଟିସ୍ ବର୍ମାଙ୍କ ବହିଷ୍କାର ପାଇଁ ଲୋକ ସଭାର ୧୪୫ ଜଣ ଏବଂ ରାଜ୍ୟ ସଭାର ୬୩ ଜଣ ସଦସ୍ୟ ସମ୍ପୃକ୍ତ ଗୃହର ପ୍ରିଜାଇଡିଂ ଅଫିସରମାନଙ୍କୁ ନୋଟିସ ଦେଇଥିଲେ। ନୋଟିସ୍‌ରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ, ଅନୁରାଗ ଠାକୁର, ଏନ୍‌ସିପିର ସୁପ୍ରିୟା ସୁଲେ ପ୍ରମୁଖ ସ୍ୱାକ୍ଷର କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୨୪, ୨୧୭ ଏବଂ ୨୧୮ ଅନୁଯାୟୀ ଲୋକ ସଭା ବାଚସ୍ପତିଙ୍କ ନିକଟରେ ନୋଟିସ ଦାଖଲ କରାଯାଇଥିଲା। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ବିରୋଧୀ ସମର୍ଥିତ ନୋଟିସ ଗ୍ରହଣ କରିବା ତାଙ୍କ ହଠାତ୍ ଇସ୍ତଫା ପଛର ଅନ୍ୟତମ କାରଣ ବୋଲି କୁହାଯାଏ।

## ରିଲାଏନ୍ସର ଜାମନଗର ରିଫାଇନାରି ଉପରେ ଆକ୍ରମଣ ପାଇଁ ମୁନିରଙ୍କ ଧମକ

ୱାଶିଂଟନ୍,୧୨।୮

ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର ୨ ଦିନ ପୂର୍ବରୁ ଆମେରିକା ମାଟିରୁ ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର କଡ଼ା ଜବାବ ଦେଇଥିଲା। ଆମେରିକାରେ ମୁନିର ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଏବଂ ଆକ୍ରମଣାତ୍ମକ ଭାଷଣ ଦେବା ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଗୁଜରାଟ ଜାମନଗରସ୍ଥିତ ରିଫାଇନାରି ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ପାକିସ୍ତାନର କୌଣସି ସାମରିକ ମୁଖ୍ୟ ଭାରତର ଗୁରୁତ୍ୱପୂର୍ଣ୍ଣ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଚାହିଁବା ଏହା ପ୍ରଥମ ଘଟଣା। ଫ୍ଲୋରିଡାର ଟାମ୍ପାଠାରେ ଏକ ଘରୋଇ ନୈଶଭୋଜି ସମାବେଶରେ ଉଦ୍‌ବୋଧନ ଦେଇ ମୁନିର ଏକ ସୋସିଆଲ ମିଡିଆ ପୋଷ୍ଟର ଅବତାରଣା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ଟାର୍ଗେଟ କରିଥିଲେ। ଅମ୍ବାନୀ ଭାରତର ଆର୍ଥିକ ସାମର୍ଥ୍ୟ ଓ ବୈଶ୍ୱିକ ସ୍ଥିତି ସହ ଯୋଡ଼ି ହୋଇଥିବାରୁ ମୁନିର ତାଙ୍କ ନାମ ନେଇଥିବା ଜଣାପଡୁଛି।

ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ-ଜର୍ଦ୍ଦାରୀ ଭାରତର ସିନ୍ଧୁ ନଦୀ ଜଳ ଅଟକାଇବା ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ପାକିସ୍ତାନ ସବୁବେଳେ ଶାନ୍ତି ଚାହିଁ ଆସିଛି। ଯଦି ଭାରତ ଯୁଦ୍ଧ କରିବାକୁ ବାଧ୍ୟ କରେ, ତେବେ ଆମେ ପଛକୁ ହଟିବ ନାହିଁ ବୋଲି ସେ କହିଛନ୍ତି। ସିନ୍ଧୁ ନଦୀ ଜଳ ବନ୍ଦ କଲେ ପାକିସ୍ତାନର ପ୍ରତ୍ୟେକ ପ୍ରଦେଶର ଲୋକେ ଲଢ଼େଇ ପାଇଁ ପ୍ରସ୍ତୁତ ରହିବେ ବୋଲି ବିଲାୱଲ କହିଛନ୍ତି।

## ସୀମାରେ ରେଳପଥ ନିର୍ମାଣ ପାଇଁ ଚାଇନାର ଯୋଜନା

### ଭାରତର ଚିନ୍ତା ବଢ଼ାଇଲା

ନୂଆଦିଲ୍ଲୀ,୧୨।୮

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ଚାଇନା ରେଳଲାଇନ୍ ନିର୍ମାଣ ପାଇଁ ଏହାର ୨୦୦୮ର ଯୋଜନାକୁ ପୁନରୁଜ୍ଜୀବିତ କରିଛି। ଏହି ତିବ୍ବତ-ଜିନ୍‌ଜିଆଙ୍ଗ ରେଳଲାଇନ ଦେଇ ଭାରତ ସୀମା ନିକଟକୁ ବେଜିଂ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଆଦି ପଠାଇବାରେ ସହାୟକ ହେବ। ଚାଇନା ନିୟନ୍ତ୍ରଣରେ ଥିବା ଭାରତୀୟ ଅଞ୍ଚଳ ଅକ୍‌ସାଇ ଚୀନ୍ ଦେଇ ଏହି ରେଳଲାଇନ ନେପାଳ ସୀମା ପର୍ଯ୍ୟନ୍ତ ଯିବ।

୨୦୦୬ରେ ଚାଇନା ପ୍ରଥମ ଥର ପାଇଁ ସମୁଦ୍ର ପତ୍ତନରୁ ୪,୦୦୦ ମିଟର ଉଚ୍ଚରେ ଅବସ୍ଥିତ ଗୋଲମୁଣ୍ଡ-ଲାସା ରେଳଲାଇନ ନିର୍ମାଣ କରି ଯାତ୍ରୀବାହୀ ଟ୍ରେନ୍ ଚଳାଇଥିଲା। ଏହା ପରେ ବେଜିଂ ୨୦୧୪ରେ ଲାସା-ଶିଗାଟ୍‌ସେ ଏବଂ ୨୦୨୧ରେ ଲାସା-ନିଙ୍ଗ୍‌ଚି ରେଳଲାଇନ୍ ନିର୍ମାଣ କରିଥିଲା। ଏବେ ଏହା ବିଶ୍ୱର ଛାତ କୁହାଯାଉଥିବା ତିବ୍ବତ ଦେଇ ରେଲ୍ ନେଟ୍‌ୱର୍କ ବଢ଼ାଇବାକୁ ଯୋଜନା କରିଛି। ଭାରତ ସୀମାକୁ ଲାଗି ଏହି ରେଳଲାଇନ ନୂଆଦିଲ୍ଲୀ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଉଛି। ୫୦ ଦଶକରେ ଯେତେବେଳେ ଚାଇନା ଅକ୍‌ସାଇ ଚୀନ୍ ଦେଇ ଜିନ୍‌ଜିଆଙ୍ଗ-ତିବ୍ବତ ହାଇୱେ ନିର୍ମାଣ ଆରମ୍ଭ କଲା ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେବା ସହ ୧୯୬୨ର ଭାରତ-ଚାଇନା ଯୁଦ୍ଧର ରୂପ ନେଇଥିଲା। ବର୍ତ୍ତମାନର ନୂଆ ରେଳଲାଇନ ଯୋଜନା ଭାରତ ପାଇଁ ଚିନ୍ତାଜନକ ହୋଇଛି। କାରଣ ଏହା ଭାରତର ଅକ୍ସାଇ ଚୀନ୍ ଦେଇ ଯାଉଛି ଏବଂ ଏଲ୍ଏସି ପାଖାପାଖି ନିର୍ମାଣ ହେବାକୁ ଯାଉଛି।

## 'ଦଣ୍ଡାଦେଶ ପୂରଣ କରିଥିବା କଏଦୀଙ୍କୁ ମୁକ୍ତ କର'

ନୂଆଦିଲ୍ଲୀ, ୧୨।୮

ଯେଉଁ କଏଦୀମାନେ ଦଣ୍ଡ ଅବଧି ପୂରଣ କରିସାରିଛନ୍ତି ସେମାନଙ୍କୁ ତୁରନ୍ତ ମୁକ୍ତ କରାଯିବାକୁ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ ପୂରଣ କରିସାରିଥିବା କେତେଜଣ କଏଦୀଙ୍କୁ ଜେଲରେ ରହିବାକୁ ପଡୁଥିବା କହି ଜଷ୍ଟିସ୍ ବି.ବି. ନାଗରତ୍ନା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଣ୍ଡ ଅବଧି ପୂରଣ କରିଥିବା କଏଦୀ ଅନ୍ୟ ମାମଲାରେ ଦୋଷୀ ନ ଥିଲେ, ତୁରନ୍ତ ସେମାନଙ୍କୁ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ର ଚର୍ଚ୍ଚିତ ନୀତୀଶ କଟାରା ହତ୍ୟାକାଣ୍ଡର ଅପରାଧୀ ସୁଖଦେବ ଯାଦବ ଓରଫ ପହଲବାନଙ୍କୁ ଜେଲରୁ ମୁକୁଳାଇବା ପାଇଁ ନିର୍ଦ୍ଦେଶ ଦେବାବେଳେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି।



ବିଶ୍ୱ ହାତୀ ଦିବସ ଅବସରରେ ମଙ୍ଗଳବାର ଜୟପୁରର ଆମେର ଦୁର୍ଗଠାରେ ପର୍ଯ୍ୟଟକମାନେ ହାତୀ ସବାରିର ମଜା ନେଉଛନ୍ତି।

## ଫୁରସତ୍

## ପୁଅକୁ ଜେଲରୁ ମୁକୁଳାଇବା ପାଇଁ ୯୦ ବର୍ଷ ବୟସରେ ଆଇନ ଛାତ୍ରୀ

ବେଜିଂ

ପୂର୍ବ ଚାଇନାର ଝେଜିୟାଙ୍ଗ୍ ପ୍ରଦେଶରେ ଜଣେ ୯୦ ବର୍ଷୀୟା ମହିଳା 'ନୋନାଜେନାରିଆନ ହେ' ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ଏକ ୧୧୭ ମିଲିୟନ ୟୁଆନ୍ (ପ୍ରାୟ ୧୪୩ କୋଟି ଟଙ୍କା)ର ହାଇପ୍ରୋଫାଇଲ୍ ବ୍ଲାକ୍‌ମେଲ୍ ମାମଲାରେ 'ହେ'ଙ୍କ ପୁଅ ଲିନ୍ (୫୭)ଙ୍କୁ ଅଭିଯୁକ୍ତ କରି ପୋଲିସ ଗିରଫ କରିଛି। ତେଣୁ ପୁଅକୁ ଜେଲରୁ ମୁକୁଳାଇବା ପାଇଁ 'ହେ' ଆଇନ ପାଠ ପଢ଼ିବା ଆରମ୍ଭ କରିଛନ୍ତି। ପୁଅର ଗିରଫଦାରୀ ପରେ ସେ ପ୍ରତିଦିନ କୋର୍ଟକୁ ଯାଇ ଲିନ୍ ଫସିଥିବା ବ୍ଲାକ୍‌ମେଲ୍ ମାମଲା ସହ ଜଡ଼ିତ ଡକ୍ୟୁମେଣ୍ଟଗୁଡ଼ିକୁ ପଢ଼ନ୍ତି ଏବଂ ଫୌଜଦାରି ଆଇନ ଉପରେ ଗଭୀର ଅଧ୍ୟୟନ କରନ୍ତି ବୋଲି ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟରେ ଏକ ରିପୋର୍ଟ ପ୍ରକାଶ ପାଇଛି।

ସ୍ଥାନୀୟ ଉଦ୍ୟୋଗପତି ହୁଆଙ୍ଗ୍‌ଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ୨୦୨୩ ଏପ୍ରିଲରେ ଲିନ୍ ଗିରଫ ହୋଇଥିଲେ। ୨୦୦୯ରେ ଚାଇନାର ସବୁଠାରୁ ୧୦୦ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ହୁଆଙ୍ଗ୍‌ଙ୍କ ନାମ ରହିଥିଲା। ଏକ ଗ୍ୟାସ୍ ଉତ୍ପାଦନ ବ୍ୟବସାୟରେ ଲିନ୍‌ଙ୍କ ସହ ହୁଆଙ୍ଗ ଅଂଶୀଦାର ଥିଲେ। ତେବେ ହୁଆଙ୍ଗ୍ ବାରମ୍ବାର ବିଳମ୍ବରେ ପେମେଣ୍ଟ ଦେଉଥିବା ଯୋଗୁ ଲିନ୍‌ଙ୍କ କାରଖାନା ବନ୍ଦ ହୋଇଯାଇଥିଲା ଏବଂ ସେ ବହୁ କ୍ଷତି ସହିଥିଲେ। ୨୦୧୪ରୁ ୨୦୧୭ ମଧ୍ୟରେ ଲିନ୍ ଏବଂ ତାଙ୍କ ଆକାଉଣ୍ଟାଣ୍ଟ ହୁଆଙ୍ଗଙ୍କୁ ଧମକ ଦେଇ ଟିକସ ବିଭାଗରେ ତାଙ୍କ ବିରୋଧରେ ଅଭିଯୋଗ କରିବେ ବୋଲି କହିଥିଲେ ଏବଂ ତାଙ୍କଠାରୁ ୧୧୭ ନିୟୁତ ୟୁଆନ୍ ଆଦାୟ କରିଥିଲେ। ଘଟଣା ସମ୍ପର୍କରେ ୨୦୨୩ର ପ୍ରାରମ୍ଭରେ ହୁଆଙ୍ଗ୍ ପୋଲିସ ନିକଟରେ ଅଭିଯୋଗ କରି ଲିନ୍‌ଙ୍କ ବିରୋଧରେ ଏତଲା ଦେଇଥିଲେ। ହୁଆଙ୍ଗ୍‌ଙ୍କ ଅଭିଯୋଗ ଆଧାରରେ ପୋଲିସ ଲିନ୍‌ଙ୍କୁ ଗିରଫ କରିଥିଲା।

ଯେତେବେଳେ 'ହେ' ପ୍ରଥମଥର ପାଇଁ ନିଜ ପୁଅକୁ ହାତକଡ଼ିରେ ଦେଖିଥିଲେ, ସେ ଭାବପ୍ରବଣ ହୋଇ ପୁଅ ପାଇଁ ଆଇନଗତ ଲଢ଼େଇ ଲଢ଼ିବେ ବୋଲି ନିଷ୍ପତ୍ତି ନେଇଥିଲେ। ସେ ବିଭିନ୍ନ ପୁସ୍ତକରୁ ଫୌଜଦାରି ଆଇନ ଏବଂ ଫୌଜଦାରି ଦଣ୍ଡବିଧି ସମ୍ପର୍କରେ ଅଧ୍ୟୟନ କରିବା ଆରମ୍ଭ କରିଥିଲେ। ସେହିପରି ସେ କୋର୍ଟର ବିଭିନ୍ନ ପୁରୁଣା ମାମଲା ମଧ୍ୟ ପଢ଼ିଥିଲେ ଏବଂ ପୁଅ ପାଇଁ ଓକିଲାତି କରିବା ଆରମ୍ଭ କରିଥିଲେ।



ନୋନାଜେନାରିଆନ ହେ

## ଅଭିନେତ୍ରୀରୁ ସନ୍ନ୍ୟାସିନୀ

ମୁମ୍ବାଇ

ଟିଭି ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ନୂପୁର ଅଲଙ୍କାର ତାଙ୍କ କ୍ୟାରିଅରରେ ପ୍ରାୟ ୧୫୭ଟି ଭିନ୍ନ ଭିନ୍ନ ଟିଭି ଧାରାବାହିକରେ କାର୍ଯ୍ୟ କରିଛନ୍ତି। ଏହିସବୁ ଧାରାବାହିକରେ ସେ ବିଭିନ୍ନ ଚରିତ୍ର ମାଧ୍ୟମରେ ଅନେକବାର ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ତେବେ ସମ୍ପ୍ରତି ସେ ଅଭିନୟ ଜଗତରୁ ଦୂରେଇ ଯାଇ ଆଧ୍ୟାତ୍ମିକତାର ପଥ ଆପଣାଇଛନ୍ତି। ନୂପୁର ୨୦୨୨ ପରଠାରୁ ଅଭିନୟ ଜଗତରେ ନଜରକୁ ଆସି ନାହାନ୍ତି। ଗୁରୁ ଶମ୍ଭୁ ଶରଣ ଝାଙ୍କ ମାର୍ଗଦର୍ଶନରେ ସେ ସନ୍ନ୍ୟାସିନୀ ପାଲଟିଥିବା ନେଇ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ନୂପୁର କହିଛନ୍ତି। ସେ କହିଛନ୍ତି, ଆଧ୍ୟାତ୍ମିକତା ପ୍ରତି ପିଲାବେଳୁ ତାଙ୍କର ଆକର୍ଷଣ ରହିଥିଲା। ଅଭିନୟ କ୍ଷେତ୍ରରୁ ମୋହ ଭଙ୍ଗ ହେବା ପରେ ସେ ନିଜକୁ ଆଧ୍ୟାତ୍ମିକତା କ୍ଷେତ୍ରରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଜଣେ ସନ୍ନ୍ୟାସିନୀ ଭାବେ ସେ ନିଜ କର୍ତ୍ତବ୍ୟ କରୁଛନ୍ତି ଏବଂ ଅଭିନୟ ଜଗତକୁ ଆଦୌ ମିସ୍ କରୁନାହାନ୍ତି ବୋଲି ନୂପୁର କହିଛନ୍ତି।

ସନ୍ନ୍ୟାସିନୀ ଜୀବନ ବିତାଉଥିବା ନୂପୁର ଏବେ ଭିକ୍ଷା ମାଗି କ୍ଷୁଧା ମେଣ୍ଟାଉଥିବା ସହ ଭଗବାନ୍‌ଙ୍କ ଶରଣରେ ରହୁଛନ୍ତି। ଅଭିନୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେ ନିଜର ଲୋକପ୍ରିୟତା ଏବଂ ସଫଳତାକୁ ନେଇ ଅନେକ ସମୟ ଚିନ୍ତିତ ରହୁଥିଲେ, କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ଶାନ୍ତି ଅନୁଭବ କରୁଥିବା କହିଛନ୍ତି। ସେ ତଳେ ଶୋଉଛନ୍ତି ଏବଂ ଦିନକୁ ଥରେ ଭୋଜନ କରୁଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ସମ୍ମାନ ଜଣାଇ ସ୍ୱାମୀ ଅଲଙ୍କାର ଶ୍ରୀବାସ୍ତବ ମଧ୍ୟ ତାଙ୍କୁ ପାରିବାରିକ ବନ୍ଧନରୁ ମୁକ୍ତ କରିଦେଇଥିବା ନୂପୁର କହିଛନ୍ତି।





ନୂପୁର ଅଲଙ୍କାର

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ | Bhubaneswar, Wednesday, August 13/2025 | ପୃଷ୍ଠା-୧

# ନାଗରିକତ୍ୱର ପ୍ରମାଣ ନୁହେଁ ଆଧାର

## ନିର୍ବାଚନ କମିଶନଙ୍କ ଯୁକ୍ତିକୁ ମାନିନେଲେ ସୁପ୍ରିମକୋର୍ଟ




ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି)ଙ୍କ ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ ୧୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଜୁଲାଇ ୧୦ରେ ଅଦାଲତ ଏହାର ଶୁଣାଣି କରି ଇସିଙ୍କୁ ଆଧାର, ଭୋଟର ଆଇଡି ଏବଂ ରାଶନ କାର୍ଡକୁ ନାଗରିକତ୍ୱ ସପକ୍ଷରେ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜୁଲାଇ ୨୨ ତାରିଖରେ କମିଶନ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଯଥାର୍ଥ କହି ସମର୍ଥନ ଜଣାଇଛନ୍ତି। ଆଧାରକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରା ନ ଯିବା ନେଇ ଇସିଙ୍କ ଆଭିମୁଖ୍ୟ ଠିକ୍ ବୋଲି ଶୀର୍ଷ ଅଦାଲତ ମାନିନେଇଛନ୍ତି।

**ନୂଆଦିଲ୍ଲୀ,୧୨।୮**

ନାଗରିକତ୍ୱ ପ୍ରମାଣ ପାଇଁ ଆଧାରକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଆଭିମୁଖ୍ୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ସମର୍ଥନ ଜଣାଇଛନ୍ତି। ନାଗରିକତ୍ୱର ସ୍ୱତନ୍ତ୍ର ଯାଞ୍ଚ ହେବା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି। ବିହାରରେ ଭୋଟର ତାଲିକାର ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ଅନେକ ପିଟିଶନ୍‌ର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ନାଗରିକତ୍ୱ ପ୍ରମାଣ ଭାବେ ଆଧାରକୁ ନିର୍ଣ୍ଣାୟକ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଇସିଙ୍କ କହିବା ଠିକ୍। ଏହାକୁ ଯାଞ୍ଚ କରିବାକୁ ହେବ ବୋଲି ଆବେଦନକାରୀ ☞ପୃଷ୍ଠା-୨

# ଓଡ଼ିଶାରେ ୨ ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠାକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ,୧୨।୮(ପି.ଟି.)**

ଓଡ଼ିଶାରେ ୨ଟି ସମେତ ଦେଶରେ ମୋଟ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛି। ଅନ୍ୟ ୨ଟି ଚିପ୍ କାରଖାନା ପଞ୍ଜାବ ଓ ଆନ୍ଧ୍ରପ୍ରଦେଶରେ ପ୍ରତିଷ୍ଠା ହେବ ବୋଲି କ୍ୟାବିନେଟ୍ ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୩)

**ଆଜିର ସମ୍ପାଦକୀୟ**

**ବୁଲା କୁକୁର**


# ୩ ଦିନରେ ୪ ନାବାଳିକାଙ୍କୁ ବଳାତ୍କାର

**ରାଜନଗର/ପଟ୍ଟାମୁଣ୍ଡାଇ/କୁଜଙ୍ଗ,୧୨।୮(ଭାସ୍କର ରାଉତରାୟ/କଳ୍ପତରୁ ନାୟକ/ ମନୋଜ ପ୍ରଧାନ)**

- **୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର, ଜେଲ ଗଲେ ପିଉସା**
- **ଘରେ ପଶି ନାବାଳିକାଙ୍କ ସହ ବର୍ବରତା, ଭିଣୋଇ ଗିରଫ**

ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ରକ୍ଷାବନ୍ଧନ ଦିନ ଗାଁ ରାସ୍ତାରେ ଯାଉଥିବା ସମୟରେ ପିଉସା ଖୁଦୁରୁକୁଣୀ ମୂର୍ତ୍ତି କିଣିଦେବା ବାହାନାରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ପରେ ଛାତ୍ରୀଙ୍କୁ ପିଉସା ଓ ଅନ୍ୟ ୪ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ ମୁହଁ ଖୋଲିଲେ ଏହାର ପରିଣାମ ଭୋଗିବ ବୋଲି ସେମାନେ ତାଙ୍କୁ ଧମକ ଦେଇଥିଲେ। ଅଗଷ୍ଟ ୯ରେ ଘଟିଥିବା ଏହି ବର୍ବର ଘଟଣା ସମ୍ପର୍କରେ ପୀଡ଼ିତା ସୋମବାର ରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ପିଉସାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୪ ଜଣଙ୍କୁ ଅଟକ ରଖିଛି। ସେହିପରି ସୋମବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ଝିଅଙ୍କ ମା'ବାପା ବଜାରକୁ ଯାଇଥିଲେ। ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ସମ୍ପର୍କୀୟ ଭିଣୋଇ ତାଙ୍କୁ ବଳାତ୍କାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

୩ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ୪ ଜଣ ନାବାଳିକାଙ୍କୁ ବଳାତ୍କାର କରାଗଲାଣି। ଅଗଷ୍ଟ ୯ ରକ୍ଷାବନ୍ଧନ ଦିନ ମୟୂରଭଞ୍ଜ ☞ପୃଷ୍ଠା-୨






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆମେରିକା ପ୍ରଡକ୍ଟକୁ ଓଡ଼ିଶାରେ ବ୍ୟାନ୍ କରିବା ଦାବିରେ ସ୍ୱଦେଶ ଜାଗରଣ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରସୁଲଗଡ଼ ଛକ, ସମୟ: ସକାଳ ୯ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚା କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ମଞ୍ଚ ଓଡ଼ିଶା ୟୁନିଟ୍ ପକ୍ଷରୁ ଆମେରିକାର ଟ୍ରମ୍ପ ସରକାରଙ୍କ ଭାରତ ଉପରେ ଟାରିଫ ଏବଂ ବହୁରାଷ୍ଟ୍ରୀୟ କର୍ପୋରେଟ ଲୁଣ୍ଠନ ବିରୋଧରେ 'ଦେଶବ୍ୟାପୀ କର୍ପୋରେଟ୍ ଭାରତ ଛାଡ ଆହ୍ୱାନ', ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଅଙ୍ଗୀକା ପକ୍ଷରୁ ଗୁରୁ ପୂଜନ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମେଘ ଉତ୍ସବ 'ଶ୍ରାବଣୀ', ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- 'ସମୟ' ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ:ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ୍(ଓଡ଼ିଶା ଭବନ),ୟୁନିଟ୍ ୩, ସମୟ:ଅପରାହ୍ନ ୪ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ଟା।
- ସାଇତା ସତ ଓ ବେହାଲ ବର୍ଷା ପରିବାର ପକ୍ଷରୁ ପୁସ୍ତକ ସାଇତା ସତ ଓ ରଚିତ ଗୀତ ବେହାଲ ବର୍ଷାର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୨୦।

## କଟକ
- କଂଗ୍ରେସ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ଦ୍ୱିତୀୟ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେଶନ ଛକ ନିକଟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଦିଶା ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହର ଘର ତ୍ରିରଙ୍ଗା ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାଜପାର ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତିଭବନଠାରୁ ସିନେମାଛକ ପର୍ଯ୍ୟନ୍ତ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଖୋଟି ପ୍ରତିଯୋଗିତା, ସ୍ଥାନ: ଜିଲା ସ୍କୁଲ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମନ୍ଦିର ଛକ ନିକଟରୁ ହାତୀଆଗଣ୍ଡ ପର୍ଯ୍ୟନ୍ତ, ରେମୁଣା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନୂଆନନ୍ଦ କଣ୍ଟିମଙ୍ଗଳା ପୀଠ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ଘଣ୍ଟେଶ୍ୱର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୭ଟା।
- ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଆନନ୍ଦପୁର ଶିଶୁ ବିଦ୍ୟାମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପାଟଣା ବ୍ଲକ ମଲ୍ଲୀପୋଷି ଛକ,ସମୟ:ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଗୋପବନ୍ଧୁ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଖୁଣ୍ଟା ହାଟ ଛକ, ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସୀମାନ୍ତ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପରିସର, ଝାରପୋଖରିଆ, ସମୟ: ଅପରାହ୍ନ ୨ଟା।
- ଦୁର୍ଗାପୂଜା ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ୧୧ଟା।
- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ୧୧ଟା।

## କନ୍ଧମାଳ
- ସ୍ୱାଧୀନତା ଦିବସ ପରେଡର ଶେଷ ପୂର୍ବାଭ୍ୟାସ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ବାଲିଗୁଡ଼ା: ସମୟ: ସକାଳ ୮ ଟା।
- ଓଡ଼ିଶା ରାଜସ୍ୱ ଅମଲା ସଂଘର ସମୂହ ଛୁଟି ଓ ଧାରଣା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବାଲିଗୁଡ଼ା, ସମୟ: ସକାଳ ୮ ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ସାମୁହିକ ପରେଡ ଅଭ୍ୟାସ, ସ୍ଥାନ: ହେଲିପ୍ୟାଡ୍ ପଡ଼ିଆ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦.୩୦।
- ମନ୍ଦିର ସୁରକ୍ଷା ମଞ୍ଚ ଓ ଗ୍ରାମବାସୀଙ୍କ ତରଫରୁ ସର୍ବସାଧାରଣ ବୈଠକ, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୨ ଟା।

## ଗଜପତି
- ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସେଞ୍ଚୁରିଆନ ୟୁନିଭରସିଟି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ହରଘର ତ୍ରିରଙ୍ଗା-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସକାଳ ୮ଟା।

## ଅନୁଗୋଳ
- ଆଠମଲ୍ଲିକ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ଆଠମଲ୍ଲିକ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଆଠମଲ୍ଲିକ ଏନ୍‌ଏସି ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମାଣିକପଥରଠାରୁ ସ୍ମାର୍ଟ ପାର୍କର ରାସ୍ତା ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ୧ ନମ୍ବର ୱାର୍ଡ, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସକାଳ ୭ଟା।
- ଛାତ୍ରୀଛାତ୍ରଙ୍କୁ ନେଇ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ: ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଣ୍ଟିଲୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୩ୟ ଦିବସ, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ସକାଳ ୭ଟା(ପାରାୟଣ), ସନ୍ଧ୍ୟା ୭ଟା (ପ୍ରବଚନ)।
- ହର୍‌ଘର୍ ତ୍ରିରଙ୍ଗା, ଘର୍ ଘର୍ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ:ସକାଳ ୭ଟା ୩୦।
- ଭିତ୍ତିଭୂମି ବ୍ୟବସ୍ଥା ନ କରି ଅନ୍‌ଲାଇନ ଉପସ୍ଥାନକୁ ବିରୋଧ କରି ଶିକ୍ଷକଙ୍କ ଆନ୍ଦୋଳନ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମୁଖ୍ୟ ସ୍ରୋତ ଲିଙ୍ଗ ଆନ୍ତର୍ଭୁକ୍ତିକରଣ ସମ୍ପର୍କିତ କର୍ମଶାଳା,
- ସ୍ଥାନ: କାମ୍ପ ମାଲିଗାଁ ଗ୍ରାମ ପଞ୍ଚାୟତ ସଭା ଗୃହ,ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁରଜ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ୱାନ ସମ୍ମିଳନୀ ଗୃହ, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ହର ଘର ତିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସଦର ମହକୁମା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ: ପାଛଲୁଙ୍ଗ ଓ ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା, ଅପରାହ୍ନ ୩ଟା।
- ୧୧ତମ କୃଷି ସେନସସ୍ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି
- ଜିଲା ସାମାଜିକ ସୁରକ୍ଷା କଲ୍ୟାଣ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ବାଲିମେଳା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ସମ୍ବନ୍ଧୀୟ ବୈଠକ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ ଶୁଭାରମ୍ଭ, ସ୍ଥାନ : ସହୀଦ ସ୍ତମ୍ଭ ଛକ, ସମୟ ସକାଳ ୭ଟା।
- ଜିଲା ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ: କଦଳୀପାଲି, ବରପାଲି, ସମୟ: ଅପରାହ୍ନ ୧ଟା।

## ରାଉରକେଲା
- ରାଉରକେଲା ରାଜସ୍ୱ ଅମଲା ସଂଘର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ପାନପୋଷ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ତ୍ରିଦିବସୀୟ ଜନ୍ମାଷ୍ଟମୀ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- 'ବ୍ରହ୍ମା କୁମାରୀ' ପକ୍ଷରୁ ସଚେତନତା ଶିବିର, ସ୍ଥାନ: କିଞ୍ଜିରିକେଲା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶାତ୍ମବୋଧକ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ,ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି
- ନବନିର୍ମିତ ଚାଷୀ ବିଶ୍ରାମ କକ୍ଷ ଉଦ୍‌ଘାଟନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ଟେଣ୍ଟହାଉସ ଆଣ୍ଡ ସପ୍ଲାୟର୍ସ ଆସୋସିଏଶନର ବୈଠକ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ହର ଘର ତ୍ରିରଙ୍ଗା ଯାତ୍ରା ଅବସରରେ ବାଇକ୍ ରାଲି, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର
- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭା ଘର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହମୁକ୍ତ ଗ୍ରାମପଞ୍ଚାୟତ ଉପରେ ତାଲିମ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ତୃତୀୟ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମବାସୀ ଓ ଅଭିଭାବକଙ୍କ ଧାରଣା ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଜଟଗଡ଼ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟ ଗେଟ୍ ସମ୍ମୁଖ, ସମୟ: ସକାଳ ୮ଟା।
- ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଗ୍ରୁପ-ବି ସେମିଫାଇନାଲ, ସ୍ଥାନ: ରାଜା ଅଭ୍ରତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଖଡିଆଳ, ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ୍ ବିଲ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ୩୦।
- କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ, ସ୍ଥାନ: ରାଜ ଦରବାର ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଅମଲା ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟଠାରୁ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ବିଜୁ ପଟ୍ଟନାୟକ ସମାଜ କଲ୍ୟାଣ ସଂସ୍ଥା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦୋଡିହି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ରାଜନୀତି, ଆଇନ ଅଦାଲତ ତଥା ସାଙ୍ଗଠନିକ କାର୍ଯ୍ୟର ଆଲୋଚନାରେ ସଫଳତା ପାଇବେ। କିନ୍ତୁ ଶିକ୍ଷା, ସନ୍ତାନ ଓ ସମ୍ପର୍କ କ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିପାରେ। ବନ୍ଧୁ ଓ ପରିବାର ଦିଗରୁ ସମୟଟି ବିଶେଷ ଅନୁକୂଳ ନୁହେଁ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ପାଇବାର ଆଶା କରାଯାଇପାରେ।

**ବୃଷ** - ଆଜି କୌଣସି ଦୂରଭିସନ୍ଧି ରଖି ପାଖ ପଡ଼ୋଶୀ ମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଆଲୋଚନା କ୍ଷେତ୍ରରେ ବିତର୍କ ବୃଦ୍ଧି ପାଇବା କାରଣରୁ ସହମତି ନ ହୋଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆଜିର ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** - ପାରିବାରିକ ଅସ୍ଥିରତାକୁ ନିୟନ୍ତ୍ରଣରେ ନ ରଖି ଅନ୍ୟକୁ ଦାୟୀକରି ସମାଲୋଚିତ ହେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ ନୂତନ କାମଟି ସମ୍ପନ୍ନ କରିପାରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ କୃତି ଓ କୃତିତ୍ୱରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**କର୍କଟ** - ଲୁହା ଦେଖି ପାଣିଦେବା ନ୍ୟାୟରେ ମନକୁ ପାଇଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣାର କରିପାରିବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ପାଟିତୁଣ୍ଡ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହେବେ। କର୍ମାରମ୍ଭ, ବ୍ୟବସାୟ, ଦୂରଯାତ୍ରା ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟିହେବ।

**ସିଂହ** - ଆଜି ଦୂରଯାତ୍ରା, ଶତ୍ରୁତାର ସମାଧାନ ଓ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ପରେ ଅନୁତାପ କରିବେ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ।

**କନ୍ୟା** - ଆଜି ହସକାନ୍ଦର ତିଳତଣ୍ଡୁଳ ଛାଇ ଭଳି ମିଶ୍ରିତ ଅନୁଭୂତି ପାଇବେ। ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚକରି ମନସ୍ତାପ କରିପାରନ୍ତି। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। ବନ୍ଧୁଗହଣରେ ଆପଣଙ୍କ କାର୍ଯ୍ୟକଳାପ ଓ ଦକ୍ଷତାରୁ ପରୋକ୍ଷ ପ୍ରଶଂସିତ ହୋଇପାରନ୍ତି।

**ତୁଳା** - ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କିମ୍ବା ନା କରିପାରିବେନାହିଁ। ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧିହେବ, ମାତ୍ର ପରକ୍ଷଣରେ ସେ ହିଁ ଆପଣଙ୍କ କାମରେ ସହଯୋଗ କରିବେ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା** - ନୂତନ କାମରେ ଆତ୍ମୀୟଙ୍କ ସହାୟତା ପାଇବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟଙ୍କ ବିରୋଧାଭାସର ସମ୍ମୁଖୀନ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ।

**ଧନୁ** - କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ପିଲାଙ୍କ ଶିକ୍ଷାର ସଫଳତା ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ କାମରୁ ଖୁସି ରହିବେ। ଅନ୍ୟମନସ୍କ ଭାବରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ସାଧନ କରିପାରନ୍ତି।

**ମକର** - ପରିସ୍ଥିତି ଅନୁକୂଳ ନ ଥିଲେ ମଧ୍ୟ ମନରେ ସାହସ ବାନ୍ଧି ଦୁରୂହ କାମରେ ମୁଣ୍ଡ ପୂରାଇପାରନ୍ତି। ଅଜଣା ବ୍ୟକ୍ତିଙ୍କଠାରୁ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** - ଆଜିର ଗ୍ରହ ସ୍ଥିତି ଅର୍ଥ, ଆଇନ ସହାୟତା, ସାଙ୍ଗଠନିକ ନେତୃତ୍ୱ ପ୍ରଦାନ କରିପାରେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଜିର କାମ ଓ କଥାରେ ସଂଯମ ରକ୍ଷା କରିବା ଭଲ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ମାଗିପାରନ୍ତି। କ୍ରୀଡ଼ା, ସଙ୍ଗୀତ ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** - ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମ ସମ୍ପନ୍ନ କରିବାର ଚେଷ୍ଟା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ପରିବାରର ଆବଶ୍ୟକତା ଉପଲବ୍ଧିକରି ଧାରକରଜ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଶଂସନୀୟ କାମକରି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

ଆଜି ଅଗଷ୍ଟ ୧୩ ତାରିଖ, ଭାଦ୍ରବ କୃଷ୍ଣପକ୍ଷର ରକ୍ଷା ପଞ୍ଚମୀ ବୁଧବାର। ଅଦ୍ୟ ଶ୍ରୀମନ୍ଦିରରେ ଏବଂ ଗୃହୀମାନଙ୍କର ରକ୍ଷା ପଞ୍ଚମୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଣ୍ଟାକର୍ଣ୍ଣ ପୂଜା, ବୁଧିବାମନ ଓଷା ଆରମ୍ଭ। ରାଶିନକ୍ଷତ୍ର-ଦିବା ଘ.୧୦।୩୨ ମି. ପର୍ଯ୍ୟନ୍ତ ଉତ୍ତରଭାଦ୍ରପଦ/ମୀନ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୩୦ ଗତେ, ଘ.୦୭।୧୧ ମଧ୍ୟେ, ଘ.୧୦।୧୬ ଗତେ, ଘ.୧୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୨୬ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ନାଗରିକତ୍ୱର ପ୍ରମାଣ...

ଆର୍‌ଜେଡି ନେତା ମନୋଜ ଝା'ଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ଜଷ୍ଟିସ୍ କାନ୍ତ କହିଥିଲେ। ତେବେ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରିବା କ୍ଷମତା ଇସିଆଇଙ୍କର ରହିଛି କି ନାହିଁ, ତାହା ପ୍ରଥମ ପ୍ରଶ୍ନ। ଯଦି ଏହାର କ୍ଷମତା ନ ଥାଏ, ତେବେ ଏସବୁକୁ ବନ୍ଦ କରିବାକୁ ହେବ। କିନ୍ତୁ ଯଦି କ୍ଷମତା ଥାଏ, ତେବେ ଏହା ସମସ୍ୟା ହୋଇ ନ ପାରେ ବୋଲି ବିଚାରପତି କହିଛନ୍ତି।

ନିର୍ବାଚନ କମିଶନଙ୍କ ଅନୁଯାୟୀ, ୨୦୦୩ ଭୋଟର ତାଲିକାରେ ଯେଉଁମାନଙ୍କର ନାଁ ରହିଛି କିମ୍ବା ସେମାନଙ୍କ ମା'ବାପାଙ୍କ ନାଁ ଅଛି, ସେମାନଙ୍କୁ ନାଗରିକତ୍ୱ ପ୍ରମାଣ ପାଇଁ କୌଣସି ଦସ୍ତାବିଜ୍ ଦାଖଲ କରିବା ଆବଶ୍ୟକ ନାହିଁ। ତଦନୁଯାୟୀ ବିହାରର ୭.୯ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬.୫ କୋଟିଙ୍କୁ ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ ନାହିଁ। ତେଣୁ ଏସ୍‌ଆଇଆର୍ ବିବାଦ ଏକ ବିଶ୍ୱାସ ହ୍ରାସ ପ୍ରସଙ୍ଗ ଭଳି ଲାଗୁଥିବା ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଆର୍ ଯୋଗୁ କୋଟିଏ ଭୋଟର ମତଦାନ ଅଧିକାର ହରାଇବେ ବୋଲି ପିଟିଶନର ଦର୍ଶାଇଥିବାରୁ ଏହା ଉପରେ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ମୋଟ ୭.୯ କୋଟି ଭୋଟରଙ୍କ ମଧ୍ୟରୁ ୭.୨୪ କୋଟି କାଗଜପତ୍ର ଦାଖଲ କରିଛନ୍ତି। ତେଣୁ କୋଟିଏ ଭୋଟର ନିଖୋଜ ବା ମତାଧିକାରରୁ ବଞ୍ଚିତ ହେବା ଅଭିଯୋଗକୁ ସର୍ବୋଚ୍ଚ ଅଦାଲତ ଖଣ୍ଡନ କରିଛନ୍ତି। ଲୋକଙ୍କ ପାଖରେ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଥାଇ ମଧ୍ୟ ନିର୍ବାଚନ କମିଶନ ଏହାକୁ ଗ୍ରହଣ କରୁନାହାନ୍ତି ବୋଲି ସିବଲ କହିଥିଲେ। ଏହାର ଜବାବରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ବିହାରରେ ରହୁଥିବା ଯେଉଁ ଲୋକଙ୍କ ପାଖରେ ଦସ୍ତାବିଜ୍ ନାହିଁ, ସେମାନଙ୍କୁ ରାଜ୍ୟର ଭୋଟର ଭାବେ ବିଚାର କରାଯିବ କି? ସେମାନଙ୍କୁ କେତେକ ଦସ୍ତାବିଜ୍ ଦେଖାଇବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଓ ଅନ୍ୟ କାଗଜାତ ପାଇବାରେ ଲୋକେ ସମସ୍ୟାରେ ପଡୁଥିବା ସିବଲ କହିବାରୁ ଏହା ଉପରଠାଉରିଆ ମନ୍ତବ୍ୟ ବୋଲି ଖଣ୍ଡପୀଠ କହିବା ସହ ବିହାରରେ ଯଦି ଏମିତି ହୁଏ, ଦେଶର ଅନ୍ୟ ଭାଗରେ କ'ଣ ହେବ ବୋଲି ପ୍ରଶ୍ନ କରିଥିଲେ। ଏସ୍‌ଆଇଆର୍ ସମୟସୀମା ଏବଂ ୬୫ ଲକ୍ଷ ଭୋଟର ମୃତ କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ପଞ୍ଜୀକୃତ ହୋଇଥିବା ଘୋଷଣା କରାଯାଇଥିବାରୁ ଏହା ଉପରେ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଏବଂ ପ୍ରଶାନ୍ତ ଭୂଷଣ ପ୍ରଶ୍ନ ଉଠାଇଥିଲେ।

## ୩ ଦିନରେ ୪...

ଜିଲା ଉଦଳାରେ ଜଣେ ନାବାଳିକା ଛାତ୍ରୀଙ୍କୁ ୩ ଅଭିଯୁକ୍ତ ଘରୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ତେବେ ଛାତ୍ରୀ ଜଣକ ସାହସିକତା ଦେଖାଇ ସେଠାରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଏହାର ୨ ଦିନ ପରେ ଅର୍ଥାତ୍ ୧୧ ତାରିଖରେ ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀ ଟିଉଶନରୁ ଫେରିବାବେଳେ ଜଣେ ଯୁବକ ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରାଜ୍ୟରେ ଛାତ୍ରୀ ଓ ମହିଳା ବିରୋଧୀ ଜଘନ୍ୟ ବର୍ବରତା ବଢ଼ିଚାଲିଥିବାବେଳେ ସଦ୍ୟ ଦୁଇ ଘଟଣା ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଉଥିବା ବିରୋଧୀଙ୍କୁ ସରକାରଙ୍କୁ ଘେରିବା ପାଇଁ ଆଉ ଏକ ଅସ୍ତ୍ର ଧରାଇଦେଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା କଲେଜ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ ରାଜନଗର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ (୧୪) ଶନିବାର ରକ୍ଷାବନ୍ଧନ ଦିନ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏ ନେଇ ପୀଡିତା ସୋମବାର ରାତ୍ରି ୧୧ଟାରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଚଢ଼ାଉ କରି ରାତି ୨ଟାରେ ସମ୍ପୃକ୍ତ ପିଉସାଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲେ। ମଙ୍ଗଳବାର କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟାରିଆ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଥାନାରେ ପହଞ୍ଚି ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଧାରା ୧୮୦ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି। ପରେ ପୀଡିତାଙ୍କ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯିବା ସହ ୫ ଜଣ ଅଟକ ଯୁବକଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପିଉସା ଚିତ୍ତରଞ୍ଜନ ମଲିକ ଓରଫ ହାପି (୨୯)ଙ୍କୁ ପୋଲିସ ଗିରଫ କରିଛି। ଥାନାରେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୭୦(୨), ୧୧୫ (୨), ୩୫୧(୩) ୬ (ଏ) ପୋକ୍‌ସୋ ଆଇନ ଅନୁସାରେ ନଂ. ୨୬୬/୨୫ ରେ ମାମଲା ରୁଜୁ କରି କେନ୍ଦ୍ରାପଡ଼ା କୋର୍ଟକୁ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ବାରିମୂଳ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ୪ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ନରେଶ ସାହୁ କହିଛନ୍ତି।

ପୋଲିସ ସୂଚନା ମୁତାବକ, ରାଜନଗର ଥାନା ଅଞ୍ଚଳର ପୀଡ଼ିତା ରାଖୀପୂର୍ଣ୍ଣିମା ଶନିବାର ଅପରାହ୍ନ ୫ଟାରେ ଗାଁରେ ବୁଲୁଥିବା ବେଳେ ପିଉସା ଚିତ୍ତରଞ୍ଜନ ପାଖ ଦୋକାନକୁ ଡାକିଥିଲେ। ସେଠାରୁ ପିଉସା ଝିଅାରୀଙ୍କୁ ବାଇକ୍‌ରେ ଧରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଓଡପଦାକୁ ଖୁଦୁରୁକୁଣୀ ମୂର୍ତ୍ତି କିଣିବାକୁ ବାହାରିଥିଲେ। ଓଡପଦା ନେବା ପରିବର୍ତ୍ତେ କୁହୁପୁର ମଶାଣିକୁ ଥିବା ମାଟି ରାସ୍ତାରେ ତାଙ୍କୁ ନେଇଥିଲେ। ଝିଅାରୀ ଏପଟେ କୁଆଡ଼େ ଯାଉଛ ବୋଲି କହିଥିଲେ ମଧ୍ୟ ପିଉସା ମଶାଣି ନିକଟରେ ଥିବା ଏକ ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଯାଇଥିଲେ। ଝିଅାରୀଙ୍କ ବିରୋଧ ସତ୍ତ୍ୱେ କିଛି ନ ଶୁଣି ପିଉସା ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ ଜଣ ଯୁବକ ଆସି ତାଙ୍କୁ ଟଣାଓଟରା କରି, ମାଡ଼ ମାରି ଗଣବଳାତ୍କାର କରିବା ସହ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଗଣବଳାତ୍କାର ପରେ ପିଉସା ଝିଅାରୀଙ୍କୁ ଗାଁ ମୁଣ୍ଡରେ ଏକା ଛାଡ଼ିଥିଲେ। ସାଙ୍ଗରେ ଗଲେ ସମସ୍ତେ ସନ୍ଦେହ କରିବେ କହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପୀଡ଼ିତା ଘରେ ଜଣାଇଥିଲେ। ମାତ୍ର ପିଉସା ଓ ଘଟଣାରେ ସମ୍ପୃକ୍ତ ଯୁବକଙ୍କ କେତେଜଣ ଲୋକ ଏହାକୁ ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ। ଦୁଇଦିନ ଧରି ଉଦ୍ୟମ ହୋଇଥିଲେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା। ଏହି ଘଟଣା ପରେ ପୀଡ଼ିତା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମାଇଁ ସାହସ ଦେବା ସହ ସୋମବାର ରାତିରେ ଆଣି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ବିଳମ୍ବିତ ରାତିରେ ଚଢ଼ାଉ କରି ଚିତ୍ତରଞ୍ଜନଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲେ। ପିଉସାଙ୍କ ବାଇକ୍‌କୁ ମଙ୍ଗଳବାର ତାଙ୍କ ଘରୁ ପୋଲିସ ଜବତ କରି ଥାନାକୁ ଆଣିଛି।

ସେହିପରି ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମଙ୍ଗଳବାର ଭିଣୋଇଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଞ୍ଚଳର ନାବାଳିକାଙ୍କ ସମ୍ପର୍କୀୟ ଭିଣୋଇ କୁମର ଦଳାଇ (୨୮)।

ଯୁକ୍ତ୨ ପଢୁଥିବା ୧୬ ବର୍ଷୀୟା ନାବାଳିକା ଜଣକ ସୋମବାର ସନ୍ଧ୍ୟାରେ ଘରେ ଏକୁଟିଆ ଥିଲାବେଳେ ମା' ବାପା ବଜାରକୁ ଯାଇଥିଲେ। ଏହାର ସୁଯୋଗ ନେଇ କୁମର ନାବାଳିକାଙ୍କ ଘରେ ପଶିକବାଟ ବନ୍ଦ କରି ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସମ୍ପୃକ୍ତା ନାବାଳିକା ଚିତ୍କାର କରିବାରୁ କୁମର ତାଙ୍କ ପାଟିରେ ଗାମୁଛା ଭର୍ତ୍ତି କରି ହତ୍ୟା ଧମକ ଦେଇ ବଳାତ୍କାର କରିଥିଲେ। ଘର ପାଖରେ ରହୁଥିବା ପଡ଼ୋଶୀଙ୍କ ଝିଅ ପୀଡ଼ିତାଙ୍କ ଚିତ୍କାର ଶୁଣି ଘର ଚାଳ ଫାଙ୍କରେ ଦେଖିଥିଲେ। ସେତେବେଳେ କୁମର ନାବାଳିକାଙ୍କୁ ବଳାତ୍କାର କରୁଥିବା ଦେଖି ସେ ଖିଡ଼ିକି ଦିଆହୋଇଥିବା କବାଟକୁ ଗୋଇଠା ମାରି ଫିଟାଇ ଦେଇଥିଲେ। ଫଳରେ କୁମର ସେଠାରୁ ଖସି ପଳାଇଥିଲେ। ପୀଡ଼ିତାଙ୍କ ମା' ବାପା ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୨୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ।**

ଭଗବାନ ଯାହା କରିପାରିବେ ତାହା ଅନ୍ୟ କେହି କରିପାରିବେ ନାହିଁ। ସେ ହିଁ ସଂସାରରେ ସର୍ବକ୍ଷମତାପନ୍ନ ହେବା ସହ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଚି କଲ୍ୟାଣ ମାଗି ଓଳିକି**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଳିଗି ମାଗିବା ଭଳି ବାଚଳତା ଜନ୍ମେ। ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡେନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସରକାରୀ ବାବୁଙ୍କୁ ନଜର ରଖିବ ଏଆଇ କ୍ୟାମେରା




# ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ତତ୍ପର ହେଉ

## ■ ଆଇନଶୃଙ୍ଖଳା ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
## ■ ଗଠନ ହେବ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ରାଜ୍ୟର ଜନସାଧାରଣ ଯେପରି ସୁରକ୍ଷିତ ରହିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା ଅବସରରେ କହିଥିଲେ, ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟସହନଶୀଳ ନୀତି ଜାରି ରହିଛି। ଏହି ନୀତିକୁ ଆଧାରକରି ପୋଲିସ ସବୁ ସମୟରେ ଆକ୍ସନ ମୋଡ୍‌ରେ ରହୁ। ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୋଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଂ କରିବା ଆବଶ୍ୟକ। ବୈଠକରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋର୍‌ଦାର କରିବା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଟ୍ରାଫିକ୍ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପଡ଼ୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନ୍‌ସୁଗାର ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ଏବଂ କଡ଼ାକଡ଼ି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ରାଜ୍ୟରେ ନିଖୋଜ ମହିଳା ଓ ଶିଶୁଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଗତ ଏକ ବର୍ଷ ମଧ୍ୟରେ ୮,୦୩୫ ମହିଳା ଓ ୩,୩୦୬ ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି ବୋଲି ବୈଠକରୁ ଜଣାପଡ଼ିଛି। ପୋଲିସ ବିଭାଗରେ ଖାଲିରହୁଥିବା ପଦବୀଗୁଡ଼ିକ ଯଥାଶୀଘ୍ର ପୂରଣ କରାଯିବ। ବୈଠକରୁ ଜଣାପଡ଼ିଛି ଯେ, ରାଜ୍ୟରେ ପୋଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନକଲେ ଜଣାପଡ଼ିଛି ଯେ, ବିଗତ ଏକ ବର୍ଷ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି। ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରାଚାଲାଣ ଏବଂ ଜାମିନ୍‌ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।


ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ହେବ ୨ ସେମିକଣ୍ଡକ୍ଟର ୟୁନିଟ୍

## ପ୍ରଧାନମନ୍ତ୍ରୀ ଓ ଅଶ୍ୱିନୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨।୮ (ପି.ଟି./ରବିନାରାୟଣ ଜେନା)

ଭୁବନେଶ୍ୱରରେ ୨ଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ପ୍ରସ୍ତାବକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'X'ରେ କହିଛନ୍ତି, ଏହାଦ୍ୱାରା ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ରାଜ୍ୟରେ ନିବେଶ ବୃଦ୍ଧି ପାଇବ। ସମ୍ପ୍ରତି ଓଡ଼ିଶା ସରକାରଙ୍କ ସଂଶୋଧିତ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଏବଂ ଫାବ୍‌ଲେସ୍ ପଲିସି-୨୦୨୩କୁ ରାଜ୍ୟ କ୍ୟାବିନେଟ୍ ଜୁଲାଇ ୧୬ରେ ଅନୁମୋଦନ ଦେଇଥିଲା। ଏଥିଯୋଗୁ ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ନୂତନ ସମ୍ଭାବନା ଦେଖାଦେଇଛି। ତେବେ କେନ୍ଦ୍ରର ଏହି ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ଅନୁମୋଦନ ଦ୍ୱାରା ରାଜ୍ୟର ଶିଳ୍ପ ଓ ପ୍ରଯୁକ୍ତିଗତ ଅଗ୍ରଗତିରେ ଏକ ବଡ଼ ମାଇଲଖୁଣ୍ଟ ହେବ। କେନ୍ଦ୍ରର ଏହି ସହଭାଗିତାପୂର୍ଣ୍ଣ ପ୍ରୟାସ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ। ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସହିତ ଭାରତ ଦୃଷ୍ଟିକୋଣ ପ୍ରତି ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ମୋହନ ଚରଣ ମାଝୀ


ଅଶ୍ୱିନୀ ବୈଷ୍ଣବ

ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଭୁବନେଶ୍ୱରରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା

### ବର୍ଷକୁ ୯.୬ କୋଟି ଚିପ୍ ଉତ୍ପାଦନ ଲକ୍ଷ୍ୟ

୨,୦୬୬ କୋଟି ଟଙ୍କା ବ୍ୟୟରେ ଏକ ସିଲିକନ୍ କାର୍ବାଇଡ୍ ସେମିକଣ୍ଡକ୍ଟର କାରଖାନା ପ୍ରତିଷ୍ଠା ହେବ। ସିଲିକନ୍ କାର୍ବାଇଡ୍ ଅତ୍ୟନ୍ତ ମଜଭୁତ୍ ସାମଗ୍ରୀ, ଯାହା ଅତି ଉଚ୍ଚ ତାପମାତ୍ରାରେ ମଧ୍ୟ ଅପରିବର୍ତ୍ତିତ ରହିଥାଏ। ଏହାକୁ ମିଶାଇଲ୍, ସାଟେଲାଇଟ୍, ଟେଲିକମ୍ ଟାୱାର, ରକେଟ୍, ରେଳ ଇଞ୍ଜିନ ଆଦିରେ ବ୍ୟବହାର କରାଯାଇଥାଏ। ଭୁବନେଶ୍ୱରରେ ନିର୍ମାଣ ହେବାକୁଥିବା ପ୍ଲାଣ୍ଟରୁ ବର୍ଷକୁ ୯.୬ କୋଟି ଚିପ୍ ଉତ୍ପାଦନ ହେବ। ସେହିପରି ଆମେରିକାର ବୃହତ୍ ଚିପ୍ ଉତ୍ପାଦନକାରୀ ସଂସ୍ଥା ଇନ୍‌ଟେଲ୍ ସମର୍ଥିତ ୩ଡି ଗ୍ଲାସ୍ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଓଡ଼ିଶାରେ ସ୍ଥାପନ ହେବାକୁ ଯାଉଛି। ଏଥିରେ ୧,୯୪୩ କୋଟି ଟଙ୍କା ନିବେଶ ହେବ। ହେଟେରୋଜେନିଅସ୍ ଇଣ୍ଟିଗ୍ରେଶନ ପ୍ୟାକେଜିଂ ସଲ୍ୟୁଶନ୍ସ ପ୍ରା. ଲିଃ ଏହାକୁ ସ୍ଥାପନ କରିବାକୁ ଥିବାବେଳେ ବାର୍ଷିକ ଉତ୍ପାଦନ କ୍ଷମତା ୫ କୋଟି ୟୁନିଟ୍ ରହିବ। ଆମେରିକାର ଲକ୍‌ହିଡ୍ ମାର୍ଟିନ ମଧ୍ୟ ଏହି ପ୍ରୋଜେକ୍ଟକୁ ସହାୟତା କରିବ ବୋଲି ମନ୍ତ୍ରୀ କହିଛନ୍ତି। ଆନ୍ଧ୍ରପ୍ରଦେଶରେ ଆଡ୍‌ଭାନ୍ସଡ ସିଷ୍ଟମ୍ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜିଜ୍ ଦ୍ୱାରା ୪୬୮ କୋଟି ଟଙ୍କା ବ୍ୟୟରେ ଏକ ଚିପ୍ ପ୍ୟାକେଜିଂ ପ୍ଲାଣ୍ଟ ନିର୍ମାଣକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୯.୬ କୋଟି ୟୁନିଟ୍ ରହିବ। ସେହିପରି ପଞ୍ଜାବରେ ୧୧୭ କୋଟି ବ୍ୟୟରେ ସିଡିଆଇଏଲ୍ ଏକ ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୫.୮ କୋଟି ୟୁନିଟ୍ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ସେକ୍ଟରରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଫଳରେ ଗତ ୧୧ ବର୍ଷ ମଧ୍ୟରେ ଏହି ସେକ୍ଟର ୬ ଗୁଣ ଅଭିବୃଦ୍ଧି କରି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ଅଶ୍ୱିନୀ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ରପ୍ତାନି ୮ ଗୁଣ ବଢ଼ି ୩.୩ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ମୋବାଇଲ୍ ଉତ୍ପାଦନ ୨୮ ଗୁଣ ବୃଦ୍ଧି ପାଇ ୫.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ୪ଟି ଦେଶ ସିଙ୍ଗାପୁର, ମାଲେସିଆ, ଜାପାନ ଓ କୋରିଆ ସହ ମିଶି ସେପ୍ଟେମ୍ବର ୨ରୁ ୪ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜନ କରିବାକୁ ଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ଆଇଟି ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ରାଜଧାନୀର ପ୍ରମୁଖ ସ୍ଥାନରେ ହେବାକୁ ଥିବା ଏହି ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ଆଗାମୀ ଦିନରେ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ।

# ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପ୍ରକ୍ରିୟା ବିଜେଡି ସରକାର ଆରମ୍ଭ କରିଥିଲେ

ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)


ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ ବିଜେଡି ସରକାର ପ୍ରକ୍ରିୟା ଆରମ୍ଭ କରିଥିଲେ ବୋଲି ମଙ୍ଗଳବାର ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟ ନେଇଥିବା ନିଷ୍ପତ୍ତିର ମୂଳଦୁଆ ବିଜେଡି ସରକାର ଅମଳରେ ହୋଇଥିଲା। ଏଥିସକାଶେ ନିବେଶକମାନଙ୍କୁ ଆକୃଷ୍ଟ କଲାଭଳି ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶାର ୨ୟ ସଂସ୍କରଣ ୨୦୨୨ ଡିସେମ୍ବରରେ ଗ୍ରହଣ କରାଯାଇଥିଲା। ୨୦୨୩ରେ ସେମିକଣ୍ଡକ୍ଟର ଓ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ପଲିସି ପ୍ରଣୟନ କରାଯାଇଥିଲା। ଲଗାତର ଅନ୍ତର୍ଜାତୀୟ ସ୍ତରରେ ବହୁ ନିବେଶକଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ଓଡ଼ିଶାକୁ ଏକ ଅତ୍ୟାଧୁନିକ ଇଲୋକ୍ଟ୍ରୋନିକ ଉତ୍ପାଦ କେନ୍ଦ୍ର ରୂପେ ଗଢ଼ିତୋଳିବା ପାଇଁ ଆବଶ୍ୟକ ଇକୋସିଷ୍ଟମ ପ୍ରତିଷ୍ଠା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୦୨୪ରେ ଅନ୍ୟ ରାଜ୍ୟରେ ସେମିକଣ୍ଡକ୍ଟର ସ୍ଥାପନ ପାଇଁ ଘୋଷଣା କରାଯାଇଥିଲାବେଳେ ବର୍ତ୍ତମାନ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

# ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମୋହନ ଭାଗବତ



ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେ ତିନି ଦିନିଆ ଓଡ଼ିଶା ଗସ୍ତ ସାରି ଆସନ୍ତା ୧୫ରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା କହିଛନ୍ତି। ସୁମନ୍ତ କହିଛନ୍ତି, ଭାଗବତ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସୁଛନ୍ତି। ସେ ୧୩ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ। ୧୪ରେ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ସେଦିନ ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଭୁବନେଶ୍ୱର ଫେରି ଆସିବେ। ୧୫ରେ ଭାଗବତ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ କହିଛନ୍ତି।



# ବିଷପିଇ ଆତ୍ମହତ୍ୟା କଲେ ଚାଷୀ

ସୋନପୁର/ ବିନିକା,୧୨।୮ (ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଚୌକାମାଲ ଗାଁର ଚାଷୀ ସୁରେନ୍ଦ୍ର ବିଶ୍ୱାଳ(୪୨) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମାନସିକ ଦୁଶ୍ଚିନ୍ତା କିମ୍ବା ପାରିବାରିକ କଳହରୁ ସେ ଧାନଚାଷରେ ବ୍ୟବହୃତ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ଚକାମନ ବିଶ୍ୱାଳଙ୍କ ତିନିପୁଅ ଯୋଗୀନ୍ଦ୍ର(୪୫), ସୁରେନ୍ଦ୍ର ଓ ମିଥୁନ(୩୦)। ଚକାମନଙ୍କ ବାର୍ଦ୍ଧକ୍ୟ କାରଣରୁ ତାଙ୍କ ସାଢ଼େ ୪ ଏକର ଜମିକୁ ପୁଅମାନେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଚଳିତ ଖରିଫ ଋତୁରେ ସୁରେନ୍ଦ୍ର ଧାନ ଚାଷ କରିଥିଲେ। ସିଆଲି ଓ ଚୌକାମାଲ ମୌଜାରେ ଥିବା ପୈତୃକ ଜମି ଭାଗବଣ୍ଟାକୁ ନେଇ ସୁରେନ୍ଦ୍ରଙ୍କର ବଡ ଭାଇ ଯୋଗୀନ୍ଦ୍ରଙ୍କ ସହିତ ବିବାଦ ଥିଲା। ଏ ନେଇ ଲଛିପୁର ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସି ଭୋଜରାଜ ସାଙ୍କ ପରାମର୍ଶକ୍ରମେ ରବିବାର ୩ ଭାଇ ଥାନାକୁ ଆସି ଆପୋସ ସମାଧାନ କରିଥିଲେ। ଆଲୋଚନା ମାଧ୍ୟମରେ ଜମି ବିବାଦ ସମାଧାନ ହୋଇଥିବା ନେଇ ତିନି ଭାଇ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଥିଲେ। ତେବେ ଘରକୁ ଫେରିବା ପରେ ସୁରେନ୍ଦ୍ର ଚିନ୍ତାରେ ଥିଲେ। ସୋମବାର ସେ କୀଟନାଶକ ପିଇ ଦେଇଥିଲେ। ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ନେଇ ମଙ୍ଗଳବାର ଅପରାହ୍ନରେ ଲଛିପୁର ଥାନାକୁ ଆସିଥିଲେ। ତାପରେ ପଡି ସମାଧାନ କାଗଜାତରେ ଦସ୍ତଖତ କରିବା ପରେ ସୁରେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ବସିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ, ଯାହାକୁ ପୋଲିସ ଖଣ୍ଡନ କରିଛି।


ସୁରେନ୍ଦ୍ର ବିଶ୍ୱାଳ




# ବୁଲା କୁକୁର

ଭାରତରେ ବୁଲା କୁକୁରଙ୍କ ସଂଖ୍ୟା ୨୦୧୯ ପ୍ରାଣୀ ଗଣନା ତଥ୍ୟ ଅନୁଯାୟୀ ୬ କୋଟି। ୨୦୨୫ରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଥିବ। ଓଡ଼ିଶାରେ ଏହି କୁକୁରଙ୍କ ସଂଖ୍ୟା ପାଖାପାଖି ୧୮ ଲକ୍ଷ ବୋଲି କୁହାଯାଉଛି, ଯାହା ଉତ୍ତର ପ୍ରଦେଶ ପରେ ଦ୍ୱିତୀୟ ସର୍ବାଧିକ। ବୁଲା କୁକୁର ଗାଁ ଗହଳିଠାରୁ ସହର ବଜାର ଗଳିକନ୍ଦି ଓ ରାସ୍ତା ଉପରେ ଯେଭଳି ବୁଲିଥାଆନ୍ତି ଏବଂ ସେମାନଙ୍କ ଯୋଗୁ ଯେତେ ପ୍ରକାର ଦୁର୍ଘଟଣା ଘଟିଥାଏ ତାହା ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥାଆନ୍ତି। ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କ ଉପଦ୍ରବ ଓ ଜଳାତଙ୍କ ରୋଗରେ ମୃତ୍ୟୁ ମାମଲାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନିଜ ଆଡୁ ୧୧ ଅଗଷ୍ଟ ୨୦୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳରେ ଥିବା ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ବିଭିନ୍ନ ଆବାସିକ ଅଞ୍ଚଳରୁ ଉଠାଇ ନେଇ ଆଶ୍ରୟସ୍ଥଳରେ ରଖିବାକୁ କୁହାଯାଇଛି। ଏଥିରେ କୌଣସି ବ୍ୟକ୍ତି କିମ୍ବା ସଂଗଠନ ବାଧା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ପରେ ପ୍ରାଣୀପ୍ରେମୀ ସଙ୍ଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। କୁକୁରଙ୍କ ସ୍ୱାଧୀନତା ପାଇଁ ଲଢ଼ୁଥିବା ବ୍ୟକ୍ତି ବା ସଂଗଠନ ନିଶ୍ଚିତ ଉପରୋକ୍ତ ନିର୍ଦ୍ଦେଶକୁ ବିରୋଧ କରିବେ ଜାଣି ଖଣ୍ଡପୀଠ କହିଥିଲେ ଜଳାତଙ୍କ ରୋଗରେ ପ୍ରାଣ ହରାଇଥିବା ଲୋକଙ୍କ ଜୀବନକୁ ଫେରାଇ ଆଣିପାରିବେ କି ? ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ବିତର୍କକୁ ଜନ୍ମ ଦେଇଛି। ପ୍ରାଣୀପ୍ରେମୀ ଅଦାଲତଙ୍କ ରାୟକୁ ସମାଲୋଚନା କରିଥିବା ବେଳେ କୁକୁର ଉପଦ୍ରବକୁ ସିଧାସଳଖ ଅନୁଭବ କରୁଥିବା ବ୍ୟକ୍ତିବିଶେଷ ସ୍ୱାଗତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବଲାଙ୍ଗିର ଜିଲାରେ ପାରା ଆଥଲେଟ ଯୋଗେନ୍ଦ୍ର ଛତ୍ରିଆଙ୍କ ସମେତ ଦୁଇ ଜଣ କୁକୁର କାମୁଡ଼ାରେ ପ୍ରାଣ ହରାଇଥିବା ଅସଂଖ୍ୟ ଘଟଣା ମଧ୍ୟରୁ ଗୋଟିଏ। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତି ୧୦ ସେକେଣ୍ଡରେ ଜଣେ କୁକୁର କାମୁଡ଼ାର ଶିକାର ହେଉଛନ୍ତି। ବିଶ୍ୱରେ ଭାରତର ସବୁଠୁ ଅଧିକ ବୁଲା କୁକୁର ଥିବା ବେଳେ ଜଳାତଙ୍କ ରୋଗରେ ମଧ୍ୟ ସର୍ବାଧିକ ଭାରତୀୟଙ୍କ ମୃତ୍ୟୁ ଘଟୁଛି (ବିଶ୍ୱ ଜଳାତଙ୍କଜନିତ ମୃତ୍ୟୁର ୩୬ ପ୍ରତିଶତ)। ଏଭଳି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। କାରଣ ଏଥିରେ ବାସ୍ତବତାର ଘୋର ଅଭାବ ପରିଲକ୍ଷିତ ହେଉଛି। ମାତ୍ର ୮ ସପ୍ତାହ ମଧ୍ୟରେ ପାଖାପାଖି ୧୦ ଲକ୍ଷ କୁକୁରଙ୍କୁ ଦିଲ୍ଲୀ ବାହାରେ ଥଇଥାନ କରିବାକୁ ହେଲେ କେଉଁ ଆଶ୍ରୟସ୍ଥଳରେ ରଖାଯିବ କୋର୍ଟ କହିନାହାନ୍ତି। କୋର୍ଟଙ୍କୁ ମଧ୍ୟ ଜଣାଥାଇପାରେ ଏଯାଏଁ ଦିଲ୍ଲୀ ଏନ୍‌ସିଆର୍‌ରେ ଗୋଟିଏ ବି ସରକାରୀ ଆଶ୍ରୟସ୍ଥଳୀ ନାହିଁ। ଏତେ ଅଧିକ ସଂଖ୍ୟକ କୁକୁରଙ୍କ ପାଇଁ କେତୋଟି ଓ କେତେ ବଡ଼ ଆଶ୍ରୟସ୍ଥଳୀର ଆବଶ୍ୟକତା ରହିବ, ତାହା ସକାଶେ ଜାଗା କେଉଁଠି ଚିହ୍ନଟ ହେବ, କେତେ ସମୟ ଭିତରେ ନିର୍ମାଣ କାର୍ଯ୍ୟ ସରିବ, କେତେ ସଂଖ୍ୟକ ଲୋକ ଆଶ୍ରୟସ୍ଥଳୀରେ ନିୟୋଜିତ ହେବେ, କେତେ ପ୍ରାଣୀ ଚିକିତ୍ସକ ଓ ଆନୁଷଙ୍ଗିକ କର୍ମଚାରୀ ଦରକାର ପଡ଼ିବ ଏବଂ ଏସବୁ କୁକୁରଙ୍କ ଔଷଧ, ଟିକା, ଖାଦ୍ୟ ପାଇଁ କେତେ ଅର୍ଥ ଏକକାଳୀନ ଓ ନିୟମିତ ଭାବେ ଖର୍ଚ୍ଚ ହେବ; ସେ ବିଷୟରେ କିଛି କୁହାଯାଇନାହିଁ। ଏସବୁ ଦିଗ ସ୍ପଷ୍ଟ ନ ହେଲେ ୮ ସପ୍ତାହ କ'ଣ ୮ ବର୍ଷରେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା କାଠିକର ପାଠ। ସାଧାରଣତଃ ରାସ୍ତା ଉପରେ ବୁଲୁଥିବା କୁକୁରଙ୍କ ମାଲିକ ନାହାନ୍ତି। ମ୍ୟୁନିସିପାଲିଟି ସେଗୁଡ଼ିକୁ ରାସ୍ତାରୁ ହଟାଇପାରୁ ନାହିଁ। ସେଭଳି ସ୍ଥଳେ କୁକୁରଙ୍କୁ ଥଇଥାନ କରିବା କଷ୍ଟକର ବ୍ୟାପାର। ସବୁଠାରୁ ବଡ଼ କଥା ହେଲା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ଉପଯୁକ୍ତ ପଦ୍ଧତିରେ କରାଯିବା ଦରକାର। ସେଭଳି କୁକୁରଙ୍କ ଟ୍ୟାଗିଂ ହେଲେ ପ୍ରକ୍ରିୟା ଆହୁରି ସହଜ ହେବ। ଏଥିସହିତ ଜଳାତଙ୍କ ରୋଗ ନ ବ୍ୟାପିବା ସକାଶେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତେବେ ୨୦୨୪ରେ ଏକ ତଥ୍ୟରୁ ଜଣାପଡ଼ିଥିଲା ଯେ, ଓଡ଼ିଶାରେ ୨୦୨୨-୨୩ରେ ୮ଟି ସହରରେ ୪,୬୦୫ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିଲା। ଆମ ରାଜ୍ୟରେ ୧୮ ଲକ୍ଷ କୁକୁର ମଧ୍ୟରୁ ଯଦି ଏହି ସୀମିତ ସଂଖ୍ୟାର ବନ୍ଧ୍ୟାକରଣକୁ ହିସାବକୁ ନିଆଯାଏ, ତେବେ ଟାର୍ଗେଟ ପୂରଣ କରିବା ଅସମ୍ଭବ ମନେହେଉଛି। କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।

କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।

# ସମବାୟରେ ଦାରିଦ୍ର୍ୟ ଦୂରୀକରଣ



ପ୍ରତାପ ଚନ୍ଦ୍ର ସାମଲ

ଭାରତର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ସେହି ତୁଳନାରେ ସାଧାରଣ ଲୋକଙ୍କର ଆର୍ଥିକ ବିକାଶର ଆଶାତୀତ ଭାବେ ବୃଦ୍ଧି ନ ପାଇବାରୁ ଗରିବ ଲୋକମାନେ ବିଭିନ୍ନ ପ୍ରକାର ବେଉସାକୁ ଆପଣାଉଛନ୍ତି। ଛେଳି ପାଳନ ତନ୍ମଧ୍ୟରୁ ଅନ୍ୟତମ। ଛେଳି ପାଳନ ଗରିବ ଲୋକଙ୍କ ଆର୍ଥିକ ସହାୟତାର ଆଶାବାଡ଼ି। ଛେଳିର କ୍ଷୀର, ମାଂସ, ଚମଡ଼ା, ଗୋବର ପ୍ରଭୃତି ଲୋକେ ବ୍ୟବହାର କରନ୍ତି। ବିଶେଷକରି ଛେଳି କ୍ଷୀର ଭିଟାମିନ ସାରଯୁକ୍ତ, ଛେଳି କ୍ଷୀରରେ ଗାଈ କ୍ଷୀର ତୁଳନାରେ ବହୁତ କମ୍ ଚର୍ବିଥାଏ। ଏହା ମା' କ୍ଷୀର ସହିତ ସମାନ ଥିବାରୁ ଶିଶୁମାନଙ୍କ ଖାଦ୍ୟଭାବରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଶିଶୁର 'ଧର୍ମ ମା' ଭାବେ ଛେଳି ପରିଚିତ। ଛେଳି କ୍ଷୀର ଅତ୍ୟନ୍ତ ଭିଟାମିନ୍ ସାରଯୁକ୍ତ, ଜୀର୍ଣ୍ଣକାରକ ତଥା ଔଷଧୀୟ ଗୁଣକାରକ ହେତୁ ଜାତିର ପିତା ମହାତ୍ମା ଗାନ୍ଧୀ ଛେଳିକ୍ଷୀର ବ୍ୟବହାର କରୁଥିଲେ। ଛେଳିର ଗୋବର ଖତ ଅନ୍ୟାନ୍ୟ ଗୋ ମେଷାଦି ପ୍ରାଣୀର ଗୋବର ଖତ ତୁଳନାରେ ଅଧିକ ଶସ୍ୟ ଉତ୍ପାଦନକାରୀ।

ଅନେକ ଧନୀ ଲୋକ ସମାଜର ଗରିବଙ୍କୁ ଛେଳିପାଳନ ଭାଗକୁ ଲଗାଇ ଅଧେ ମୂଲ୍ୟ ପାଆନ୍ତି ଆଉ ଅଧେ ପାଳନକାରୀ ପାଆନ୍ତି। ଆଜିକାଲି ଗାଈକ୍ଷୀର ସହିତ ଛେଳିକ୍ଷୀର ମିଶି ପ୍ରକ୍ରିୟାକରଣ ଉପାୟରେ ଅଧିକ ବହଳିଆ ହେଉଥିବାରୁ ଏହାକୁ ପ୍ୟାକେଟ୍ କରାଯାଇ ବଜାରରେ ବିକ୍ରି କରାଯାଉଛି। ଫଳରେ ଏହାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି। ଆଗକାଳରେ ଯେଉଁ ମା' ମାନଙ୍କର କ୍ଷୀର ତା'ର ଶିଶୁପାଇଁ ଯଥେଷ୍ଟ ହେଉ ନ ଥିଲା ସେମାନେ ଛେଳି କ୍ଷୀରକୁ ଶିଶୁର ପାନୀୟ ଭାବେ ବ୍ୟବହାର କରୁଥିଲେ।

ଧନୀ ଲୋକଙ୍କ ଶୋଷଣରୁ ଗରିବଙ୍କୁ ମୁକ୍ତ କରାଇବା ପାଇଁ ୧୯୬୯ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବୃହତ୍ତମ ବେସରକାରୀ ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ ଘୋଷଣା କରି ବ୍ୟାଙ୍କ ଦ୍ୱାରା କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ଚୟନ କରିବା ସହିତ ସମବାୟ ବ୍ୟାଙ୍କ ଚାଷୀମାନଙ୍କୁ ଅତିରିକ୍ତ ଆର୍ଥିକ ଆୟ ବୃଦ୍ଧି ସକାଶେ ରିହାତି ଋଣ ସୂତ୍ରରେ ଛେଳିପଲ ଯୋଗାଇଥିଲେ। ଚାଷୀମାନେ ବିଲ କାମ କରୁଥିଲା ବେଳେ ସେମାନଙ୍କର ପିଲାମାନେ ଛେଳି ଚରାଇ କିଛି ଅର୍ଥ ଉପାର୍ଜନ କରି ପରିବାରର ଖର୍ଚ୍ଚ ତୁଲାଇବାକୁ ଭାଗୀଦାରି ହେଉଥିଲେ। ୧୯୮୦ ମସିହାରେ ସମାଜର ଭୂମିହୀନ ଓ ଅତି ଦରିଦ୍ରତମ ଲୋକମାନଙ୍କର ଦାରିଦ୍ର ଦୂରୀକରଣ କରିବା ପାଇଁ ସରକାର ବ୍ୟାଙ୍କମାନଙ୍କ ଜରିଆରେ ରିହାତି ଋଣସୂତ୍ରରେ ଛେଳିପଲ ଯୋଗାଇବା ଆରମ୍ଭ କରିଥିଲେ।



ଛେଳି ଖୁରାରେ ଅଧିକ ମୃତ୍ତିକା କ୍ଷୟ ହୋଇ ଜମିଗୁଡ଼ିକ ମରୁଭୂମି ହୋଇଯିବ ବୋଲି ପୁରୁଣା କଥା ଅଛି। ଯୋଜନା କମିଶନର ପୂର୍ବତନ ସଭ୍ୟ ଅର୍ଥନୀତିଜ୍ଞ ଡା. ହନୁମନ୍ତ ରାଓ କମିଟି ଏହା ଉପରେ ତର୍ଜମା କରି ଉକ୍ତ ତଥ୍ୟର ପ୍ରାମାଣିକ ଭିତ୍ତି ନ ଥିବାର ରିପୋର୍ଟ ପ୍ରଦାନ କରିବାରୁ ଦାରିଦ୍ର୍ୟ ଦୂରୀକରଣରେ ଛେଳି ପାଳନକୁ ସରକାର ତଥା ବ୍ୟାଙ୍କମାନେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଥିଲେ।

ବିଶେଷକରି ଗୋମେଷାଦି ପ୍ରାଣୀ ତୁଳନାରେ ଛେଳି ଶୁଷ୍କ ଜଳବାୟୁରେ ସୁରୁଖୁରୁରେ ଜୀବନଧାରଣ କରିପାରୁ ଥିବାରୁ ରାଜସ୍ଥାନରେ ଦରିଦ୍ର ଲୋକମାନେ ଛେଳି ପାଳନକୁ ପ୍ରଧାନ ସମ୍ବଳ ଭାବରେ ଆଦରି ନେଇଛନ୍ତି। ରାଜ୍ୟ ସରକାର ଏହି ଯୋଜନାକୁ ଫଳପ୍ରଦ କରିବା ପାଇଁ ରିହାତି ଋଣ ସୂତ୍ରରେ ଗରିବ ଲୋକଙ୍କୁ ପଲ ପଲ ଛେଳି ଋଣ ଯୋଗାଇ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବାରେ ବିଶେଷ ସାହାଯ୍ୟ କରୁଛନ୍ତି। ଛେଳି ରଖିବାରେ ଅନ୍ୟ ପ୍ରାଣୀ ତୁଳନାରେ ଛୋଟ ଗୁହାଳ ନିର୍ମାଣ ଓ କମ୍ ଚାରଣ କ୍ଷେତ୍ରର ଆବଶ୍ୟକ ହେତୁ ଗରିବ ଲୋକମାନେ ଛେଳି ପାଳନକୁ ଅଧିକ ପସନ୍ଦ କରୁଛନ୍ତି। ରାଜସ୍ଥାନର ମରୁଭୂମି ଛେଳିପାଳନ ପାଇଁ ଉପଯୁକ୍ତ ଓ ପ୍ରଶସ୍ତ କ୍ଷେତ୍ର ହୋଇଥିବାରୁ ଲୋକମାନଙ୍କର ଆଗ୍ରହ ଏଥିପ୍ରତି ବୃଦ୍ଧି ପାଉଛି। ମରୁଭୂମିରେ ଉଠିଥିବା କଣ୍ଟାଜାତ ଗଛର ପତ୍ରକୁ ଛେଳି ସହଜରେ ଖାଇପାରେ।

ଗରିବ ଲୋକମାନେ ଛେଳି ସମବାୟ ସମିତି ଗଠନ କରି ସମିତି ମାଧ୍ୟମରେ ବହୁସଂଖ୍ୟାରେ ଛେଳି ରଖିଲେ ମଧ୍ୟସ୍ଥଙ୍କ ଶୋଷଣରୁ ମୁକ୍ତ ହୋଇ ସମବାୟ ସମିତିମାନଙ୍କ ସହଯୋଗରେ ମାଂସ ଓ କ୍ଷୀର ବିକ୍ରିର ଦାୟିତ୍ୱ ନେବା ଦ୍ୱାରା ସଭ୍ୟମାନେ ବେଶି ମାତ୍ରାରେ ଉପକୃତ ହୋଇପାରୁଛନ୍ତି। ଛେଳି ପାଳନ ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇପାରିଛି। ବ୍ୟାଙ୍କମାନେ ସମବାୟ ସମିତିକୁ ପାଣ୍ଠି ଯୋଗାଇ ଠିକ୍ ସମୟରେ ଛେଳିଋଣ ନେଇଥିବା ଋଣୀମାନଙ୍କଠାରୁ ଠିକ୍ ସମୟରେ କିସ୍ତି ଆଦାୟ କରିପାରୁଛନ୍ତି। ଓଡ଼ିଶାରେ ବିସ୍ତୀର୍ଣ୍ଣ ପାହାଡ଼ିଆ ଅଞ୍ଚଳ ଥିବାରୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଲୋକମାନଙ୍କ ଦ୍ୱାରା ଛେଳି ପାଳନ ଲାଭଜନକ ହୋଇପାରିଛି। ଏ ପ୍ରକାର ସୁବିଧା ସାଧାରଣ ଲୋକମାନେ ନେବାପାଇଁ ସରକାରଙ୍କ ଦ୍ୱାରା ଅଧିକ ପ୍ରଚାର ଓ ପ୍ରସାର ହେବା ଆବଶ୍ୟକ।

ବିଶ୍ୱ ଦରବାରରେ ବିଭିନ୍ନ ଦେଶ ଗୃହପାଳିତ ଗୋମେଷାଦି ପଶୁ ସମ୍ପଦ ମଧ୍ୟରେ ଛେଳି ମାଂସ ଓ କ୍ଷୀର ଯୋଗାଇବାରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି। ପୃଥିବୀର ଗୋମେଷାଦି ମୋଟ ସଂଖ୍ୟାରୁ ଛେଳି ସଂଖ୍ୟା ଶତକଡ଼ା ୪୪ ଭାଗ। ବର୍ତ୍ତମାନ ପୃଥିବୀର ଛେଳି ସଂଖ୍ୟା ୧୨୦ କୋଟି ମଧ୍ୟରୁ ଭାରତରେ ଏମାନଙ୍କ ସଂଖ୍ୟା ୧୪ କୋଟି ୮୮ ଲକ୍ଷ ୪୭ ହଜାର। ସମଗ୍ର ଏସିଆ ମହାଦେଶରେ ପୃଥିବୀର ମୋଟ ଛେଳି ସଂଖ୍ୟାର ୬୦ ଭାଗ ଭାରତରେ ଦେଖିବାକୁ ମିଳେ। ଯାହାକି ଏହି ସଂଖ୍ୟା ୨୬ ଅକ୍ଟୋବର ୨୦୨୩ ସୁଦ୍ଧା ପ୍ରକାଶ କରାଯାଇଛି। ସମଗ୍ର ପୃଥିବୀରେ ଖାଦ୍ୟଭାବେ ଛେଳି ମାଂସ ବାର୍ଷିକ ୭୫ ଲକ୍ଷ ଟନ୍ ଓ କ୍ଷୀର ୨୦୦ ଲକ୍ଷ ଟନ୍ ଆବଶ୍ୟକ ହେଉଥିଲା ବେଳେ ଏସିଆ ମହାଦେଶର ଛେଳିମାନଙ୍କ ଦ୍ୱାରା ୩୮ ଲକ୍ଷ ଟନ୍ ମାଂସ ଓ ୮୦ ଲକ୍ଷ ଟନ୍ କ୍ଷୀର ମିଳିପାରୁଛି। ଭାରତରେ ମୋଟ ଗୋମେଷାଦି ସଂଖ୍ୟାରୁ ଶତକଡ଼ା ୩୦ ଭାଗ ହେଉଛି ଛେଳିସଂଖ୍ୟା। ସମୁଦାୟ ବାର୍ଷିକ କୃଷି ଓ ଆନୁଷଙ୍ଗିକ ଗୋମେଷାଦି ପାଳନରୁ ଛେଳିମାନେ କେବଳ ଶତକଡ଼ା ୧୯ ଭାଗ ଆର୍ଥିକ ଆୟ ଦେଉଛନ୍ତି। କୃଷି ଉତ୍ପାଦନ ୨୦୨୨-୨୩ ବର୍ଷ ମଧ୍ୟରେ ଶତକଡ଼ା ୫୭ ଭାଗକୁ ବୃଦ୍ଧି ପାଇଥିବା ସ୍ଥଳେ ଗୃହପାଳିତ ପଶୁସମ୍ପଦ ଶତକଡ଼ା ୩୭ ଭାଗକୁ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଗୋମେଷାଦି ପ୍ରାଣୀ ସମ୍ପଦରୁ ଅଧିକ ୬୦ ହଜାର କୋଟି ଟଙ୍କା ଆୟ ହୋଇପାରିବ ବୋଲି ଯୋଜନା ପ୍ରଣୟନ କରାଯାଇଛି। ଭାରତୀୟ ଅର୍ଥନୀତିରେ ଗତବର୍ଷ ଛେଳି ଦ୍ୱାରା ୧୦୦୦ କୋଟି ଟଙ୍କା ଆୟ କରାଯାଇପାରିଛି।

ଛେଳି ପାଳନରେ ଗ୍ରାମ୍ୟ ଅର୍ଥନୀତିର ବିକାଶ ତଥା ନିଯୁକ୍ତି ପରିସର ବୃଦ୍ଧିର ଗୁରୁତ୍ୱ ହେତୁ ଭାରତୀୟ କୃଷି ଗବେଷଣା ସଂସ୍ଥା, ଭାରତୀୟ ପଶୁ ଗବେଷଣା ସଂସ୍ଥା ଓ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥା ମିଶି ଛେଳିର ବଂଶବୃଦ୍ଧି ବିଶେଷକରି ଯମୁନା ପାରି ଓ ବାରବାରି ଜାତୀୟ ଦୁଇ ପ୍ରମୁଖ ଛେଳିର ବଂଶ ସୁରକ୍ଷା, ଛେଳିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଓ କ୍ଷୀର ପ୍ରକ୍ରିୟାକରଣରେ ଗବେଷଣା ଅବ୍ୟାହତ ରଖିଛନ୍ତି। ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ଏକ ଉପଯୁକ୍ତ ଯୋଜନା। ଓଡ଼ିଶା ସରକାର ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ଯୋଜନାକୁ ସୁଫଳ କରାଇପାରିଲେ ଅର୍ଥନୀତି ବିକାଶ ହୋଇପାରିବ। କାରଣ ଓଡ଼ିଶାର ସମବାୟ ବିଭାଗ ଏ ବିଷୟରେ ବିଶେଷ ଧ୍ୟାନ ଦେବେ ବୋଲି ଆଶା।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶେଷ ସାଥୀ



ଡ. ଦ୍ୟୁତି ଚନ୍ଦ୍ର ସାହୁ

ଜୀବନରେ ଶେଷ ସାଥୀ କିଏ ? ଏହାର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ। ବ୍ୟକ୍ତିଗତ ରୁଚି ଅନୁସାରେ ତାହାର ଉତ୍ତର ନିଶ୍ଚିତ ଭିନ୍ନ ହେବ। ତେବେ ମୁଖ୍ୟତଃ ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି ଅନୁରକ୍ତି ପ୍ରକଟ କରିବା ସ୍ୱାଭାବିକ। କେତେକ କ୍ଷେତ୍ରରେ ଏକାକୀ ରହୁଥିବା ପତି କିମ୍ବା ପତ୍ନୀଟିଏ ନିଜ ସନ୍ତାନକୁ ଜୀବନର ଶେଷ ଆଶ୍ରା ବୋଲି କହନ୍ତି। ଜୀବନର ଶେଷ ସମୟରେ ପୁଅ କାଳେ ବୃଦ୍ଧ ମାତାପିତାଙ୍କ ଆଶ୍ରା ହେବ ବୋଲି ଅନେକ ପିତାମାତା ଆଶାପ୍ରକଟ କରନ୍ତି। କିନ୍ତୁ ଆଜିକାଲିର ପରିସ୍ଥିତିରେ ପୁଅ ହୁଏତ ଏହାକୁ ଭୁଲ୍ ପ୍ରମାଣିତ କରୁଛି। ଅସହାୟ ଅବସ୍ଥାରେ ମାତାପିତାଙ୍କୁ ଛାଡ଼ି ନିଜର ସୁଖକର ଜୀବନ ଜିଇଁବାକୁ ପସନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ସମଗ୍ର ଭାରତୀୟ ପରିବାର ଆଜି ଆକ୍ରାନ୍ତ। ସବୁଠି ସେଇ ଏକାପ୍ରକାର ଦୁଃଖର କୋହରାମ। ସବୁ ମାଆବାପାଙ୍କ ପାଟିରେ ଏକା ପ୍ରାୟ ଜୀବନ ସଙ୍ଗୀତ। ସେ ସଙ୍ଗୀତରେ କେବଳ କୋହ, ଦୁଃଖ ଏବଂ ଯାତନା ଭରପୂର। ତାକୁ ଯିଏ ଶୁଣିବ ସେ ବି ଲହରେଇ ଲହରେଇ କାନ୍ଦିବ। ଅଥଚ ସେ କାନ୍ଦର ସ୍ୱର କାହାକୁ ଶୁଭିବ ନାହିଁ। ବୟସ୍କବୟସ୍କାମାନେ ପରସ୍ପରକୁ ଭେଟିଲେ ଗୋଟିଏ ଚର୍ଚ୍ଚା ପୁଅଝିଅ କେମିତି ଅଛନ୍ତି, କୋଉଠି ଅଛନ୍ତି ଏବଂ ପଚରାପଚରି କରୁଛନ୍ତି ନା ନାହିଁ। ଉତ୍ତର ବି ସେଇ ଏକା ପ୍ରକାରର ଆସେ – 'ହଁ ! ଇଚ୍ଛା ହେଲେ ଫୋନ୍‌ଫାନ୍ କରନ୍ତି। ବର୍ଷେ ଦି ବର୍ଷରେ ଥରେ ମୁହଁ ଦେଖାଇବାକୁ ଆସନ୍ତି। କେବେକେବେ ଭିଡିଓ କଲ୍‌ରେ ମୁହଁ ଦେଖାଇ କୁଶଳ ଜିଜ୍ଞାସା କରନ୍ତି। ଆଉ କେହି କୁହନ୍ତି – ''କ'ଣ କହିବି ଆଜ୍ଞା ! ବହୁ କଷ୍ଟରେ ପୁଅକୁ ବଡ଼ କଲି। ଚାକିରିବାକିରି କଲା। ବଡ଼ଘର ଝିଅକୁ ବାହାହେଲା। ଏବେ ବାପାମାଆ ତା' ପାଇଁ ପରଦେଶୀ।'' ଏଭଳି ଆଉ କିଛି ଅସୁଖୀ ଉତ୍ତର ଶୁଣୁଥିବେ। ବାସ୍ତବିକ ସମାଜର ସ୍ଥିତି ବି ସେଇଆ। ଯନ୍ତ୍ରଣା ଭିତରେ ଚଳୁଛନ୍ତି ଆଜିର ବୟସ୍କ ମାଆବାପା। ଅବଶ୍ୟ ଅନେକଙ୍କ ନିକଟରେ ଚଳିବାକୁ କିଛି ଅଭାବ ନାହିଁ। ଚାକିରିରୁ ଅବସର ନେଇ ପେନ୍‌ସନ ପାଇ ବୁଢ଼ାବୁଢ଼ୀ ଘରେ ଚଳୁଛନ୍ତି। କିନ୍ତୁ ଜଣଙ୍କର ମୃତ୍ୟୁ ପରେ ଜୀବନ ଦୁର୍ବିଷହ ହୋଇପଡୁଛି। ଏକାକୀ ବଡ଼ ଘରେ ବଞ୍ଚିବା ସତରେ ଭାରି କଷ୍ଟ। ମନର କଥା କହିବାକୁ ଓ ଦୁଃଖ ଶୁଣିବାକୁ ପାଖରେ ଲୋକ ନାହାନ୍ତି। ନିଃସଙ୍ଗ ଜୀବନ ମଣିଷକୁ ଅସ୍ତବ୍ୟସ୍ତ କରୁଛି। ଏସବୁ ବଖାଣିବା ଭାରି କଷ୍ଟ ଓ ପୀଡ଼ାଦାୟକ।

କିନ୍ତୁ ଟିକେ ତଳେଇ ଦେଖିବା। ଆମ ସମାଜ ବାସ୍ତବରେ ସ୍ୱାର୍ଥପର ହୋଇଯାଇନି କି? ପୁଅ ନିଜ ସୁଖ ଚାହୁଁଛି। ମାଆବାପା ନିଜ ସୁଖ ପାଇଁ ପୁଅକୁ ଲୋଡୁଛନ୍ତି। ଏଭଳି ଅବସ୍ଥା ଭିତରେ ପରିବାର ବାଦେ ସମାଜରେ ଅନେକ ଅଛନ୍ତି ଯାହାକୁ ଆମେ କ୍ରମାଗତ ଭାବେ ଅଣଦେଖା କରିଆସୁଛୁ। କେବେ ପଚାରୁ ନ ଥିବା ଉଚ୍ଚ ଚାକିରି କରି ଥଇଥାନ ହୋଇଥିବା ପୁଅର ମାଆବାପାମାନେ ଅସଲରେ କରୁଛନ୍ତି କ'ଣ। ଏଇ ଦୁଃଖକୁ କ'ଣ ହରଣ କରିହେବନି। ନିଜ ହୃଦୟକୁ ଥରେ ଫେଡ଼ି ଦିଅ ଦେଖିବେ ଦୁଃଖ ବୋଲି ଯାହା ଛାତି ଭିତରେ ଜମାଟ ବାନ୍ଧିଛି ତାହା ନିମିଷକରେ ତରଳିଯିବ। ଯେଉଁ ଚିନ୍ତାରେ ଘାରି ହୋଇ ଅସମୟରେ ବହୁ ରୋଗକୁ ନିମନ୍ତ୍ରଣ କରୁଛନ୍ତି ତାହା ଉଭେଇଯିବ। କିନ୍ତୁ ଆମେ ସେପରି କରିପାରୁନୁ। ମୋଟା ଅଙ୍କର ପେନ୍‌ସନ ପାଉଥିବା ମଣିଷଟି ଯେତେବେଳେ ବଜାର ଯାଉଛି ତା'ର ଚରିତ୍ର ଧରାପଡୁଛି। ଦୂରଦୂରାନ୍ତରୁ ନିଜ ଉତ୍ପାଦିତ ଫସଲ ଧରି ଆସି ଫୁଟ୍‌ପାଥରେ ବସିଥିବା ଗରିବଗୁରୁବାଙ୍କ ସହ ଟଙ୍କେ ଦି ଟଙ୍କା ପାଇଁ ଯୁକ୍ତି କରୁଥିବେ। ଜବରଦସ୍ତି ଗୋଟେ ଲେମ୍ବୁ କି ଗୋଟେ ଫଳ ବିକ୍ରେତାଙ୍କ ପ୍ରତିରୋଧ ସତ୍ତ୍ୱେ ବ୍ୟାଗ୍‌ରେ ଭରୁଥିବେ। ଏଣେ ଘରେ ଖାଇବାକୁ ଲୋକ ନ ଥିବେ ବାହାରେ ବେପାରୀଙ୍କ ସହ ମୂଲଚାଲ କରୁଥିବେ। ପେନ୍‌ସନ ଗଣ୍ଡାକ ଦି ପ୍ରାଣୀ କୁଟୁମ୍ବକୁ ଢେର ହୋଇ ଯାହିତାହି ବଳୁଥିବ ଅଥଚ ଲୋଭ କମୁ ନ ଥିବ। ତାକୁ କେମିତି ସାଇତି ରଖିହେବ ସେଥିପାଇଁ ଯୋଜନା ଚାଲେଇଥିବେ। କାହାକୁ ହାତ ଟେକି ଦେବା, ବେଳ ଅବେଳରେ ହୃଦୟ ଖୋଲାକରି ସାହାଯ୍ୟ ଦେବାକୁ ତଥାପି ହେଉଥିବେ କେଡ଼େ କୁଣ୍ଠକୁଣ୍ଠ। ନିତି ସକାଳ ହେଲେ ଯେଉଁମାନଙ୍କୁ ନେଇ ଆପଣଙ୍କର ଦିନ ଆରମ୍ଭ ହୁଏ, ପୁଣି ଯାହାଙ୍କର ସହଚାର୍ଯ୍ୟରେ ଦିନଟି ଭଲରେ ଭଲରେ କଟି ଶାନ୍ତି ନିଦଟିଏ ହୁଏ, ସେଇ ମଣିଷମାନଙ୍କ ପ୍ରତି ଆମର ପ୍ରତିବେଦନ କ'ଣ। ସେମାନଙ୍କ ପ୍ରତି ଆମ ଆଭିମୁଖ୍ୟ କେମିତି ରହୁଛି ଥରେ ଚିନ୍ତା କରନ୍ତୁ। କେବେ ପଚାରୁ ନ ଥିବା ଦୂରରେ ଥିବା ନିଜର ମଣିଷ ଅଚିରେ ପର କରିଦେଉଛି। ତା' ପାଇଁ ଧନସମ୍ପତ୍ତି ସାଇତି ଝୁରି ଝୁରି ମଣିଷ ଆଖି ବୁଜୁଛି। ମରିବାର ତିନି ଚାରିଦିନ ପରେ କିଏ ଆସୁଛି ତ ପୁଣି କିଏ ଅନ୍‌ଲାଇନରେ ଭିଡିଓ କଲିଂ ଜରିଆରେ ମୁଖାଗ୍ନି ଦେଉଛି। ଆଉ ସେଇ ମଣିଷଙ୍କ ପାଇଁ ଭାରି ଚିନ୍ତା ଆମର। ଅଥଚ ପର ବୋଲି ଭାବୁଥିବା ଆମ ଚାରିପାଖର ମଣିଷ ସମୟ ଅସମୟରେ ଆସି ପାଖରେ ଛିଡ଼ାହୋଇ ଆମ ସୁଖଦୁଃଖର ସାଥୀ ହୋଇପାରୁଛି। ତଥାପି ସେଇମାନଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳିପାରୁନାହିଁ। ପର-ନିଜର ଭିତରେ ସମ୍ପର୍କକୁ ଖୋଜିଖୋଜି ମଲାଯାଏ ଗୋଟେ ଦ୍ୱିଧା କବଳିତ ଜୀବନକୁ ଧରି ବସୁଛୁ ପଛେ ମୋହରୁ ମୁକ୍ତି ପାଇପାରୁନାହୁଁ।

ଆଗକୁ ସମାଜର ବିକଳ ଚିତ୍ର ଆହୁରି କଦର୍ଯ୍ୟ ହେବ। ଗଲାବେଳେ ପାଖରେ ନିଜ ଲୋକ କେହି ନ ଥିବେ। ପର ବୋଲି ଭାବୁଥିବା ମଣିଷମାନେ ନିଜର ଭଳି ସବୁ ତୁଲାଇବେ। ଦୂରରେ ଥିବା ପୁତ୍ର ମୋହରୁ ମୁକ୍ତିର ବାଟ ଅବଶ୍ୟ ରହିଛି। ଆପଣ ସଞ୍ଚିଥିବା ସମ୍ପତ୍ତି କିଏ ଭୋଗ କରିବ ସତରେ ମରିବା ପରେ ଆପଣ ଜାଣିପାରିବେ କି? ଯଦି ନାହିଁ ତେବେ ମନକୁ ଥରେ ବଦଳାନ୍ତୁ। ହୃଦୟକୁ ଖୋଲି ଦିଅନ୍ତୁ। ଆମ ଚାରିପାଖର ମଣିଷମାନଙ୍କୁ ନିଜର ଭାବିବା ଆରମ୍ଭ କରନ୍ତୁ। ଭଲରେ ମନ୍ଦରେ ନିଜ ସାଧ୍ୟମତେ ସହଯୋଗ କରନ୍ତୁ। ଦେଖିବେ ଆପଣଙ୍କ ଶେଷ ଜୀବନ କେମିତି ବଦଳିଯିବ। କଳାଧଳାର ଦୁନିଆ ରଙ୍ଗିନ ରଙ୍ଗିନ ଲାଗିବ। ବଞ୍ଚିବାର ମୋହ ବଢ଼ିଯିବ। ଜୀବନ ପ୍ରତି ଲୋଭ ବଢ଼ିବ। ମଲା ପରେ କୋକେଇ ପାଇଁ ତଥାକଥିତ ପୁଅର କାନ୍ଧ ଅପେକ୍ଷା ଅନେକ ପୁଅଙ୍କ କାନ୍ଧ ଆଗେଇ ଆସିବ। ଆପଣଙ୍କ ଶେଷଯାତ୍ରା ଅନ୍ୟମାନଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଆଉ ସବୁଠାରୁ ବଡ଼ କଥା ଆପଣଙ୍କ ତିରୋଧାନ ପରେ ଆପଣଙ୍କ ଜୀବନ ସାଥୀର ଜୀବନ କାରୁଣ୍ୟମୟ ନ ହୋଇ ମଧୁମୟ ହେବ। ଆପଣ ଯଦି ବୟସ୍କ ମଣିଷ ଓ ସମ୍ପର୍କ ଖୋଜି ଖୋଜି ଦୁର୍ବିଷହ ଜୀବନ ଜିଉଁଛନ୍ତି ତେବେ ଜୀବନର ଶେଷ ସାଥୀଙ୍କୁ ଖୋଜିବାକୁ ଆଉ ବିଳମ୍ବ କାହିଁକି। ଆପଣଙ୍କ ଚାରିପାଖରେ ବହୁତ ଭଲ ମଣିଷ ଅଛନ୍ତି। ତାଙ୍କୁ ଆପଣାର କରିବାର ବେଳ ଆସିଯାଇଛି। ଏଣିକି ଆପଣଙ୍କର ନିଷ୍ପତ୍ତି!



**ଇନ୍ଦିରା ନଗର, ରାୟଗଡ଼ା**
**ମୋ:୯୪୩୭୯୦୯୬୭୧**

## ଏଇ ଭାରତରେ

ପ୍ରତିବର୍ଷ ଗୁଡ଼ି ମାଞ୍ଜା ସୂତାରେ ଅନେକ ହଜାର ପକ୍ଷୀ ଆହତ ହୋଇଥାନ୍ତି। ବିଶେଷକରି ସ୍ୱାଧୀନତା ଦିବସରେ ଦିଲ୍ଲୀରେ ସବୁଠୁ ବୋଇ ଗୁଡ଼ି ଉଡ଼ାଇବା ଦେଖାଯାଏ ଏବଂ ଏଥିରେ ମଧ୍ୟ ସର୍ବାଧିକ ପକ୍ଷୀ ଆହତ ହୋଇଥାନ୍ତି। ଏଭଳି ଆହତ ପକ୍ଷୀଙ୍କୁ ଉଦ୍ଧାର କରି ଦିଲ୍ଲୀର ୨ ଭାଇ ନଦିମ୍ ଶେଜାଦ ଓ ମହମ୍ମଦ ସାଉଦ ସେମାନଙ୍କର ଯତ୍ନ ନେଉଛନ୍ତି। ଦୁଇ ଦଶନ୍ଧିରୁ ଅଧିକ ହେଲା ଏମାନେ ୨୩,୦୦୦ରୁ ଉର୍ଦ୍ଧ୍ୱ ପକ୍ଷୀଙ୍କୁ ଉଦ୍ଧାର କରିସାରିଲେଣି। ଭେଟେରିନାରି ଡାକ୍ତରଙ୍କ ଦ୍ୱାରା ଆହତ ପକ୍ଷୀଙ୍କ ଚିକିତ୍ସା କରାଯାଉଛି। ପକ୍ଷୀମାନେ ଭଲ ହେବା ପରେ ସେମାନଙ୍କୁ ମୁକ୍ତ କରିଦିଆଯାଉଛି। ୨୦୦୩ରୁ ୨୦୧୦ ମଧ୍ୟରେ ସେମାନେ ନିଜସ୍ୱ ଉଦ୍ୟମରେ ଦିଲ୍ଲୀରୁ ବିଭିନ୍ନ ପ୍ରଜାତିର ୪୦୦ ପକ୍ଷୀ ଉଦ୍ଧାର କରିଥିଲେ। ପରେ 'ୱାଇଲ୍ଡଲାଇଫ୍' ଗଠନ କରି ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରିଥିଲେ। ସେବେଠାରୁ ଏଯାବତ୍ ୧୦୦ ପ୍ରଜାତିର ମୋଟ ୨୩,୦୦୦ରୁ ଉର୍ଦ୍ଧ୍ୱ ପକ୍ଷୀ ଉଦ୍ଧାର କରିସାରିଛନ୍ତି। ଯେକୌଣସି ବ୍ୟକ୍ତି କିମ୍ବା ଦିଲ୍ଲୀ ପୋଲିସ ଓ ଫାୟାର ସର୍ଭିସ୍ ପକ୍ଷରୁ କଲ୍ ପାଇଲାମାତ୍ରେ ଏନ୍‌ଜିଓର ସଦସ୍ୟ ସେଠାରେ ପହଞ୍ଚି ପକ୍ଷୀଙ୍କୁ ଉଦ୍ଧାର କରୁଛନ୍ତି। ଯେଉଁ ପକ୍ଷୀ ଚିକିତ୍ସିତ ପରେ ଉଡ଼ିବାକୁ ଅକ୍ଷମ, ସେମାନଙ୍କ ଲାଗି ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୭୬**

- ପ୍ରବଳ ବର୍ଷା ଲାଗିରହିବା ଫଳରେ ଅମୃତସର ସହରରେ ବହୁ କୋଠାବାଡ଼ି ଭାଙ୍ଗିଯିବା ସହ ୧୪ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଜମ୍ମୁ ଓ କଶ୍ମୀରର ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର।
- ପରୀକ୍ଷା ପଦ୍ଧତିର ସଂସ୍କାର ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ପକ୍ଷରୁ କେତେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହିଛି ଝିଲ୍ଲୀନାଦେ ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| | 4 | 3 | 8 | | | | 9 | |
| 7 | 8 | | | 6 | | | | 4 |
| | | 8 | | | | 3 | 5 | |
| | | | | | | | | 7 |
| | | | | | 4 | | | |
| | 7 | | 9 | 1 | | 5 | | |
| 5 | 6 | | 3 | | | 4 | | |
| 9 | | | | 5 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 6 | 2 | 3 | 8 | 4 | 5 |
| 4 | 5 | 2 | 8 | 7 | 9 | 3 | 1 | 6 |
| 8 | 6 | 3 | 1 | 4 | 5 | 9 | 2 | 7 |
| 6 | 9 | 1 | 7 | 8 | 2 | 5 | 3 | 4 |
| 2 | 8 | 7 | 5 | 3 | 4 | 1 | 6 | 9 |
| 5 | 3 | 4 | 9 | 6 | 1 | 7 | 8 | 2 |
| 9 | 1 | 8 | 2 | 5 | 6 | 4 | 7 | 3 |
| 7 | 4 | 6 | 3 | 9 | 8 | 2 | 5 | 1 |
| 3 | 2 | 5 | 4 | 1 | 7 | 6 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରହସନ ନ ପାଲଟୁ

ମହାଶୟ,

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ପୋଡ଼ି ହୋଇ ମୃତ୍ୟୁବରଣ ପରେ ସରକାର ନିର୍ଦ୍ଦେଶ ଦେଲେ କେହି ପେଟ୍ରୋଲ୍ ପମ୍ପରୁ ବୋତଲରେ ପେଟ୍ରୋଲ ବିକ୍ରି କରିପାରିବେ ନାହିଁ। ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଗତ ବର୍ଷର ଏକ ଉଦାହରଣ ଦେଉଛି। ଆରଟିଓଙ୍କ ନିର୍ଦ୍ଦେଶନାମା ପରେ ସବୁ ପେଟ୍ରୋଲ ପମ୍ପ ବ୍ୟାନର ଲେଖି ଟାଙ୍ଗିଲେ 'ନୋ ହେଲ୍‌ମେଟ୍, ନୋ ପେଟ୍ରୋଲ'। ଅର୍ଥାତ ହେଲ୍‌ମେଟ୍ ପିନ୍ଧି ନ ଆସିଲେ ପେଟ୍ରୋଲ ମିଳିବ ନାହିଁ। କିଛି ମାସ ଚାଲିବା ପରେ ଯଥା ପୂର୍ବଂ ତଥା ପରଂ। ବିନା ହେଲ୍‌ମେଟ୍‌ରେ ଏବେ ବାଇକ୍‌ବାଲା ବିନ୍ଦାସରେ ପେଟ୍ରୋଲ ପକାଇ ଚାଲିଯାଉଛନ୍ତି। ତେଣୁ ଏ କ୍ଷେତ୍ରରେ ଯେପରି ତାହା ନ ହୁଏ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବନ ମୂଲ୍ୟବାନ୍, ଧୈର୍ଯ୍ୟ ଜରୁରୀ

କିଶୋରୀଙ୍କ ମଧ୍ୟରେ ବଢ଼ିଚାଲିଛି ଆତ୍ମହତ୍ୟା ପ୍ରବଣତା। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାରେ ବିଫଳତା କିମ୍ବା ମନର ଭାବନାକୁ କାହା ପାଖରେ ପରିପ୍ରକାଶ ନ କରି ପାରିବା ଯୋଗୁ ସେମାନେ ନିଜକୁ ଅସହାୟ ମନେକରୁଛନ୍ତି। ଫଳରେ ଆତ୍ମହତ୍ୟା ବା ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଉଛନ୍ତି। ଗତ କିଛି ସପ୍ତାହ ମଧ୍ୟରେ ରାଜ୍ୟରେ ଘଟିଥିବା କେତେକ ଆତ୍ମାହୁତି ଘଟଣା ସମସ୍ତଙ୍କୁ ବିଚଳିତ କଲାଣି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେବା, ପୁରୀ ଜିଲା ବଲଙ୍ଗାରେ ନାବାଳିକା ଛାତ୍ରୀ ସମିଦା ଖାତୁନ୍ ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇବା, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଯୁକ୍ତ ୩ ଛାତ୍ରୀ ସଙ୍ଗୀତା ପରିଡ଼ା ଘରେ ଜାଳିହୋଇ ଜୀବନ ହାରିବା ଏବଂ ବରଗଡ଼ ଜିଲା ଗାଇସିଲେଟରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ରଶ୍ମି ସେଠ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଛି। ତେଣୁ ଏଭଳି ଅପ୍ରତ୍ୟାଶିତ ଘଟଣାକୁ କିଭଳି ରୋକାଯାଇ ପାରିବ ସେନେଇ ସବୁସ୍ତରରେ ଉଦ୍ୟମ କରାଯିବା ଉଚିତ। ଜୀବନ ମୂଲ୍ୟବାନ, ଏଥିପାଇଁ ଧୈର୍ଯ୍ୟ ଧରିବା ଜରୁରୀ। ତେଣୁ ନିଆଁକୁ ନ ଆଦରି ଜୀବନକୁ ଆଗକୁ ନେବା ପାଇଁ ଚିନ୍ତା କରିବାର ସମୟ ଆସିଛି। ଏଥିପାଇଁ ପିଲାମାନଙ୍କୁ ଉଭୟ ଘରେ ଏବଂ ଶିକ୍ଷାନୁଷ୍ଠାନରେ ମାନସିକ ସହାୟତା ତଥା କାଉନ୍‌ସେଲିଂକୁ ପ୍ରଭାବଶାଳୀ କରିବା ଜରୁରୀ ହୋଇପଡ଼ିଛି।

### ଆୟୋଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ



ପିଲାଙ୍କ ଭିତରେ ଧୈର୍ଯ୍ୟ ଓ ସହିବାର ଶକ୍ତି ଦିନକୁ ଦିନ କମିକମି ଯାଉଛି। ପିଲାମାନେ ଯଦି କୌଣସି ଭୁଲ୍ କରୁଛନ୍ତି, ସେମାନେ ଘରେ କି ସାଙ୍ଗ ସାଥୀଙ୍କ ପାଖରେ ପ୍ରକାଶ କରୁ ନାହାନ୍ତି। ସମସ୍ୟାର ସମାଧାନ ବାହାର କରିବା ପରିବର୍ତ୍ତେ ସେମାନେ ଆତ୍ମହତ୍ୟା କରିବାକୁ ବାହାରି ପଡୁଛନ୍ତି। ଏନେଇ ସ୍କୁଲ ଓ କଲେଜଗୁଡ଼ିକରେ ଶିଶୁଙ୍କ ମାନସିକ ବିକାଶ ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ସୋସିଆଲ ମିଡିଆ ହେଉ କି ଟେଲିଭିଜନରେ ଶିଶୁମାନଙ୍କ ଅଘଟଣ ଜନିତ ଘଟଣାକୁ ବାରମ୍ବାର ନ ଦେଖାଇ ସଚେତନମୂଳକ କାର୍ଯ୍ୟକ୍ରମ ଦେଖାନ୍ତୁ। ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଆଇନ କରିଛନ୍ତି। ଆୟୋଗ ପକ୍ଷରୁ ମଧ୍ୟ ଶିଶୁଙ୍କ ସୁରକ୍ଷା ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ।

– ବବିତା ପାତ୍ର, ଅଧକ୍ଷା, ଓଏସ୍‌ସିପିସିଆର୍

### ପିଲାଙ୍କୁ ମା'ବାପା ଅଧିକ ସମୟ ଦିଅନ୍ତୁ



ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ପରିବାର ଲୋକଙ୍କ ସମେତ ସମାଜର ଦାୟିତ୍ୱ ରହିଛି। ବର୍ତ୍ତମାନ ସମୟରେ ଏକକ ପରିବାର ଯୋଗୁ ପିଲାମାନେ ଏକୁଟିଆ ହୋଇଯାଉଛନ୍ତି। ମା'ବାପା ଦିନ ସାରା କାମ କରିବାକୁ ଯିବାରୁ ତାଙ୍କ ପାଖରେ ଛୁଆ ପାଇଁ ସମୟ ରହୁନି ଯଦ୍ୱାରା କୌଣସି ଲୋକ କିମ୍ବା ପରିବାର ଲୋକ କିଛି ସେ ଏହାକୁ ସହ୍ୟ କରିପାରୁ ନାହିଁ। ଆତ୍ମହତ୍ୟା ଭଳି ଚିନ୍ତା କରିବାର ମୁଖ୍ୟ ମାଧମ ମୋବାଇଲ ଫୋନ୍ ଓ ପାରିବାରିକ ସମସ୍ୟା। ଏନେଇ ରାଜ୍ୟ ସରକାର ବ୍ଲକ ଓ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରାନ୍ତୁ। ମହିଳା ଓ ଶିଶୁଙ୍କୁ କିପରି ସୁରକ୍ଷା ମିଳିବ ସେଥିପ୍ରତି ଅଧିକ ଧାନ ଦେବା ଜରୁରୀ।

– ମିନତି ବେହେରା, ପୂର୍ବତନ ଅଧକ୍ଷ, ରାଜ୍ୟ ମହିଳା ଆୟୋଗ

### ପିଲାଙ୍କ ସହ ପରିବାର ଲୋକେ ସାଙ୍ଗ ଭଳି ମିଶନ୍ତୁ



କଲେଜ ହେଉ କି ସ୍କୁଲ ପଢ଼ିବା ସମୟରେ ପିଲାମାନେ ବିଭିନ୍ନ ପ୍ରକାର ଭୁଲ୍ ପଦକ୍ଷେପ ନେଉଛନ୍ତି। ପିଲାମାନେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ତାକୁ ଘରେ ବିଶେଷ ଧାନ ଦେଉନାହାନ୍ତି। ଫଳରେ ଏହା ତାଙ୍କ ମନକୁ ବିଚଳିତ କରି ପକାଉଛି। ସେଥିପାଇଁ ସେମାନେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପରିବାର ଲୋକମାନେ ପିଲାଙ୍କ ସହିତ ସାଙ୍ଗ ଭଳିଆ ମିଶି ତାଙ୍କ ଭିତରେ ଥିବା ଭୟ ଓ ସମସ୍ୟାକୁ ଶୁଣିବାକୁ ଚେଷ୍ଟା କରନ୍ତୁ।

– ସୋନାଲିସା ସାହୁ, ଛାତ୍ରୀ, ଭୁବନେଶ୍ୱର

### ପିଲାଙ୍କ ଭିତରେ ଧୈର୍ଯ୍ୟଶକ୍ତିର ଅଭାବ



ରାଜ୍ୟରେ କିଛି ଦିନ ହେବ କେବଳ ଆତ୍ମାହୁତି ଓ ଆତ୍ମହତ୍ୟା ଭଳି ଘଟଣା ଶୁଣିବାକୁ ମିଳୁଛି। ପିଲାମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତା'ର ସମାଧାନ ବାହାର କରିବା ପରିବର୍ତ୍ତେ ଏଭଳି ଚରମ ନିଷ୍ପତ୍ତି ନେଇଯାଉଛନ୍ତି। ପରିବାର ଲୋକ ହୁଅନ୍ତୁ କି ବାହାର ଲୋକ ଯଦି କିଛି କହୁଛନ୍ତି, ଏମାନେ ତାକୁ ନେଗେଟିଭ ଭାବେ ଗ୍ରହଣ କରି ନେଉଛନ୍ତି। ପିଲାଙ୍କ ଭିତରେ ଧୈର୍ଯ୍ୟ ଶକ୍ତି ନ ଥିବାରୁ ସେମାନେ ଏଭଳି ଭୁଲ୍ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି।

– ପ୍ରିୟା ଜେନା, ଛାତ୍ରୀ , ଭୁବନେଶ୍ୱର

### ଆତ୍ମହତ୍ୟା ଭୁଲ୍ ପଦକ୍ଷେପ



ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ। ବରଂ ଆହୁରି ଅଧିକ ସମସ୍ୟା ସୃଷ୍ଟି କରେ। ଏଭଳି ଚରମ ନିଷ୍ପତ୍ତି ସମାଜ ଉପରେ କୁପ୍ରଭାବ ପକାଉଛି। ଜଣେ ଛାତ୍ରୀ ଯେତେବେଳେ ସବୁଆଡୁ ଭରସା ଶୂନ୍ୟ ଓ ଚାପଗ୍ରସ୍ତ ହୋଇଯାଆନ୍ତି, ସେତେବେଳେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି। ଏଥିପାଇଁ ସମସ୍ତେ ଦାୟୀ। ପରିବାର ଲୋକ ଓ ସାଙ୍ଗମାନେ ଯଦି ତାଙ୍କ ମାନସିକ ସ୍ଥିତି ଜାଣି ବୁଝାଶୁଝା କରନ୍ତେ କିମ୍ବା ତାଙ୍କୁ ଚାପମୁକ୍ତ କରିପାରନ୍ତେ, ତା'ହେଲେ ଆତ୍ମହତ୍ୟା ରୋକାଯାଇପାରନ୍ତା। ମା' ବାପା ସାଙ୍ଗ ଭଳି ପିଲାମାନଙ୍କ ସମସ୍ୟା ବୁଝିବା ଆବଶ୍ୟକ। ତେବେ ଜୀବନରେ ଯେକୌଣସି ସମସ୍ୟା ଆସିଲେ ତାହାକୁ ସାମ୍ନା କରିବା ଦରକାର। ସମାଧାନ ପାଇଁ ରାସ୍ତା ବାହାର କରିବା କିମ୍ବା ନିଜ ଲୋକଙ୍କୁ ଜଣାଇଲେ ସମାଧାନର ରାସ୍ତା ବାହାରିବ। ଏହା ନ କରି ଆତ୍ମହତ୍ୟା କରିବା ଭୁଲ୍ ପଦକ୍ଷେପ।

– ସନ୍ତୋଷୀ ସାହୁ, ଯୁକ୍ତ ୩ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀ, ଭଦ୍ରକ ମହିଳା ମହାବିଦ୍ୟାଳୟ

### ସହନଶୀଳ ଶକ୍ତି ଅଭାବରୁ ଆତ୍ମହତ୍ୟା ବଢୁଛି



ମାରିବା ଓ ମରିବା ଉଭୟେ ଗୋଟିଏ ଜିନିଷ। ଏହା ମଣିଷର ଆଦିମ ପ୍ରବୃତ୍ତି। ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ଏହାକୁ ନିୟନ୍ତ୍ରଣ କରିବା ଦରକାର। ଯାହା ନିଜ ପାଇଁ ଲଜ୍ଜାବୋଧ, କାହା ଆଗରେ କହିହେଉନି ତାହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଏହାକୁ ସହି ନ ପାରି ଯେ କେହି ଆତ୍ମହତ୍ୟା କରୁଛି। ଓଡ଼ିଶାରେ ନିକଟରେ ଘଟିଯାଇଥିବା କେତେକ ଆତ୍ମହତ୍ୟା ଏହାର ଉଦାହରଣ। ଅନ୍ୟପକ୍ଷରେ ସାମାଜିକ ଗଣମାଧମରେ ପ୍ରସାର ଯୋଗୁ କିଭଳି ଆତ୍ମହତ୍ୟା କରିବେ ତାହା ଶିଖୁଛନ୍ତି। ସହନଶୀଳତାର ଅଭାବ ଯୋଗୁ ଏଭଳି ଘଟଣା ଘଟୁଛି। ଯେଉଁମାନେ ଉଦାସ ମନ ନେଇ ବଞ୍ଚୁଥିବେ ସେମାନେ କାହାକୁ କିଛି କହିପାରିବେନି। ତେଣୁ ସରକାର ୧୪୪୧୬ ଟେଲି ମାନସ ନଂ. ୨୪ ଘଣ୍ଟା ପ୍ରଚଳନ କରିଛନ୍ତି। ସେଥିରେ କ୍ୱାଲିଫାଏଡ ସାଇକୋଲୋଜିଷ୍ଟ ବସିଥାନ୍ତି। ତାହାକୁ ଫୋନ କଲେ ଭଲ ପରାମର୍ଶ ମିଳିବ। ମଣିଷ ଆତ୍ମହତ୍ୟା ଭଳି ପ୍ରବୃତ୍ତିରୁ ନିଜକୁ କ୍ଷାନ୍ତ କରିପାରିବ।

– ଡା. ବିଭୁକଲ୍ୟାଣ ସାହୁ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ

### ଭାଙ୍ଗି ନ ପଡ଼ି ଦୃଢ଼ ହୁଅନ୍ତୁ



ଆତ୍ମହତ୍ୟା କେବଳ ସମାଧାନର ବାଟ ନୁହେଁ। ଝିଅମାନେ ସାଧାରଣତଃ ସରଳ ବିଶ୍ୱାସୀ। ସେମାନେ ଅନେକଙ୍କ ମନଲୋଭା କଥାକୁ ପରଖିପାରନ୍ତି ନାହିଁ। ସେଥିପାଇଁ ସେମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେଥିରେ ଭାଙ୍ଗି ନ ପଡି ଦୃଢ଼ ହୁଅନ୍ତୁ। ସମାଧାନର ବାଟ ନିଜେ ବାହାର କରନ୍ତୁ। ନଚେତ୍ ନିଜ ପରିବାର ଓ ଆତ୍ମୀୟଙ୍କ ସହଯୋଗ ଲୋଡନ୍ତୁ। ଏଥିରେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହାଦ୍ୱାରା ଆମେ ଭୁଲ୍ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିପାରିବା।

– ଆସ୍ମି ଆଶିଷା ମହାନ୍ତି, ଯୁକ୍ତ ୩ କଳା ପ୍ରଥମ ବର୍ଷ ଛାତ୍ରୀ, ବ୍ୟାସନଗର ସ୍ୱୟଂଶାସିତ କଲେଜ, ଯାଜପୁର ରୋଡ୍, ଯାଜପୁର

### ଆତ୍ମହତ୍ୟା ସମାଧାନର ବାଟ ନୁହେଁ



ଆତ୍ମହତ୍ୟା କୌଣସି ସମସ୍ୟା ସମାଧାନର ବାଟ ନୁହେଁ। ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ମାର୍ଗ ବାହାର କରିବାର ସାହସ ରଖିବା ଦରକାର। ଯୌଥ ପରିବାର ବିଘଟନ ପରେ ବର୍ତ୍ତମାନର ଏକାନ୍ନବର୍ତ୍ତୀ ପରିବାରରେ ଭାବର ଆଦାନପ୍ରଦାନ ଓ ସହନଶୀଳତାର ଘୋର ଅଭାବ ପରିଲକ୍ଷିତ ହେଉଛି। ପୁଣି ବିଦ୍ୟାଳୟ କି କଲେଜସ୍ତରରେ ପୂର୍ବଭଳି ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଦୃଷ୍ଟିଗୋଚର ହେଉନାହିଁ। ଏପରିସ୍ଥଳେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଯୁବପିଢ଼ିଙ୍କ ମାନସିକ ଚାପ ବୃଦ୍ଧିପାଉଛି। ତେଣୁ ସ୍କୁଲ ଏବଂ କଲେଜସ୍ତରରେ ସକାରାତ୍ମକ ଚିନ୍ତାଧାରାର ବିକାଶ ନେଇ ଶିକ୍ଷାଦାନ ଓ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି।

– ସିଦ୍ଧିଶ୍ରୀ ବକ୍ସି, ଯୁକ୍ତ୩ ପ୍ରଥମ ବର୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର

### ମନର କଥାକୁ ଅନ୍ୟକୁ ପରିପ୍ରକାଶ କରିବା ଆବଶ୍ୟକ



ଆତ୍ମହତ୍ୟା କରୁଥିବା ଛାତ୍ରୀଛାତ୍ରଙ୍କ ପ୍ରାୟ ୯୦ ପ୍ରତିଶତ କୌଣସି ନା କୌଣସି ମାନସିକ ଚାପ ରହିଥାଏ। ଏପରି ସମସ୍ୟା କେବଳ ଅଧିକ ଆଶା କରିବା ଦ୍ୱାରା ହୋଇଥାଏ। ୧୪ ବର୍ଷରୁ କମ୍ ବୟସର ପିଲା ଆତ୍ମହତ୍ୟା କରିଥାଏ, ଯେତେବେଳେ ସେ ତାଙ୍କ ମା'ବାପାଙ୍କୁ ହରାଇଥାଏ। ହେଲେ ଏବେ ଲୋକେ ପାଶ୍ଚାତ୍ୟ ସଭ୍ୟତାକୁ ବହୁ ଆପଣାଇଛନ୍ତି। ଲୋକେ ଏବେ ଅନ୍ୟଠୁ ଦୂରେଇ ରହିବାକୁ ପସନ୍ଦ କରି ମୁଖ୍ୟତଃ ସାମାଜିକ ଗଣମାଧ୍ୟମକୁ ଆପଣାଉଛନ୍ତି, ଯାହାକି ଆତ୍ମହତ୍ୟାର ଅନ୍ୟ ଏକ କାରଣ। ସେହିପରି ଅଭିଭାବକଙ୍କ ଚାପ, ପ୍ରେମ ସମ୍ପର୍କ, ବନ୍ଧୁତା ଓ ନିଶା ସେବନ ଯୋଗୁ ମଧ୍ୟ ନାନା ସମସ୍ୟା ସୃଷ୍ଟି ହେଉଛି, ଯାହାଦ୍ୱାରା ଛାତ୍ରୀଛାତ୍ର ଓ ଯୁବପିଢ଼ିମାନେ ନିଜ ମନର କଥାକୁ ପରିପ୍ରକାଶ ନ କରି ପାରି ଏହି ଆତ୍ମହତ୍ୟା ବାଟକୁ ଆପଣାଇଥାନ୍ତି। ଏହାକୁ ରୋକିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ଓ ମଣିଷମାନେ ଯେବେ କୌଣସି ବ୍ୟକ୍ତି ବିଚଳିତ ହେଉଥିବା ଅନୁଭବ କରିବେ ସେ ସମୟରେ କିଛି ସମୟ ତାଙ୍କୁ ଦେବା ସହ ଦୁଇ ପଦ କଥା ଶୁଣିବା ଏବଂ ଡାକ୍ତର ପରାମର୍ଶ କରି କାଉନ୍‌ସେଲିଂ କରିବା ଦ୍ୱାରା ଏହାକୁ ରୋକା ଯାଇପାରିବ।

– ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଭାଗ, କଟକ

### ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ



ଆଜିକାଲି ପ୍ରାୟତଃ ଛାତ୍ରୀଛାତ୍ର ନିଜ ଅଭିଭାବକଙ୍କ ସହ ନିଜ ସମସ୍ୟା ନେଇ ଆଲୋଚନା କରୁନାହାନ୍ତି। ଯାହାଦ୍ୱାରା ମାନସିକ ଚାପ ବଢ଼ିଥାଏ। ଏହାକୁ ଏଡାଇବା ପାଇଁ ଅଧିକରୁ ଅଧିକ ସାଙ୍ଗ ବନାଇବା ସହ ନିଜ ପରିବାର ଲୋକଙ୍କ ସହ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରୀଛାତ୍ର ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ।

– ଡା. ଈପ୍ସିତା ମହାରଣା, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଦ୍ୱିତୀୟ ବର୍ଷ ଛାତ୍ରୀ

### ସ୍କୁଲ, କଲେଜରେ କାଉନ୍‌ସେଲିଂ ବ୍ୟବସ୍ଥା କରିବା ଆବଶ୍ୟକ



ଆଜିକାଲିର ପିଲାମାନେ ସାମାଜିକ ସମ୍ପର୍କ ଏବଂ ପରିବାରବର୍ଗଙ୍କ ସହିତ ସମୟ ବିତାଇବା ବଦଳରେ ମୋବାଇଲ ଓ ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ କରୁଛନ୍ତି। ଏହାଦ୍ୱାରା ସାମାଜିକ ଓ ପାରିବାରିକ ସମ୍ପର୍କରୁ ଏକପ୍ରକାର ଦୂରେଇ ଯାଇଛନ୍ତି। ଫଳରେ କିଛି ସମସ୍ୟା ହେଲେ ମା'ବାପା, ସମ୍ପର୍କୀୟ ଓ ବନ୍ଧୁଙ୍କୁ ଜଣାଇବା ବଦଳରେ ଭୟରେ ଆତ୍ମାହୁତି ଦେଉଛନ୍ତି। ତେଣୁ ଏ ନେଇ ସ୍କୁଲ ଓ କଲେଜରେ ଏକ ବିଶେଷ ତାଲିମ ପ୍ରଦାନ ସହିତ ସୋସିଆଲ ଫ୍ରେଣ୍ଡ୍‌ଲି କରାଇବା ପାଇଁ କାଉନସେଲିଂର ଆବଶ୍ୟକତା ରହିଛି।

– ସନ୍ତୋଷ କୁମାର ସାହୁ, ଅଭିଭାବକ, ରାୟଗଡ଼ା

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Experienced ELECTRICAL SITE ENGINEERS with AutoCad Skills for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
Contact Person
Abinash Rautaray : 63713 82526

See Career Appointment on every Wednesday & Saturday

WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs.3.5-4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR / GOPALPUR
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

ROHAN AUTORIDERS HIRING
(Authorised Hero MotoCorp Dealer)
Open Roles :
- Frontline Supervisor
- Floor Supervisor
- Billing Executive
- Technicians / Mechanics
- Insurance Executive
- Sales Executives

Candidates are preferred to have existing experience in two wheeler segment.
Bhubaneswar 8018370072
rohandubey231@gmail.com

# ଅଙ୍ଗଦାନ ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି

### ଆଜି ବିଶ୍ୱ ଅଙ୍ଗଦାନ ଦିବସ



ଅଙ୍ଗଦାନ ଏକ ମହାନ୍ କାମ। ଏହି ଧାରାରେ କେତେକ ନିଜକୁ ସାମିଲ କରିସାରିଛନ୍ତି। ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ଏ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇଥାଏ। ଏହାର ଆବଶ୍ୟକତା ବିଷୟରେ ସମସ୍ତେ ଅବଗତହେବା ନିହାତି ଦରକାର। ଆଜିକାଲି ଦୁର୍ଘଟଣା ଯେଉଁଭଳି ବଢ଼ିଚାଲିଛି ସେହି ଅନୁସାରେ କେତେଜଣ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଅଙ୍ଗଦାନର ଆବଶ୍ୟକତା ରହିଛି। ମୃତ୍ୟୁ ସତ୍ୟ– ଏକଥାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ହେଲେ ଅଙ୍ଗଦାନ ଦ୍ୱାରା ହୁଏତ ଜଣେ ଗୁରୁତର ରୋଗୀ ଆରୋଗ୍ୟ ଲାଭ କରିପାରେ। ଜଣେ ଜୀବିତ ବ୍ୟକ୍ତି ନିଜର ହୃତ୍‌ପିଣ୍ଡ, ଆଖି, କିଡ୍‌ନୀ, ଲିଭର, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍, ଇଣ୍ଟେଷ୍ଟାଇନ୍ ଭଳି ଅଙ୍ଗଦାନକରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇ ପାରିବେ। ଆଇନ ଅନୁସାରେ ଯଦି ଜଣେ ଅଙ୍ଗଦାନ କରିବାକୁ ଚାହାନ୍ତି ତାହା ତାଙ୍କର ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥାଏ। କିନ୍ତୁ ଏହା ପୂର୍ବରୁ ବ୍ରେନ୍ ଡେଥ୍ ହେବା ଦରକାର। ୧୯୫୪ ମସିହାରେ ଡା. ନି ଜୋଶେଫ ଇ. ମୁରୟେଙ୍କ ଦ୍ୱାରା ପ୍ରଥମ ଥର ପାଇଁ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ କରାଯାଇପାରିଥିଲା। ହେଲେ ଜଣେ ଅଙ୍ଗଦାନ କରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ଦରକାର। ଏଚ୍‌ଆଇଭି, କ୍ୟାନ୍‌ସର ଭଳି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ନିଷ୍ପତ୍ତି ନେବା ପରେ ସେହି ଅଙ୍ଗ ପ୍ରତିରୋପଣ ପାଇଁ କେତେ ଠିକ୍ ଅଛି ତାହାକୁ ଡାକ୍ତରମାନେ ତନ୍ନତନ୍ନକରି ତର୍ଜମା କରିଥାଆନ୍ତି।

# ଅନ୍ତର୍ଜାତୀୟ ବାମହାତୀ ଦିବସ



ବାମହାତୀ ବ୍ୟକ୍ତିଙ୍କ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଜଣାଇବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ ପାଳନ କରାଯାଏ ବାମହାତୀ ଦିବସ। ୧୯୭୬ ମସିହାରେ ବାମହାତୀ କ୍ଲବର ପ୍ରତିଷ୍ଠାତା ଡିନ୍ ଆର୍. କ୍ୟାମ୍ପବେଲ ପ୍ରଥରେ ଏହି ଦିବସ ପାଳନ କରିଥିଲେ। ଏହି ଦିବସଟି ମୁଖ୍ୟତଃ ବାମହାତୀ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଏବଂ ଅଭିଜ୍ଞତା ବିଷୟରେ ସଚେତନତା ସୃଷ୍ଟି ପାଇଁ ଆରମ୍ଭ କରାଯାଇଥିଲା। ତଥ୍ୟ ଅନୁଯାୟୀ, ବିଶ୍ୱ ଜନସଂଖ୍ୟାର ୭ରୁ ୧୦ ପ୍ରତିଶତ ବାମହାତୀ ବ୍ୟକ୍ତି। ଅପରପକ୍ଷେ ବିଭିନ୍ନ ଗଣମାଧ୍ୟମ ଏବଂ ବାଣିଜ୍ୟିକ ସଂଘ ଏହି ଦିବସକୁ ସ୍ୱୀକୃତି ଦେବା ପାଇଁ ସଫଳ ବାମହାତୀ ବ୍ୟକ୍ତିଙ୍କର ଏକକାଳୀନ ପୋଷ୍ଟ ଏବଂ ସଂକଳନ କରିଛନ୍ତି। ତେବେ ଏଠାରେ କେତେଜଣ ବିଶିଷ୍ଟ ବାମହାତୀଙ୍କ ବିଷୟରେ ସୂଚିତ କରାଯାଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ, କ୍ୟାଥୋଲିକ୍ ସନ୍ଥ ମଦର ଟେରେସା, ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ, ଦିବଂଗତ ବିଶିଷ୍ଟ ଶିଳ୍ପପତି ରତନ ଟାଟା, କ୍ରିକେଟର ସଚିନ ତେନ୍ଦୁଲକର, ବିଶିଷ୍ଟ ଉଦ୍ୟୋଗୀ ତଥା ମେଟା ସିଇଓ ମାର୍କ ଜୁକରବର୍ଗ, ହଲିଉଡ୍ ଅଭିନେତା ଚାର୍ଲି ଚାପ୍‌ଲିନ, ଅଭିନେତା ରଜନୀକାନ୍ତ, ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି, ଗାୟିକା ଆଶା ଭୋଁସ୍‌ଲେ, ପପ୍‌ଷ୍ଟାର ମାଇକେଲ ଜ୍ୟାକ୍‌ସନ, ଟେନିସ୍ ଖେଳାଳି ମାର୍ଟିନା ନାଭ୍ରାଟିଲୋଭାଙ୍କ ଭଳି ବହୁ ବ୍ୟକ୍ତିତ୍ୱ ଏହି ବାମହାତୀ ତାଲିକାରେ ସାମିଲ ଅଛନ୍ତି।

### ରାଜ୍ୟ ଖବର

## ୧୦ ହଜାର ଆଦିବାସୀ ଭାଷା ଶିକ୍ଷକ ନିଯୁକ୍ତ ହେବେ

ଭୁବନେଶ୍ୱର,୧୨।୮ (ସୁଚିସ୍ମିତା ସାହୁ)

ରାଜ୍ୟରେ ଆଦିବାସୀ ଭାଷାକୁ ଅବହେଳା କରାଯାଉଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଡ୍ରପ୍ ଆଉଟ୍ ହାର ବଢୁଛି। ଆଦିବାସୀ ପିଲାମାନେ ନିଜ ଭାଷାର ଶିକ୍ଷକ ପାଉ ନ ଥିବାବେଳେ ଅନ୍ୟ ଭାଷା ବୁଝିବାରେ ସମସ୍ୟା ସୃଷ୍ଟି ହେଉଛି। ବିଭାଗ ପକ୍ଷରୁ ଏହି ସମସ୍ୟା ଦୂର କରାଯିବା ସହ ଆଦିବାସୀ ଛାତ୍ରୀଛାତ୍ରଙ୍କୁ କିଭଳି ଶିକ୍ଷା ପ୍ରତି ଉତ୍ସାହିତ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ୧୦ହଜାର ବହୁମୁଖୀ ଭାଷାଗତ ଶିକ୍ଷକ (ଏମ୍‌ଏଲ୍‌ଇ) ନିଯୁକ୍ତି କରାଯିବାକୁ ସ୍ଥିର ହୋଇଛି। ଏନେଇ ସରକାରଙ୍କୁ ଏକ ପ୍ରସ୍ତାବରେ ସୁପାରିସ କରାଯାଇଛି। ଏହି ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିଲେ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ନିକଟରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ସମସ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ସମୁଦାୟ ଜନସଂଖ୍ୟାର ୨୨.୧୩ ପ୍ରତିଶତ ଆଦିବାସୀ ବର୍ଗର ରହିଛନ୍ତି। ରାଜ୍ୟରେ ୭୨ ପ୍ରକାର ଆଦିବାସୀ ମାତୃଭାଷା ରହିଥିବାବେଳେ ୨୮ଟି ଭାଷାରେ ସେମାନେ ସଂଘବଦ୍ଧ ଅଛନ୍ତି। ଭାଷାଗତ ପ୍ରତିବନ୍ଧକ ରହିଥିବାରୁ ପିଲାମାନେ ଠିକଣା ଭାବେ ଶିକ୍ଷା ପାଇପାରୁନାହାନ୍ତି। ଫଳରେ ଡ୍ରପ୍‌ଆଉଟ ହାର ବଢୁଛି। ଜାତୀୟ ଶିକ୍ଷା ନୀତି–୨୦୨୦ରେ ବହୁମୁଖୀ ଭାଷା ଶିକ୍ଷକ ପ୍ରଣୟନ କରିବାର ବ୍ୟବସ୍ଥା ରହିଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଦେବାକୁ ପଡ଼ିବ। ସମ୍ପ୍ରତି ରାଜ୍ୟର ୧୭ଟି ଜିଲାରେ ୨୧ପ୍ରକାର ଆଦିବାସୀ ଭାଷାରେ ଶିକ୍ଷାଦାନ କରାଯାଉଛି। ୧୩୧୭ଟି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୩,୧୮୮ଜଣ ଏମ୍‌ଏଲ୍‌ଇ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ରାଜ୍ୟରେ ସମ୍ପ୍ରସାରଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତୁତି ଚାଲିଛି। ମାତ୍ର ପରବର୍ତ୍ତୀ ସମୟରେ ଅଧିକ ଏମ୍‌ଏଲ୍‌ଇ ଶିକ୍ଷକ ପର୍ଯ୍ୟାୟକ୍ରମେ ନିଯୁକ୍ତ କରାଯିବା ଲାଗି ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି।

OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, DUMKA

3rd CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D, PR 355582 Road (25-26)_D & PR 358355 Road (25-26)D
NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73
CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 23.09.2025 at 10.30 A.M in place of 08.09.2025 Up to 12.00 Noon. |
| 5 | Date of Publication of Tender on website | 19.08.2025 at 10.30 A.M in place of 12.08.2025 |
| 6 | Pre Bid Meeting | 25.08.2025 at 10.30 A.M in place of 18.08.2025 at 11.00 A.M |

Other terms and conditions shall remain unchanged.
Executive Engineer
Road Construction Department,
Road Division, Dumka
PR 359406 Road (25-26)_D

FAKIR MOHAN UNIVERSITY
Vyasa Vihar, Nuapadhi, Balasore-756089
ADMISSION ANNOUNCEMENT : 2025-26
PGDCA COURSE
No : FMU/PGC-I-45/2025/1147 Dt.12.08.2025
In continuation to this Office Notification No. FMU/PGC/I-45/2025/949 dt.02.07.2025, the last date of submission of Application Forms for PGDCA is extended up to 30.08.2025. Desirous students may download the application form available in the website www.fmuniversity.nic.in and apply by the above dates with required fees & other documents.
Sd./- Chairman, P.G. Council

Govt. of Jharkhand, Energy Department
Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002. Ph.: 0651-2491161, Fax: 0651-2491165, E-mail: info@jreda.com; Website: www.jreda.com
e-Procurement Notice
Tender reference no.: 11/JREDA/SPP/ES/25-26 Dated: 11.08.2025

| | | |
|---|---|---|
| 1 | Name of the work | Request for Proposal (RFP) for Design, Engineering, Procurement & Supply, Construction, Commissioning and Comprehensive Operation & Maintenance of Cumulative 05 MW (AC) Grid Connected Ground Mounted Solar Power Plant, for a period of 25 years on Government Land at East Singhbhum District of Jharkhand. |
| 2 | Estimated Cost | Rs. 43.93 Crores (inclusive of GST) |
| 3 | Time of completion | 12 (Twelve) Months |
| 4 | Date of publication of NIT on website: http:// jharkhandtenders.gov.in | 18.08.2025 (Monday) |
| 5 | Date & time of Pre-bid meeting | 25.08.2025 (Monday)at 1.00 P.M. |
| 6 | Last date & time for receipt of online bids | 10.09.2025 (Wednesday)up to 05:00 PM |
| 7 | Submission of Bid fee and EMD through Online Via SBI Payment Gateway of Jharkhand Tenders. | 10.09.2025 (Wednesday)up to 05:00 PM |
| 8 | Technical Bid Opening Date | 12.09.2025 (Friday) at 3.00 P.M. |
| 9 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 10 | Contact no. of procurement officer | 0651-2491167/68/61/7903935514 |
| 11 | Helpline no. of e-procurement | 0651-2491167/68/61 |

Any corrigendum/addendum can be seen on website: http:// jharkhand tenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com
Sd/-
Director, JREDA, Ranchi
PR.NO.359402 Energy(25-26):D

## ସଂକ୍ଷେପରେ

### ହାଇୱା ଚାଳକ ଗିରଫ

ପାଣିକୋଇଲି,୧୨।୮(ବିକାଶ ମଲ୍ଲିକ): ପାଣିକୋଇଲି ଗୋଳେଇ ଛକରେ ହାଇୱା ଧକ୍କାରେ ଭଦ୍ରକ ଜିଲା ଚରମ୍ପା ଅଞ୍ଚଳର ବୁଦ୍ଧଦେବ ସାହୁଙ୍କ ମୃତ୍ୟୁ ଘଟଣାରେ ପୋଲିସ ହାଇୱା ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଥାନା ଗୁରୁଦାସପୁର ଗ୍ରାମର ରମେଶ ଜେନା(୩୭)। ବୁଦ୍ଧଦେବ ଧନପୁରଠାରେ ଥିବା ଟାଟା ମୋଟର୍ସରେ କାର୍ଯ୍ୟରତ ଥିବାବେଳେ ପାଣିକୋଇଲି ଅଞ୍ଚଳରେ ଭଡ଼ା ନେଇ ରହୁଥିଲେ। ସୋମବାର ସକାଳେ ସେ ଶୋ'ରୁମକୁ ଯିବା ସମୟରେ ପାଣିକୋଇଲି ବଜାର ଉପରେ ଷଠିପୁର ପଟୁ ଆସୁଥିବା ହାଇୱା (ଓଡି଼୩୪ଏକ୍ସ ୪୦୪୯) ତାଙ୍କୁ ଧକ୍କା ଦେବା ସହିତ ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏନେଇ ପୋଲିସ ନିଜଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ପାଣିକୋଇଲି,୧୨।୮(ବିକାଶ ମଲ୍ଲିକ): କୋରେଇ ଶିକ୍ଷା ମଣ୍ଡଳ ଅଧୀନ କରଦା ପଞ୍ଚାୟତର ରାଣୀଗୋଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅଭିଭାବକ ତାଲା ପକାଇଛନ୍ତି। ସ୍କୁଲ ଖୋଲିବା ବେଳକୁ ଅନ୍ୟ ଏକ ତାଲା ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ପହଞ୍ଚି ଚାବି ଖୋଲିବା ସହ ଏପରି ନ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ବାଟିକାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୫୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କ ପାଇଁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଅଛନ୍ତି। ପ୍ରଧାନଶିକ୍ଷକ ମାସରେ ପ୍ରାୟ ୧୨ ଦିନ ଅନୁପସ୍ଥିତ ରୁହନ୍ତି। ଫଳରେ ଜଣେ ଶିକ୍ଷକ ଦୁଇଟି ଶ୍ରେଣୀ ଗୃହକୁ ସମ୍ଭାଳିବା ସମ୍ଭବ ହୁଏନାହିଁ। ବିଭିନ୍ନ ସମୟରେ ପିଲାଙ୍କ ମଧ୍ୟରେ ଝଗଡ଼ା ହୁଏ। ଏହାକୁ ନେଇ ଅଭିଭାବକ ତାଲା ପକାଇଥିଲେ। ହେଲେ ପୋଲିସ ପହଞ୍ଚିବାରୁ କିଏ ତାଲା ପକାଇଥିଲେ ମାନି ନ ଥିଲେ। ପରିଚଳନା କମିଟି, ସିଆରସିସି ଓ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ନେଇ ବୈଠକ କରାଯାଇ ଏହାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

### ଯାଜପୁରରେ ବଟି ଆଦାୟ ପାଇଁ ଖଣ୍ଡା ବୁଲିଲା

ଯାଜପୁର ଟାଉନ,୧୨।୮(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ସହରର ଏକ ଜନଗହଳି ସ୍ଥାନରେ ମଙ୍ଗଳବାର ଜଣେ ଯୁବକ ବଟି ଆଦାୟ ପାଇଁ ଖଣ୍ଡା ବୁଲାଇ କୋକୁଆ ଭୟ ସୃଷ୍ଟି କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଖଣ୍ଡାଟିକୁ ଜବତ କରିଛି। ମାତ୍ର ଖଣ୍ଡା ବୁଲାଉଥିବା ଯୁବକଙ୍କୁ ଧରି ପାରିନାହିଁ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ସହରର କୁସୁମା ପାର୍କ ନିକଟରେ ଜଣେ ଅଟୋ ଚଳାଉଥିବା ଯୁବକ ସେଠାରେ ଥିବା ଏକ ଜୁସ୍ ଦୋକାନୀଙ୍କୁ ୨୦୦ ଟଙ୍କା ବଟି ମାଗିଥିଲେ। ଜୁସ୍ ଦୋକାନୀ ବଟି ନ ଦେବାରୁ ହଠାତ୍ ଯୁବକ ଜଣକ ଉତ୍କ୍ଷିପ୍ତ ହୋଇ ଅଟୋରୁ ଖଣ୍ଡା ବାହାର କରିଆଣି ଜୁସ୍ ଦୋକାନୀ ରମେଶ ସାହୁଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ପୋଲିସ ଗାଡ଼ି ଯାଉଥିଲା। ପୋଲିସ ଗାଡ଼ିକୁ ଦେଖି ଯୁବକ ଜଣକ ଖଣ୍ଡାଟି ଏକ ପାନ ଦୋକାନ ପଛପଟେ ପକାଇ ଦେଇ ଦୌଡି ପଳାଇଥିଲେ। ଯୁବକ ଜଣକ ମହାବୀର ଛକ ଅଞ୍ଚଳର ଫଙ୍କ ପଣ୍ଡା ବୋଲି ଜଣାପଡ଼ିଥିଲା। ଏନେଇ ଜୁସ୍ ଦୋକାନୀ ରମେଶ ସାହୁ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୩୭୬/୨୫ରେ ମାମଲା ରୁଜୁ କରିଛି। ଏସଆଇ ମହେନ୍ଦ୍ର ସେଠୀଙ୍କୁ ତଦନ୍ତକାରୀ ଅଫିସର ଭାବେ ନିୟୋଜିତ କରାଯାଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରଗଡ଼ି,୧୨।୮(ଯତିଶ କୁମାର ମଲ୍ଲିକ): କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ ରଗଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ଆଚାର୍ଯ୍ୟ (୬୫)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ନିଆଯାଉଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ରାଉତରାୟ, ଶିକ୍ଷକ ନେତା ବିଜୟ ନାୟକ, ଶିକ୍ଷକ ବସନ୍ତ ବିଶ୍ୱାଳ, ଅଭୟ ସାହୁ, ଗଣେଶ୍ୱର ରାଉତ, ମନୋଜ ଚକ୍ର, ଶରଣ ରାଉତ ଓ ଶିକ୍ଷାବିତ ବସନ୍ତ କରଙ୍କ ସମେତ ବହୁ ଶିକ୍ଷକ ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତୁରା ସତ୍ୟଜିତ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ।

# ସେତୁ ନିର୍ମାଣ ସରିଛି, ଆପ୍ରୋଚ୍ ରୋଡ୍ ନାହିଁ

- ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ
- ବାରମ୍ବାର ଦାବି ପରେ କାମ ଆରମ୍ଭ ହେଉନି


ଆପ୍ରୋଚ୍‌ରୋଡ୍ ନ ଥିବାରୁ ଲୋକେ ଡଙ୍ଗାରେ ନଦୀ ପାର ହୋଇ ଯାତାୟାତ କରୁଛନ୍ତି।

ବରୀ,୧୧।୮(ମହେନ୍ଦ୍ର ସ୍ୱାଇଁ): ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବରୀ-ବିଂଝାରପୁରକୁ ସଂଯୋଗ ପାଇଁ ପଣ୍ଡୁଆ ନଦୀ ଉପରେ ନିର୍ମାଣ ହୋଇଥିବା ଢିଅବାରିଙ୍ଗି ସେତୁ କାମ ଶେଷ ହୋଇଛି। ହେଲେ ଦୀର୍ଘଦିନ ହେବ ଏହାର ଆପ୍ରୋଚ ରୋଡ଼ କାମ ଆରମ୍ଭ ହୋଇ ନ ଥିବାରୁ ଯାତାୟତ ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ ଏହି ସେତୁ ନିର୍ମାଣ ପାଇଁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ତରଫରୁ ୨୦୨୭ରେ ୧୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ବର୍ତ୍ତମାନ ଅବସ୍ଥାରେ ଏହାର ବ୍ୟୟ ଅଟକଳ ୫୪ କୋଟିରେ ପହଞ୍ଚିଛି। ମାତ୍ର ଏହି କାମ ଦାୟିତ୍ୱରେ ଥିବା ଠିକାସଂସ୍ଥା ପଢିହାରୀ କନ୍‌ଷ୍ଟ୍ରକଶନ ସେତୁ କାର୍ଯ୍ୟ ଶେଷ କରିବାକୁ ବିଳମ୍ବ କରିବା ଯୋଗୁ ପରବର୍ତ୍ତୀ ଅବସ୍ଥାରେ ବ୍ୟୟ ଅଟକଳ ବୃଦ୍ଧି ପାଇଥିଲା ବୋଲି ଅଭିଯୋଗ ହୋଇଛି। ଆପ୍ରୋଚ ରୋଡ଼ କାର୍ଯ୍ୟ ଶେଷ ହେଲେ କେନ୍ଦ୍ରାପଡ଼ା ଜିଲାର ଆଳି,ରାଜକନିକା ଓ କେନ୍ଦ୍ରାପଡ଼ା ଅଞ୍ଚଳର ଲୋକମାନେ ତୁଳସୀ କ୍ଷେତ୍ରରୁ ବିରଜା କ୍ଷେତ୍ରକୁ ସହଜରେ ଯାତାୟତ କରିପାରିବେ। ରାସ୍ତାର ଦୂରତ୍ୱ ଯଥେଷ୍ଟ କମିବ। ଅପରପକ୍ଷେ ଭୌଗଳିକ ଦୃଷ୍ଟିକୋଣରୁ ବରୀ ବ୍ଲକର ମଧୁସୂଦନପୁର ଓ ଅଙ୍ଗାଲୋ ପଞ୍ଚାୟତ ବିଚ୍ଛିନ୍ନାଞ୍ଚଳ ଭାବେ ଥିବାରୁ ଏହି ୨ ପଞ୍ଚାୟତର ଲୋକମାନେ ବରୀ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଓ ଶିକ୍ଷାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିବା ପାଇଁ ପ୍ରାୟ ୬୦କିମି ରାସ୍ତା ବୁଲି ଆସିଥାଆନ୍ତି। ଏଥିପାଇଁ ଅଙ୍ଗାଲୋ, ମଧୁସୂଦନପୁର, ସୁନ୍ଦରପୁର, ଅରିଲୋ, ଢିଅବାରିଙ୍ଗି, ବାଦପଡା, ନୂଆପଡା, ବାରିଙ୍ଗି ଆଦି ଅଞ୍ଚଳର ଲୋକମାନେ ସ୍ଥାନୀୟ ସାମେଶ୍ୱର ମନ୍ଦିର ନିକଟରେ ଏକତ୍ରିତ ହୋଇ ସେତୁର ଆପ୍ରୋଚ ରୋଡ଼ ଶୀଘ୍ର ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଦାବି କରିଥିଲେ। ତଥାପି ଅଦ୍ୟାବଧି ଏହି ଆପ୍ରୋଚ ରୋଡ଼ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ଲୋକମାନେ ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗାରେ ନଦୀ ପାର ହୋଇ ଯାତାୟତ କରୁଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଆଧାର କରି ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ ଗତ ଜୁନ୍ ୫ରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ସେତୁ ନିର୍ମାଣ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ଜମି ମାଲିକମାନଙ୍କ ସହିତ ଜମିଜମା ସମ୍ପର୍କିତ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯାଇ ଆପ୍ରୋଚ ରୋଡ଼ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ବିଭାଗୀୟ ଅଧିକାରୀମାନେ ଏ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମାତ୍ର ଇତିମଧ୍ୟରେ ୨ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପୂର୍ତ୍ତ ଓ ଗୃହ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଏ ସଂକ୍ରାନ୍ତରେ ପୂର୍ତ୍ତ ଓ ଗୃହ ବିଭାଗ କନିଷ୍ଠ ଯନ୍ତ୍ରୀ ଭଗବାନ ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଜମି ଅଧିଗ୍ରହଣ ବିଷୟରେ ବରୀ ତହସିଲଦାର ଦୀପ୍ତିମୟୀ ବେହେରା କହିଛନ୍ତି, ଆପ୍ରୋଚ ରୋଡ଼ ପାଇଁ ଯେଉଁମାନଙ୍କର ନିଜସ୍ୱ ଜମି ଯାଉଛି ସେମାନଙ୍କୁ ଚିହ୍ନଟ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।

#### ଏମାନେ ଯାହା କୁହନ୍ତି...

ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ଦେବାଶିଷ ନାୟକ କହିଛନ୍ତି, ବହୁ ଉଦ୍ୟମ ପରେ ସେତୁ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା।ମାତ୍ର ଏଯାବତ ଯାତାୟତ ପାଇଁ ଏହା ଉପଯୋଗୀ ନ ହେବା ବରୀ ବିକାଶର ବିକଳ ଚିତ୍ରକୁ ପ୍ରମାଣ କରୁଛି। ମଧୁସୂଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ ସାମଲ କହିଛନ୍ତି, ଆପ୍ରୋଚ ରୋଡ଼ କାର୍ଯ୍ୟ ଶେଷ ହେଲେ ସ୍ଥାନୀୟ ଲୋକମାନଙ୍କ ଯାତାୟତ ସୁବିଧା ହେବ। ଏ କ୍ଷେତ୍ରରେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଉଚିତ। ଅଙ୍ଗାଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ହର୍ଷବର୍ଦ୍ଧନ ସାମଲ କହିଛନ୍ତି, ଦୀର୍ଘ ଦିନର ଦାବି ପରେ ସେତୁ ନିର୍ମାଣ ଶେଷ ହୋଇଛି। ମାତ୍ର ଆପ୍ରୋଚ ରୋଡ଼ ଶେଷ ନ ହେବା କାରଣରୁ ଯାତାୟତ ସମ୍ଭବ ନ ହେବା ଅତ୍ୟନ୍ତ ଦୁଃଖର କଥା। ଏ ସଂକ୍ରାନ୍ତରେ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ୍।

### ଅଟୋରୁ ୫ ବାଛୁରୀ ଉଦ୍ଧାର

ପାଣିକୋଇଲି,୧୨।୮(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମ ନିକଟରେ ଅଟୋରେ ଚାଲାଣ ହେଉଥିବା ୫ଟି ବାଛୁରୀକୁ ପୋଲିସ ଉଦ୍ଧାର କରିଛି। ଏଥିସହିତ ଅଟୋକ ଚାଳକ ଓ ଗୋରୁ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅଟୋ ଚାଳକ କୁଆଖିଆ ଥାନା କୁଜିବର ଗ୍ରାମର ପ୍ରତାପ ରାଉତ(୩୫) ଓ ବେପାରୀ ଯାଜପୁରରୋଡ ଥାନା ଅନ୍ତର୍ଗତ ପହଂଗା ଗ୍ରାମର ପଞ୍ଚାନନ ମଲିକ(୩୯)। ବେଆଇନ ଗୋଚାଲାଣ କରାଯାଉଥିବା ଖବର ପାଇ ଅଟୋକୁ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବ ମହାନ୍ତି ଛୋଟରାୟପୁର ଛକରୁ ଧରିଥିଲେ। ସେଥିରେ ୫ଟି ବାଛୁରୀଥିଲେ। ଏନେଇ ଥାନାରେ ନଂ.୨୬୬/୨୫ରେ ମାମଲା ରୁଜୁ ହୋଇଛି। ଉଦ୍ଧାର ବାଛୁରୀଙ୍କୁ ଗୋଶାଳା ଜିମା ଦିଆଯାଇଛି।

### ୩ ଫେରାର ଅଭିଯୁକ୍ତ ଗିରଫ

ପାଣିକୋଇଲି,୧୨।୮(ବିକାଶ ମଲ୍ଲିକ): ପାଣିକୋଇଲି ପୋଲିସ ମଙ୍ଗଳବାର ପୃଥକ ମାମଲାରେ ୩ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ଉକ୍ତ ଥାନା ତାଜପୁର ଆଦିବାସୀ ସାହିର ଲକ୍ଷ୍ମଣ ମୁଣ୍ଡା, ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମର ଲକ୍ଷ୍ମୀଧର ଦାସ ଓ ସୋଲପଟା ଗ୍ରାମର ଅଜିତ ମଲିକ ବୋଲି ପୋଲିସ କହିଛି।

## ରାଜସ୍ୱ ଅମଲା ସଂଘ ପକ୍ଷରୁ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା।

ଯାଜପୁରଟାଉନ,୧୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଓଡ଼ିଶା ରାଜସ୍ୱ ଅମଲା ସଂଘ ଆହ୍ୱାନକ୍ରମେ ଯାଜପୁର ଜିଲା ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତୀକ ଧାରଣା ଦିଆଯାଇଛି। ଜିଲାସ୍ତରୀୟ ରାଜସ୍ୱ ସହାୟକଙ୍କ ମୂଳ ଦରମା ଲେଭଲ-୯କୁ ବୃଦ୍ଧି କରିବା, ନୂତନ ପଦବୀ ସୃଷ୍ଟି କରିବା, ପଦୋନ୍ନତି, ସ୍ୱାସ୍ଥ୍ୟବୀମା ୨୦ଲକ୍ଷ ଟଙ୍କା, ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ପରିବାରର ଅନ୍ୟ ସଦସ୍ୟଙ୍କୁ ଥଇଥାନ ଯୋଜନାରେ ନିଯୁକ୍ତି ଦେବା, ଜିଲାସ୍ତରୀୟ ରାଜସ୍ୱ କର୍ମଚାରୀ ଶତପ୍ରତିଶତ ପଦୋନ୍ନତି ଓଡ଼ିଶା ରାଜସ୍ୱ ବିଭାଗ ଦ୍ୱାରା ପରିଚାଳିତ ହେବା ଓ ପୁରୁଣା ଢ଼ାଞ୍ଚାରେ ପେନ୍‌ସନ ଯୋଗାଇ ଦେବା ଆଦି ଦାବିରେ ଏହି ଆନ୍ଦୋଳନ କରାଯାଇଛି। ଜିଲା ସଭାପତି ନିଗମାନନ୍ଦ ମାନ୍ଧାତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜୟ ଦାସ, ସୁଦର୍ଶନ ମିଶ୍ର, ସୁବ୍ରତ କାନୁନଗୋ, ଲକ୍ଷ୍ମୀଧର ସାଏ, ହରି ହାଁସଦା, ମାନସୀ ସାହୁ, ସାଗରିକା ତ୍ରିପାଠୀ, ଲିପ୍ସା ଜେନା, ଦୀପ୍ତା ପରମାଣିକ ପ୍ରମୁଖ ଧାରଣାରେ ବସି ରହିଥିଲେ। ଏ ସମ୍ପର୍କରେ ଜିଲା ସଭାପତି ମାନ୍ଧାତାଙ୍କୁ ପଚାରିବାରେ ସେ କହିଛନ୍ତି, ଆମର ଦାବି ସରକାର ନିଶ୍ଚିତ ପୂରଣ କରିବେ। ସରକାରଙ୍କ ଉପରେ ଆମର ଯଥେଷ୍ଟ ଭରସା ଓ ବିଶ୍ୱାସ ରହିଛି। ରାଜ୍ୟ ସଂଘ ନିର୍ଦ୍ଦେଶ କ୍ରମେ ଗୋଟିଏ ଦିନ ସମୂହ ଛୁଟିନେଇ ଧାରଣାରେ ବସି ରହିଥିଲୁ ବୋଲି ସେ ପ୍ରକାଶ କରିଛନ୍ତି।

### ଟ୍ରେନ୍‌ରୁ ଖସିପଡ଼ି ଗୁରୁତର ଯବାନ ମୃତ

ରସୁଲପୁର,୧୨।୮(ରଞ୍ଜିତ ରାଉତ): କୁଆଖିଆ ଥାନା କଲଣ ପଞ୍ଚାୟତ ଶୁଳିଆ ଗ୍ରାମର ଦଇତାରୀ ନାୟକଙ୍କ ବଡ଼ପୁଅ ଧର୍ମେନ୍ଦ୍ର ନାୟକ(୨୮)ଯବାନ(ଆର୍ମି ଜି.ଡି) ଟ୍ରେନ୍‌ରୁ ଖସିପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ୨୦୧୮ରୁ ଧର୍ମେନ୍ଦ୍ର ହରିୟାଣାଠାରେ ଭାରତୀୟ ସେନାବାହିନୀରେ ଚାକିରି କରିଆସୁଥିଲେ। କିଛିଦିନ ପାଇଁ ଛୁଟି କାଟିବାକୁ ଘରକୁ ଆସିଥିଲେ। ଗତ ଗୁରୁବାର କାର୍ଯ୍ୟରେ ଯୋଗଦେବାକୁ ଘରୁ ହରିୟାଣା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଶୁକ୍ରବାର ସେ ରାଜସ୍ଥାନର ଯୋଧପୁର ରେଳଷ୍ଟେଶନଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ରେଳୱେ ପୋଲିସ ସହାୟତାରେ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ସୂତ୍ରରୁ ଜଣାଯାଇଛି। ବୁଧବାର ଯବାନଙ୍କ ମରଶରୀର ବିମାନ ଯୋଗେ ଆସି ଭୁବନେଶ୍ୱରରେ ପହଞ୍ଚିବ। ପରେ ଗାଁ ଶ୍ମଶାନରେ ଧର୍ମେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି। ଦଇତାରୀଙ୍କ ସାନପୁଅ ମଧ୍ୟ ସେନାବାହିନୀରେ ଚାକିରି କରିଛନ୍ତି। ସେ ଏବେ ପଞ୍ଜାବରେ କାର୍ଯ୍ୟରତ ଅଛନ୍ତି। ସେ ବଡ଼ଭାଇ ଚିକିତ୍ସାଧୀନ ଥିବା ଡାକ୍ତରଖାନାକୁ ଯାଇଥିଲେ। ସେଠାରୁ ମରଶରୀର ସହ ଘରକୁ ଫେରୁଛନ୍ତି। ଯବାନଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ବଡ଼ଭାଇ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ


ଦୋଷୀ ସାବ୍ୟସ୍ତ ପରେ ଭବାନୀ ଶଙ୍କର ଧଳଙ୍କୁ ଜେଲ୍‌କୁ ନିଆଯାଉଛି।

ଯାଜପୁର ଟାଉନ,୧୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ଜିଲା ଓ ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ବଡ଼ଭାଇଙ୍କୁ ସାନ ଭାଇ ହତ୍ୟା ମାମଲାର ମଙ୍ଗଳବାର ଚୂଡ଼ାନ୍ତ ରାୟପ୍ରକାଶ କରିଛନ୍ତି। ଏଥିରେ ଦୋଷୀ ସାନଭାଇ ଭବାନୀ ଶଙ୍କର ଧଳଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଥାନା ମଲିପୁର ଗ୍ରାମର ବଡ଼ଭାଇ ସଂଗ୍ରାମ କେଶରୀ ଧଳ ଓ ସାନଭାଇ ଭବାନୀ ଶଙ୍କର ଧଳଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବାପାଙ୍କ ପେନ୍‌ସନ ଓ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ୨୦୨୨ ସେପ୍ଟେମ୍ବର ୩୦ ତାରିଖ ରାତିରେ ବଡ଼ଭାଇ ସଂଗ୍ରାମ କେଶରୀ ଶୋଇଥିବା ସମୟରେ ସାନଭାଇ ଭବାନୀ ଶଙ୍କର ଆସି ଏକ ଠେଙ୍ଗାରେ ବଡ଼ଭାଇଙ୍କ ମୁଣ୍ଡ ଓ ଛାତିକୁ ଆକ୍ରମଣ କରିଥିଲେ। ଏହାକୁ ସଂଗ୍ରାମଙ୍କ ସ୍ତ୍ରୀ ଜୟପ୍ରଦା ରାଉତ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସଂଗ୍ରାମଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ୨୦୨୨ ଅକ୍ଟୋବର ୨ରେ ସଂଗ୍ରାମ କେଶରୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସଂଗ୍ରାମଙ୍କ ସ୍ତ୍ରୀ ଜୟପ୍ରଦା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୧୮ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପୋଲିସର ଦସ୍ତାବିଜକୁ ଆଧାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ମୋନାଲି ରାଇସା ଓ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ ପରିଚାଳନା କରୁଥିଲେ।

## ଚୋରା ମଦ ବ୍ୟବସାୟୀଙ୍କ ଆକ୍ରମଣରେ ଯୁବକ ଆହତ



ବରୀ,୧୨।୮(ମହେନ୍ଦ୍ର ସ୍ୱାଇଁ): ବରୀ-ରାମଚନ୍ଦ୍ରପୁର ଥାନା ବାଲିଆ ଅଞ୍ଚଳରେ ଚୋରା ମଦ ଓ ଗଞ୍ଜେଇ କାରବାର ଚାଲିଛି। ଏନଇେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୋଲିସ ପଦକ୍ଷେପ ନେଉନାନାହାନ୍ତି। ଫଳରେ ଚୋରା ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିଯାଉଛି। ଏହିକ୍ରମରେ ଚୋରାମଦ ବିକ୍ରିକୁ ବିରୋଧ କରୁଥିବା ବାଲିଆ ଅଞ୍ଚଳର ନିଶିକାନ୍ତ ଜେନା(୨୬)ଙ୍କୁ ଜଣେ ବ୍ୟବସାୟୀ ଆକ୍ରମଣ କରିଛନ୍ତି। ସେ ହେଲେ ଶ୍ରୀକାନ୍ତ ଜେନା। ଏନେଇ ନିଶିକାନ୍ତଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବାଲିଆଠାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପର୍ଯ୍ୟଟନ ସ୍ଥଳ ଥିବାବେଳେ ଚୋରାମଦ କାରବାର କାରଣରୁ ସେଠାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏକ୍ଷେତ୍ରରେ ପୋଲିସ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

## ୧୮ରୁ ପରିବହନ ବିଭାଗ ଜମି ଚିହ୍ନଟ

ରସୁଲପୁର,୧୨।୮(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜର ସ୍ଥିତ ରାଜ୍ୟ ସଡ଼କ ପରିବହନ ବିଭାଗ ନାମରେ ଥିବା ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ରାଜ୍ୟ ସଡ଼କ ଓ ପରିବହନ ବିଭାଗ ଜମି ଚର୍ତୁପାର୍ଶ୍ୱରେ ଥିବା ୨୫ଜଣ ଜମି ମାଲିକଙ୍କୁ ରସୁଲପୁର ତହସିଲଦାରଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ଜମି ଚିହ୍ନଟ ପ୍ରକ୍ରିୟା ୧୮ରୁ ୨୦ ଅଗଷ୍ଟ ପର୍ଯ୍ୟନ୍ତ ଜାରି ରହିବ ବୋଲି ତହସିଲ ପକ୍ଷରୁ ନୋଟିସ ଜରିଆରେ ଉଭୟ ପରିବହନ ବିଭାଗର ସାଧାରଣ ପରିଚାଳକ ଓ ଜମି ମାଲିକଙ୍କୁ ଅବଗତ କରାଯାଇଛି। କୁଆଖିଆ ମୌଜାର ଖାତା ନମ୍ବର-୧୪୧ରେ ଦେଢ ଏକରରୁ ଅଧିକ ଜମି ରାଜ୍ୟ ପରିବହନ ବିଭାଗ ନାମରେ ରହିଛି। ଏହି ଜମିରେ ଟ୍ରେକର ଷ୍ଟାଣ୍ଡ, ଦୋକାନ, ବଜାର, ବ୍ୟକ୍ତିଗତ ଘର ନିର୍ମାଣ କରାଯାଇ ଜବରଦଖଲକୁ ନିଆଯାଇଛି ବୋଲି ଅଭିଯୋଗ ହେଉଛି। ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ୨୦୨୨ରୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ପ୍ରୟାସ କରାଯାଉଛି।

ହେଲେ ତତ୍କାଳୀନ ତହସିଲଦାରଙ୍କ ଟାଳଟୁଳନୀତି ଯୋଗୁ ପରିବହନ ବିଭାଗ ଜମିକୁ ଚିହ୍ନଟ କରିବାରେ ଅହେତୁକ ବିଳମ୍ବ ହେଉଛି। ଏବେ ତହସିଲ କାର୍ଯ୍ୟାଳୟ ସୀମା ନିର୍ଦ୍ଧାରଣ ମୋକଦ୍ଦମା ନମ୍ବର-୮୪/୨୫ରେ ୨୫ଜଣଙ୍କୁ ନୋଟିସ ଜାରି କରାଯାଇଛି। କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ତାରିଖ ଓ ସମୟରେ ଜମି ମାଲିକମାନେ ଉପସ୍ଥିତ ରହି ସେମାନଙ୍କ ବ୍ୟକ୍ତି ଜମିର ସୀମାକୁ ବୁଝି ନେବା ସହ ଜବରଦଖଲରେ ଥିବା ପରିବହନ ବିଭାଗର ଜମିକୁ ସ୍ୱ-ଇଚ୍ଛାରେ ଛାଡି ଦେବେ। ନଚେତ୍ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି।

## କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ



ବିକ୍ଷୋଭରେ ସାମିଲ ହୋଇଥିବା କନିଷ୍ଠ ଶିକ୍ଷକମାନେ।

ଯାଜପୁରଟାଉନ,୧୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ମଙ୍ଗଳବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅମ୍ବର କୁମାର କରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠିନଂ. ୨୧୨୬୮ତା୨/୮/୨୦୨୫ରେ ସରକାରଙ୍କ ଅନୁମୋଦନ ଓ ତୁରନ୍ତ କାର୍ଯ୍ୟକାରୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ୮/୮/୨୦୨୫ରେ କୌଣସି କାରଣ ଦର୍ଶା ନ ଯାଇ ବିଭାଗ ପକ୍ଷରୁ ଏହାକୁ ପ୍ରତ୍ୟାହାର କରି ନିଆଯାଇଛି।

ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଭାବେ ଶିକ୍ଷକ ନିଯୁକ୍ତି କରିବା, ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା ଓ କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ)କୁ ନିୟମିତ କରିବାର ବ୍ୟବସ୍ଥା ଥିଲା। ହେଲେ ବିଭାଗ ଏହାକୁ ହଟେଇ ଦେଇ କନିଷ୍ଠ ଶିକ୍ଷକଙ୍କ ପେଟକୁ ଲାତ ମାରିଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ପୁନଶ୍ଚ ବିଜ୍ଞପ୍ତି ପ୍ରକାଶ କରିବାକୁ ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା କରାଯାଇଥିବା ସୁପାରିସକୁ ଗ୍ରହଣ କରି ଚଳିତ ମାସ ୧୭ ତାରିଖ ସୁଦ୍ଧା ନିୟାମକରେ ପରିଣତ କରିବା ପାଇଁ ସଂଘ ଅନୁରୋଧ କରିଛି। ଏହା ନ ହେଲେ ସଂଘ ରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସରକାର କନିଷ୍ଠ ଶିକ୍ଷକଙ୍କୁ ଯେତିକି ଦରମା ଦେଉଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜିଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ଶେଷଦେବ ଯଜ୍ଞକାମଦେଓ, ସମ୍ପାଦକ ସୌରଭ ମହାନ୍ତି, ଉପସଭାପତି ଲିପ୍ସିତା ଜେନାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକର କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ**

ରାଜନଗର,(ଭାସ୍କର ରାଉତରାୟ): ରାଜନଗର ନିର୍ବାଚନମଣ୍ଡଳୀ ଖଣତା ପଞ୍ଚାୟତ ଡିମିରିଆ ଗାଁର ହରେକୃଷ୍ଣ ରାଉତ(୬୬) ମଙ୍ଗଳବାର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସକାଳେ ହରେକୃଷ୍ଣ ଚାଷ କାମ କରିବାକୁ ବିଲକୁ ଯାଇଥିଲେ। ବିଲରେ ଅସହ୍ୟ ଗୁଲୁଗୁଲି ଯୋଗୁ ମୁଣ୍ଡ ବୁଲାଇ ଦେଇଥିଲା। ଫଳରେ ପାଖ କେନାଲରେ ପଡ଼ି ଯାଇଥିଲେ। ବିଲରେ କାମ କରୁଥିବା ଲୋକମାନେ ଦେଖି ତୁରନ୍ତ ଆସି ହରେକୃଷ୍ଣଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପୋଲିସ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ବିଜେଡି ପକ୍ଷରୁ ବିକ୍ଷୋଭ, ରାସ୍ତାରୋକୋ

## ୧୦ମ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

### ବିକ୍ଷୋଭକାରୀ ଜିଲାପାଳଙ୍କ ଗାଡ଼ିକୁ ଛାଡ଼ିଲେନି

**ରାଜନଗର, ୧୨।୮ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅଞ୍ଚଳରେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମଙ୍ଗଳବାର ବିଜେଡି ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି। ରାଜନଗର-ହଂସୁଆ ସେତୁ ନିକଟରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାସ୍ତାରୋକୋ କରାଯାଇଥିଲା। ସରକାର ବିରୋଧୀ ନାରା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ରାସ୍ତାରେ ଟାୟାର ଜାଳି ଅବରୋଧ ଯୋଗୁ ବହୁ ସଂଖ୍ୟକ ଗାଡ଼ି ଅଟକି ରହିଥିଲା। ରାଜନଗର ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବା କେନ୍ଦ୍ରାପଡ଼ା ଜିଲାପାଳ, ଉପଜିଲାପାଳ ଗାଡ଼ି ବିକ୍ଷୋଭ ସମୟରେ ଆସିଥିଲେ ମଧ୍ୟ ବିକ୍ଷୋଭକାରୀ ଛାଡ଼ି ନ ଥିଲେ। ଉପଜିଲାପାଳ ଅରୁଣ କୁମାର ନାୟକ ଘଟଣା ସ୍ଥଳକୁ ଆସି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଜିଲାପାଳ ଗାଡ଼ି ବୁଲାଇ ବ୍ଲକ କାର୍ଯ୍ୟାଳୟକୁ ଫେରି ଯାଇଥିଲେ। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ପୀଡ଼ିତଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାପତି ରଶ୍ମି ରଞ୍ଜିତା ସ୍ୱାଇଁ, ବିଜେଡି ନେତା ବିଜୟ କୁମାର ନାୟକ, କୈଳାସ ଚନ୍ଦ୍ର ପରିଡ଼ା, ଦେବେନ୍ଦ୍ର କୁମାର ଜେନା, ରଞ୍ଜନ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ, ଦାମୋଦର ମହାନ୍ତି, ସରୋଜ କୁମାର ରାଉତ ,ଛାତ୍ର ନେତା ରବୀନ୍ଦ୍ର କୁମାର ସିଂ, ସୁଶାନ୍ତ କୁମାର ବେହେରା, ସୁରଜ କୁମାର ପୁହାଣ, ବିଚିତ୍ର କୁମାର ମଲିକ, ପରମେଶ୍ୱର ଦାସ, ସାଗର ବଳ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।


ବିଜେଡି ପକ୍ଷରୁ ରାଜନଗର-ହଂସୁଆ ସେତୁଠାରେ ରାସ୍ତାରୋକୋ କରାଯାଇଛି।


ବିଜେଡିର ଏକ ଟିମ୍ ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ରାଜନଗର ଥାନାକୁ ଯାଇଛନ୍ତି।


ରାଜନଗର ଥାନା ଅଞ୍ଚଳର ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ମଙ୍ଗଳବାର କଂଗ୍ରେସର ଏକ ପ୍ରତିନିଧି ପୀଡ଼ିତାଙ୍କ ଘରକୁ ଯାଉଛନ୍ତି।

# ସଂସ୍କୃତ ଭାଷାର ଐତିହ୍ୟକୁ ସମ୍ମାନ ଦେବା ଦରକାର

## ଆମ୍ଭେର ହାଇସ୍କୁଲରେ ବିଶ୍ୱ ସଂସ୍କୃତ ଦିବସ

**ପଟ୍ଟାମୁଣ୍ଡାଇ, ୧୨।୮ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଆମ୍ଭେର କାହ୍ନୁ ଚରଣ ରାଜଭଟ୍ଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନନ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ସଂସ୍କୃତ ସଭାପତି ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ବପ୍ରାଚୀନ ସଂସ୍କୃତ ଭାଷାର ମହତ୍ତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ଏକ ଭାଷା, ଯାହା ଆମ ଜ୍ଞାନ, ସଂସ୍କୃତି ଓ ଐତିହ୍ୟକୁ ଆକାର ଦେଇଛି। ସଂସ୍କୃତ କେବଳ ଏକ ଭାଷା ନୁହେଁ ଏହା ଭାରତୀୟ ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଆଧ୍ୟାତ୍ମିକ ଆତ୍ମା ହୋଇଥିବାବେଳେ ଏବେ ସଂସ୍କୃତ ପ୍ରତି ଆଜିର ସମାଜରୁ ଦୂରେଇ ଦିଆଯାଉଛି। ଛାତ୍ରୀଛାତ୍ରମାନଙ୍କ ନିକଟରେ ସଂସ୍କୃତ ପ୍ରୀତି ଦେଖିବାକୁ ମିଳୁନାହିଁ। ଆଜି ବିଶ୍ୱ ସଂସ୍କୃତ ଦିବସ, ଏହି ମହାନ ଭାଷାର ଐତିହ୍ୟକୁ ସମ୍ମାନ ଦେବା ସହ ଆଗାମୀ ପିଢି ପାଇଁ ଏହି ଜ୍ଞାନକୁ ଜୀବନ୍ତ ରଖିବାକୁ ସଂକଳ୍ପ ନେବା। ସେହିପରି ବରିଷ୍ଠ ଶିକ୍ଷକ ମିହିର ରଞ୍ଜନ ଦାଶ ସ୍ୱାଗତଭାଷଣ ଦେବା ସହ ସଂସ୍କୃତ ଭାଷା ଚମତ୍କାର ପ୍ରୟୋଗାତ୍ମକ ବ୍ୟାପକତା, ଶବ୍ଦ ସମ୍ଭାର, ବ୍ୟାକରଣ ବିଜ୍ଞାନ ଓ ବିନ୍ୟାସଗତ ନମନୀୟତା ସଂସ୍କୃତକୁ ଏକ ସମୃଦ୍ଧ ଓ ବଳିଷ୍ଠ ଭାଷାର ପରିଚୟ ଦେଇଥାଏ। ସଂସ୍କୃତ ମାନବୀୟ ସଞ୍ଚାରର ସବୁଠାରୁ ପ୍ରଭାବୀ ମାଧ୍ୟମ ବୋଲି ଗବେଷକମାନେ ମତ ଦିଅନ୍ତି। ଏହାକୁ ମଧ୍ୟ ଚେତନାର ଭାଷା ବୋଲି କୁହାଯାଏ। ତେଣୁ ଏହାର ସାଂସ୍କୃତିକ ବିଶେଷତ୍ୱ ତଥା ଏହାର ଗୁରୁତ୍ୱ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ୧୯୬୯ ମସିହାରେ ଭାରତ ସରକାରଙ୍କ ଦ୍ୱାରା ସଂସ୍କୃତ ଦିବସ ପାଳନର ନିଷ୍ପତ୍ତି ନିଆଯାଇଥିଲା। ଶିକ୍ଷକ ସୌମ୍ୟ ରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ପ୍ରମୋଦ ଜେନା, ଶୁଭମ ପାତ୍ର, ସଂଘମିତ୍ରା ମହାନ୍ତି, ମଧୁସ୍ମିତା ପାତ୍ର, ପ୍ରମିଳା ବେହେରା, ସୁବାସ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଭାଗ୍ୟଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସବିତା ଜେନା, ନିରୁପମା ଗୁରୁ, ଅଭୟ ଦାସ ପରିଚାଳନା କରିଥିଲେ।

# ଶିକ୍ଷାର୍ଥୀଙ୍କ ଜୀବନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ବୈଠକରେ ଉପସ୍ଥିତ ଅଭିଭାବକମାନେ।

**କେନ୍ଦ୍ରାପଡ଼ା, ୧୨।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ବ୍ଲକ ବାରୋ ପଞ୍ଚାୟତ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକଙ୍କ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ଭାରତୀ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷାର୍ଥୀଙ୍କ ଜୀବନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ସମ୍ପାଦକ ଉମେଶ ଚନ୍ଦ୍ର ଦାସ, ସଭାପତି ବଳରାମ ମହାନ୍ତି, କୋଷାଧ୍ୟକ୍ଷ ହରିଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପିକା ପ୍ରଣତି ଦାସ ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ଶିଶୁମନ୍ଦିରରେ ଶିକ୍ଷା ଓ ସଂସ୍କାର ପାଇଁ ନିରନ୍ତର ଚେଷ୍ଟା ଚାଲିଛି। ଶୈକ୍ଷିକ ପରିବେଶ ଏଥିପାଇଁ ସୃଷ୍ଟି କରାଯାଉଛି। ତେବେ ଏହାର ପ୍ରକୃତ ପ୍ରଶିକ୍ଷଣ ଘର ମଧ୍ୟରେ ହୋଇଥାଏ। ଏହାର କାର୍ଯ୍ୟକାରିତା ଜନଜୀବନରେ ପରିପ୍ରକାଶ ପାଇଥାଏ। ଏଣୁ ଅଭିଭାବକ ଶିଶୁଙ୍କ ଯତ୍ନ ନେବା ସହ ଶିକ୍ଷା ଓ ସଂସ୍କାର ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଆଚାର୍ଯ୍ୟ ମିନତି ବେହେରା, ନିବେଦିତା ଦାଶ, ଜୟନ୍ତୀ ବରାଳ, ହୈମବତୀ ନାୟକ ପ୍ରମୁଖ ଏହି ବୈଠକରେ ଆଚାର୍ଯ୍ୟ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ସମ୍ପର୍କରେ ମତ ରଖିଥିଲେ। ସଞ୍ଜୟ କୁମାର ଜେନା ଅଭିଭାବକଙ୍କୁ ଧନ୍ୟବାଦ ଦେଇଥିଲେ।

# ଡେରାବିଶ ଚାଷୀଙ୍କ ପାଇଁ ଦୁଃଖ ପାଲଟିଛି ଡ୍ରେନେଜ କଟ୍

## ଜିଲାପାଳଙ୍କୁ ଭେଟିଲେ ଡେରାବିଶର ଶତାଧିକ ଚାଷୀ

**ଡେରାବିଶ, ୧୨।୮ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ଡ୍ରେନେଜ କଟ୍ ଦୁଃଖ ପାଲଟିଛି। ପ୍ରତ୍ୟେକ ବର୍ଷ ଖରିଫ ଚାଷ ସମୟରେ ବ୍ଲକ ଅଞ୍ଚଳର ଚାଷୀମାନେ ବିହନ ବୁଣିବାଠାରୁ ଆରମ୍ଭ କରି ଚାଷ ଜମିରେ ରୁଆପୋତା କାମ ଅଗଷ୍ଟ ଶେଷ ସୁଦ୍ଧା ସାରି ଦେଇଥାନ୍ତି। ମାତ୍ର ମୌସୁମୀ ଓ ଲଘୁଚାପଜନୀତ ବର୍ଷା ହେଲେ ବ୍ଲକ ଅଞ୍ଚଳରେ ଥିବା ଡ୍ରେନେଜ କଟ୍‌ଗୁଡିକରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ନ ପାରି କ୍ଷେତରେ ୪ରୁ୫ ଫୁଟ ଉଚ୍ଚର ଜଳ ଜମି ରହିବା ଫଳରେ ଧାନଫସଲ ନଷ୍ଟ ହୋଇଥାଏ। ଦୀର୍ଘବର୍ଷ ହେବ ବ୍ଲକ ଅଞ୍ଚଳର ଚାଷୀଙ୍କ ଏହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବିଧାୟକ ଓ ସାଂସଦଙ୍କ ପର୍ଯ୍ୟନ୍ତ ଚାଷୀମାନେ ଗୁହାରି କରି ଆସୁଥିଲେ ମଧ୍ୟ ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନ ମନୋଭାବ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେତୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ। ଚଳିତବର୍ଷ ଚାଷର ପ୍ରାରମ୍ଭରୁ ଡ୍ରେନେଜ କଟ୍‌ଗୁଡିକରୁ ଜଳ ନିଷ୍କାସନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ବ୍ଲକ ଅଧୀନ ୨୦ ନଂ.ଓ ୧୯ ନଂ. ଡ୍ରେନେଜ କଟ୍ ଜଳ ନିଷ୍କାସନ ନ ହେବା ଏବଂ ଏହି ଡ୍ରେନେଜ କଟ୍‌ଗୁଡିକର ରକ୍ଷଣାବେକ୍ଷଣ ଅଭାବ ପାଇଁ ଏକ ବିରାଟ ଅଞ୍ଚଳରେ ଦଳ ଭିଡି ହୋଇ ରହିଛି। ଫଳରେ ଉଦ୍‌ବୃତ୍ତ ଜଳ ସଦ୍ୟ ରୁଆପୋତା ହୋଇଥିବା ଧାନ ଫସଲ ନଷ୍ଟ କରିବାରେ ଲାଗିଛି। ଏଥିସହ ୧୩ ତାରିଖଠାରୁ ଲଘୁଚାପଜନୀତ ବର୍ଷା ପାଇଁ ସମ୍ପୃକ୍ତ ଡ୍ରେନେଜ କଟ୍ ଉପରେ ନିର୍ଭରଶୀଳ ଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଲେଣି। ଡ୍ରେନେଜ କଟ୍‌ଗୁଡିକରୁ ତୁରନ୍ତ ଦଳ ସଫା କରିବା ଓ ଜଳ ନିଷ୍କାସନ ପାଇଁ ସୋମବାର ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଦାଶିବ ସ୍ୱାଇଁଙ୍କ ନେତୃତ୍ୱରେ କାଉପଡ଼ା ସରପଞ୍ଚ ପ୍ରତାପ କୁମାର ବେହେରା, ସମିତିସଭ୍ୟାଙ୍କ ସମେତ ବହୁସଂଖ୍ୟାରେ ଚାଷୀ ଜିଲାପାଳଙ୍କ ସହ ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ପ୍ରତିକାର ପାଇଁ ଦାବି କରିଥିଲେ। ଜିଲାପାଳ ଆର. ରଘୁନାଥ ଆୟାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କେନ୍ଦ୍ରପଡ଼ା ଜିଲା ଡ୍ରେନେଜ କଟ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସଦାଶିବ କହିଛନ୍ତି। ଏ ସମ୍ପର୍କରେ ଡ୍ରେନେଜକଟ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଜଳ ନିଷ୍କାସନ ପାଇଁ ସମସ୍ୟା ସୃଷ୍ଟି କରିଥିବା ଦଳଗୁଡ଼ିକୁ ସଫା କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଡ୍ରେନେଜ କଟ୍‌ରେ ଦଳ ଲାଗି ରହିଛି।

# ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଜାତୀୟ କୃମିନାଶ ଦିବସ

**ପଟ୍ଟାମୁଣ୍ଡାଇ, ୧୨।୮ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପକ୍ଷରୁ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଜାତୀୟ କୃମିନାଶକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡା ଉଦ୍‌ଘାଟନ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁନିତି ଦାଶ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନା, ସହକାରୀ ଶିକ୍ଷକ ତିତିକାନ୍ତ ନାୟକ, ଶ୍ରଦ୍ଧାଞ୍ଜଳି ନାଥଶର୍ମା, ପ୍ରଦୀପ ନାୟକ, ଲକ୍ଷ୍ମୀପ୍ରିୟା ମହାଳିକ, ସସ୍ମିତା କର, ଅନୁପମା ସାହୁ, ସରୋଜିନୀ ପାଣିଗ୍ରାହୀ, ପ୍ରଣତ ଜ୍ୟୋତି ସାମଲ, ଜିତେନ୍ଦ୍ର ଦଳାଇ, ସରସ୍ୱତୀ ସାହୁ, ସଂଘମିତ୍ରା ସାହୁ, ଦେବାଶିଷ ପରିଡା ଓ ସାଇ ଶୁଭଲକ୍ଷ୍ମୀ ରଥ ପ୍ରମୁଖ ଯୋଗଦେଇ କୃମି ବୃଦ୍ଧି ସ୍ୱାସ୍ଥ୍ୟହାନୀ କରିଥାଏ ବୋଲି କହିଥିଲେ। କୃମିନାଶ ପାଇଁ ଔଷଧ ସେବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇଓ ସ୍ନେହଲତା ମହାନ୍ତି, ବିପିଏମ୍ ପ୍ରଶାନ୍ତ ଜେନା ଓ ନୃସିଂହ ଚରଣ ଦାସ ପରିଚାଳନା କରିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ଅଙ୍ଗନୱାଡି, ସ୍କୁଲ ଓ କଲେଜରେ କୃମି ନାଶକ ଔଷଧ ଦିଆଯାଇଥିଲା।

# ବଳରାମପୁର ୟୁପି ସ୍କୁଲରେ ଜାତୀୟ କୃମିନାଶ ଦିବସ

**ରାଜନଗର, ୧୨।୮ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ୍ କୁରୁଣ୍ଟି ପଞ୍ଚାୟତ ବଳରାମପୁର ୟୁପି ସ୍କୁଲରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ରଘୁରାମ ଆର ଆୟର ଯୋଗଦେଇ କୃମି ଔଷଧ ଖାଇଲେ କୃମି ନାସ ହେବ, ଏହାଦ୍ୱାରା ରକ୍ତହୀନତାରୁ ରକ୍ଷା ପାଇ ପାରିବା। ଫଳରେ ପାଠ ପ୍ରତି ଆଗ୍ରହ ବଢ଼ିବ ବୋଲି ପିଲାମାନଙ୍କୁ ବୁଝାଇଥିଲେ। ସମ୍ମାନୀୟ ଅତିଥି ଭାବେ ଉପଜିଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ବିଡିଓ ଅନିରୁଦ୍ଧ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ୨୫୬ ଛାତ୍ରୀଛାତ୍ରଙ୍କୁ କୃମିନାଶକ ବଟିକା ସେବନ କରାଯାଇଥିଲା। ବ୍ଲକର ୪୦,୫୬୨ ଜଣ ପିଲାଙ୍କୁ କୃମିନାଶକ ବଟିକା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଶ୍ରୀକାନ୍ତ କୁମାର ଦାସ ପରିଚାଳନା କରିଥିଲେ।

# କନିଷ୍ଠ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ୧୨।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ଶତାଧିକ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି। କନିଷ୍ଠ ଶିକ୍ଷକ ସଂଘର ସଭାପତି ଉଷାରାଣୀ ଦାସ ଏ ସମ୍ପର୍କରେ କହିଛନ୍ତି, ଏହି ଦାବିପତ୍ରରେ ଶିକ୍ଷକ ସମୂହଙ୍କ ବିଭିନ୍ନ ଦାବି ଉପସ୍ଥାପିତ ହୋଇଛି। ଶିକ୍ଷକ ହେଉଛନ୍ତି ସମାଜ ସଂସ୍କାର କ୍ଷେତ୍ରରେ ମେରୁଦଣ୍ଡ। ଶିକ୍ଷାର୍ଥୀଙ୍କୁ ଉପଯୁକ୍ତ ମାର୍ଗ ଦର୍ଶାଇବା ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଶିକ୍ଷକମାନେ ବିଭିନ୍ନ ସମସ୍ୟାରେ ରହିଥିଲେ ମଧ୍ୟ ରାଜ୍ୟ ସରକାର ଏହାର ସମାଧାନକୁ ଦୃଷ୍ଟି ଦେଉନାହାନ୍ତି। ରାଜ୍ୟର ସମସ୍ତ ବିଭାଗର କର୍ମଚାରୀଙ୍କୁ ନିୟମିତ କରାଯାଉଥିବା ବେଳେ ଯୋଜନା ଭିତ୍ତିକରେ ନିଯୁକ୍ତ ଶିକ୍ଷକ ଏଥିରୁ ବଞ୍ଚିତ ହୋଇଛନ୍ତି। ଗତ ୭ ତାରିଖରେ ଏକ ଚିଠା ପ୍ରସ୍ତାବ ପ୍ରତ୍ୟାହାର ହୋଇଛି। ଫଳରେ ଏହି ବର୍ଗର ଶିକ୍ଷକଙ୍କ ଭବିଷ୍ୟତ କର୍ମ ନିଯୁକ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୨ ତାରିଖର ଚିଠା ପ୍ରସ୍ତାବକୁ କାର୍ଯ୍ୟକାରୀ କରା ନ ଗଲେ ନିଯୁକ୍ତି ଭିତ୍ତିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ସଭାପତି ଦାସ କହିଛନ୍ତି। ପୂର୍ବାହ୍ନରେ ଶିକ୍ଷକମାନେ ଗରାପୁରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରା ଯାଇଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରିଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ କେନ୍ଦ୍ରାପଡ଼ାର ସଦସ୍ୟ।

# ଶୋଷିତଙ୍କୁ ଶୋଷଣମୁକ୍ତ କରିବାକୁ ଶପଥ

## ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର କାର୍ଯ୍ୟକାରିଣୀ ବୈଠକ

**ରଘୁନାଥପୁର, ୧୨।୮ (ରାଜେନ୍ଦ୍ର ନାରାୟଣ ସିଂହ)**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଜଗତ୍‌ସିଂହପୁର ଜିଲା ଶାଖା ତରଫରୁ ଏକ କାର୍ଯ୍ୟକାରିଣୀ ବୈଠକ ରଘୁନାଥପୁର ବଜାରସ୍ଥିତ ମଦନମୋହନ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାହକ ପଞ୍ଚାୟତ ଜିଲା ସଭାପତି ପ୍ରକାଶ କୁମାର ମହାପାତ୍ରଙ୍କର ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଭୁବନେଶ୍ୱରରୁ ଆଗତ ଅନୁଷ୍ଠାନର ଓଡ଼ିଶା ଶାଖା ପୂର୍ବପ୍ରାନ୍ତର ସମ୍ପାଦକ ଅଭୟ ଅନିର୍ବାଣ, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ବେହୁରା ଓ ସହ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ରାହାମାର ନୃସିଂହ ଚରଣ ବାରିକ ଓ ସ୍ଥାନୀୟ ଅଞ୍ଚଳର ଯୋଗେନ୍ଦ୍ର ଜେନା, ଅକ୍ଷୟ ଦାସ, ଉଲ୍ଲାସ କୁମାର ସ୍ୱାଇଁ, ବାବୁଲି ସାହୁ, ବିଜୟ ମହାପାତ୍ର, ସୋମନାଥ ସାହୁ, ବିରବର ସାହୁ ଓ ଚାରୁଲତା ପଲେଇ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଆଭିମୁଖ୍ୟ ପ୍ରତି ସେମାନଙ୍କର ସମର୍ଥନ ପ୍ରଦର୍ଶନ ପୂର୍ବକ ଆଗାମୀ ଦିନରେ ଏହି ଜିଲାର ଗ୍ରାହକମାନଙ୍କୁ ଶୋଷଣ ମୁକ୍ତ କରିବାର ସଂକଳ୍ପ ନେଇ ସଙ୍ଗଠନର ସଦସ୍ୟତା ଗ୍ରହଣ କରିଥିଲେ। ଜିଲାର ସରକାରୀ ବା ବେସରକାରୀ କ୍ଷେତ୍ରରେ ଯଦି କୌଣସି ବ୍ୟକ୍ତି ଶୋଷିତ ହେଉଥିବାର ଅଭିଯୋଗ ଗ୍ରାହକ ପଞ୍ଚାୟତର ନଜରକୁ ଆସେ ତେବେ ଜିଲା ସଂଗଠନ ତରଫରୁ ତାର ଦୃଢ ପ୍ରତିବାଦ କରାଯିବା ସହ ବିହିତ ପଦକ୍ଷେପ ନେବାପାଇଁ ଉପସ୍ଥିତ ସଦସ୍ୟମାନେ ଶପଥ ନେଇଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ବେହୁରା ଧନ୍ୟବାଦ ଦେଇଥିଲେ।

# ହାଇସ୍କୁଲ ପିଅନଙ୍କ ନାମରେ ଅସଦାଚରଣ ଅଭିଯୋଗ

**କେନ୍ଦ୍ରାପଡ଼ା, ୧୨।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଅଞ୍ଚଳରେ ଥିବା ଏକ ହାଇସ୍କୁଲରେ ଜଣେ ପିଅନ ମଧ୍ୟାହ୍ନ ଭୋଜନର ପାଚିକାଙ୍କ ପ୍ରତି ଅସଦାଚରଣ କରିଛନ୍ତି। ଏ ନେଇ ପାଚିକା ପ୍ରଥମେ ସ୍କୁଲ ପ୍ରଧାନ ଶିକ୍ଷକ ଓ ପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ବ୍ଲକ ଶିକ୍ଷାଧୀକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ କହିଛନ୍ତି, ସମ୍ପୃକ୍ତ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅନୁପାତ ଅନୁଯାୟୀ ପାଚିକା ନାହାନ୍ତି। ପାଚିକା ନିଯୁକ୍ତି ପାଇଁ ଦାବି ହେଉଥିବାରୁ ସହଯୋଗ କରିବାକୁ ସମ୍ପୃକ୍ତ ପିଅନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ପିଅନ ପାଚିକାଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ଆସିବା ପରେ ମଙ୍ଗଳବାର ଅନୁଧ୍ୟାନ କରାଯାଇଛି। ପିଅନଙ୍କୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ଜଣେ ଅସ୍ଥାୟୀ ପାଚିକା ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ହରିଅଙ୍କରେ ଘରେ ଘରେ ତ୍ରିରଙ୍ଗା, ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଡେରାବିଶ, ୧୨।୮ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତରେ ମଙ୍ଗଳବାର ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସରପଞ୍ଚଙ୍କ ପ୍ରତିନିଧି ସୁଖଦାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ନିକଟସ୍ଥ ଗ୍ରାମରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ପରେ ପରିବେଶକୁ ସ୍ୱଚ୍ଛ ରଖିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ଗ୍ରାମ୍ୟ ରାସ୍ତା ପାର୍ଶ୍ୱଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ମୁଖ୍ୟ ପ୍ରଶିକ୍ଷକ ପ୍ରତାପ କୁମାର ରାଉତ ସ୍ୱଚ୍ଛତା ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ। ପ୍ରଥମେ ନିଜ ଘରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ପରବର୍ତ୍ତୀ ଅବସ୍ଥାରେ ଏହାକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବେଶ ସ୍ୱଚ୍ଛ ରଖିବାକୁ ମହିଳାମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ଚନ୍ଦ୍ର ଦାସ, ଏଡିଇଓ ସଞ୍ଜୟ କୁମାର ନାୟକ, ମହିଳା ଫେଡେରେସନ ପଞ୍ଚାୟତ ସଭାନେତ୍ରୀ ନିର୍ମଳା ରାଉତ ଓ ଏମ୍‌ବିକେ ମାନସୀ ନାୟକ ପ୍ରମୁଖ ସାମିଲ ହୋଇ ପରିଚାଳନାରେ ସହଯୋଗ କରିଥିଲେ।



ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତାରେ ସାମିଲ ହୋଇଥିବା ଲୋକମାନେ।

# ରାମନଗରରେ ନକଲି ୨ ଶହ ଟଙ୍କିଆ ନୋଟ୍

- ଗ୍ରାହକଙ୍କୁ ୨ ଶହ ଟଙ୍କିଆ ନୋଟ ଫେରାଇଲେ ବ୍ୟବସାୟୀ
- ଗ୍ରାହକଙ୍କ ଅଭିଯୋଗ ଗ୍ରାହକ ସେବାକେନ୍ଦ୍ରରୁ ୩୦ ହଜାର ଟଙ୍କା ଉଠାଇଥିଲି

**ମହାକାଳପଡ଼ା, ୧୨।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳରେ କିଛିବର୍ଷ ପୂର୍ବେ ନକଲି ଟଙ୍କା ଛପା ଯାଇଥିବା ନଜରକୁ ଆସିଥିଲା। ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଛପା ଯାଉଥିବା ମେଶିନ ଜବତ କରିବା ସହ ଛପାଉ ଥିବା ପରିବାରକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସେ ସମୟରେ ଜିଲାରେ ଏହାର ଚର୍ଚ୍ଚା ଜୋର ଧରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଜଣେ ଗ୍ରାହକ ରାମନଗର ଦୈନିକ ବଜାରରେ ଥିବା ବ୍ୟବସାୟୀ ଅଶୋକ କୁମାର ଜତିଙ୍କ ଗ୍ରୋସରି ଦୋକାନରୁ ସଉଦା କରିବାକୁ ଆସିଥିଲେ। ପଇସା ଅସୁଲ ପାଇଁ ଗ୍ରାହକ ଏକ ୨ ଶହ ଟଙ୍କା ନୋଟ ବଢ଼ାଇ ଦେଇଥିଲେ। ପରେ ବ୍ୟବସାୟୀ ଜତି ଟଙ୍କାକୁ ପରଖିଲା ପରେ ଏହା ଏକ ନକଲି ଟଙ୍କା କହି ଗ୍ରାହକକୁ ଫେରାଇ ଦେଇଥିଲେ। ଏ ସଂକ୍ରାନ୍ତରେ ଗ୍ରାହକଙ୍କୁ ଏହି ଟଙ୍କା କେଉଁଠୁ ଆଣିଲ ବୋଲି ପଚାରିବାରୁ ସେ କହିଥିଲେ ନିକଟରେ ଥିବା ପ୍ରମୁଖ ଜାତୀୟ କରଣ ବ୍ୟାଙ୍କ ଅଧିକୃତ ଗ୍ରାହକ ସେବାକେନ୍ଦ୍ରରୁ ୩୦ ହଜାର ଟଙ୍କା ଉଠାଇ ଥିଲି। ମଙ୍ଗଳବାର ଦୋକାନରୁ ସଉଦା କିଣିବାରୁ ଏହା ନକଲି ଟଙ୍କା ଜାଣିବାକୁ ପାଇଲେ। ତୁରନ୍ତ ୩୦ ହଜାର ଟଙ୍କାରେ କେତେ ଖଣ୍ଡ ଜାଲ ନୋଟ ରହିଛି ତାହା ଦେଖିବା ପରେ ଜଣାପଡ଼ିବ ବୋଲି ଗ୍ରାହକ କହିଛନ୍ତି।

ଏ ସଂକ୍ରାନ୍ତରେ ରାମନଗର ଅଞ୍ଚଳର ବ୍ୟବସାୟୀ ଜତିଙ୍କୁ ପଚାରିବାରେ ଅନେକ ସମୟରେ ବିଶେଷ କରି ୨ ଶହ ଟଙ୍କିଆ ନକଲି ନୋଟ୍ ଆମ ନଜରକୁ ଆସୁଥିବା କହିଛନ୍ତି। ଅବିକଳ ନକଲି ଟଙ୍କା ଯୋଗୁ ଅନେକ ସମୟରେ ବିଭିନ୍ନ ବ୍ୟବସାୟୀ ଓ ସାଧାରଣ ଗ୍ରାହକ ବହୁ ସମସ୍ୟାରେ ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି କହିଛନ୍ତି। ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ ଓ ଲକ୍ଷ୍ମୀଧର ସ୍ୱାଇଁ କହିବା କଥା ଏହି ଅଞ୍ଚଳରେ କିଛିବର୍ଷ ପୂର୍ବେ ପିତାପାଟ ଅଞ୍ଚଳରେ ଏକ ପରିବାର ଖଟ ତଳେ ନକଲି ଶହେ ଟଙ୍କିଆ ନୋଟ୍ ଛପା ଯାଉଥିଲା। ଖବର ପାଇ ପୋଲିସ ନକଲ ଟଙ୍କା ଓ ଛପା ମେଶିନ୍ ଜବତ କରିଥିଲା। ତୁରନ୍ତ ପ୍ରଶାସନ ଏହି ଅଞ୍ଚଳରେ ଜନସଚେତନତା ସୃଷ୍ଟି କରିବା ପାଇଁ ସେମାନେ ଦାବି କରିଛନ୍ତି।



ମଙ୍ଗଳବାର ସନ୍ଧ୍ୟାରେ ବ୍ଲକ ଅଧୀନ ରାମନଗର ବଜାର ବ୍ୟବସାୟୀଙ୍କୁ ଗ୍ରାହକ ଦେଇଥିବା ଏକ ନକଲି ୨ ଶହ ଟଙ୍କିଆ ନୋଟ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କନିଷ୍ଠ ଶିକ୍ଷକଙ୍କ ବିକ୍ଷୋଭ

ଛତ୍ରପୁର,୧୨।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଏକ ବିଶାଳ ଶୋଭାଯାତ୍ରା ଅରବିନ୍ଦ ସ୍କୁଲଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଜିଲାର ସମସ୍ତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏଥିରେ ସାମିଲ ହୋଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାଥମିକ ଶିକ୍ଷାର ମେରୁଦଣ୍ଡ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମାନଙ୍କର ମର୍ଯ୍ୟାଦାର ମୂଲ୍ୟ ଦିଆଯାଉନି ବୋଲି ଅଭିଯୋଗ କରିଥିଲେ। ସରକାରଙ୍କ ଦ୍ୱାରା ଗଠିତ କମିଟିରେ ଥିବା ଅଧିକାରୀମାନେ ଶିକ୍ଷା ବିଭାଗରେ ପରିବର୍ତ୍ତନ ଆଣିବା ନିମନ୍ତେ ଗତ ସପ୍ତାହରେ କେତେକ ସୁପାରିଶ କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଅନୁମୋଦନକ୍ରମେ ଗଣଶିକ୍ଷା ବିଭାଗ ଏକ ବିଜ୍ଞପ୍ତି ଜାରି କରିଥିଲା । କିନ୍ତୁ ଗତ ୭ ତାରିଖରେ ବିଭାଗ ଏହି ଚିଠାକୁ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇନାହିଁ ବୋଲି ଦର୍ଶାଇ ପ୍ରତ୍ୟାହାର କରି ନେଇଛନ୍ତି । ଏହା ଆମ ଭାବାବେଗକୁ କୁଠାରାଘାତ କରିଛି ବୋଲି କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିଯୋଗ କରିଛନ୍ତି । କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ) ମାନଙ୍କୁ ନିୟମିତ କରିବା, ଶିକ୍ଷା ବ୍ୟବସ୍ଥାରେ ଆଉଥରୁ ନିୟମିତ ନିଯୁକ୍ତି କରିବା ଓ ନୂତନ ଶିକ୍ଷକ ନିଯୁକ୍ତି କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ପଦକ୍ଷେପକୁ ସରକାର ମୋହର ଲଗାଇ ଓଡିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ମୋଡ଼ ଦେଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଯଦି ଏହା ନ କରନ୍ତି ତା ହେଲେ ଆନ୍ଦୋଳନ କରିବୁ ବୋଲି କନିଷ୍ଠ ଶିକ୍ଷକ ସଂଘ ଚେତାବନୀ ଦେଇଛି।



## ସଂକ୍ଷେପରେ

### ଛାତ୍ରୀ ନିଖୋଜ, ଅପହରଣ ମାମଲା ରୁଜୁ

ଦିଗପହଣ୍ଡି,୧୨।୮(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ଅଧିନ ଏକ ଡିଗ୍ରୀ କଲେଜରେ ଯୁକ୍ତ ୩ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ୫ ଦିନ ହେଲା ନିଖୋଜ ଥିବା ଜଣାପଡିଛି। ଏନେଇ ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୨୮୫/୨୫ ବିଏନ୍ଏସ୍ ଦଫା ୧୩୭(୨)(ଅପହରଣ) ମକଦମା ରୁଜୁ କରି ଏଏସ୍ଆଇ ମନୋଜ ସିଂ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଛାତ୍ରୀ ଜଣକ ଘରୁ ସାଇକେଲ ନେଇ କଲେଜକୁ ପରୀକ୍ଷା ଦେବା ପାଇଁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ଅନ୍ୟ ଏକ ଗାଁ ଛକରୁ ତାଙ୍କ ସାଇକେଲ ମିଳିଥିଲା। ଘଟଣାର ପରଦିନ ଛାତ୍ରୀଙ୍କ ବାପା ଥାନାରେ ଏତଲା ଦେଇଥିଲେ।

### ଟାଟା ପାୱାର ବିରୋଧରେ ବଢ଼ୁଛି ଅସନ୍ତୋଷ

ଭଞ୍ଜନଗର,୧୨।୮(ବାବୁଲା ପ୍ରଧାନ): ଭଞ୍ଜନଗର ଟାଟା ପାୱାର ପକ୍ଷରୁ ମରାମତି ନାଁରେ ମାସରେ ଏକାଧିକ ଥର ବିଦ୍ୟୁତ୍ କାଟ କରାଯାଉଛି। ଏଭଳି ମଙ୍ଗଳବାର ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୩୩ କେଭି ମରାମତି ପାଇଁ ବିଦ୍ୟୁତ୍ ସେବା ବନ୍ଦ ରହିବ ବୋଲି ଟାଟା ପାୱାର ପକ୍ଷରୁ ସୋମବାର ଘୋଷଣା କରାଯାଇଥିଲା। ହେଲେ ମଙ୍ଗଳବାର ସକାଳ ୬ଟା ୪୫ରୁ ବିଦ୍ୟୁତ୍ କାଟି ଦିଆଯାଇଥିଲା। ଘୋଷଣା ସମୟର ୧ ଘଣ୍ଟା ୧୫ ମିନିଟ୍ ଆଗରୁ ଯାନ୍ତ୍ରିକ ତ୍ରୁଟି ଦର୍ଶାଇ ବିଦ୍ୟୁତ୍ କାଟି ଦେବାଦ୍ୱାରା ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

### ନୋଡାଲ୍ ହାଇସ୍କୁଲରେ ସଂସ୍କୃତ ସପ୍ତାହ ପାଳିତ

ଚିକିଟି,୧୨।୮(ପ୍ରକାଶ ଚନ୍ଦ୍ର ସାହୁ) ଗଞ୍ଜାମ ଜିଲା ଚିକିଟିପେଣ୍ଠ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ସଂସ୍କୃତ ସପ୍ତାହ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜକବି ରାଧାମୋହନ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବାସୁଦେବ ମହାନ୍ତି, ସଂସ୍କୃତ ଶିକ୍ଷକ ତ୍ରିପତି ପ୍ରଧାନ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷା ଓ ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

ବୁଗୁଡା,୧୨।୮(କାଳିଚରଣ ଦାଶ) ବୁଗୁଡ଼ା ଥାନା ମାଣିତରା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମାଧୁରୀ ବେହେରା (୬୫)। ଏ ନେଇ ବୁଗୁଡା ଥାନାରେ କେଶ୍ ନଂ. ୧୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ମାଧୁରୀ ବିଲରେ କାମ କରୁଥିବା ବେଳେ କୌଣସି ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିବା ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ

## ଫ୍ୟାନ୍ ସୁଇଚ ବନ୍ଦରୁ ହତ୍ୟା ଘଟଣା

ହିଞ୍ଜିଳିକାଟୁ, ୧୨।୮(ଦ୍ୱିତୀକୃଷ୍ଣ ପଣ୍ଡା) ହିଞ୍ଜିଳି ଥାନା ରାଳବ ଗାଁଦାଣ୍ଡରେ ସୋମବାର ମେଳା ମଣ୍ଡପରେ ଫ୍ୟାନ ସୁଇଚ ବନ୍ଦ ଘଟଣାରୁ ହତ୍ୟାକାଣ୍ଡର ଅଭିଯୁକ୍ତ ଅରୁଣ ଦଳାଇଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ସାଇଣ୍ଟିଫିକ ଫୋରେନସିକ ଟିମ୍ ଦ୍ୱାରା ପୋଲିସ ପକ୍ଷରୁ ରାଳବ ଗାଁରେ ତଦନ୍ତ କରାଯାଇଛି। ମୃତକ ରାଳବ ଗାଁ ଖଣ୍ଡିଆ ସାହିର ହରି ପଟ୍ଟନାୟକ (୫୨)ଙ୍କ ମୃତଦେହକୁ ସୋମବାର ରାତିରେ ହିଞ୍ଜିଳିକାଟୁ ଡାକ୍ତରଖାନାରେ ରଖାଯାଇଥିଲା। ମଙ୍ଗଳବାର ବ୍ରହ୍ମପୁର ବଡ଼ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ପ୍ରକାଶ ଯେ, ସୋମବାର ଅପରାହ୍ନରେ ହିଞ୍ଜିଳି ଥାନା ରାଳବ ଗାଁ ଖଣ୍ଡିଆ ସାହି ରେ ଥିବା ମେଳା ମଣ୍ଡପରେ ଅନ୍ୟଙ୍କ ସହ ଅଭିଯୁକ୍ତ ଅରୁଣ ଶୋଇଥିଲେ। କେହି ମେଳା ମଣ୍ଡପ ଫ୍ୟାନ ସୁଇଚ ବନ୍ଦ କରିଦେଇଥିଲେ। ଯାହାକୁ ନେଇ ହରିଙ୍କ ସାନ ପୁଅ ସାଗରଙ୍କୁ ଅରୁଣ ଗାଳିଗୁଲଜ କରି ମାଡ଼ ମାରିଥିଲେ। ପରେ ଏହାକୁ ନେଇ ହରି ଓ ଅରୁଣଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅରୁଣ ଉତ୍ତ୍ୟକ୍ତ ହୋଇ ଛୁରିରେ ହରିଙ୍କୁ ଗାଁ ଦାଣ୍ଡରେ ହତ୍ୟା କରିଥିଲେ। ମୃତକଙ୍କ ସମ୍ପର୍କୀୟ ଛବି ମହାନ୍ତି ହିଞ୍ଜିଳି ଥାନାରେ ଅଭିଯୋଗ ଅଭିଯୋଗ କରିଥିଲେ।

# ଆଞ୍ଚଳିକ ବିକାଶ ପରିଷଦର ବିଶ୍ୱ ହସ୍ତୀ ଦିବସ ପାଳିତ

ବ୍ରହ୍ମପୁର,୧୨।୮(ସୁବାସ ଚନ୍ଦ୍ର ପାଢ଼ୀ) କୁକୁଡାଖଣ୍ଡି, ବ୍ଲକର ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କନିକା ପଞ୍ଚାୟତ ପୁରୁଣା ପାଟଣା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି । ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନରକ୍ଷୀ ଏ. ଦେବୀ ପ୍ରସାଦ ରାଓ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ମଲଣା, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଷ୍ଟେପ ଅନ ନେଚରର ସ୍ୱାଧୀନ ସାହୁ, ଉପଦେଷ୍ଟା ନଳିନୀ କାନ୍ତ ପରିଡା, ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ସୁଜାତା ରାୟଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ । ସ୍ୱେଚ୍ଛାସେବୀ ପୁରୁଷୋତ୍ତମ ସ୍ୱାଇଁ ପାୱାରପଏଣ୍ଟ ଉପସ୍ଥାପନା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ହସ୍ତୀ ସୁରକ୍ଷା ଓ ତାଳ ବୃକ୍ଷର ଆବଶ୍ୟକତା ଉପରେ ବୁଝାଇ ଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି । ବ୍ରହ୍ମପୁର ବନଖଣ୍ଡ ଅଧିନସ୍ତ ରାମଗୁଡା,ବାଣିଆମାରି ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ବିଚରଣ ସ୍ଥାନ ଭାବରେ ଗଣା ଯାଉଛି। ସେଠି ବର୍ଷର ଅଧିକାଂଶ ସମୟ ସେମାନଙ୍କର କଟୁଛି କିନ୍ତୁ ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ଏମାନେ ଜନବସତି ମୁହାଁ ହେଉଛନ୍ତି। ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି ବେଳେ ବେଳେ ହାତୀଙ୍କ ଜୀବନ ମଧ୍ୟ ଅକାଳରେ ଯାଉଛି। ତେଣୁ ଏହାର ନିବାରଣ ନିମନ୍ତେ ତାଳ ସହ ଅନ୍ୟାନ୍ୟ ଫଳନ୍ତି ବୃକ୍ଷ ରୋପଣ ନିତାନ୍ତ ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଅନୁଷ୍ଠାନ ତରଫରୁ ହସ୍ତୀ ସୁରକ୍ଷା ନିମନ୍ତେ ନିୟୋଜିତ ୫ ଗଜ ସାଥିଙ୍କୁ ସମ୍ବର୍ଦ୍ଧିତ କରିବା ସହ ରାତ୍ର ପ୍ରହରରେ ସହଯୋଗ ନିମନ୍ତେ ହେଡ ଲାଇଟ ବଣ୍ଟାଯାଇଛି । କାର୍ଯ୍ୟକ୍ରମକୁ ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ପି. ବିନୋଦ ଏବଂ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

## ଛେଳି ମଡ଼କ ଘଟଣା ଖବର ପ୍ରକାଶ ପରେ ଆସିଲେ ବିଶେଷଜ୍ଞ

ଦାରିଙ୍ଗବାଡ଼ି,୧୨।୮ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ ତିଲୋରୀ ପଞ୍ଚାୟତ ଜଗେରମାହାର ବକ୍ସିପଲି ଅଞ୍ଚଳରେ ଛେଳି ମଡ଼କ ଘଟଣା ସମ୍ପର୍କରେ ଖବର ପ୍ରକାଶ ପରେ ପ୍ରାଣୀଧନ ବିଭାଗର ତତ୍ପରତା ଦେଖାଇଛି। ଉକ୍ତ ଅଞ୍ଚଳରେ ଅଜଣା ରୋଗ ତଥା ଛେଳିକୁ ଥଣ୍ଡା କାଶ, ଝାଡା, ପାଟିରେ ଘାଆ ବାହାରି ମୃତ୍ୟୁ ହେଉଥିଲା। ଗାଁରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛେଳିଙ୍କର ମୃତ୍ୟୁ ହୋଇଥିଲା। ତେବେ କୌଣସି ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଘଟଣା ୧ମାସ ଧରି ଘଟୁଥିଲେ ମଧ୍ୟ ଗାଁରେ ବିଶେଷଜ୍ଞ ଦଳ ପହଞ୍ଚି ନ ଥିବା ନେଇ ଧରିତ୍ରୀରେ ୮ ତାରିଖରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ବିଭାଗର ବାଲିଗୁଡା ଉପଖଣ୍ଡ ପ୍ରାଣୀ ଚିକିତ୍ସାକାରୀ ଡା.ଲମ୍ବୋଦର ମହାପାତ୍ରଙ୍କ ନେତୃତ୍ୱରେ ଏକ ବିଷେଷଜ୍ଞ ଦଳ ସେହିଦିନ ଜଗେରମାହାରେ ପହଞ୍ଚିଥିଲେ। ସତ୍ୟାସତ୍ୟ ପରଖିଥିଲେ ପରେ ତାର ୨ ଦିନ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନେତୃତ୍ୱରେ ଫୁଲବାଣୀ ସ୍ଥିତ ପଶୁ ରୋଗ ଗବେଷଣା କେନ୍ଦ୍ରର ୨ ଜଣ ବିଶେଷଜ୍ଞ ତଥା ଡ଼.ରଘୁନାଥ ସିଂ ଏବଂ ଡ଼ଃ ଜ୍ୟୋତିରଞ୍ଜନ ବିଶ୍ୱାଳ ଉକ୍ତ ଗ୍ରାମକୁ ଗସ୍ତ କରି ଛେଳିର ଶରୀରରୁ ରକ୍ତ ସହ ବିଭିନ୍ନ ନମୁନା ସଂଗ୍ରହ କରି ନେଇଛନ୍ତି ।

## ଆନ୍ତର୍ଜାତିକ ଯୁବ ଦିବସ ପାଳିତ

ଧରାକୋଟ,୧୨।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ସ୍ଥାନୀୟ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରେଡକ୍ରସ ଓ ରେଡ ରିବନ କ୍ଲବ୍ ତରଫରୁ ଆନ୍ତର୍ଜାତିକ ଯୁବ ଦିବସ ପାଳନ କରାଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ସମାଜ ଗଠନରେ ଯୁବ ସମାଜର ଭୂମିକା ବିଷୟରେ ସଚେତନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଯୁବ ରେଡକ୍ରସ ପରାମର୍ଶ ଦାତା ଅଧ୍ୟାପକ ବଳରାମ ସ୍ୱାଇଁ ସଂଯୋଜନା କରିଥିଲେ। ଅଧ୍ୟାପିକା କ୍ଷୀରାବ୍ଧି ସାହୁ, ରାଜଶ୍ରୀ ବେହେରା, ସୁଭସ୍ମିତା ନାୟକ, ଆଶାଞ୍ଜଳୀ ନାୟକ କ୍ରୀଡା ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଦାସ ସମେତ ଯୁବ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।

# ଟିକାବାଲି କଲେଜରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା



ଫୁଲବାଣୀ,୧୨।୮(ରାକେଶ କୁମାର ରାଉତ) କନ୍ଧମାଳ ଜିଲା ଟିକାବାଲି କଲେଜରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ ହର୍‌ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ୧୦୦ମିଟର ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଦେଶମାତୃକାର ଜୟଗାନ, ଦେଶ ପାଇଁ ବଳିଦାନ ଦେଇଥିବା ଓ ଦେଶକୁ ରକ୍ଷା କରୁଥିବା ଯବାନଙ୍କୁ ସମ୍ମାନ ଜଣାଇ ଛାତ୍ରୀଛାତ୍ର ସ୍ଲୋଗାନ ଦେଇଥିଲେ। ଜନସାଧାରଣଙ୍କ ଭିତରେ ଦେଶପ୍ରିତି ସୃଷ୍ଟି କରିବା ନିମନ୍ତେ ସଚେତନତାର ବାର୍ତ୍ତା ମଧ୍ୟ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଜାତୀୟ ସେବା ଯୋଜନାର ଜ୍ଞାନ ରଞ୍ଜନ ଭୋଇ, ଅଧ୍ୟାପିକା ଚମ୍ପା ସୋରେନ, ଶିବାନୀ କହଁର, ସ୍ମୃତିରେଖା ନାୟକ, ସ୍ମିତା ସାହୁ ଅଧ୍ୟାପକ ନରେନ୍ଦ୍ର ଡିଗାଲ, ଖେଳ ଶିକ୍ଷକ ଧର୍ମଚାନ୍ଦ ନାୟକ, ବିଶ୍ୱଜିତ ସିଂ ଦଳବେହେରା,ପୂର୍ବତନ ଛାତ୍ର ରୁଦ୍ର ନାରାୟଣ ସେଠୀ ପରିଚାଳନା କରିଥିଲେ।

## ନାବାଳିକା ଗର୍ଭବତୀ, ଯୁବକ ଗିରଫ

କ.ନୂଆଗାଁ, ୧୨।୮(କାଳି ପ୍ରସାଦ ତ୍ରିପାଠୀ) କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅଞ୍ଚଳର ଏକ ୧୫ ବର୍ଷର ନାବାଳିକାକୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସହ ୧ ମାସର ଗର୍ଭବତୀ ପରେ ପ୍ରତାରଣା କରି ଥିବାରୁ ମଙ୍ଗଳବାର ଯୁବକଙ୍କୁ ଜେଲ ପଠାଯାଇଛି। ସୂଚନା ଅନୁସାରେ. ଜି.ଉଦୟଗିରି ଥାନା ଅନ୍ତର୍ଗତ କିରାମାହା ଗ୍ରାମର ପ୍ରରାଗ ଓରଫ ପିଙ୍କୁ (୧୯) ଉକ୍ତ ନାବାଳିକା ଝିଅକୁ ସେଠାରେ ଦେଖି ପ୍ରେମ ଜାଲରେ ଫସାଇ ବିବାହ କରିବି କହି ଶାରୀରିକ ସମ୍ପର୍କ ରଖିଥିଲା। କିନ୍ତୁ ପରେ ମନା କରିଥିବାରୁ ଝିଅ ଘର ପରିବାର ପକ୍ଷରୁ କ.ନୂଆଗାଁ ପୋଲିସକୁ ଗୁହାରି କରିଥିଲେ। ଥାନା ଓଆଇସି ଦମୟନ୍ତୀ ବେହେରା ତଦନ୍ତ ଭାର ଗ୍ରହଣ କରି ଏ ସକ୍ରାନ୍ତରେ ଧାରା ୬୪ (୨) (ଏମ)/୬୫(୧) ବିଏନ୍ଏସ୍। ଆରଡବ୍ଲୁଏସ ୬ ପୋକ୍ସ ଆକଟରେ ଥାନା କେଶ୍ ନଂ ୧୨୮/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପିଙ୍କୁଙ୍କୁ କିରାମାହା ଗ୍ରାମରୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ପ୍ରକାଶ କରିଛନ୍ତି।

## ଜିଲା କିଷାନ କଂଗ୍ରେସର ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୧୨।୮(ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡି ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲା କିଷାନ କଂଗ୍ରେସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁଙ୍କ ସଭାପତିତ୍ୱ ଓ ମୋହନା ବିଧାୟକ ଦାଶରଥୀ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ କୃଷି ଓ କୃଷକର ଦୟନୀୟ ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା । ପୂର୍ବର ବିଜେଡି ସରକାର ଓ ବର୍ତ୍ତମାନର ଭାଜପା ସରକାର ସମୟରେ କୃଷି ତଳିତଳାନ୍ତ ହେବା ସହ କୃଷକ ଦୟନୀୟ ସ୍ଥିତିରେ ରହିଥିବା ସାହୁ କହିଥିଲେ। ସରକାର ସମସ୍ତ ବଳକା ଧାନ ଟୋକେନ ଛଳନା ନ ଦେଖାଇ କିଣିବା, ଫସଲବୀମା ଠିକ ଭାବେ ଦେବା ଓ ଚାଷୀ ପରିବାରର ସମସ୍ତଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା, ୫୫ ବର୍ଷ ବୟସ ପରେ ସମସ୍ତ ଚାଷୀ ଓ ଭାଗ ଚାଷୀଙ୍କୁ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା, ବିଧାନ ସଭାରେ ସ୍ୱତନ୍ତ୍ର କୃଷକ ଭତ୍ତା ଆଇନ ଆଣିବାକୁ ଦାବି ହୋଇଥିଲା। ଦାବି ଗୁଡିକୁ ସରକାର ନମାନିଲେ ଅକ୍ଟୋବର ଓ ନଭେମ୍ବର ମାସରୁ କିଷାନ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା, ଅଭିମନ୍ୟୁ ପଣ୍ଡା, ସଞ୍ଜୟ ଅଧିକାରୀ, ସୂର୍ଯ୍ୟ ନାରାୟଣ ପାତ୍ର, ଈଶ୍ୱରଚନ୍ଦ୍ର ମାଝୀ, ଜସ୍ମିନ ଶେଖ ପ୍ରମୁଖ ନେତାଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ ।

## ହୀରା ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା, ୪ ଗିରଫ

ବ୍ରହ୍ମପୁର,୧୨।୮(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ଶାସ୍ତ୍ରୀନଗରର ହୀରା ବ୍ୟବସାୟୀ ଏସ ବାଲକ୍ରିଷ୍ଣା ଆଚାରୀ ଓରଫ ରୁନା ଏବଂ ତାଙ୍କ ପୁତୁରା ସୁନୀଲ କୁମାର ସାହୁଙ୍କୁ ଗୁଳିମାଡ କରି ହୀରା ଲୁଟ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ନିକଟ ଭେଟନଇ ପନ୍ଦରାସାହିର ଅରୁଣ କୁମାର ଉପାଧ୍ୟାୟ ଓରଫ ମଳୟ(୫୦), ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ବେଗୁନିଆ ମସଜିଦ ନିକଟ ଗୋଲଡେନ ସୋସାଇଟିର ସରୋଜ କୁମାର ମହାନ୍ତି (୫୯), ଜଦୁପୁର ମାଦ୍ରାସ ମସଜିଦ ସେଖ ରାଜୁ(୨୩) ଓ ସାହିଲ ଖାନ(୨୧) । ଅଭିଯୁକ୍ତ ମଳୟ ଗୁଳିମାଡ ଓ ଲୁଟ ଘଟଣାର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ ଅଭିଯୁକ୍ତମାନେ ଦୁବାଇର ହୀରା ବ୍ୟବସାୟୀ ବୋଲି ପରିଚୟ ଦେଇ ସେଭଳି ପୋଷାକ ପିନ୍ଧି ରୁନାଙ୍କ ଘରକୁ ଆସିବା ପରେ ଗୁଳିମାଡ କରି ଲୁଟ କରି ଫେରାର ହୋଇଯାଇଥିଲେ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବକେ ଏମ୍. ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କ ନିକଟରୁ ଏକ କାର, ୩ଟି ମୋବାଇଲ ଓ ୨ଟି ଗୁଳି ଓ କ୍ୟାଟ୍ରିଜ ଜବତ ହୋଇଛି। ସୂଚନାଯୋଗ୍ୟ, ରୁନା ମୂଲ୍ୟବାନ ପଥର ଓ ହିରା ବ୍ୟବସାୟୀ ଅଟନ୍ତି । ମୁଖ୍ୟ ଅଭିଯୁକ୍ତ ତଥା ମୂଲ୍ୟବାନ ପଥର ବ୍ୟବସାୟରେ ଦଲାଲ ଭାବେ କାର୍ଯ୍ୟ କରୁଥିବା ମଳୟ ସହ ପୂର୍ବରୁ ରୁନାଙ୍କ ବ୍ୟବସାୟିକ ସମ୍ପର୍କ ରହିଥିଲାବିଶାଖାପାଟଣାର ପ୍ରେମ କୁମାର ନାମକ ଜଣେ ରତ୍ନପଥର ବ୍ୟବସାୟୀଙ୍କ ନିକଟରେ ୯.୯୬ କ୍ୟାରେଟର ଏକ ମୂଲ୍ୟବାନ ପଥର ରହିଥିବା ରୁନା ଜାଣିବାକୁ ପାଇଥିଲେ। ଅଭିଯୁକ୍ତ ମଳୟଙ୍କ ଜରିଆରେ ସେ ଉକ୍ତ ମୂଲ୍ୟବାନ ପଥର କିଣିବାକୁ ଚାହିଁଥିଲେ । ଏହାପରେ ମଳୟ ଓ ଅନ୍ୟ ୩ ଅଭିଯୁକ୍ତ ମିଶି ପ୍ରେମ କୁମାରଙ୍କ ଠାରୁ ଉକ୍ତ ମୂଲ୍ୟବାନ ପଥର ଲୁଟ ପାଇଁ ଯୋଜନା କରିଥିଲେ । ରୁନା ଏବଂ ମଳୟଙ୍କ କହିବା ପ୍ରକାରେ ବିଶାଖାପାଟଣାରୁ ପ୍ରେମ କୁମାର ଭୁବନେଶ୍ୱରକୁ ଆସିଥିଲେ। ହେଲେ ସେଠାରେ ଡିଲ ହୋଇ ନ ପାରିବାରୁ ରୁନା ଓ ପ୍ରେମ ବ୍ରହ୍ମପୁର ଚାଲି ଆସିଥିଲେ । ଏହାପରେ ଘଟଣାଦିନ ଅଭିଯୁକ୍ତମାନେ ବ୍ରହ୍ମପୁରକୁ ଆସି ଦୁବାଇର ଜଣେ ବ୍ୟବସାୟୀ ଆସିଥିବା କହି ରୁନାଙ୍କ ଘରେ ପହଞ୍ଚି ଉକ୍ତ ଅଳଙ୍କାର ଲୁଟି ନେଇଥିଲେ । ରୁନା ଏହାର ପ୍ରତିବାଦ କରିବାରୁ ସେମାନେ ଗୁଳି ମାଡ କରିଥିଲେ।

## ତୋଫାନ ସ୍ୱାଇଁ ହତ୍ୟା ମାମଲା
## ବୁଲୁଛନ୍ତି ମୁଖ୍ୟ ଅଭିଯୁକ୍ତ, ଷଡ଼ଯନ୍ତ୍ରକାରୀ

ଛତ୍ରପୁର,୧୨।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ଥାନା ଅନ୍ତର୍ଗତ ଗୋଦା ଗ୍ରାମର ତୋଫାନ ସ୍ୱାଇଁଙ୍କୁ ଗତ ୧ ତାରିଖରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ, ମୁଖ୍ୟ ଷଡ଼ଯନ୍ତ୍ରକାରୀ ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ଛତ୍ରପୁର ଥାନା ପୋଲିସ ଗିରଫ କରିପାରିନି। ଏହାର ପ୍ରତିବାଦରେ ଗ୍ରାମବାସୀ ଓ ପରିବାରବର୍ଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ତୋଫାନଙ୍କ ପରିବାର ମଙ୍ଗଳବାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ କୁମାର ପୃଷ୍ଟିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ତୋଫାନ ହତ୍ୟା ନେଇ ଛତ୍ରପୁର ଥାନାରେ ଏନଂ.୪୦୫/୨୫ରେ ମାମଲା ରୁଜୁ ହୋଇ ୨୦ ଜଣଙ୍କ ନାମରେ ମାମଲା ଦାଏର ହୋଇଛି। ସେମାନଙ୍କ ମଧ୍ୟରୁ ପୋଲିସ ମୋଟ ୮ ଜଣଙ୍କୁ ଗିରଫ କରିଥିବା ବେଳେ ଆଉ ୧୨ ଜଣଙ୍କୁ ଏଯାବତ ଗିରଫ ନ କରିପାରିନାହିଁ । ସେମାନେ ଅବାଧରେ ବାହାରେ ବୁଲୁଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଧାରଣା ଦେବୁ ବୋଲି କହିଛନ୍ତି।

# ମୋବାଇଲ ଟାୱାର ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ପାରଳାଖେମୁଣ୍ଡି,୧୨।୮(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ଲୋବା ଗ୍ରାମରେ ନୂତନ ମୋବାଇଲ ଟାୱାର୍ ସ୍ଥାପନ ପାଇଁ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଜଣାଇଛନ୍ତି ଯେ, ନିର୍ଭରଯୋଗ୍ୟ ଏବଂ ହାଇସ୍ପିଡ ଇଣ୍ଟରନେଟ ସଂଯୋଗ ପ୍ରଦାନ ପାଇଁ ବିଏସଏନଏଲ ପକ୍ଷରୁ ୪ଜି ବ୍ୟବସ୍ଥା ହୋଇଛି । ହେଲେ ଏହି ସୁବିଧା ଥାଇ ମଧ୍ୟ ସୁଫଳ ମିଳୁନି। ସର୍ବଦା ବିଏସଏନଏଲ ସେବା ବନ୍ଦ ରହୁଛି। ଏଥିଯୋଗୁ ମୋବାଇଲ ଯୋଗେ ଯୋଗାଯୋଗ କିମ୍ବା ଇଣ୍ଟରନେଟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ। ତେଣୁ ଅନ୍ୟ ଘରୋଇ କମ୍ପାନୀର ମୋବାଇଲ ଟାୱାର୍ ସ୍ଥାପନ କଲେ ସଂଯୋଗକୁ ସୁଗମ କରିବାସହ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଇ-ଗଭର୍ଣ୍ଣାନ୍ସ ସମେତ ବିଭିନ୍ନ ଅନଲାଇନ ସେବା ପାଇ ଉପକୃତ ହେବୁ ବୋଲି ଗ୍ରାମବାସୀ ଜଣାଇଛନ୍ତି।

# ଭରତପତି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

ପାତ୍ରପୁର,୧୨।୮(ଉମା ଚରଣ ନେପାକ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଭରତପତି ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ବିକାଶ ପାଇଁସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ବ୍ରହ୍ମପୁରର ଉପନିର୍ଦ୍ଦେଶକ ଡ଼. କୁଳମଣି ଓଝା, ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ପ୍ରଣୟ କୁମାର, ପୁରାତନ ଛାତ୍ର ସଂସଦ ସଭାପତି ରାଧାନାଥ ପଣ୍ଡା, ପ୍ରତିଷ୍ଠାତା ପରିବାର ସଦସ୍ୟ ଭାସ୍କର ଚରଣ ପତି, ପ୍ରତିଷ୍ଠାତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରତିଷ୍ଠାତା ସଦସ୍ୟ ବି. ହରିକୃଷ୍ଣ, ଅଧ୍ୟାପକ ଡ଼. ଜୟପ୍ରକାଶ ପାଢ଼ୀ, ସ୍ଥାନୀୟ ସରପଞ୍ଚ ଏନ. ତିରୁପତି, ସମିତିସଭ୍ୟ ପ୍ରଶାନ୍ତ ସାହୁ ମଞ୍ଚାସୀନ ଥିଲେ। ଅଧ୍ୟାପକ ଡ଼. ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ ଓ ଆଲୁମ୍ନିସଦସ୍ୟଙ୍କୁ ଏହିଅବସରରେ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ମହାବିଦ୍ୟାଳୟର ବହୁବିଧ ସମସ୍ୟା ନେଇ ବିଧାୟକଙ୍କୁ ଆଲୁମ୍ନି ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପିଜି ଖୋଲିବା ପାଇଁ ଛାତ୍ରମାନେ ଦାବିପତ୍ର ଦେଇଥିଲେ ।

## ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମନ୍ତ୍ରୀ

ଶେରଗଡ଼,୧୨।୮(ସୂର୍ଯ୍ୟନାରାୟଣ ଦାଶ) ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଗୋପୀନାଥ ସ୍ୱାଇଁ କିଛି ଦିନ ହେଲା ଏମ୍‌ସରେ ଚିକିତ୍ସିତ ହେବା ପରେ ଘରକୁ ଫେରିଛନ୍ତି। ତାଙ୍କର ଘରେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେବା ଚାଲିଛି। ଏହି ଖବର ପ୍ରଚାରିତ ହେବା ପରେ ଗୋବିନ୍ଦପୁର ଗ୍ରାମକୁ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆସି ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ନାତିଙ୍କୁ ପଚାରି ବୁଝିଥିଲେ। ଏବଂ ପ୍ରତିଦିନ ତାଙ୍କ ର ସାସ୍ଥ୍ୟବସ୍ଥା ବୁଝିବା ଆଶୁ ଚିକିତ୍ସା କରିବାକୁ ଉପସ୍ଥିତ ଶେରଗଡ଼ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡିଲେ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ସିଡିଏମଓଙ୍କୁ କହିଥିଲେ। ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି।

# ଲୋକଙ୍କ ଜୀବନଜୀବିକା ପାଇଁ ପର୍ଯ୍ୟଟନକ୍ଷେତ୍ରର ବିକାଶ ଜରୁରୀ

ଦାରିଙ୍ଗବାଡ଼ି,୧୨।୮ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳ ଲୋକଙ୍କ ଜୀବନଜୀବିକାରେ ସ୍ୱାବଲମ୍ବୀ କରିବା ପାଇଁ ପର୍ଯ୍ୟଟନକ୍ଷେତ୍ରର ବିକାଶ ଜରୁରୀ। ଦାରିଙ୍ଗବାଡ଼ିରେ ପର୍ଯ୍ୟଟନକ୍ଷେତ୍ର ଭରପୁର ରହିଛି। ଏହାର ବିକାଶ ଓ ଗାଁରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବାକୁ ବଡ଼ ଯୋଜନା କରାଯାଉଥିବା କନ୍ଧମାଳର ନୂତନ ଜିଲାପାଳ ଭାବେ ବେଦଭୂଷଣ ଦାୟିତ୍ୱ ନେବା ପରେ ଦାରିଙ୍ଗବାଡ଼ି ଗସ୍ତ କରି ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ପର୍ଯ୍ୟଟନ କ୍ଷେତ୍ରକୁ ଉନ୍ନତି କରିବାକୁ ହେଲେ ପ୍ରଥମେ ପର୍ଯ୍ୟଟକଙ୍କୁ କିଭଳି ଦାରିଙ୍ଗବାଡିକୁ ଆଣିବା ଏବଂ ସେମାନଙ୍କ ରାତ୍ରିଯାପନ ବ୍ୟବସ୍ଥା କରାଇବା। ଜିଲାପ୍ରଶାସନ ଏବଂ ରାଜ୍ୟସରକାରଙ୍କ ଆଇଟିଡିଏ ପକ୍ଷରୁ ଗାଁଗାଁରେ ପର୍ଯ୍ୟଟନର ବିକାଶ କରିବା। ସେଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ବ୍ୟବସ୍ଥା ସହ ପାରମ୍ପରିକ ଖାଦ୍ୟ, ଚଳଣି ଅନୁଭୂତିକୁ କିଭଳି ପର୍ଯ୍ୟଟକ ଉପଭୋଗ କରିପାରିବେ ସେନେଇ ଜିଲାପ୍ରଶାସନ ଗୁରୁତ୍ୱ ଦେଉଥିବା କହିଛନ୍ତି। ଏଥିପାଇଁ ବାଲିଗୁଡା ଏବଂ ଫୁଲବାଣୀ ଆଇଟିଡିଏ ପକ୍ଷରୁ ଗାଁଗାଁରେ ମିଳିତ ସର୍ଭେ କାର୍ଯ୍ୟ ମଧ୍ୟ କରାଯାଇଥିବା ସେ କହିଛନ୍ତି। ସେହିପରି ଷ୍ଟ୍ରବେରୀ ଚାଷ, ହେଉ କି ଛୋଟଛୋଟ ଝରଣା ଆଦିର ବିକାଶ କରାଗଲେ ପର୍ଯ୍ୟଟକ ସେଠାରେ ସମୟ ବିତାଇ ପାରିବେ। ଫଳରେ ଆମେ ସେମାନଙ୍କୁ ଗୋଟିଏ ରାତି ବଦଳରେ ୨ରୁ ୩ ଦିନ ପର୍ଯ୍ୟନ୍ତ ପର୍ଯ୍ୟଟନକ୍ଷେତ୍ର ବୁଲାଇପାରିବା। ଲୋକଙ୍କ ଜୀବନଜୀବିକା ସ୍ୱାବଲମ୍ବୀ ହୋଇପାରିବ ବୋଲି କହିବା ସହ ଗାଁକୁ ରାସ୍ତା ଓ ମୋବାଇଲ ନେଟୱାର୍କ ବ୍ୟବସ୍ଥାକୁ ଅଧିକା ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।



# ଏନ୍‌ପିଜିର ନିରୀକ୍ଷଣ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ

## ଯାଜପୁରରୋଡ୍-ଧାମରା ପ୍ରସ୍ତାବିତ ରେଳପଥ ପ୍ରକଳ୍ପ

- ରାଜ୍ୟ ସରକାରଙ୍କ ସହିତ ପୁନଃ ଆଲୋଚନା ଆବଶ୍ୟକ: ଏନ୍‌ପିଜି
- ୧୦୦ କି.ମି. ଦୂରତାରେ ୩୦ ସେତୁ, ୮୮ କ୍ଷୁଦ୍ର ସେତୁ, ୩୭ ଆରୟୁବି, ୧୩ ଆରଓବି ନିର୍ମାଣ ହେବ



ଯାଜପୁର,୧୨।୮(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ରୋଡ଼ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ବିରଜାକ୍ଷେତ୍ର ଓ ଆରଡି ୧୦୧ କି.ମି. ବିଶିଷ୍ଟ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ଉପରେ ନେଟୱାର୍କ ପ୍ଲାନିଂ ଗ୍ରୁପ(ଏନ୍‌ପିଜି)ର ନିରୀକ୍ଷଣ ରିପୋର୍ଟ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହି ପ୍ରକଳ୍ପକୁ ପରୋକ୍ଷ ଭାବେ ମନା କରି ଦେଇଥିବା ଏନ୍‌ପିଜି ରିପୋର୍ଟରୁ ଅନୁଭବ ହେଉଛି। ଏହାକୁ ନେଇ ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତଟ ରେଳପଥ ପକ୍ଷରୁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ପ୍ରସ୍ତୁତ ହୋଇ ମଞ୍ଜୁରୀ ପାଇଁ ରେଳୱେ ବୋର୍ଡ ନିକଟରେ ଦାଖଲ ହୋଇ ସାରିଥିବାବେଳେ ଏନ୍‌ପିଜି ରିପୋର୍ଟ ସଂପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ନିରାଶ ଖେଳିଯାଇଛି। ଡିପିଆର ଅନୁସାରେ ଉକ୍ତ ନୂତନ ରେଳପଥ ନିର୍ମାଣ ପାଇଁ ୨୯୯୬ କୋଟି ୮୧ ଲକ୍ଷ ୪୫ ହଜାର ୧୨୩ ଟଙ୍କା ଅଟକଳ କରାଯାଇଛି। ଏଥିପାଇଁ ୧୬୯୩.୪୬ ଏକର ଜମିର ଆବଶ୍ୟକତା ପଡିବ। ଏଥିରେ ବେସରକାରୀ ଜମି ୧୩୧୬.୪୫୧ ଏକର, ସରକାରୀ ଜମି ୨୯୪.୩୭୯ ଏକର ଓ ଜଙ୍ଗଲ ଜମି ୧୨.୭୭୫ ଏକର ଅଧିଗ୍ରହଣ କରିବାକୁ ଯୋଜନା ହୋଇଛି।

ଏନ୍‌ପିଜି ରିପୋର୍ଟ ଅନୁସାରେ ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଯାଜପୁର-ଧାମରା ଭାୟା ବିରଜାକ୍ଷେତ୍ର ଓ ଆରଡି ଗ୍ରୀନଫିଲ୍ଡ ପ୍ରକଳ୍ପର ଲକ୍ଷ୍ୟ ହେଉଛି ଓଡ଼ିଶାର ଯାଜପୁର ଏବଂ ଭଦ୍ରକ ଜିଲାରେ ମାଲ୍ ପରିବହନ ଏବଂ ଯାତ୍ରୀ ସଂଯୋଗୀକରଣକୁ ବୃଦ୍ଧି କରିବା। ଏହି ରେଳ ଲାଇନ ଶିଳ୍ପ କ୍ଲଷ୍ଟର, କୋଇଲା କ୍ଷେତ୍ର ଏବଂ ଧାମରା ବନ୍ଦର ମଧ୍ୟରେ ସିଧାସଳଖ ସଂଯୋଗ ପ୍ରଦାନ କରିବ। ଏହି ପ୍ରକଳ୍ପର ଆର୍ଥିକ ସମ୍ଭାବନା ଧାମରା ବନ୍ଦରର ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ସହିତ ଜଡିତ। ବର୍ତ୍ତମାନ ଧାମରା ଠାରୁ ଭଦ୍ରକ ସିଙ୍ଗଲ ରେଳ ଲାଇନ ରହିଛି। ଏହି ଲାଇନର ଦୋହରୀକରଣ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପରିସ୍ଥିତିରେ, ବନ୍ଦରର ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଉପରେ ଆଧାର କରି ଏକ ନୂତନ ରେଳଲାଇନ ଯୋଜନା କରିବାର ଆବଶ୍ୟକତା ରହିଛି, ଯାହାକୁ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ସହିତ ରେଳ ସଂଯୋଗୀକରଣ ପ୍ରକଳ୍ପ ଭାବେ ଚିହ୍ନଟ କରାଯାଇ ନାହିଁ। ତେଣୁ ପ୍ରସ୍ତାବିତ ଯାଜପୁରରୋଡ଼-ଧାମରା ରେଳପଥର ପୁନଃ ମୂଲ୍ୟାୟନ ଆବଶ୍ୟକ ହୋଇପାରେ। ଆହୁରି ସମୀକ୍ଷା କରାଯାଇଛି ଯେ, ପ୍ରସ୍ତାବିତ ନୂତନ ରେଳପଥରେ ତୈଳ ଏବଂ ଗ୍ୟାସ ପାଇପ୍ ଲାଇନ, ରାଜ୍ୟ ସଡ଼କ, ଜାତୀୟ ରାଜପଥ ଏବଂ ଦୂରସଞ୍ଚାର ଲାଇନ, ଜଳପଥ ସହିତ ଅନେକ ବାଧା ରହିଛି। ଫଳରେ ମାତ୍ର ୧୦୦ କିଲୋମିଟର ଦୂରତାରେ ୩୦ଟି ପ୍ରମୁଖ ସେତୁ, ୮୮ଟି କ୍ଷୁଦ୍ର ସେତୁ, ୩୭ ଟି ରେଳ ଅଣ୍ଡର ବ୍ରିଜ(ଆରୟୁବି), ୧୩ ଟି ରେଳ ଓଭର ବ୍ରିଜ(ଆରଓବି) ଏବଂ ୧ଟି ଆରଓଆର ନିର୍ମାଣ କରିବାକୁ ପଡିବ। ଏଥିପାଇଁ ୨,୯୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାବାଦ ଉକ୍ତ ପ୍ରସ୍ତାବିତ ରେଳପଥ କୃଷି ଏବଂ ଗ୍ରାମାଞ୍ଚଳ ଦେଇ ଅତିକ୍ରମ କରିବା ସହ ବହୁ ନଦୀ ସହିତ ଏହି ଅଞ୍ଚଳର ପରିବେଶଗତ ସମ୍ବେଦନଶୀଳତା ଜଡିତ ରହିଛି। ଗ୍ରାମ, ପ୍ରାଥମିକ ବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ସାମାଜିକ ବସତି ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏନ୍‌ପିଜିର ନୋଡାଲ ଅଧିକାରୀ ଉଲ୍ଲେଖ କରିଛନ୍ତି, କୋଇଲା ଏବଂ ବ୍ଲକ୍ କାର୍ଗୋ ଖାଲି କରିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ପାରାଦୀପ ବନ୍ଦରକୁ ବ୍ୟାପକ ଭାବେ ସମ୍ପ୍ରସାରଣ କରାଯାଉଛି, ଯାହା କୋଇଲା ଏବଂ ଲୁହା ଖଣିରୁ ବ୍ଲକ୍ କାର୍ଗୋ ପରିବହନର ଆବଶ୍ୟକତାକୁ ପୂରଣ କରିବ। ସେ ରିପୋର୍ଟରେ ଏହା ମଧ୍ୟ କହିଛନ୍ତି ଯେ, ଧାମରା ବନ୍ଦର ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିବା ରାଜ୍ୟ ସରକାରଙ୍କ ସହିତ ଏ ବିଷୟରେ ଆଲୋଚନା କରିବାକୁ ପଡିବ ଏବଂ ଧାମରା ବନ୍ଦରର ସମ୍ପ୍ରସାରଣ ଯୋଜନା ବିଷୟରେ ସୁନିଶ୍ଚିତ ହେବାକୁ ପଡ଼ିବ। ଏହାପରେ ତଥ୍ୟ-ଆଧାରିତ ମୂଲ୍ୟାଙ୍କନ ମାଧ୍ୟମରେ ସିଦ୍ଧାନ୍ତ ନେଇପାରିବେ ଯେ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ଧାମରା ବନ୍ଦର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ରେଳ ସଂଯୋଗ ପ୍ରକଳ୍ପ ଭାବରେ ଗ୍ରହଣ କରାଯିବା ଉଚିତ କି ନାହିଁ । ପାରାଦୀପ ବନ୍ଦରର ସମ୍ପ୍ରସାରଣ ଯୋଜନା ସଂକ୍ରାନ୍ତରେ ମୂଲ୍ୟାଙ୍କନ କରାଯିବା ଆବଶ୍ୟକ ରହିଛି, ଯାହା ଦ୍ୱାରା ସ୍ଥିର କରାଯାଇପାରିବ ଯେ, ଧାମରା ପର୍ଯ୍ୟନ୍ତ ଏକ ନୂତନ ରେଳ ଲାଇନ ନିର୍ମାଣ କରିବା ପରିବର୍ତ୍ତେ ପାରାଦୀପ ଦେଇ ସ୍ଥାନାନ୍ତର କରାଯାଇପାରିବ କି ନାହିଁ। ଏହାସହ ଯାତ୍ରୀଙ୍କ ଗତିବିଧିର ଆବଶ୍ୟକତା ଆକଳନ ସମେତ ସାମୁଦ୍ରିକ ବୋର୍ଡ, ଶିଳ୍ପ ବିଭାଗ, ସ୍ଥାନୀୟ ସରକାରୀ ସଂସ୍ଥା ଇତ୍ୟାଦି ସହିତ ବିସ୍ତୃତ ଆଲୋଚନା କରାଯିବା ଉଚିତ। ଉପରୋକ୍ତ ପରାମର୍ଶ ଏବଂ ସ୍ପଷ୍ଟୀକରଣ ମିଳିବା ପରେ ଏନ୍‌ପିଜି ଦ୍ୱାରା ପ୍ରକଳ୍ପକୁ ପୁନଃବିଚାର କରାଯାଇପାରେ ବୋଲି ନିରୀକ୍ଷଣ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷେ ୨୩।୭।୨୦୨୫ରେ ସୂଚନା ଅଧିକାର ଆଇନର ଏକ ପ୍ରଶ୍ନର ଉତ୍ତରରେ ପୂର୍ବତଟ ରେଳପଥର ଚିଫ୍ ଟ୍ରାନ୍ସପୋର୍ଟେଶନ ପ୍ଲାନିଂ ମ୍ୟାନେଜର ଜେ.ପି. ମିଶ୍ର ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ସହିତ ଯାଜପୁର ରୋଡ୍-ଧାମରା ପ୍ରକଳ୍ପ ସମ୍ପର୍କରେ ଆଲୋଚନା ଚାଲିଛି, କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

# ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

କାଏମା,୧୨।୮(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ୩୮ଜଣ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି ତାଙ୍କ ବିରୋଧରେ ଯାଜପୁର ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଜନପ୍ରତିନିଧିଙ୍କ ଆସନ୍ତା ୧୪ ତାରିଖରେ ଦସ୍ତଖତ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି।

ଗତ ବିଧାନସଭା ନିର୍ବାଚନରେ ଧର୍ମଶାଳାରେ ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କୁ ପରାସ୍ତ କରି ହିମାଂଶୁ ଶେଖର ସାହୁ ବିଧାୟକ ହୋଇଛନ୍ତି। ଧର୍ମଶାଳା ବିଧାୟକ ଭାଜପାକୁ ପୂର୍ଣ୍ଣମାତ୍ରାରେ ସମର୍ଥନ ଦେଇ ଦଳରେ ନିଜର ସ୍ଥିତି ସୁଦୃଢ଼ କରିପାରିଛନ୍ତି। ଧର୍ମଶାଳା ବ୍ଲକରେ ପୂର୍ବତନ ବିଧାୟକ ପ୍ରଣବଙ୍କ ସାନ ଭାଇ ପ୍ରଭାତ ଅଧ୍ୟକ୍ଷ ରହିଛନ୍ତି। ଏହା ଭିତରେ ବିଜେଡି ସମର୍ଥିତ ଅନେକ ସମିତିସଭ୍ୟ ଓ ସରପଞ୍ଚ ବିଧାୟକ ସାହୁଙ୍କୁ ସମର୍ଥନ ଜଣାଇ ତାଙ୍କ ଶିବିରରେ ଯୋଗଦେଇଛନ୍ତି। ପୂର୍ବରୁ ଭାଜପା ସମର୍ଥନରେ ରହିଥିବା ୧୪ ସମିତିସଭ୍ୟ ଓ ୧୮ ସରପଞ୍ଚଙ୍କ ସମେତ ୩୮ଜଣ ଯାଜପୁର ଉପଜିଲାପାଳଙ୍କୁ ଭେଟି ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିଛନ୍ତି।

ଧର୍ମଶାଳା ବିଧାୟକଙ୍କ ସମର୍ଥିତ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧିମାନେ ଏବେ କୌଣସି ଏକ ଅଲଗା ସ୍ଥାନରେ ରହିଥିବା ଆଲୋଚନା ହେଉଛି। ଧର୍ମଶାଳା ବ୍ଲକରେ ୪୫ ପଞ୍ଚାୟତ ରହିଛି। ୪୫ ସରପଞ୍ଚଙ୍କ ମଧ୍ୟରୁ ଜେନାପୁର ଓ ଚୋରମୁହାଁ ସରପଞ୍ଚଙ୍କ ଅକାଳ ବିୟୋଗ ଘଟିବାରୁ ସେ ସ୍ଥାନ ଖାଲି ପଡିଛି। ଫଳରେ ବ୍ଲକରେ ଏବେ ୪୫ ଜଣ ସମିତିସଭ୍ୟ ଓ ୪୩ ଜଣ ସରପଞ୍ଚ ମୋଟ ୮୮ ଜଣ ଜନପ୍ରତିନିଧି ରହିଛନ୍ତି। ୮୮ଜଣ ଜନପ୍ରତିନିଧିଙ୍କ ମଧ୍ୟରୁ କେତେଜଣ କାହା ସପକ୍ଷରେ ରହିଛନ୍ତି ତାହା ଅନାସ୍ଥା ଭୋଟ ହେବା ପରେ ଜଣାପଡିବ ବୋଲି ଆଲୋଚନା ଜୋରଧରିଛି।




ରସୁଲପୁର ବ୍ଲକ ଅନ୍ତର୍ଗତ ହିଙ୍ଗୁଳା ମଣ୍ଡଳ ଅଧୀନ ନରସିଂହପୁର ପଞ୍ଚାୟତରେ ମଙ୍ଗଳବାର ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଓ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ୨୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଜଗନ୍ନାଥ ମଠ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଥିଲା। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୋଭାଯାତ୍ରାକୁ ସମ୍ବୋଧିତ କରିଥିଲେ।

# ଟୁଟୁନି ବ୍ୟାସନଗର ପୌର ପରିଷଦ ଟେଣ୍ଡର ବିବାଦ

- ଧାର୍ଯ୍ୟ ତାରିଖରେ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେଲାନି
- ସହର ବିକାଶରେ ନିର୍ବାହୀ ଅଧିକାରୀ ବାଧକ ଅଭିଯୋଗ ଆଣିଲେ ପାରିଷଦ




ଯାଜପୁରରୋଡ୍,୧୨।୮(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପରିଷଦରେ ବୈଠକ ପରେ ବୈଠକ ହେଉଛି ହେଲ ଟେଣ୍ଡର ବିବାଦ ତୁଟିବାର ନା ଧରୁନାହିଁ। ଫଳରେ ସହରର ବିକାଶ କାର୍ଯ୍ୟ ଠପ ହୋଇଯାଇଛି। ରାଜନୈତିକ ପଶାପାଲିରେ ସହରର ବିକାଶ ଏକ ପ୍ରକାର ଛନ୍ଦି ହୋଇପଡିଛି। ୬ ବିରୋଧୀ ପାରିଷଦଙ୍କ ଅଭିଯୋଗକୁ ମୁଦା କରି ପୌର ନିର୍ବାହୀ ଅଧିକାରୀ ନିଜ ପଦର ଦୁରୁପଯୋଗ କରୁଥିବା ଅଭିଯୋଗ ହୋଇଛି। ଏହାର କାରଣ ପଚାରିଲେ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ପାରୁନାହାନ୍ତି।

ପୌର ପରିଷଦରେ ଗତ ୬ ମାସହେବ ଅସ୍ଥିରତା ଲାଗିରହିଛି। ଫଳରେ ସହରର ଆଲୋକ, ଡ୍ରେନେଜ, ପରିମଳ ଭଳି ମୌଳିକ ସମସ୍ୟାଗୁଡିକର ମଧ୍ୟ ସମାଧାନ ହୋଇପାରୁନାହିଁ। ୨୬ ୱାର୍ଡରେ ବାକି ରହିଥିବା ଓ କିଛି ନୂଆ କାର୍ଯ୍ୟର ଯୋଜନା ପ୍ରସ୍ତୁତ ହୋଇ କାଉନସିଲ ବୈଠକରେ ପ୍ରସ୍ତାବ ଗୃହୀତ ହୋଇ ଟେଣ୍ଡର ପ୍ରକ୍ରିୟା ପାଇଁ ନିର୍ବାହୀ ଅଧିକରୀଙ୍କ ନିକଟକୁ ଯାଇଥିଲା। ହେଲେ ଚାପରେ ପଡ଼ି ନିର୍ବାହୀ ଅଧିକାରୀ ଟେଣ୍ଡର ପ୍ରକ୍ରିୟାରେ ମୋହର ମାରି ନ ଥିଲେ। ଏହାକୁ ନେଇ ୧୯ କାଉନସିଲର ୫ ଦିନ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିର୍ବାହୀ ଅଧିକାରୀ ଆସି ଆସନ୍ତା ଅଗଷ୍ଟ ୧୨ ତାରିଖରେ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସେହି ପ୍ରତିଶ୍ରୁତି ମୁତାବକ ଗତ ୬ ତାରିଖରେ ପୌର ପରିଷଦ କାଉନସିଲର ଏକ ଜରୁରୀ ବୈଠକ ଡକାଯାଇ ପୂର୍ବ ପ୍ରସ୍ତାବଗୁଡିକ ଦୃଢ଼ୀକରଣ ହୋଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ବୈଠକରେ ନିର୍ବାହୀ ଅଧିକାରୀ ପ୍ରଥମେ ସରକାରଙ୍କ ସହରୀ ବିକାଶକରଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ସଂଖ୍ୟାଧିକ ପାରିଷଦ ପ୍ରଥମେ ଟେଣ୍ଡର କାର୍ଯ୍ୟକାରୀ କରିବାକୁ ଜିଦ ଧରିଥିଲେ। ଅଧିକାରୀ ବିଭିନ୍ନ ଆଳଦେଖାଇ ଟେଣ୍ଡର ନ ଡାକିବାରୁ ପାରିଷଦଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପାରିଷଦମାନେ କାହିଁକି ଟେଣ୍ଡର ହେଇପାରିବନି ବୋଲି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏପରି କି ପୌର ପରିଷଦର ବିକାଶ ପାଇଁ ନିର୍ବାହୀ ଅଧିକାରୀ ବାଧକ ସାଜିଥିବା ବହୁ ପାରିଷଦ ଗଣମାଧ୍ୟମକୁ କହିଛନ୍ତି। ଏସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କୁ ପଚାରିବାରେ ସେ ପୁରୁଣା କଥାକୁ ଦୋହରାଇ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପୌର ଆଇନ ଅନୁଯାୟୀ ସଂଖ୍ୟାଧିକ ପାରିଷଦଙ୍କ ନିଷ୍ପତ୍ତି ବୈଠକରେ ପାରିତ ହୋଇଥିବାବେଳେ କାହା ଚାପରେ ନିର୍ବାହୀ ଅଧିକାରୀ ଟେଣ୍ଡର କାର୍ଯ୍ୟକାରୀ କରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୌର ପରିଷଦର ସମସ୍ତ ୨୬ ୱାର୍ଡରେ ଆବଶ୍ୟକ ଅନୁଯାୟୀ ପ୍ରକଳ୍ପର ଟେଣ୍ଡର କରିବାପାଇଁ ଆଲୋଚନା ପରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଉପସ୍ଥିତ ୧୯ ପାରିଷଦ ସମସ୍ତ ପ୍ରସ୍ତାବ ଉପରେ ସହମତି ପ୍ରକାଶ କରିଥିବାବେଳେ ୬ ଜଣ ପାରିଷଦଙ୍କ ଅଭିଯୋଗକୁ ନିର୍ବାହୀ ଅଧିକାରୀ ଗୁରତ୍ୱ ଦେଇ ଅଯଥା ବିକାଶରେ ବାଧକ ସାଜୁଥିବା ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ କହିଛନ୍ତି।

# ସାପ କାମୁଡ଼ାରେ ଜଣେ ମୃତ

ସୋର, ୧୨।୮(ଜନ୍ମେଜୟ ମିଶ୍ର):

ସୋର ଡାକ୍ତରଖାନାରେ ଜଣେ ନାବାଳକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ଝାଡଖଣ୍ଡ ରାଜ୍ୟ ଚକୁଲିଆ ଥାନା ସିନ୍ଧୁରଗୌରୀ ଗ୍ରାମର ଭୁବନେଶ୍ୱର ଶବରଙ୍କ ସାନ ପୁଅ ମୋହନ (୧୦) ନିକଟସ୍ଥ ବିଦ୍ୟାଳୟର ୪ର୍ଥ ଶ୍ରେଣୀରେ ପାଠ ପଢନ୍ତି। ସେ ଗତ ୧୦ ତାରିଖରେ ଖେଳୁଥିବା ବେଳେ ଏକ ସାପ ତାଙ୍କ ଗୋଡକୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଣ୍ଟିକାରୁ ଅପରାହ୍ନ ୫.୦୦ ଘଣ୍ଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨ +** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଣ୍ଟିକା ରୁ ଅପରାହ୍ନ ୫.୦୦ ଘଣ୍ଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



DSPL-203

Government of Odisha

# ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

# ୧୦ ଦଫା ଦାବିରେ ରାଜସ୍ୱ ଅମଲାମାନଙ୍କ ସମୂହ ଛୁଟି

ଜଗତ୍‌ସିଂହପୁର, ୧୨।୮
(ପ୍ରମୋଦ କୁମାର ନାୟକ)

ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାଇ ଲେବେଲ- ୯କୁ ବୃଦ୍ଧି, ୨୦୨୪ ମାର୍ଚ୍ଚ ୧୫ରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା ନଂ. ୮୮୯୮ ଅନୁଯାୟୀ ସମସ୍ତ ଜିଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ ଆଦି ୧୦ ଦଫା ଦାବି ନେଇ ରାଜ୍ୟ ରାଜସ୍ୱ ଅମଲା ସଂଘ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ରାଜସ୍ୱ ଅମଲାମାନଙ୍କ ଏହି ଦାବିଗୁଡିକ ପୂରଣ କରିବା କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହେବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଏ ବାବଦରେ ଏକାଧିକ ବାର ଆଲୋଚନା ସତ୍ତ୍ୱେ କିଛି ଫଳ ମିଳିଲାନି। ତେଣୁ ରାଜ୍ୟ ରାଜସ୍ୱ ଅମଲା ସଂଘ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଜିଲାର ରାଜସ୍ୱ ଅମଲାମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ଯାଇଛନ୍ତି। ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ସମୟରେ ଜନ ସାଧାରଣଙ୍କ ଯାହା କିଛି ଅସୁବିଧାର ସମ୍ମୁଖୀନ ହେବେ ସେଥିପ୍ରତି ରାଜ୍ୟ ସରକାର ପୂର୍ଣ୍ଣଭାବେ ଦାୟୀ ରହିବେ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ଜଗତ୍‌ସିଂହପୁର ଜିଲା ଶାଖା ସଭାପତି ନିହାର ରଞ୍ଜନ ଦାସ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଗତ ଜୁଲାଇ ୯ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପୌରୋହିତ୍ୟରେ ଏକ ବୈଠକର ଆୟୋଜନ ହୋଇଥିଲା। ଏହି ସମୟରେ ପାଖାପାଖି ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ସଂଘ ଶୀର୍ଷ ନେତୃବୃନ୍ଦଙ୍କ ସହ ଆଲୋଚନା ହୋଇଥିଲା। ଅତିଶୀଘ୍ର ଅର୍ଥାତ୍ ୭ରୁ ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ ହୋଇଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଯେଉଁ କାରଣରୁ ସଂଘ ନିଷ୍ପତ୍ତି ଅନୁଯାୟୀ ଜୁଲାଇ ୧୪ରୁ ହେବାକୁ ଥିବା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଏହାସତ୍ତ୍ୱେ ରାଜ୍ୟ ସରକାର କୌଣସି ପ୍ରତିକାର କଲେନାହିଁ। ରାଜ୍ୟ ସରକାରଙ୍କ ଏହି ବୈମାତୃକ ମନୋଭାବ ସେମାନଙ୍କୁ ଆଘାତ ଦେଇଛି। ଏଭଳିସ୍ଥିତିରେ ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଥିବା ପଦୋନ୍ନତିକୁ ୪୦% ରୁ ୩୩%କୁ କମାଇବା ଏବଂ ଲେବେଲ-୯ରେ କେହି ଜିଲାସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବେ ବୋଲି ନିର୍ଦ୍ଦେଶାନାମା ଜାରି କରାଯାଇଛି। ଏହା ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶୁଭେନ୍ଦୁ ରାଉତ, କଲେକ୍ଟୋରିଏଟି ଷ୍ଟାଫ କମିଟି ସଭାପତି ଦୁର୍ଗାପ୍ରସାଦ ଦାସ, ପ୍ରଣୟ ସ୍ୱାଇଁ, ବୈଷ୍ଣବ ଚରଣ ଦାସ, ଅଶ୍ୱିନୀ ସ୍ୱାଇଁ, ଜିତେନ୍ଦ୍ର ବରାଳ, ପ୍ରମୋଦ ଦାସ, ପ୍ରତାପ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ଆଶୁତୋଷ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ସୁନୀଲ ବେହେରା, ସାରଦା ନାୟକ, ମମତା ବାଳା ମହାପାତ୍ର, ସସ୍ମିତା ଲେଙ୍କା, କବିତା ମୁର୍ମୁ, ଗୀତା ହାଁସଦା, ମଧୁସ୍ମିତା ସାହୁ, ରଶ୍ମି ରଞ୍ଜନ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଆନ୍ଦୋଳନରେ ସାମିଲ ହୋଇଥିବା ରାଜସ୍ୱ ଅମଲା ସଂଘର ସଦସ୍ୟମାନେ।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଶୌଚାଳୟ ଅଧାପନ୍ତରିଆ

## ବିଡିଓଙ୍କୁ ଅଭିଯୋଗ

ନାଉଗାଁ, ୧୨।୮ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳର ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ବିଡିଓ ନିରଞ୍ଜନ ପରିଡାଙ୍କ ନିକଟରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି।


ସେମାନଙ୍କ ଅଭିଯୋଗ ମୁତାବକ, ବିଦ୍ୟାଳୟରେ ନିର୍ମାଣ କରାଯାଉଥିବା ଶୌଚାଳୟଟି ଅଧାପନ୍ତରିଆ ହୋଇ ପଡ଼ିରହିଛି। କାର୍ଯ୍ୟ ବାବଦରେ ପଚାରିବାରୁ ଅର୍ଥ ନ ଥିବାରୁ କାର୍ଯ୍ୟ ଅଧା ଥିବା କଲେଜ ପକ୍ଷରୁ କୁହାଯାଉଛି। ସେହିପରି ସୌନ୍ଦର୍ଯ୍ୟକରଣ ପାଇଁ ମହାବିଦ୍ୟାଳୟକୁ ଆସିଥିବା ମୁଖ୍ୟ ଫାଟକ କାର୍ଯ୍ୟ କରାଯାଉ ନାହିଁ। ତୁରନ୍ତ ଉକ୍ତ କାର୍ଯ୍ୟକୁ ଶେଷ କରିବାପାଇଁ ଦାବି କରାଯାଇଛି। ଏହି ଅଭିଯୋଗପତ୍ରକୁ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ର ଓମ୍ ପ୍ରକାଶ ବେହୁରା, ସୌଭାଗ୍ୟ ରଞ୍ଜନ ଜେନା, ରୁଦ୍ର ମାଧବ ସ୍ୱାଇଁ, ସରୋଜ ସ୍ୱାଇଁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ। ଯଥାଶୀଘ୍ର ମହାବିଦ୍ୟାଳୟରେ ଥିବା ସମସ୍ୟାକୁ ସମାଧାନ କରାଯିବ ବୋଲି ବିଡିଓ ପରିଡା ମତବ୍ୟକ୍ତ କରିଛନ୍ତି।


ଛାତ୍ରୀଛାତ୍ରମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଛୁଟିରେ ଅମଲା : ତହସିଲ, ବ୍ଲକ କାମ ଅଚଳ

ରଘୁନାଥପୁର, ୧୨।୮
(ରାଜେନ୍ଦ୍ର ନାରାୟଣ ସିଂହ)

ରାଜସ୍ୱ ଅମଲା ସଂଘର ଦଶ ଦଫା ଦାବି ପୂରଣ କରିବାରେ ସରକାର ବିଫଳ ହେବାରୁ ରାଜ୍ୟ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି କ୍ରମେ ରଘୁନାଥପୁର ତହସିଲ, ବ୍ଲକ ଓ ଆଇସିଡିଏସର ୧୨ ଜଣ ରାଜସ୍ୱ କର୍ମଚାରୀ ସୋମବାରଠାରୁ ଛୁଟିରେ ଅଛନ୍ତି। ତହସିଲର ୮, ବ୍ଲକର ୩ ଓ ଆଇସିଡିଏସରେ ୧ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଏସବୁ କାର୍ଯ୍ୟାଳୟର କାମ କାର୍ଯ୍ୟ ଅଚଳ ହୋଇଯାଇଛି। ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ନ କରିଛନ୍ତି ସେତେଦିନ ଅମଲା ଆନ୍ଦୋଳନ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଜନସାଧାରଣ ଅସୁବିଧାରେ ସମ୍ମୁଖିନ ହେଲେ ଏଥିପାଇଁ ରାଜ୍ୟ ସରକାର ଉତ୍ତରଦାୟୀ ରହିବେ ବୋଲି କର୍ମଚାରୀ ପ୍ରକାଶ କରିଛନ୍ତି।


ଅମଲାଙ୍କ ସମୂହ ଛୁଟି ଯୋଗୁ ଫାଙ୍କା ପଡ଼ିଥିବା ତହସିଲ କାର୍ଯ୍ୟାଳୟ

# ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା



ନାଉଗାଁ, ୧୨।୮ (ସୁଧା ବେହୁରା)

ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମଙ୍ଗଳବାର ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରୀ, ଶିକ୍ଷୟତ୍ରୀ, ଶିକ୍ଷକ ହାତରେ ତ୍ରିରଙ୍ଗା ଧରି ସ୍ଲୋଗାନ ଦେଇ ନିଜ ଅଞ୍ଚଳରେ ଶୋଭାଯାତ୍ରା କରିଥିଲେ। ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିବାବେଳେ ଶିକ୍ଷକ ପ୍ରତାପ ଚନ୍ଦ୍ରସ୍ୱାଇଁ, ଶିକ୍ଷୟିତ୍ରୀ ସବିତା ଦାସ, ରେବତୀ ସ୍ୱାଇଁ, ନିଳିମା ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। ସେହିପରି ଭାଜପା ନାଉଗାଁ ଶାଖାରେ ଉପେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବ୍ଲକ ଛକ ଠାରୁ ହରଘର ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଗଙ୍ଗଦାହାଟ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ।

## ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟଙ୍କ ପରଲୋକ

ଜଗତ୍‌ସିଂହପୁର, ୧୨।୮
(ପ୍ରମୋଦ କୁମାର ନାୟକ)

ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ସକ୍ରିୟ ସଦସ୍ୟ ତଥା ସ୍ଥାନୀୟ ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ଜୟବଢ଼ ନିବାସୀ ସୁଖେନ ଚକ୍ରବର୍ତ୍ତୀ(୮୩)ଙ୍କ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ଭଟ୍ଟାଚାର୍ଯ୍ୟ, ଝିଅ, ଜ୍ୱାଇଁ, ନାତୁଣୀ, ନାତି ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଚକ୍ରବର୍ତ୍ତୀଙ୍କ ପରଲୋକ ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ଚକ୍ରବର୍ତ୍ତୀ ଆଧ୍ୟାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। ଶିକ୍ଷକତା ବୃତ୍ତିରୁ ଅବସର ନେବା ପରେ ସେ ଶ୍ରୀ ଜଗନ୍ନାଥ ଭାଗବତ ଚେତନା ପରିଷଦ ସହ ଜଡିତ ରହି ଶ୍ରୀମଦ ଭାଗବତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ପ୍ରତିଦିନ ସନ୍ଧ୍ୟାରେ ଜୟବଢ଼ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ଭାଗବତ ପଠନ ଓ ଆଧ୍ୟାତ୍ମିକ ଆଲୋଚନାରେ ଅଂଶଗ୍ରହଣ କରି ଆସୁଥିଲେ।

# ମ୍ୟାଜିକ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ନାଉଗାଁ, ୧୨।୮ ୯ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ କୃଷି କାର୍ଯ୍ୟାଳୟ ଓ ରିଲିଆନସ ଜେନେରାଲ ଇନ୍ସୁରାନସର ମିଳିତ ଆନୁକୂଲ୍ୟରେ ମ୍ୟାଜିକ ମାଧ୍ୟମରେ ପ୍ରଧାନ ମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଓ କୃଷକ ସଶକ୍ତକରଣ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ବଜାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫସଲ ବିମା ଯୋଜନାର ଲକ୍ଷ୍ୟ, ମୌଳିକ ସୁରକ୍ଷା, ଆବଶ୍ୟକୀୟ କାଗଜପତ୍ର ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ରାଉତ, ଯୁଗସ୍ମିତା ମହାପାତ୍ର, ବିଶ୍ୱଜିତ ପରିଡା, ମାମିନା ସେଠୀ, ସୁଲଚନା ରାଉଳ, ସାଗରିକା ସେଠୀ, ନାଜୀମ, ଅକ୍ଷୟ କୁମାର ଭୋଳ, ମ୍ୟାଜିସିଆନ ଶିବନାଥ ଓ ସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୮୭୫ ପିଲାଙ୍କୁ ମୁଖ୍ୟ ଶିକ୍ଷା ସ୍ରୋତରେ ସାମିଲ ପାଇଁ ଉଦ୍ୟମ

## ଆସ ସ୍କୁଲ ଯିବା ଜିଲାସ୍ତରୀୟ କମିଟି ବୈଠକ

ଜଗତ୍‌ସିଂହପୁର, ୧୨।୮
(ପ୍ରମୋଦ କୁମାର ନାୟକ)



ବୈଠକରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଜଗତ୍‌ସିଂହପୁର ଜିଲାର ୮୭୫ ଜଣ ପିଲା ଶିକ୍ଷାଲାଭ ପାଇଁ ବିଦ୍ୟାଳୟ ଯାଉନାହାନ୍ତି। ସେମାନଙ୍କୁ ମୁଖ୍ୟ ଶିକ୍ଷା ସ୍ରୋତରେ ସାମିଲ ପାଇଁ ଜିଲାସ୍ତରରେ ଆମ ସ୍କୁଲ ଯିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଏ ସଂକ୍ରାନ୍ତୀୟ ଜିଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ପିଲାମାନଙ୍କୁ କିପରି ଶିକ୍ଷାଲାଭ ପାଇଁ ସୁଯୋଗ ସୃଷ୍ଟି କରାଯାଇପାରିବ ତା'ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ପଢ଼ିବାଯୋଗ୍ୟ ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ଆସିବା ଉଚିତ। ଏଥିରେ ଶିକ୍ଷକ ଓ ଅଭିଭାବକମାନଙ୍କ ଗୁରୁ ଭୂମିକା ରହିଛି। ଏନେଇ ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ବୈଠକ, ପଦଯାତ୍ରା ଓ ଶିକ୍ଷା ସଭା ଆଦି କରାଯିବା ଆବଶ୍ୟକ। ଏଥିସହ ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁଖ୍ୟ ଶିକ୍ଷା ସ୍ରୋତରେ ସାମିଲ ସହ ସ୍ୱାବଲମ୍ବୀ ପାଇଁ ପଦକ୍ଷେପ ନେବା ଦରକାର। ଭିନ୍ନକ୍ଷମ ପିଲାମାନଙ୍କ ଘରେ ରହି ଶିକ୍ଷା ପହଞ୍ଚାଇବାକୁ ହେବ। ୧୫ରୁ ୧୮ ବର୍ଷର ପିଲାମାନଙ୍କ ନିମନ୍ତେ ଉପଯୁକ୍ତ ବୈଷୟିକ ଶିକ୍ଷା ପ୍ରଦାନ ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ। ଏହି ଅବସରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ଏଡିଇଓ) ସୁଶାନ୍ତ ମହାନ୍ତି ଓ ତଥ୍ୟ ସଂଯୋଜକ ଚନ୍ଦ୍ରଜିତ ପରିଜା ଆବଶ୍ୟକୀୟ ତଥ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲା ଶ୍ରମ ନିଯୋଜନ ଅଧିକାରୀଙ୍କ ସମେତ ବ୍ଲକ ଉନ୍ନୟନ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଡିଏସ୍‌ଡବ୍ଲ୍ୟୁଓ, ବୈଷୟିକ ଶିକ୍ଷା ଅନୁଷ୍ଠାନର ଅଧିକାରୀ ଓ ଜିଲା ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨ +** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ପୂର୍ବରୁ
ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ
ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ
ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।
ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


DSPL-203

Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।
ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**


**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

# ପୂଜକ, ସୁଆର ସେବକ ପରିଷଦର ଧାରଣା

- ପୂଜା ବଜାର ଆବଣ୍ଟନ, ବେଆଇନ ହସ୍ତାନ୍ତରକୁ ବିରୋଧ
- ଖେଚୁଡ଼ି ଭୋଗ ନୀତି ୨ ଘଣ୍ଟା ବିଳମ୍ବ

ଓଡ଼ଗାଁ,୧୨।୮ (ଆଦର୍ଶ କୁମାର ପଟ୍ଟନାୟକ)


ପୂଜକ ଓ ସୁଆର ସେବକମାନେ ଧାରଣା ଦେଇଛନ୍ତି।

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପୂଜକ ଓ ସୁଆର ସେବକ ପରିଷଦ ମଙ୍ଗଳବାର ବିଭିନ୍ନ ଅଭିଯୋଗର ନିରାକରଣ ଦାବିରେ ଧାରଣାରେ ବସିଛନ୍ତି। ଏଥିପାଇଁ ନାନା ସମସ୍ୟା ସୃଷ୍ଟି ହୋଇଥିଲା। ସକାଳ ୧୦ଟାରେ ହେବାକୁ ଥିବା ଖେଚୁଡ଼ି ଭୋଗ ନୀତି ୨ ଘଣ୍ଟା ବିଳମ୍ବ ହୋଇ ମଧ୍ୟାହ୍ନ ୧୨ଟା ବେଳେ ପୂଜା ସରିଥିଲା। ତଦନୁଯାୟୀ ଅବଶିଷ୍ଟ ନୀତି ସେହି ଭାବେ ବିଳମ୍ବ ହୋଇଥିଲା।

ସୂଚନା ଅନୁଯାୟୀ, ପୂଜକ ସୁଆର ସେବକ ତରଫରୁ ୭ ଦଫା ଦାବି ମଧ୍ୟରୁ କିଛି ସମାଧାନ ହୋଇଥିବା ବେଳେ ମୁଖ୍ୟତଃ ନୂତନ ପୂଜା ବଜାର ନିର୍ମାଣ ପାଇଁ ସାମୟିକ ଭାବେ ମନ୍ଦିର ବେଢାରେ ଖୋଲା ଯାଇଥିବା ଦୋକାନ ନୂତନ ପୂଜା ବଜାରକୁ ସ୍ଥାନାନ୍ତର ନ ହୋଇ ମନ୍ଦିର ବେଢାରେ ସୌନ୍ଦର୍ଯ୍ୟ ନଷ୍ଟ କରିବା, ନୂତନ ପୂଜା ବଜାର ହାତେଇଥିବା ବ୍ୟବସାୟୀ ବେଆଇନ ଭାବେ ଅନ୍ୟକୁ ୬ରୁ ୭ ଲକ୍ଷ ଟଙ୍କାରେ ବେଆଇନ ଭାବେ ବିକ୍ରି କରିବାକୁ ତୀବ୍ର ବିରୋଧ କରିବା ସହିତ ଖେଚୁଡ଼ି ଧୂପ ପ୍ରସ୍ତୁତ ପରେ ଭଞ୍ଜମଣ୍ଡପରେ ଧାରଣାରେ ବସିଥିଲେ। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ଏବଂ ପୂର୍ବତନ ଓଡ଼ଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ଧାରଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହିତ ୧୫ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ପରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମନ୍ଦିରରେ ପହଞ୍ଚି ଦାବିଗୁଡ଼ିକ ସମ୍ପର୍କରେ ଉପଜିଲାପାଳଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ଜାରିଙ୍ଗି ମୌଜାରେ ବେଆଇନ ଭାବେ ସ୍ୱଳ୍ପ ମୂଲ୍ୟରେ କେତେଜଣଙ୍କୁ ରଘୁନାଥଜୀଉଙ୍କ ଜମି ଲିଜ୍ ସୂତ୍ରରେ ଦିଆ ଯାଇଥିବା ଏବଂ ଏହାକୁ ଭାଗ କରି ବେଆଇନ ଭାବେ ବିକ୍ରି କରାଯାଉଥିବା ସୂଚନା ମିଳିବା ପରେ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଏହାକୁ ତୀବ୍ର ବିରୋଧ କରିବା ସହିତ ପ୍ରଶାସନିକ କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି। ଏନେଇ ଆଗାମୀ ଦିନରେ ଅନ୍ୟ ଏକ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।

# ଶରଣକୁଳରେ ସ୍ୱଚ୍ଛତା ଅଭିଯାନ

ଶରଣକୁଳ,୧୨।୮ (ଦୀପକ କର)

ମଙ୍ଗଳବାର ଶରଣକୁଳ ପଞ୍ଚାୟତ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଉଛି। ଘର ବାହାରେ, ରାସ୍ତାରେ ଅଳିଆ ଆବର୍ଜନା ନ ପକାଇ ଗୋଟିଏ ସ୍ଥାନରେ ପକାଇବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ପିଇଓ ବିଭୂତି ଭୂଷଣ ସାହୁ, ଚିରଞ୍ଜିବୀ ସାହୁ ଓ ମହିଳା ଗୋଷ୍ଠୀ ଝାଡୁ ଧରି ଶରଣକୁଳ ବଜାର, ଷ୍ଟେଟ ବ୍ୟାଙ୍କ, ପୋଷ୍ଟ ଅଫିସ, ଥାନା, ମନ୍ଦିର ପରିସର, ମନ୍ଦିର ଚତୁଃପାର୍ଶ୍ୱ, ନରେନ୍ଦ୍ରପୁର ଆଦି ଅଞ୍ଚଳକୁ ସଫେଇ କରିଥିଲେ। ଏଣେତେଣେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ପରିବେଶ ଦୂଷିତ ହେବା ସହ ମଶା ମାଛିଙ୍କ ବଂଶ ବିସ୍ତାର ହେଉଛି। ତେଣୁ ସମସ୍ତେ ନିଜ ଘର ଚାରିପାଖ ସଫା ରଖିବା ସହିତ ରାସ୍ତାଘାଟରେ ଅଳିଆ ନ ପକାଇବାକୁ ସଚେତନ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମ ଶରଣକୁଳ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

# ଜନସୁରକ୍ଷା ଯୋଜନା ପାଇଁ ସଚେତନତା କର୍ମଶାଳା



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଓଡଗାଁ,୧୨।୮ (ଆଦର୍ଶ କୁମାର ପଟ୍ଟନାୟକ)

କେନ୍ଦ୍ର ସରକାରଙ୍କ ଦ୍ୱାରା ସବୁ ବର୍ଗର ହିତାଧିକାରୀଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ସମସ୍ତ ପ୍ରକାର ଜନସୁରକ୍ଷା ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ଗ୍ରାମ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଯୋଜନା ଅନ୍ତର୍ଗତ ସଚେତନତା କାର୍ଯ୍ୟକ୍ରମ ଗତ ୧ ତାରିଖରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଲୋହିତ ନନ୍ଦ, ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ସସ୍ମିତା ପାତ୍ର, ଆର୍ମି ଭେଟେରାନ ଆଦର୍ଶ କୁମାର ପଟ୍ଟନାୟକ, ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ୟାଙ୍କ ସମନ୍ୱୟନ ସଂଯୋଜିକା ଗାୟତ୍ରୀ ରଥ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ ବିଭିନ୍ନ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଜନସୁରକ୍ଷା ଯୋଜନା ଓ ଏହାର ସଂରକ୍ଷଣ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ୟାଙ୍କ ଅଧିକାରୀଙ୍କ ସମେତ ମଞ୍ଚାସୀନ ଅତିଥିମାନେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା, ନିଷ୍କ୍ରିୟ ଜମା ଖାତାକୁ ପୁନଃ ପ୍ରମାଣୀକରଣ କରିବା, ପ୍ରଧାନମନ୍ତ୍ରୀ ମାଗଣା ସୂର୍ଯ୍ୟ ଘର ଯୋଜନା ସମ୍ପର୍କୀୟ ବ୍ୟାପକ ସୂଚନା ପ୍ରଦାନ କରିବା ସହିତ କାହାକୁ ଓଟିପି ନ ଦେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୦ ମହିଳା ଉପସ୍ଥିତ ଥିଲେ। ସରପଞ୍ଚ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ରଣପୁରର ୪ ପ୍ରବେଶ ପଥରେ ସୂଚନାଫଳକ ନାହିଁ

ରଣପୁର,୧୨।୮ (ସୁକାନ୍ତ କିଶୋର ଡାକୁଆ)

## ହଇରାଣ ହେଉଛନ୍ତି ପର୍ଯ୍ୟଟକ

ନୟାଗଡ଼ ଜିଲା ରଣପୁରକୁ ସଂଯୋଗ କରୁଥିବା ୪ ପ୍ରବେଶପଥରେ ପର୍ଯ୍ୟଟକଙ୍କ ଯାତାୟାତ ସୁବିଧା ପାଇଁ ୪ଟି ସୂଚନାଫଳକ ପର୍ଯ୍ୟଟନ ବିଭାଗ ଲଗାଇବାକୁ ଶ୍ରୀଜଗନ୍ନାଥ ସେନା ତରଫରୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ରଣପୁର ଏକ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସହର। ଶ୍ରୀକ୍ଷେତ୍ର ଭଳି ଏଠାରେ ଥିବା ରଣପୁରଗଡ଼ର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ବାରମାସରେ ତେର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହା ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ମଧ୍ୟ ପରିଚିତ। ମହାପ୍ରଭୁଙ୍କ ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ହେଲେ ବିଭିନ୍ନ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ରଣପୁର ପ୍ରବେଶ ପଥରେ କୌଣସି ସୂଚନା ଫଳକ ନାହିଁ। ସରକାର କିମ୍ବା ପର୍ଯ୍ୟଟନ ବିଭାଗ ତରଫରୁ ସେପରି ସୂଚନା ଫଳକ ଲଗାଯାଇନାହିଁ। ଜଙ୍କିଆଠାରୁ ରଣପୁର, ଚାନ୍ଦପୁରଠାରୁ ରଣପୁର,ରାଜସୁନାଖଳାଠାରୁ ରଣପୁର ଓ ନୟାଗଡ଼ ପ୍ରତାପପ୍ରସାଦଠାରୁ ରଣପୁର ଆଦି ସମସ୍ତ ପ୍ରବେଶରେ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଅଦ୍ୟାବଧି କୌଣସି ସୂଚନା ଫଳକ ଲଗାଯାଇନାହିଁ। ଯଦିଓ ପୂର୍ବରୁ ସୂଚନାଫଳକ ଲଗାଯାଇଥିଲା ସେଥିରେ କେବଳ ମା'ମଣିନାଗ ମନ୍ଦିରର ଦୂରତା ନିର୍ଦ୍ଦେଶ କରାଯାଇଥିଲା। ହେଲେ ଆହୁରି ଅନେକ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ରଣପୁରରେ ଥିଲେ ବି ଅଲୋଡା ହୋଇ ରହିଛି। ତେଣୁ ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ମଙ୍ଗଳବାର ରଣପୁର ଶ୍ରୀଜଗନ୍ନାଥ ସେନା ତରଫରୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପରୋକ୍ତ ସମସ୍ୟାକୁ ବିଚାରକୁ ନେଇ ଖୁବ୍‌ଶୀଘ୍ର ରଣପୁରର ସମସ୍ତ ପ୍ରବେଶ ପଥରେ ପର୍ଯ୍ୟଟନ କ୍ଷେତ୍ରର ଦୂରତା ସହିତ ଅନ୍ୟାନ୍ୟ ତଥ୍ୟ ଥିବା ସୂଚନା ଫଳକ ସ୍ଥାପନ କରିବାକୁ ଦାବି ହୋଇଛି।

# ଦେଶୀମଦ ଜବତ, ୨ ଗିରଫ

ନୟାଗଡ଼,୧୨।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ପୁରୁଷୋତ୍ତମପୁର ଓ ପଥରଚକଡ଼ା ଗ୍ରାମରେ ଖଣ୍ଡପଡ଼ା ଅବକାରୀ ବିଭାଗ ଚଢାଉ କରି ୨୮ ଲିଟର ଦେଶି ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ପୁରୁଷୋତ୍ତମପୁର ଗ୍ରାମରେ ଚଢ଼ାଉ କରି ମୃତ୍ୟୁଞ୍ଜୟ ତ୍ରିପାଠୀ(୫୪)ଙ୍କ ନିକଟରୁ ୧୫ ଲିଟର ଓ ପଥରଚକଡା ଗ୍ରାମରେ ଚଢ଼ାଉ କରି ଆରତ ରାଉତଙ୍କ (୬୪) ନିକଟରୁ ୧୮ ଲିଟର ଦେଶୀମଦ ଜବତ ହୋଇଛି।

# ଜାତୀୟ କୃମିନାଶ ଦିବସ ପାଳିତ

ଶରଣକୁଳ,୧୨।୮ (ଦୀପକ କର)


ଜଣେ ଛାତ୍ରଙ୍କୁ କୃମି ଔଷଧ ପ୍ରଦାନ କରାଯାଉଛି।

ଶରଣକୁଳ ନିକଟ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ କୃମିନାଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଥିଲା। କୃମି ଥିଲେ ପୃଷ୍ଟି ହୀନତା, ରକ୍ତ ହୀନତା ଯୋଗୁ ଦୁର୍ବଳ ଅନୁଭବ ହେବା ଓ ସେମାନଙ୍କ ମାନସିକ ଏବଂ ଶାରୀରିକ ଅଭିବୃଦ୍ଧିରେ ବାଧାପ୍ରାପ୍ତ ହୋଇଥାଏ। ପ୍ରତ୍ୟେକ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାମାନେ କୃମି ନାଶକ ଔଷଧ ସେବନ କରିବେ। ସେମାନଙ୍କୁ ବିଦ୍ୟାଳୟ, କଲେଜରେ ପ୍ରଦାନ କରାଯିବ ନଚେତ୍ ଆଶାକର୍ମୀ ଘରକୁ ଘର ବୁଲି କୃମିନାଶକ ଔଷଧ ପ୍ରଦାନ କରିବେ ବୋଲି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସମସ୍ତଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ।

# କୃମିନାଶ ଔଷଧ ବଣ୍ଟନ ଆରମ୍ଭ


ପିଲାମାନଙ୍କୁ କୃମିନାଶ ଔଷଧ ଦିଆଯାଉଛି।

ନୟାଗଡ଼,୧୨।୮ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡପଣ୍ଡୁସର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଜ୍ଞାନ ଜ୍ୟୋତି ଦାସଙ୍କ ଦ୍ୱାରା କୃମିନାଶ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ୧ରୁ ୧୯ ବର୍ଷ ବୟସର ଶିଶୁ ଏବଂ ଗର୍ଭବତୀ ନ ଥିବା ଅଥବା ସ୍ତନ୍ୟପାନ କରାଉ ନ ଥିବା ୨୦ରୁ ୨୪ ବର୍ଷ ବୟସ ମଧ୍ୟରେ ଥିବା ପ୍ରଜନନକ୍ଷମ ମହିଳାଙ୍କୁ ଏହି କୃମିନାଶ ଔଷଧ ବଣ୍ଟନ କରାଯାଉଥିବା ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତ ପ୍ରଧାନ କହିଛନ୍ତି। କୃମିନାଶ ଔଷଧ ଆଲବେଣ୍ଡାଜୋଲ ସେବନ କରିବା ଦ୍ୱାରା ପିଲାମାନଙ୍କ ନିରାପଦ ଜୀବନ ଯାପନ ସହିତ ଶିକ୍ଷା, ରୋଜଗାର ଏବଂ ଦୀର୍ଘକାଳୀନ ସୁସ୍ଥତାର ସୂଚକାଙ୍କ ଫଳାଫଳରେ ଉଲ୍ଲେଖନୀୟ ଉନ୍ନତି ଆସିଥାଏ। ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ଏହି କୃମିନାଶ ଔଷଧ ବଣ୍ଟନ କରୁଥିବା ଶିକ୍ଷକ,ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଆଦିଙ୍କୁ ଜନସାଧାରଣ ଆବଶ୍ୟକ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପ୍ରଧାନ, ଡାକ୍ତର ସନ୍ତୋଷ ଭୁଜବଳ, ଦୀପକ ଦଳବେହେରା , ମମତା ସାମନ୍ତରାୟ, ପ୍ରଦୀପ ସାହୁ, ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ଅର୍ଚ୍ଚନା ସେନାପତିଙ୍କ ସମେତ ସାସ୍ଥ୍ୟକେନ୍ଦ୍ର ଓ ସ୍କୁଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



DSPL-203

Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

# ସିଏଜି ରିପୋର୍ଟରେ ତଟାଞ୍ଚଳ ଅସୁରକ୍ଷିତ

■ ଜଳ ସମ୍ପଦ, ଏନ୍‌ଆଇଓଟିର ଏମ୍‌ଓୟୁକୁ ୩ ବର୍ଷ
■ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ନାହିଁ
■ ଖର୍ଚ୍ଚ ହେଉଛି ଅନୁଦାନ ଅର୍ଥ, ସୁଫଳ ମିଳୁନି

**କେନ୍ଦ୍ରାପଡ଼ା, ୧୨।୮ (ଜଗନ୍ନାଥ ଧଳ)**

ଓଡ଼ିଶାରେ ସମୁଦ୍ର ତଟ ସୁରକ୍ଷା ଓ ଲୁଣାବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ଓ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ (ଏନ୍‌ଆଇଓଟି) ମଧ୍ୟରେ ୨୦୨୨ ଅଗଷ୍ଟ ୧୦ରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର ଓ ଏନ୍‌ଆଇଓଟି ନିର୍ଦ୍ଦେଶକ ଡ. ଜି. ଏ. ରାମଦାସ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ୨୦୨୬ ସୁଦ୍ଧା ରାଜ୍ୟର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ଓ ଲୁଣାବନ୍ଧର ସୁରକ୍ଷା ହେବ ବୋଲି ଏହି ଏମ୍‌ଓୟୁରେ ଉଲ୍ଲେଖ ଅଛି। ଇତିମଧ୍ୟରେ ଏହାକୁ ୩ ବର୍ଷରୁ ଅଧିକ ହୋଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଅଦ୍ୟାବଧି ଦେଖିବାକୁ ମିଳିନାହିଁ। ଅପରପକ୍ଷରେ ସମୁଦ୍ର ଓ ଭୂଭାଗକୁ ଛୁଇଁଥିବା ଉପକୂଳ ଜୋନ୍‌ର ସୁରକ୍ଷା ଆବଶ୍ୟକ। ବନ୍ୟା, ସାମୁଦ୍ରିକ ଝଡ଼ ସାଙ୍ଗକୁ ସୁନାମି ଭୟ ରହିଛି। କେନ୍ଦ୍ର ପର୍ଯ୍ୟାବରଣ ଓ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଏପରି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ଅନୁଦାନ ଦିଆଯାଉଛି। ଏହାସହ ଏହି ଅଞ୍ଚଳର ପରିବେଶ ସୁରକ୍ଷା ପାଇଁ ୧୯୮୬ରେ ପରିବେଶ ସୁରକ୍ଷା ଆଇନ ପ୍ରଣୟନ ହୋଇଛି। ଏଥିସହ ୧୯୯୧, ୨୦୧୧ ଓ ୨୦୧୯ ମସିହାରେ ଉପକୂଳ ପରିଚାଳନା ଜୋନ୍ (ସିଆର୍‌ଜେଡ୍)ଚିହ୍ନଟ ହୋଇ ନୋଟିଫିକେଶନ ହୋଇଛି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ସମେତ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ତଟାଞ୍ଚଳ ସୁରକ୍ଷିତ ନୁହେଁ। ୨୦୨୨ରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ସିଏଜି (କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ)ରେ ନିର୍ଦ୍ଦେଶକ ସଞ୍ଜୟ କୁମାର ଝାଙ୍କ ୨୦୧୫ରୁ ୨୦୨୦ ରିପୋର୍ଟରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ରିପୋର୍ଟରେ ରାଜ୍ୟରେ ବୃଦ୍ଧି ପାଉଥିବା ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ନ ଥିବା କ୍ଷୋଭ ପ୍ରକାଶ କରାଯାଇଛି। ଅନୁଦାନ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଏହାର ସୁଫଳ ମିଳୁ ନ ଥିବା ଉଲ୍ଲେଖ ରହିଛି। ସିଏଜି ରିପୋର୍ଟ ଅନୁଯାୟୀ, ତଟାଞ୍ଚଳରେ ଶିଳ୍ପାଞ୍ଚଳ ବିକଶିତ ହୋଇଛି। ସେହିପରି ଚିଙ୍ଗୁଡ଼ି ଘେରି, ବହୁମାତ୍ରାରେ ବସବାସ ହୋଇଛି। ଏଥିପାଇଁ ତଟବନ୍ଧ ଓ ପରିବେଶ ଅସୁରକ୍ଷିତ ହୋଇପଡ଼ିଛି। ପାରାଦୀପ ଓ ଧାମରା ମଧ୍ୟରେ ଥିବା ଉପକୂଳ ଅଞ୍ଚଳର ପରିବେଶ ନିରୀକ୍ଷଣ ପାଇଁ ୨୦୧୩ରୁ ୨୦୧୫ ମସିହା ମଧ୍ୟରେ ୨ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ୧୯ଟି ପରୀକ୍ଷାଗାର ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା। ଏହି ପରୀକ୍ଷାଗାର ମାଧ୍ୟମରେ ପରିବେଶ ସମ୍ବନ୍ଧୀୟ ତଥ୍ୟ ହାସଲ କରାଯିବା କଥା। ମାତ୍ର ଏହି ବୋର୍ଡ ୩୩ରୁ ୫୯ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ଜଳ ଓ ବାୟୁର ମାନ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ବହୁ ପଛୁଆ ଅଛି। ୨୦୧୬ରୁ ୨୦୧୮ ମସିହା ମଧ୍ୟରେ ରାଜନଗର ମ୍ୟାନ୍‌ଗ୍ରୋଭ ଫରେଷ୍ଟ ଡିଭିଜନ ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ୨୨୮ ହେକ୍ଟର ଜମିରେ ହେନ୍ତାଳବଣ ସୃଷ୍ଟି ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ ତଦନ୍ତ ସମୟରେ ଶୂନରୁ ୩୫ ପ୍ରତିଶତ ଗଛ ଦେଖିବାକୁ ମିଳିଛି। ସେହିପରି କେନ୍ଦ୍ରାପଡ଼ା ଜିଲା ପେଣ୍ଠଠାରେ ପ୍ରାୟ ୩୩ କୋଟି ଟଙ୍କା ଖର୍ଚ୍ଚ ହୋଇ ଜିଓ ସିନ୍ଥେଟିକ ବନ୍ଧ ନିର୍ମାଣ ହୋଇଥିଲା। ମାତ୍ର ଏହି ୱାଲର ଗାବିୟନ ବକ୍ସରୁ ପଥର ବାହାରି ସମୁଦ୍ର ମଧ୍ୟକୁ ଚାଲିଯାଉଛି। ୨୦୧୮ ମସିହାରେ ଏହି ଟ୍ୟୁବ୍‌ୱାଲର ସୁରକ୍ଷା ପାଇଁ ରାଜ୍ୟ ପାଣ୍ଠିରୁ ୪ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଏହାର ତଦନ୍ତ ସମୟରେ ପେଣ୍ଠ ତଟାଞ୍ଚଳର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଥିସହ ୨୦୧୯ ଅଗଷ୍ଟରେ ଟ୍ୟୁବ୍‌ୱାଲ୍‌ରେ ନିଆଁ ଲାଗିଥିବାରୁ ଅଧିକ ୩ କୋଟି ୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବ୍ୟତୀତ ତଟବନ୍ଧ ସୁରକ୍ଷାକୁ ନେଇ ସିଏଜି ରିପୋର୍ଟ ବହୁ ପ୍ରଶ୍ନ ଉଠାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ମୋଟ ୭୪୪.୩୭ କି.ମି.ର ଲୁଣା ତଟବନ୍ଧ ଅଛି। ଏହି ବନ୍ଧ ଅସୁରକ୍ଷିତ ଥିବାରୁ ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାର ୪୫୫ ଗ୍ରାମାଞ୍ଚଳରେ ସମୁଦ୍ର ଓ ନଦୀ ଜଳ ପଶିଆସୁଛି। ଏଥିସହ ଏହି ଜିଲାରେ ମୋଟ ୬୪ଟି ଗ୍ରାମକୁ ସୁନାମିପ୍ରବଣ ବୋଲି ଚିହ୍ନଟ କରାଯାଇଛି।


ମହାକାଳପଡ଼ା ନିପାଣିଆର ଚାଷଜମିରେ ଲୁଣାପାଣି ମାଡ଼ିଯାଇଛି।

# ୨ ଭଉଣୀଙ୍କୁ ଉଲଗ୍ନ କରି କାଳିଶିଙ୍କ ମାଡ଼

■ ଗୁଣି ଗାରେଡ଼ିର କୁପରିଣତି, ୪ ଅଟକ
■ ଅସୁସ୍ଥ ୨ ଭଉଣୀ ଡାକ୍ତରଖାନାରେ ଭର୍ତ୍ତି

**ଯାଜପୁର/ଜେନାପୁର/ଚଢେଇଧରା (ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ/ଦିଲୀପ ପରିଡ଼ା),୧୨।୮ :**

ଆଧୁନିକ ଜ୍ଞାନକୌଶଳ ବଳରେ ମଣିଷ ଆଗକୁ ଅଗ୍ରସର ହେଉଛି । ହେଲେ ଆଜି ବି ଗ୍ରାମାଞ୍ଚଳରେ ଗୁଣିଗାରେଡି ଓ ପ୍ରେତାତ୍ମା ପରି ଅନ୍ଧବିଶ୍ୱାସ କେତେଜଣ ଲୋକଙ୍କ ମନରେ ବସାବାନ୍ଧି ରହିଛି। ଏହି ଅନ୍ଧବିଶ୍ୱାସ ଭିତରେ ପେଷି ହୋଇ ବିଗତ ଦିନରେ ବହୁ ବ୍ୟକ୍ତି ପ୍ରାଣ ହରାଇଥିବା ନଜିର ରହିଛି । ଏହି ରୁଗ୍‌ଣ ମାନସିକତା ଓ ଅନ୍ଧବିଶ୍ୱାସ ଯୋଗୁ ଗୁଣିଗାରେଡ଼ିରେ ଲିପ୍ତ ଲୋକମାନେ ଆକ୍ରୋଶର ଶିକାର ହେଉଛନ୍ତି। ଏଭଳି ଏକ ଘଟଣା ଯାଜପୁର ଜିଲା ଜେନାପୁର ଥାନା ପନ୍ତୁରି ଗ୍ରାମରେ ଦେଖିବାକୁ ମିଳିଛି।

ଜେନାପୁର ଥାନା ମଧୁପୁରଗଡ଼ ପଞ୍ଚାୟତ ପନ୍ତୁରି ଗ୍ରାମରେ ମଙ୍ଗଳବାର ସକାଳେ ଠାକୁରାଣୀ ଲାଗିବା ନାଁରେ ଦୁଇ ଭଉଣୀଙ୍କୁ ଉଲଗ୍ନ କରି ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଆଧାର କରି ଜେନାପୁର ଥାନା ପୋଲିସ ୨ ମହିଳା କାଳିଶିଙ୍କ ସମେତ ୫ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଏନେଇ ଜେନାପୁର ଥାନାରେ ଏକ ମାମଲା(ନଂ.୨୮୫/୨୦୨୫)ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ପନ୍ତୁରି ଗ୍ରାମର ପ୍ରଶାନ୍ତ ଲେଙ୍କାଙ୍କ ବଡ଼ ଝିଅ ଜ୍ୟୋତି (୨୧) ଓ ତାଙ୍କ ନାବାଳିକା ଭଉଣୀ(୧୬) ଅସୁସ୍ଥ ଥିବାରୁ ସେମାନଙ୍କୁ କଟକ ମେଡିକାଲ ନିଆଯାଇଥିଲା। ଆବଶ୍ୟକ ଚିକିତ୍ସା ପରେ ଉଭୟେ ଘରକୁ ଫେରିଥିଲେ। ସୋମବାର ରାତିରେ ଜ୍ୟୋତି କୌଣସି କାରଣରୁ ଚିତ୍କାର କରିଥିଲେ। ଏହାପରେ ପରିବାର ଲୋକେ ୨ ଝିଅଙ୍କୁ ସେହି ଗ୍ରାମର କାଳିଶି ଗେଡି ଦେହୁରୀ(୪୫) ଏବଂ ତୁଳସୀ ମହାକୁଡ଼(୨୬)ଙ୍କ ପାଖକୁ ନେଇଯାଇଥିଲେ। ସେଠାରେ ଉଭୟ ଭଉଣୀଙ୍କୁ ବସାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ୨ ଜଣ କାଳିଶି ଜ୍ୟୋତି ଓ ତାଙ୍କ ସାନ ଭଉଣୀଙ୍କୁ ଉଲଗ୍ନ କରିଥିଲେ । ଜ୍ୟୋତିଙ୍କ ପାଟିରେ ବେତ ପୂରାଇ ଗାଁ ରାସ୍ତାରେ ବୁଲାଇ ପିଟିଥିଲେ। ଏହା ପରେ ନାବାଳିକା ଭଉଣୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଜ୍ୟୋତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନାବାଳିକା ଭଉଣୀଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଜେନାପୁର ପୋଲିସ ପହଞ୍ଚି କାଳିଶି ଗେଡି ଓ ତାଙ୍କ ସ୍ୱାମୀ ସୁବାସ ଦେହୁରୀ, ପୂଜକ ବ୍ରହ୍ମବରଦା ଅଞ୍ଚଳର ଅଭିମନ୍ୟୁ ଓଝା ଓ ତୁଳସୀଙ୍କୁ ଥାନାରେ ଅଟକ ରଖାଯାଇଛି। ଏନେଇ ଥାନାଧିକାରିଣୀ ନିରୁପମା ଜେନା କହିଛନ୍ତି, ଏହି ଘଟଣାକୁ ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରାଯାଇଛି। ଆବଶ୍ୟକ ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପୂର୍ବତନ ବିଧାୟିକାଙ୍କ ବାପଘରେ ବୋମାମାଡ଼: ଜଣେ ଗିରଫ


ବୋମାମାଡ଼ରେ ଗୁରୁତର ଉତ୍ତମ ଦାସ।

**ବରୀ,୧୨।୮(ମହେନ୍ଦ୍ର ସ୍ୱାଇଁ):**

ପୂର୍ବତନ ବିଧାୟିକା ସୁନନ୍ଦା ଦାସଙ୍କ ବାପଘର ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ବରୀ ପଞ୍ଚାୟତ ଉତ୍ତର ବରୀ ଗ୍ରାମରେ ପାରିବାରିକ କଳହକୁ ନେଇ ସୋମବାର ରାତିରେ ବୋମାମାଡ଼ ହୋଇଛି। ଏଥିରେ ସାନ ଭାଇ ଗୁରୁତର ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଅଭିଯୁକ୍ତ ବଡ଼ଭାଇ ଉଲ୍ଲାସ ଦାସଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଘଟଣାଟି ବରୀର ପୂର୍ବତନ ବିଧାୟିକାଙ୍କ ବାପଘରେ ଘଟିଥିବାରୁ ଏହା ଅଧିକ ଚର୍ଚ୍ଚାଘେରକୁ ଆସିଛି।

ଅଭିଯୋଗ ମୁତାବକ, ଜମିବଣ୍ଟନକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଏଥିରେ ବଡ଼ ଭାଇ ଉଲ୍ଲାସ ଉତ୍‌କ୍ଷିପ୍ତ ହୋଇ ସାନ ଭାଇ ଉତ୍ତମଙ୍କ ଉପରକୁ ବୋମାମାଡ଼ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉତ୍ତମଙ୍କ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ବୋମାମାଡ କରିଥିବା ଉଲ୍ଲାସ ଦୀର୍ଘ ସମୟ ଧରି ଲୁଚି ରହିବାରୁ ତାଙ୍କୁ ଧରିବାକୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ପେଟ୍ରୋଲ ବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ଥାନାରେ ନମ୍ବର ୩୩୩/୨୫ରେ ମାମଲା ରୁଜୁ ହୋଇଛି।



ଅତିଥିଙ୍କଠାରୁ କମ୍ପାନୀ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଆୱାର୍ଡ ଗ୍ରହଣ କରୁଛନ୍ତି।

# ଇଫ୍‌କୋକୁ ବେଷ୍ଟ ମଦର ପ୍ଲାଣ୍ଟ ଆୱାର୍ଡ

**ପାରାଦୀପ,୧୨।୮(ଶରତ ରାଉତ):**

ପାରାଦୀପର ସର୍ବବୃହତ୍ ସାର କାରଖାନା ଇଫ୍‌କୋ ୟୁନିଟକୁ ମଙ୍ଗଳବାର ଭୁବନେଶ୍ୱରରେ ବେଷ୍ଟ ମଦର ପ୍ଲାଣ୍ଟ ଆୱାର୍ଡ ମିଳିଛି। ଓଡ଼ିଶା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ (ଏମ୍‌ଏସ୍‌ଏମ୍‌ଇ)ପକ୍ଷରୁ ଆୟୋଜିତ ୪୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଆୱାର୍ଡ ମିଳିଥିଲା। କମ୍ପାନୀ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କଠାରୁ ଆୱାର୍ଡ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳ ଚନ୍ଦ୍ର ନାୟକ, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଇଫ୍‌କୋ ରାଜ୍ୟର ୧୮୦ କ୍ଷୁଦ୍ର ଉଦ୍ୟୋଗ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛି। ଏହି ପୁରସ୍କାର ଉଦ୍ୟୋଗ ଭାଗିଦାରୀ କ୍ଷେତ୍ରରେ ସଫଳତା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରି ଆୱାର୍ଡ ମିଳିଥିବାରୁ ଇଫ୍‌କୋ ୟୁନିଟ ମୁଖ୍ୟ ମହାପାତ୍ର କୃତଜ୍ଞତା ଜଣାଇଛନ୍ତି।

# ‘ଜ୍ଞାନ ବାଣ୍ଟିଲେ ଦେଶ ସମୃଦ୍ଧିରେ ସହାୟକ ହେବ’

**ବାବା ଭୈରବା ନନ୍ଦସ୍ୱୟଂଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ**

**ଚଣ୍ଡିଖୋଲ/ବଡ଼ଚଣା,୧୨।୮(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ଛାତ୍ରୀଛାତ୍ର କଠୋର ପରିଶ୍ରମ କରିବା ଦରକାର। ୫ଟି ଧକୁ ମୂଳମନ୍ତ୍ର କରିବା ଆବଶ୍ୟକ। ଧର୍ମ, ଧରିତ୍ରୀ, ଧର୍ଯ୍ୟ, ଧନ୍ଦା ଓ ଧନ ପ୍ରତି ଗୁରୁତ୍ୱ ଦେବା ଉଚିତ। ଏଥିସହିତ ଆସନ୍ତା ପିଢ଼ିଙ୍କ ସହ ମିଳିମିଶି କାର୍ଯ୍ୟକଲେ ଆମେ ଦେଶକୁ ଆଗେଇ ନେଇପାରିବା। ଜ୍ଞାନକୁ ନିଜ ଭିତରେ ରଖିଲେ ହେବନାହିଁ। ଏହାକୁ ବାଣ୍ଟିବା ଆବଶ୍ୟକ। ଜ୍ଞାନକୁ ଯେତେ ବାଣ୍ଟିବ ତାହା ଦେଶ ସମୃଦ୍ଧିରେ ସହାୟକ ହେବ। ମଙ୍ଗଳବାର ଚଣ୍ଡିଖୋଲସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଏକଥା କହିଛନ୍ତି। ସେ ନିଜର କ୍ଷୋଭ ପ୍ରକାଶ କରି କହିଥିଲେ, ଅତିଥିଙ୍କ କଥା ଶୁଣିବା ଆବଶ୍ୟକ। ଅତିଥିମାନେ ବକ୍ତବ୍ୟ ରଖିବାବେଳକୁ ଛାତ୍ରୀଛାତ୍ର ରହୁନାହାନ୍ତି। ଏହି ଅବସରରେ ୪ ଛାତ୍ରୀଛାତ୍ରଙ୍କୁ ଡାକି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ।

କଲେଜ ପରିସରରେ ଅଧ୍ୟକ୍ଷ ଡ. ପ୍ରଶନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପିକା ନିହାରିକା ଦାସଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ଏମପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଯାଜପୁର ଜିଲାର ବିକାଶ କିପରି ହେବ ସେଥିନେଇ ଆଲୋଚନା କରିଥିଲେ। ବଡ଼ଚଣା ବିଧାୟକ ଅମର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଲେଜର ଉନ୍ନତି ସହ ବଡ଼ଚଣାରେ ଥିବା ଅନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନକୁ କିପରି ବିକାଶର ଶିଖରରେ ପହଞ୍ଚାଇ ହେବ ସେ ନେଇ ବିବୃତି ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ ଓ ଯାଜପୁର ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ପୂର୍ବତନ ଛାତ୍ର ସଂସଦ ସଭାପତି ପବିତ୍ର ମୋହନ ମହଲା କଲେଜ ଆରମ୍ଭ ସମୟର ଅବସ୍ଥା ଓ ବର୍ତ୍ତମାନର ଅବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ଦେବରାଜ ବେହେରା ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ।

ଯୁକ୍ତ ୩ର ସୌମ୍ୟ ରଞ୍ଜନ ଜେନା ଓ ଯୁକ୍ତ ୨ରେ ନସିମା ଖାତୁନଙ୍କୁ ଶ୍ରେଷ୍ଠ ବିଦ୍ୟାର୍ଥୀ, ଶୁଭଶ୍ରୀ ଜେନାଙ୍କୁ ସ୍ନାତକୋତ୍ତର ଶିକ୍ଷା, ଅର୍ଚ୍ଚନା ରାଉତଙ୍କୁ ସ୍ନାତକ ସମ୍ମାନ, ଇତିହାସ ସମ୍ମାନ ଶ୍ରେଣୀରେ ଦୀପ୍ତିମୟୀ ରାଉତ, ପଦାର୍ଥ ବିଜ୍ଞାନରେ ସଂଗ୍ରାମ ମହାନ୍ତିଙ୍କ ସମେତ ବଳଭଦ୍ର ପୃଷ୍ଟି, ସୌମ୍ୟ ରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାହାଣୀ, ସୋନାଲି ପ୍ରିୟଦର୍ଶିନୀ ରାଉତ ଓ ପ୍ରଜ୍ଞା ପାରମିତା ସେନାପତିଙ୍କୁ ମାନପତ୍ର, ପୁରସ୍କାର ରାଶି ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କଲେଜର ମୁଖପତ୍ର ‘ଶୈଳେଜା’ ଓ ବାର୍ଷିକ କ୍ୟାଲେଣ୍ଡରକୁ ଅତିଥି ଉନ୍ମୋଚନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାମିନୀ ନାୟକ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସଭା ପୂର୍ବରୁ ଅତିଥିମାନେ କଲେଜ ନୂତନ ଗୃହର ଶିଳାନ୍ୟାସ କରିଥିଲେ।



ଚଣ୍ଡିଖୋଲ କଲେଜର ପତ୍ରିକାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ୍


@ ଜୁଲି


@ ବିଶ୍ୱରଞ୍ଜନ


@ ଜିତେନ୍ଦ୍ର


@ ନିଲୁ


@ ସୁଚିତ୍ରା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାତୀୟ ପତାକା ଖମ୍ବରୁ ଖସି ଶ୍ରମିକ ଗୁରୁତର

**ପାରାଦୀପ,୧୨।୮(ଶରତ ରାଉତ):**

ପାରାଦୀପ ବତୀଘର ପାଖ ବେଳାଭୂମିରେ ପୌରପରିଷଦ ପକ୍ଷରୁ ଲଗାଯାଇଥିବା ଜାତୀୟ ପତାକା ଖମ୍ବରେ ମଙ୍ଗଳବାର ଅଘଟଣ ଘଟିଛି। ଏକ ପୋକଲିନ ଜରିଆରେ ଖମ୍ବ ଉପରେ ଚଢ଼ି ମରାମତି କରୁଥିବାବେଳେ ଜଣେ ଠିକାଶ୍ରମିକ ତଳକୁ ଖସି ପଡ଼ିଛନ୍ତି। ସେ ପ୍ରାୟ ୧୦୦ ଫୁଟ ଉଚ୍ଚତାରୁ ଖସି ତଳେ ପେଭର ଚଟାଣରେ ପଡି ଯାଇଥିଲେ। ଏଥିରେ ତାଙ୍କର ଗୋଡ, ହାତ, କାନ୍ଧ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ସୁଦ୍ଧା ତାଙ୍କ ଅବସ୍ଥା ସ୍ଥିରଥିବା ଜଣାପଡିଛି। ଘଟଣା ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ପଚାରିଲେ କୁହନ୍ତି, ସମ୍ପୃକ୍ତ ଠିକା ଶ୍ରମିକ ଏଜେନ୍ସି ଜରିଆରେ କାମ କରୁଥିଲେ। ତାଙ୍କ ପରିଚୟ ମିଳପାରିନାହିଁ। ସୂଚନାଯୋଗ୍ୟ, ଉକ୍ତ ଖମ୍ବରେ ବିଶାଳତମ ଜାତୀୟ ପତାକା ୪ ବର୍ଷ ହେଲା ଲାଗିଛି। ପତାକା ଚିରି ଗଲେ କିମ୍ବା ଖମ୍ବରେ ବିଦ୍ୟୁତ୍ ଖରାପ ହେଲେ ମରାମତି କରାଯାଏ। ମଙ୍ଗଳବାର ଖମ୍ବର ଶୀର୍ଷରେ ପତାକା ବନ୍ଧା ଯାଉଥିବା ହୁକ ଖରାପଥିବାରୁ ମରାମତି ହେଉଥିଲା। ଏକ ବେଲ୍ଟ ଜରିଆରେ ସମ୍ପୃକ୍ତ ଶ୍ରମିକ ପୋକଲିନ ସାହାଯ୍ୟରେ ଝୁଲୁଥିବା ଅବସ୍ଥାରେ ମରାମତି କରୁଥିଲେ। ଏହି ସମୟରେ ଦୁର୍ଘଟଣା ହୋଇଥିଲା।

# ହ୍ରାସ ପାଉଛି ମୃଗବିହାର ମୃଗ ସଂଖ୍ୟା

**୪୦ ବର୍ଷରେ କୁଆଁରିଆ ମୃଗବିହାର**

- ସ୍ଥାନ ଅଭାବରୁ ବିଚରଣରେ ସମସ୍ୟା
- ଆବଶ୍ୟକ ଅନୁସାରେ ହେଉଛି ବଂଶ ବିସ୍ତାର
- ୨୮୩ରେ ଅଟକିଛି ସଂଖ୍ୟା

ନୟାଗଡ଼,୧୨।୮(ଲୋକନାଥ ମିଶ୍ର)


ମୃଗବିହାରରେ ଥିବା ମୃଗ।

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଆଁରିଆ ମୃଗ ବିହାରରେ ମୃଗଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ୨୦୧୨ରେ ୩୦୦ ମୃଗ ଥିବାବେଳେ ୨୦୨୫ରେ ସେହି ସଂଖ୍ୟା ୨୮୩ ରହିଛି। ସ୍ଥାନ ଅଭାବରୁ ବିଚରଣ ସମସ୍ୟା ଦେଖା ଦେଇଥିବାବେଳେ ମୃଗ ବିହାରରେ ମୃଗଙ୍କୁ ପ୍ରଜନନ କରିବାର ସୁବିଧା ଦିଆଯାଉନି। ମୃଗ ବିହାର ୪୦ ବର୍ଷରେ ପହଞ୍ଚି ଥିବାବେଳେ ଆବଶ୍ୟକତା ଅନୁସାରେ ମୃଗଙ୍କ ବଂଶ ବିସ୍ତାର ନ ହେବା ଉଦ୍‌ବେଗର କାରଣ ପାଲଟିଛି। ଅନ୍ୟପକ୍ଷେ ମୃଗ ବିହାରର ଉନ୍ନତି କାଗଜପତ୍ରରେ ରହି ଯାଇଛ ବୋଲି ଅଭିଯୋଗ ରହିଛି। ମୃଗଙ୍କ ସଂଖ୍ୟା ଯଦି ଜାଣିଶୁଣି ବୃଦ୍ଧି କରାଯାଉନି ତାହା ଠିକ୍ ନୁହେଁ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ସୂଚନା ଅନୁଯାୟୀ, କୁଆଁରିଆ ମୃଗ ବିହାର ପାଇଁ ୬ ଏକର ୬ ଡେସିମିଲ ଜମି ରହିଛି ରହିଥିଲେ ମଧ୍ୟ ମୃଗମାନେ ସାଢ଼େ ୫ ଏକର ଜମିରେ ରହିଛନ୍ତି। କୁଆଁରିଆଁ ମୃଗ ବିହାର ୨୩।୧।୧୯୮୫ରେ ଉଦ୍‌ଘାଟିତ ହୋଇଥିଲା। ଉଦଘାଟନ ସମୟରେ ୫ଟି ମୃଗ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମୃଗଙ୍କ ସଂଖ୍ୟା ବଢ଼ି ଚାଲିଥିଲା। ହେଲେ ଏହା ପରେ ସେହି ସଂଖ୍ୟା ହ୍ରାସ ପାଇ ଚାଲିଛି। ୨୦୧୨ର ରିପୋର୍ଟ କହୁଛି, ମୃଗ ବିହାରରେ ୩୦୦ ମୃଗ ରହିଥିଲେ। ତେବେ୨୦୨୦ ଅଗଷ୍ଟରେ ସେହି ସଂଖ୍ୟା ୨୫୪ରେ ପହଞ୍ଚିଥିଲା। ପରେ ୨୦୨୧ରେ ୨୬୩, ୨୦୨୨ରେ ୨୬୩, ୨୦୨୩ରେ ୨୬୭, ୨୦୨୪ରେ ୨୭୫, ୨୦୨୫ରେ ୨୮୩ରେ ପହଞ୍ଚିଛି। ମୃଗ ବିହାର ହେବାର ୪୦ ବର୍ଷକୁ ଦେଖିଲେ ଯେତିକ ମୃଗ ଅଛନ୍ତି ସେମାନଙ୍କ ପାଇଁ ବିଚରଣ ପାଇଁ ସ୍ଥାନର ଅଭାବ ରହିଛି। ଯଦି ମୃଗଙ୍କ ସଂଖ୍ୟା ବଢ଼େ ତେବେ ରହିବା ପାଇଁ ସମସ୍ୟା ହେବ। ଗୋଟିଏ ମୃଗ ଘଣ୍ଟାକୁ ୯୦ କି.ମି. ଦୌଡି ପାରେ। ତେବେ ଏଠାରେ ରହୁଥିବା ମୃଗମାନେ ଦୌଡିବାର ସୁବିଧା ପାଇ ନ ଥାନ୍ତି। ମୃଗ ବିହାର ପାଇଁ ଅଧିକ ଜମିର ଆବଶ୍ୟକତା ଥିବାବେଳେ ସରକାର ଏହାକୁ ବଢ଼ାଉ ନ ଥିବା ଅଭିଯୋଗ ହୋଇଛି। ମୃଗଙ୍କ ସଂଖ୍ୟା ବୃଦ୍ଧି ନ ହେବା ନେଇ ତତ୍କାଳୀନ କୁଆଁରିଆ ମୃଗ ବିହାର ଡ୍ୟାମ୍ ରେଞ୍ଜର ରୁକୁଣ ବରିହା କୁହନ୍ତି, ମୃଗ ବିହାରରେ ସ୍ଥାନ ଅଭାବ ଥିବାବେଳେ ସଂଖ୍ୟା ବଢ଼ିଗଲେ ମୃଗଙ୍କୁ ରଖିବା କଷ୍ଟକର ହେଉଛି। ଏଣୁ ଅଣ୍ଡିରା ଓ ମାଇ ମୃଗଙ୍କୁ ଅଲଗା କରି ରଖା ଯାଉଛି। ଆବଶ୍ୟକତା ଅନୁସାରେ ବଂଶ ବିସ୍ତାର କରାଯାଉଛି। ସ୍ଥାନ ଅଭାବ ଯୋଗୁ ମୃଗମାନେ ଠିକ୍ ଭାବେ ଚରି ପାରୁ ନ ଥିବା ସେ ସ୍ୱୀକାର କରିଛନ୍ତି। ତେବେ ମୃଗ ବିହାରର ପରିସୀମା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିବା କୁହାଯାଇଥିଲା। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ଅମରେଶ ପ୍ରଧାନ କୁହନ୍ତି, ସେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅଣ୍ଡିରା ଓ ମାଇ ମୃଗଙ୍କୁ ଅଲଗା ରଖା ଯାଉଥିବା ସେ ଜାଣି ନାହାନ୍ତି। ଏମିତି ପୃଥକ କରି ରଖାଯାଉ ନ ଥିବ ବୋଲି ମୁଁ ଅନୁଭବ କରୁଛି। ତଥାପି କାହିଁକି ମୃଗଙ୍କ ସଂଖ୍ୟା ବଢୁନି ସେ ନେଇ ସମୀକ୍ଷା ଓ ଆଲୋଚନା କରିବେ ବୋଲି କହିଛନ୍ତି। ପରିବେଶବିତ୍ ହରିଶଙ୍କର ମହାରାଜ କୁହନ୍ତି, ମୃଗଙ୍କ ବଂଶବୃଦ୍ଧି ରୋକାଯିବା ଠିକ ନୁହେଁ। ବଂଶବୃଦ୍ଧି ହେଲେ ହାତୀ, ବାଘ ପରି ଏମାନଙ୍କୁ ସ୍ଥାନାନ୍ତର କରାଯିବା ଦରକାର। ପୁଣି ମୃଗ ବିହାରର ପରିସୀମା ବୃଦ୍ଧି କରାଯିବା ଦରକାର। ପଦ୍ମତୋଳା ଜଙ୍ଗଲକୁ କେତେକ ମୃଗଙ୍କୁ ସ୍ଥାନାନ୍ତର କରାଯିବାର ପ୍ରସ୍ତାବ ରହିଥିଲା। ତେବେ ସ୍ଥାନାନ୍ତର କାହିଁକି କରାଗଲାନି ଜଣାପଡିନି। ନଚେତ୍ ଅନ୍ୟ ସ୍ଥାନରେ ନୂଆ ମୃଗ ବିହାର କରାଯାଉ ବୋଲି ସେ କହିଛନ୍ତି।

## ଦେବୋତ୍ତର କମିଶନଙ୍କ ଆଦେଶ ରଦ୍ଦ

**ଛେରାପହଁରା କରିବା ପାଇଁ କରାଯିବ ତଦନ୍ତ**

ନୟାଗଡ଼,୧୨।୮(ଲୋକନାଥ ମିଶ୍ର)

ହାଇକୋର୍ଟରେ ଦେବୋତ୍ତର କମିଶନର ଆଦେଶ ରଦ୍ଦ ହୋଇଯିବାରୁ ରାଜା ଗଜେନ୍ଦ୍ର ଚନ୍ଦ୍ର ସିଂଙ୍କ ଛେରା ପହଁରା ପାଇଁ ବାଟ ଫିଟିଛି। ହାଇକୋର୍ଟ ଦେବୋତ୍ତର କମିଶନରଙ୍କ ଆଦେଶକୁ ରଦ୍ଦ କରି ନିର୍ଦ୍ଦେଶ ଦେଇଛନ୍ତି ଏକ ପାଖିଆ ତଦନ୍ତ ନ କରି ଠିକ ତଦନ୍ତ କର। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିଚାରକୁ ନେଇ ଦେବୋତ୍ତର କମିଶନର ତଦନ୍ତ କରି ଛେରାପହଁରା କରିବାକୁ କିଏ ପ୍ରକୃତ ହକଦାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ ପୁରୁଣା ସହରରେ ଶ୍ରୀଜୀଉଙ୍କର ରଥଯାତ୍ରା ଓ ବାହୁଡ଼ାରେ ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ସିଂହ ମାନ୍ଧତା ଛେରା ପହଁରା କରୁଥିଲେ। ରାଜା କୃଷ୍ଣଚନ୍ଦ୍ର ସିଂହ ମାନ୍ଧତାଙ୍କ ୨ ସ୍ତ୍ରୀ। ପ୍ରଥମ ସ୍ତ୍ରୀ ହୋମରାଜ ଲକ୍ଷ୍ମୀଙ୍କ ପୁଅ ବ୍ରଜେନ୍ଦ୍ର କିଶୋର ସିଂ। ପ୍ରଥମ ସ୍ତ୍ରୀଙ୍କ ଛାଡପତ୍ର ପରେ ରାଜା କୃଷ୍ଣଚନ୍ଦ୍ର ସିଂହ ମାନ୍ଧତା ହିନ୍ଦୋଳର ମାମୁ ଝିଅ ଭଉଣୀ ସୌଭାଗ୍ୟ ମଞ୍ଜରୀ ଦେବୀଙ୍କୁ ବିବାହ କରିଥିଲେ। ସୌଭାଗ୍ୟ ମଞ୍ଜରୀଙ୍କ ଗୋଟିଏ ପୁଅ ଅମରେନ୍ଦ୍ର କିଶୋର ସିଂ ଓ ୨ ଝିଅ। କୃଷ୍ଣଚନ୍ଦ୍ର ସିଂ ମାନ୍ଧତା ୧୯୮୨ରେ ମୃତ୍ୟୁ ହୋଇଥିଲା। କୃଷ୍ଣଚନ୍ଦ୍ର ସିଂହ ମାନ୍ଧତାଙ୍କ ମୃତ୍ୟୁ ପରେ ପରେ ବ୍ରଜେନ୍ଦ୍ର କିଶୋର ସିଂହ ଛେରା ପହଁରା କରୁଥିଲେ। ୨୯ ବର୍ଷ ଛେରା ପହଁରା କରିବା ପରେ ୨୦୧୨ରେ ପ୍ରାଣ ହରାଇଲେ। ବ୍ରଜେନ୍ଦ୍ର କିଶୋର ସିଂହଙ୍କ ୨ ପୁଅ ଗଜେନ୍ଦ୍ର ଓ ହେମେନ୍ଦ୍ର। ବଡପୁଅ ଗଜେନ୍ଦ୍ର ବାପା ବ୍ରଜେନ୍ଦ୍ର କିଶୋର ସିଂହଙ୍କ ପରେ ୨୦୧୨ ପରଠାରୁ ଛେରା ପହଁରା କରିଥିଲେ। ତେବେ ଅମରେନ୍ଦ୍ର କିଶୋର ସିଂଙ୍କ ପୁଅ ରାମେଶ୍ୱର ପ୍ରସାଦ ସିଂ ହାଇକୋର୍ଟରେ ୨୦୧୩ରେ ଡବ୍ଲ୍ୟୁପି (ସି) ୧୩୫୮୭ରେ ପିଟିଶନ କରିଥିଲେ ମୁଁ ପ୍ରକୃତ ରାଜା। ମୋ ବାପା ଛେରା ପହଁରା କରୁଥିଲେ।ମୋତେ ଛେରା ପହଁରା କରିବାର ସୁଯୋଗ ଦିଆଯାଉ। ଏଣୁ ଛେରା ପହଁରାକୁ ନେଇ ବିବାଦ ଧରିଥିଲା। ହାଇକୋର୍ଟଙ୍କ ବାରଣ ରହିବାରୁ ଛେରା ପହଁରା କରିବା ପାଇଁ ସୁଯୋଗ ପାଇଲେ ନାହିଁ ରାମେଶ୍ୱର ପ୍ରସାଦ ସିଂ। ଏଣୁ ରାଜା ଗଜେନ୍ଦ୍ର ପୁଣି ଛେରା ପହଁରା ୨୦୧୬ ପର୍ଯ୍ୟନ୍ତ କରୁଥିଲେ। ତେବେ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ପରେ ରାମେଶ୍ୱର ପ୍ରସାଦ ସିଂ ଛେରା ପହଁରା ୨୦୧୭ରୁ କରି ଆସୁଛନ୍ତି। ଦେବୋତ୍ତର କମିଶନର ଆଦେଶ ବିରୋଧରେ ଗଜେନ୍ଦ୍ର ହାଇକୋର୍ଟ ଯିବା ପରେ ଦେବୋତ୍ତର କମିଶନର ଆଦେଶ ରଦ୍ଦ ହୋଇଥିବା ଜଣାପଡିଛି।

## ସାତକୋଶିଆରେ ବିଶ୍ୱ ହସ୍ତୀ ଦିବସ ପାଳିତ


ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ବନାଞ୍ଚଳ ଅଧିକାରୀ ଓ ଅନ୍ୟମାନେ।

ଗଣିଆ,୧୨।୮(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ତରଫରୁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପରିସରରେ ମଙ୍ଗଳବାର ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା କାର୍ଯକ୍ରମରେ ବନଖଣ୍ଡ ଅଧିକାରୀ ଅମରେଶ ନାଥ ପ୍ରଧାନ, ଓ ସହକାରୀ ବନ ସଂରକ୍ଷକ ଦେବୀ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ହସ୍ତୀ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ହାତୀ ବଂଶ ହ୍ରାସର କାରଣ, ହାତୀ ମଣିଷ ଲଢ଼େଇ ଓ ହାତୀମାନଙ୍କ ସଂରକ୍ଷଣ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଗତ ଦିନରେ ବିଭିନ୍ନ ବନଖଣ୍ଡରେ ହାତୀ ଉଦ୍ଧାର ଅନୁଭୂତି ଉପରେ ବନଖଣ୍ଡ ଅଧିକାରୀ ପ୍ରଧାନ ନିଜର ତଥ୍ୟ ରଖିଥିଲେ । ଜଙ୍ଗଲ ନିଆଁକୁ କିଭଳି ରୋକା ଯାଇପାରିବ ସେ ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷେ ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସମନ୍ୱୟରେ ବନ, ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ନିଆଁ ବନ୍ଦ ପଦକ୍ଷେପ ଦିଗରେ ପରିବେଶ ବିକାଶ ସମିତି ଓ ଗଜସାଥିମାନଙ୍କ ସହ ବନଖଣ୍ଡ ଅଧିକାରୀ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ଫରେଷ୍ଟର ଗାୟତ୍ରୀ ପରିଡ଼ା, ବଡ଼ମୂଳ ଫରେଷ୍ଟର କାଳନ୍ଦୀ ସାଥୁଆ ଓ ପୁରୁଣାପାଣି ଫରେଷ୍ଟର ସଞ୍ଜୟ କୁମାର ରାଉତଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗଜସାଥୀ, ସ୍କ୍ୱାର୍ଡ ଓ ଇଡିସି ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

## ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାପୀଠରେ ବିଶ୍ୱ ସଂସ୍କୃତ ଦିବସ ପାଳିତ


ସଂସ୍କୃତ ଦିବସ ଉତ୍ସବରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଗଣିଆ,୧୨।୮(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ୍ ରାସଙ୍ଗସ୍ଥିତ ରାମଚନ୍ଦ୍ର ପ୍ରାଣବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାପୀଠ ପରିସରରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ପଣ୍ଡିତ ଅଜିତ କୁମାର ନାୟକଙ୍କ ସଂଯୋଜନାରେ ସଭା କାର୍ଯ ଆରମ୍ଭ ହୋଇଥିଲା। ସଂସ୍କୃତ ଓ ସଂସ୍କୃତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସଭାର ସଭାପତି ଭାଗିରଥି ଜାନି ମତ ରଖିଥିଲେ। ବରିଷ୍ଠ ଶିକ୍ଷକ ଦଣ୍ଡଧର ରାଉତଙ୍କ ସଂଗ୍ରାମୀ ଭାଷଣ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇଥିଲା। ସଂଘର୍ଷରତ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ଭାଷା ଆନ୍ଦୋଳନରେ ଛାତ୍ରୀଛାତ୍ରମାନେ ସୈନିକ ହେବାକୁ ଶିକ୍ଷକ ଦୀପକ କୁମାର କୁଅଁର ପରାମର୍ଶ ଦେଇଥିଲେ। ଦଶମ ଶ୍ରେଣୀର ଛାତ୍ରୀ କୃଷ୍ଣା ମୁଦୁଲିଙ୍କ ସଂସ୍କୃତ ଭାଷାରେ ଭାଷଣ ସମସ୍ତଙ୍କ ମନକୁ ଛୁଇଁଥିଲା। ଛାତ୍ରୀ ଛାତ୍ରୀଙ୍କ ସଂସ୍କୃତ ଶ୍ଳୋକ ଉଚ୍ଚାରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ପ୍ରଶଂସା ଯୋଗ୍ୟ ହୋଇଥିଲା। ଶିକ୍ଷକ ବିଶ୍ୱମ୍ଭର ବେହେରା, ବିଶକର୍ମା କହଁର ଏବଂ ଶିକ୍ଷୟିତ୍ରୀ ଅନିତା ମହାପାତ୍ର, ଲୋପାମୁଦ୍ରା ବେହେରା ଓ ମୋନାଲିସା ରାଉତ କର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଜାନି ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖୋଜ ବୃଦ୍ଧଙ୍କ ମୃତଦେହ କାଠଯୋଡି ନଦୀରୁ ମିଳିଲା

ନୟାଗଡ଼,୧୨।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ ଥାନା ଫତେଗଡ଼ ଗ୍ରାମ ବିଜୟନଗର ସାହିର ନିଖୋଜ ଥିବା ବୃଦ୍ଧଙ୍କ ମୃତଦେହ କାଠଯୋଡି ନଦୀରୁ ମଙ୍ଗଳବାର ଉଦ୍ଧାର ହୋଇଛି। ବିଜୟନଗର ସାହିର ଭ୍ରମର ରଣା (୬୫) ଜଣେ ମାନସିକ ରୋଗୀ। ୫ ଦିନ ତଳେ ଭ୍ରମରଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ କୁନା ରଣା କଟକ ବଡ଼ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲେ। କଟକ ଲିଙ୍କ୍‌ରୋଡରେ ଥିବା ଏକ ଦୋକାନରୁ କିଛି ସାମଗ୍ରୀ କିଣୁଥିବା ବେଳେ ଭ୍ରମର କେଉଁଆଡେ ଚାଲି ଯାଇଥିଲେ। ବହୁ ଖୋଜାଖୋଜି ପରେ ଭ୍ରମରଙ୍କ କୌଣସି ସନ୍ଧାନ ମିଳି ନ ଥିଲା।ଏଣୁ ନିକଟସ୍ଥ ଥାନାରେ ନିଖୋଜ ଥିବା ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳୁ କାଠଯୋଡି ନଦୀର କୂଳରୁ ମୃତଦେହ ଉଦ୍ଧାର ହୋଇଛି। କଟକ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ରାଜସ୍ୱ ଅମଲା ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ଖଣ୍ଡପଡ଼ା,୧୨।୮
(ଅଜୟ କୁମାର ମହାରଣା)

ରାଜ୍ୟ ସଂଘର ଆହ୍ୱାନକ୍ରମେ ୧୦ ଦଫା ଦାବି ନେଇ ଖଣ୍ଡପଡ଼ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଖଣ୍ଡପଡ଼ ଓ ଭାପୁର ତହସିଲ, ବ୍ଲକ କାର୍ଯ୍ୟାଳୟରେ କାମ କରୁଥିବା ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ଏବଂ ଉପବିଭାଗ ଅଧିକାରୀ ଆନ୍ଦୋଳନରେ ସାମିଲ ହେବା ସହ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସଂଘ ପକ୍ଷରୁ ବାରମ୍ବାର ଦାବି ଉପସ୍ଥାପନ କରିବା ସତ୍ତ୍ୱେ ରାଜ୍ୟ ସରକାର , ରାଜସ୍ୱ ଅମଲା କର୍ମଚାରୀଙ୍କ ସମସ୍ୟା ସମାଧାନ କରୁନାହାନ୍ତି। କିଛିଦିନ ପୂର୍ବେ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ମାତ୍ର ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନରେ ଇନ୍ଦ୍ରାଣୀ ଜାନୀ, ରଶ୍ମୀରଞ୍ଜନ ମହାପାତ୍ର, ବ୍ଲକ କ୍ୟାସିୟର ଲକ୍ଷ୍ମୀକାନ୍ତ ଦାଶ, ଜ୍ୟୋତିପ୍ରଭା ଦାସ, ରାଧାକାନ୍ତ ଲେଙ୍କା, ପ୍ରଭାତ କୁମାର ପଣ୍ଡା, ହାଡିବନ୍ଧୁ ବେହେରା, କପିଳା ଦଳେଇ, ଏମ୍‌ଡି ଆଲମ, ନବକିଶୋର ଦାସ ପ୍ରମୁଖ ବହୁ କର୍ମଚାରୀ ସାମିଲ ହୋଇଛନ୍ତି ।


ଅମଲା ସଂଘ ପକ୍ଷରୁ ଆୟୋଜିତ ଧାରଣା।

## ଦଶପଲ୍ଲା ତହସିଲ ଅଫିସ ସମ୍ମୁଖରେ ରାଜସ୍ୱ ଅମଲାଙ୍କ ଧାରଣା

ଦଶପଲ୍ଲା,୧୨।୮
(ପ୍ରକାଶ କୁମାର ପାଣି)

ମଙ୍ଗଳବାର ଦଶପଲ୍ଲା ତହସିଲ ଅଫିସ ସମ୍ମୁଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ନୟାଗଡ଼ ଜିଲା ଶାଖା ପକ୍ଷରୁ ତହସିଲରର ରାଜସ୍ୱ କର୍ମଚାରୀମାନେ ଧାରଣା ଆରମ୍ଭ କରିଛନ୍ତି । ସେମାନେ ୧୦ ଦଫା ଦାବିକୁ ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । କାର୍ଯ୍ୟ ବନ୍ଦ ସମ୍ପର୍କରେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କୁ ଶନିବାର କର୍ମଚାରୀମାନେ ଏକ ଦାବିପତ୍ର ଦେଇଥିଲେ। ସୋମବାର ନୟାଗଡ଼ ଜିଲାଠାରେ କାର୍ଯ୍ୟ ବନ୍ଦ କରି ଏକତ୍ରିତ ହୋଇଥିଲେ। ଜିଲା ସଂଘ ନିଷ୍ପତ୍ତି କ୍ରମେ ମଙ୍ଗଳବାରଠାରୁ ତହସିଲ ଅଫିସ ସମ୍ମୁଖରେ ଧାରଣା ଆରମ୍ଭ କରିଛନ୍ତି। ଜୁଲାଇ ମାସରେ କର୍ମକର୍ତ୍ତାମାନେ ୧୦ ଦଫା ଦାବି ନେଇ ଏହି କଳାବ୍ୟାଜ ପିନ୍ଧି କାମ କରିଥିଲେ। ଜୁଲାଇ ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଘୋଷଣା କରିଥିଲେ । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅନୁରୋଧ କ୍ରମେ ତାହାକୁ ସ୍ଥଗିତ ରଖାଯାଇଥିଲା। ତେବେ କୌଣସି ପ୍ରତିକାର ନ ହେବାରୁ ସୋମବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ଧାରଣାରେ ତହସିଲ ଅଫିସ ଏବଂ ବ୍ଲକ ଅଫିସର ସମସ୍ତ ରାଜସ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ଏ ପଟେ ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଜନସାଧାରଣ ବହୁ ହଇରାଣର ସମ୍ମୁଖୀନ ହେଉଛନ୍ତି । ଦାବି ପୂରଣ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ବନ୍ଦ ଆନ୍ଦୋଳନ ଏବଂ ଶାନ୍ତିପୂର୍ଣ୍ଣ ଧାରଣା ଚାଲୁ ରହିବ ବୋଲି ଧାରଣାରତ କର୍ମଚାରୀମାନେ ପ୍ରକାଶ କରିଛନ୍ତି।



ଧାରଣାରେ ବସିଥିବା ରାଜସ୍ୱ କର୍ମଚାରୀମାନେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ୍


@ ଜୁଲି


@ ବିଶ୍ୱରଞ୍ଜନ


@ ଜିତେନ୍ଦ୍ର


@ ନିଲୁ


@ ସୁଚିତ୍ରା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପିଏମ୍‌ଜିରେ ପରେଡ୍ ଅଭ୍ୟାସ। **(ଫଟୋ–ମନୋରଞ୍ଜନ ମିଶ୍ର)**

# ତେଲଙ୍ଗାନାରେ ଦୁର୍ଘଟଣା: ୩ ଦାଦନ ଶ୍ରମିକ ମୃତ

**ଉମରକୋଟ, ୧୨।୮**
**(ସନ୍ତୋଷ ଶତପଥୀ)**

ଦି'ପଇସା ରୋଜଗାର ଲକ୍ଷ୍ୟରେ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ। କିନ୍ତୁ ସୋମବାର ସେଠାରେ ଏକ ସଡ଼କ ଦୁର୍ଘଟଣାରେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଝରିଗାଁ ବ୍ଲକ ବକଡ଼ାବେଡ଼ା ଗ୍ରାମର ୩ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଉକ୍ତ ଗାଁର ଜୟରାମ ଭତ୍ରା(୫୬), ନାରାୟଣ ଭତ୍ରା(୨୦) ଓ ଚେତମନ ଭତ୍ରା(୨୧)। ମଙ୍ଗଳବାର ଏହି ଖବର ପାଇବା ପରେ ସନ୍ଧ୍ୟାରେ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସେଠାରୁ ଆମ୍ବୁଲାନ୍ସରେ ଆସୁଥିବା ମୃତଦେହ ବୁଧବାର ଗ୍ରାମରେ ପହଞ୍ଚିବ ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ୧୧ ଦିନ ତଳେ


ଜୟରାମ ଭତ୍ରା


ନାରାୟଣ ଭତ୍ରା


ଚେତମନ ଭତ୍ରା

ବକଡ଼ାବେଡ଼ା ଗ୍ରାମର ୧୪ ଜଣ ଶ୍ରମିକ ଜଣେ ଦଲାଲଙ୍କ ସହାୟତାରେ ଦାଦନ ଖଟିବାକୁ ଯାଇଥିଲେ। ତେଲଙ୍ଗାନା ରାଜ୍ୟର କିସାରା ଥାନା ଅଧୀନ ସିକନ୍ଦର କମମ ଅଞ୍ଚଳ ରାସ୍ତାପାର୍ଶ୍ୱରେ ଚାରା ଲଗାଇବା କାର୍ଯ୍ୟରେ ଏହି ୧୪ ଶ୍ରମିକ ନିୟୋଜିତ ଥିଲେ। ତେବେ ସୋମବାର ମଧ୍ୟାହ୍ନଭୋଜନ କରି ପୁଣି କାମକୁ ଯିବାବେଳେ ପଛପଟରୁ ଏକ ଗାଡ଼ି(ଟିଜି-୦୮T-୨୪୯୬) ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜୟରାମ, ନାରାୟଣ ଓ ଚେତମନଙ୍କ ମୃତ୍ୟୁ ହୋଇଯାଇଥିଲା। ସେଠାକାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଥିଲା। ଘଟଣା ସମ୍ପର୍କରେ ମଙ୍ଗଳବାର ସକାଳ ୯ଟାରେ ପରିବାର ସଦସ୍ୟ ଖବର ପାଇଥିଲେ। ଖବର ଲେଖାଯିବା ବେଳକୁ ଅନ୍ୟ ୧୧ ଶ୍ରମିକ ଆମ୍ବୁଲାନ୍ସ ଯୋଗେ ୩ ମୃତଦେହ ଧରି ବକଡ଼ାବେଡ଼ା ଅଭିମୁଖେ ବାହାରିଥିବା ଜଣାପଡ଼ିଛି। ବୁଧବାର ସମସ୍ତ ମୃତଦେହ ଗାଁରେ ପହଞ୍ଚିବ ବୋଲି ମୃତ ଜୟରାମଙ୍କ ପୁଅ ଶୈନ୍ଦ୍ର ସୂଚନା ଦେଇଛନ୍ତି। ଏ ନେଇ ଶୈନ୍ଦ୍ର ଉମରକୋଟ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

# ଏଆଇ ଜଗିବ ଅଧିକାରୀ, କର୍ମଚାରୀଙ୍କ ଉପସ୍ଥାନ

## ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

- ଠିକ୍ ସମୟରେ ଅଫିସ ଆସୁ ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- କାର୍ଯ୍ୟ ସମ୍ପାଦନ କରୁ ନ ଥିବା କର୍ମଚାରୀଙ୍କୁ ଦିଆଯିବ ଆଗୁଆ ଅବସର
- ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦିଅ
- ଅକ୍ଟୋବରରୁ ଆରମ୍ଭ ହେବ ଚିଫ୍ ମିନିଷ୍ଟର୍ସ ଡ୍ୟାସ୍‌ବୋର୍ଡ

**ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଯେଉଁମାନେ ଠିକ୍ ସମୟରେ ଅଫିସ୍ ଆସୁନାହାନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଉପସ୍ଥାନ ନ ରହିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ସରକାରୀ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯିବ। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ୧୫ ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଏହି ଅବସରରେ ଗୁରୁତ୍ୱ ଦେଇଛନ୍ତି।

କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା କରିବାକୁ ବିଚାର କରିଛନ୍ତି। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ। ପରେ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ନେବାପାଇଁ ପରାମର୍ଶ ଦିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଛନ୍ତି।

ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କ କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଛି।

କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ନ ରହିବା, ଅଭିଯୋଗ ଶୁଣାଣିରେ ଅପ୍ରଭାବୀ ପ୍ରଦର୍ଶନ, ଦୁର୍ନୀତିକୁ ଚିହ୍ନଟ କରିବାରେ ଦୁର୍ବଳ ହାର, ଅସାଧୁତା, ନିୟମିତ ତଦାରଖ ବ୍ୟବସ୍ଥା ନ କରାଯିବା ଆଦି ଦୁର୍ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଛି। ବିଭାଗୀୟ କାର୍ଯ୍ୟର ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ଅକ୍ଟୋବର ୧ରୁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ(ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲାପାଳମାନେ ପ୍ରତି ମାସର ୭ ତାରିଖ ସୁଦ୍ଧା ଜିଲାସ୍ତରରେ, ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ।

# କିଏ, କେଉଁଠି ଉତ୍ତୋଳନ କରିବେ ଜାତୀୟ ପତାକା

## ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ , କଟକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

**ଭୁବନେଶ୍ୱର,୧୨।୮**
**(ରବିନାରାୟଣ ଜେନା)**

ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ କେଉଁ ମନ୍ତ୍ରୀ ଓ ପଦାଧିକାରୀ କେଉଁ ଜିଲାରେ ଜାତୀୟ ପତାକା ଉତ୍ତୋଳନ କରିବେ ସେନେଇ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କେନ୍ଦୁଝର ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଟକରେ ଜାତୀୟ ପତାକା ଉତ୍ତୋଳନ କରିବେ।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ରହିଥିବାବେଳେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ବଲାଙ୍ଗୀର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ କଳାହାଣ୍ଡି, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କନ୍ଧମାଳ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୁନ୍ଦରଗଡ଼, ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଜପତି, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଭଦ୍ରକ, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ନବରଙ୍ଗପୁର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋନପୁର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅନୁଗୋଳ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରାୟଗଡ଼ା ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୟୂରଭଞ୍ଜରେ ଜାତୀୟ ପତାକା ଉତ୍ତୋଳନ କରିବେ।

ସେହିପରି ରାଉରକେଲାରେ ଉତ୍ତରାଞ୍ଚଳ ଆରଡ଼ିସି ଏବଂ ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡ଼ିସି ଜାତୀୟ ପତାକା ଉତ୍ତୋଳନ କରିବାକୁ ରହିଥିବାବେଳେ ବୌଦ୍ଧ, ବରଗଡ଼, ବାଲେଶ୍ୱର, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, ଯାଜପୁର, ଜଗତ୍‌ସିଂହପୁର, ଖୋର୍ଦ୍ଧା, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନୂଆପଡ଼ା ଓ ନୟାଗଡ଼ରେ ସଂପୃକ୍ତ ଜିଲାର ଜିଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

**ପଛୁଆବର୍ଗ ଜାତି ତାଲିକାରେ କିଏ ଯୋଡ଼ିହେବେ**

# ୨୦ରେ ଶୁଣାଣି କରିବେ ଜାତୀୟ ଓବିସି କମିଶନ

**ଭୁବନେଶ୍ୱର,୧୨।୮**
**(ରବିନାରାୟଣ ଜେନା)**

ଓଡ଼ିଶାରେ କେଉଁ ବର୍ଗଙ୍କୁ ପଛୁଆବର୍ଗ ତାଲିକାରେ ଯୋଡ଼ାଯିବ ଏବଂ ଆବଶ୍ୟକସ୍ଥଳେ ବାଦ୍ ଦିଆଯିବ ସେନେଇ ଜାତୀୟ ପଛୁଆବର୍ଗ ଆୟୋଗଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ଚଳିତମାସ ୨୦ ତାରିଖରେ ଓଡ଼ିଶାରେ ଏକ ଜନଶୁଣାଣି (ପବ୍ଲିକ୍ ହିଅରିଂ)କରାଯିବ। କେନ୍ଦ୍ର ପଛୁଆବର୍ଗ ଆୟୋଗଙ୍କ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ଉକ୍ତ ଜନଶୁଣାଣି ବେଳେ ବିଭିନ୍ନ ପ୍ରକାର ତଥ୍ୟ ଉପସ୍ଥାପନ କରିବା ଲାଗି ଆୟୋଗଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଏସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ ଅଗଷ୍ଟ ୮ରେ ଅନୁସଚିବ ଯୋଗେଶ ଧୀଙ୍ଗରା ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଅନୁସଚିବ ଧୀଙ୍ଗରା ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଭାରତ ସମ୍ବିଧାନର ଅନୁଚ୍ଛେଦ ୩୩୮-ବି ଅନୁସାରେ ଜାତୀୟ ପଛୁଆବର୍ଗ କମିଶନ ଗଠନ କରାଯାଇଛି। ସମ୍ବିଧାନ (୧୦୨) ସଂଶୋଧନ ଅଧିନିୟମ-୨୦୧୮ ଅନୁଯାୟୀ, କମିଶନଙ୍କର ନିଜସ୍ୱ ପ୍ରକ୍ରିୟାକୁ ନିୟମିତ କରିବାର ଅଧିକାର ରହିଛି। କମିଶନଙ୍କ କର୍ତ୍ତବ୍ୟ ହେଉଛି ସମ୍ବିଧାନ କିମ୍ବା ବର୍ତ୍ତମାନ ପ୍ରଚଳିତ ଥିବା କୌଣସି ଅନ୍ୟାନ୍ୟ ଅଧିନିୟମ ଅଥବା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗଙ୍କୁ ଦିଆଯାଇଥିବା ସୁରକ୍ଷା ବଳୟ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପର ତଦନ୍ତ ଓ ନିରୀକ୍ଷଣ କରିବା। ଏହାସହିତ ପଛୁଆବର୍ଗଙ୍କ ସୁରକ୍ଷାବଳୀର କାର୍ଯ୍ୟକଳାପକୁ ମୂଲ୍ୟାୟନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା।

ଅନୁସଚିବ ପୁଣି ଦର୍ଶାଇଛନ୍ତି, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଆଧାରରେ ଏହି ଜନଶୁଣାଣି କରାଯିବ। ତେବେ ଓଡ଼ିଶାରେ କେନ୍ଦ୍ରୀୟ ପଛୁଆବର୍ଗ(ଓବିସି)ତାଲିକାରେ ନିଜ-ନିଜ ଜାତି/ଜାତିଗୁଡ଼ିକୁ ଅନ୍ତର୍ଭୁକ୍ତ/ବିଲୋପ କରିବା ପାଇଁ ବ୍ୟକ୍ତିଗତସ୍ତରରୁ ମଧ୍ୟ କମିଶନଙ୍କୁ ଅନୁରୋଧ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଅଧ୍ୟକ୍ଷ ହଂସରାଜ ଅଗଷ୍ଟ ୨୦ରେ ଭୁବନେଶ୍ୱରରେ ଓବିସି ବର୍ଗଙ୍କ ଜନଶୁଣାଣି କରିବେ। ତେଣୁ ଏହି ବର୍ଗର ବ୍ୟକ୍ତିବିଶେଷ ଓ ସଙ୍ଗଠନ ଉପସ୍ଥିତ ରହିବା ଆବଶ୍ୟକ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ କାଗଜପତ୍ର, ରେକର୍ଡ ସହିତ ସୂଚନା ଚଳିତମାସ ୧୫ ସୁଦ୍ଧା ଯୋଗାଇଦେବାକୁ ଅନୁସଚିବ ପତ୍ରରେ ଦର୍ଶାଇଛନ୍ତି।

ଏହି ଅବସରରେ ସେ ଦର୍ଶାଇଛନ୍ତି, ଯେଉଁ ଅଭିଯୋଗଗୁଡ଼ିକ ଓବିସି ତାଲିକାରେ ଯୋଡ଼ିହେବା କିମ୍ବା ଉଚ୍ଛେଦ ପାଇଁ ଆସିବ ତାହା ଜାତି/ସମୁଦାୟକୁ ସାମାଜିକ ଭାବରେ ପଛୁଆ ବୋଲି ଅନ୍ୟମାନେ ବିଚାର କରୁଛନ୍ତି କି ନାହିଁ ତା'ର ପ୍ରାମାଣିକ ତଥ୍ୟ ଦେବାର ଆବଶ୍ୟକତା ରହିଛି। ସେହିପରି ଉକ୍ତ ଜାତି/ସମୁଦାୟର ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ। ଏହାସହ ଯେଉଁମାନେ ଜୀବନଜୀବିକା ପାଇଁ ହସ୍ତଚାଳିତ ଶ୍ରମ ଉପରେ ନିର୍ଭରଶୀଳ ଥିବେ ସେନେଇ ଦର୍ଶାଇବାକୁ ହେବ। ଉକ୍ତ ଜାତି/ସମୁଦାୟର ୧୫ ବର୍ଷ ବୟସ ପର୍ଯ୍ୟନ୍ତର ଶିଶୁ, ଯେଉଁମାନେ କେବେ ବିଦ୍ୟାଳୟ ଯାଇନାହାନ୍ତି ତା'ର ତଥ୍ୟ ମଧ୍ୟ ଆବଶ୍ୟକ।

ସେହିପରି ୫-୧୫ ବର୍ଷ ବୟସ ଶ୍ରେଣୀରେ ପାଠପଢ଼ା ବନ୍ଦ କରିଥିବା(ଡ୍ରପ୍‌ଆଉଟ୍) ଛାତ୍ରୀଛାତ୍ରଙ୍କ ସଂଖ୍ୟା – ଉକ୍ତ ଜାତି/ସମୁଦାୟ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ହେବା ଆବଶ୍ୟକ। ଏହାସହିତ ଉଚ୍ଚଶିକ୍ଷା(ଯଥା: ସ୍ନାତକୋତ୍ତର, ଇଞ୍ଜିନିୟରିଂ, ମେଡିକାଲ, ଆଇନ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଇତ୍ୟାଦି)ରେ ଭର୍ତ୍ତି ସମ୍ବନ୍ଧୀୟ ତଥ୍ୟ ଭଳି ୧୨ଟି ଦିଗ ଉପରେ ଆୟୋଗଙ୍କୁ ତଥ୍ୟ ପ୍ରଦାନ ଲାଗି ଅନୁସଚିବ ପତ୍ରରେ ଦର୍ଶାଇଛନ୍ତି।

# ଲଘୁଚାପ ପ୍ରଭାବରେ ୩ ଦିନ ଅତି ପ୍ରବଳ ବର୍ଷିବ

**ଭୁବନେଶ୍ୱର,୧୨।୮**
**(ଅନୁରାଧା ମହାରଣା)**

ବଙ୍ଗୋପସାଗରର କେନ୍ଦ୍ରୀୟ ଅଂଶ ଉପରେ ଏକ ଘୂର୍ଣ୍ଣିବଳୟ ସଞ୍ଚାଳନ ସକ୍ରିୟ ରହିଛି। ଏହାର ପ୍ରଭାବରେ ବୁଧବାର ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଚିତ୍ର ଅଧିକ ସ୍ପଷ୍ଟ ହୋଇପାରେ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ସକାଳ ୮ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଆଦି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଆଦି ଜିଲାରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହି ସମସ୍ତ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୁଧବାର ସକାଳ ୮ଟାରୁ ୧୪ ତାରିଖ ସକାଳ ମଧ୍ୟରେ କୋରାପୁଟ ଓ ମାଲକାନଗିରିରେ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ବଲାଙ୍ଗୀର ଓ ନୂଆପଡ଼ାକୁ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ରହିଛି। ଅନ୍ୟାନ୍ୟ ଜିଲାକୁ ବିଜୁଳି ଘଡ଼ଘଡ଼ି ଭୟ ରହିଥିବାରୁ ସତର୍କ ସୂଚନା ଜାରି କରାଯାଇଛି।

# ଅକ୍ଟୋବର-ନଭେମ୍ବରରେ ଅମିନ, ଆର୍‌ଆଇ ପ୍ରିଲିମିନାରୀ ପରୀକ୍ଷା

**ଭୁବନେଶ୍ୱର,୧୨।୮**
**(ସୁଚିସ୍ମିତା ସାହୁ)**

ଆର୍‌ଆଇ, ଏଆର୍‌ଆଇ, ଅମିନ ଏବଂ ଆଇସିଡିଏସ୍ ସୁପରଭାଇଜର୍ ପଦବୀରେ ନିଯୁକ୍ତି ପାଇଁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ ଏହି ପରୀକ୍ଷା ହେବ। କମ୍ପ୍ୟୁଟରବେସ୍‌ଡ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ପରୀକ୍ଷା କରିବାକୁ ମଙ୍ଗଳବାର ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ହୋଇଥିବା ସମସ୍ତ ପ୍ରକ୍ରିୟାକୁ ବାତିଲ୍ କରାଯାଇ ପୁଣିଥରେ ମୂଳରୁ ପ୍ରକ୍ରିୟା ଆରମ୍ଭ କରାଯିବ। ପୂର୍ବରୁ ଆବେଦନ କରିଥିବା ସମସ୍ତ ଆଶାୟୀ ପରୀକ୍ଷା ଦେଇପାରିବେ। ଫଳରେ ୫ଲକ୍ଷ ୫୮ ହଜାର ୧୨୮ ଆବେଦନକାରୀ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷାଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଦୁଇ ସପ୍ତାହ ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ତାରିଖ ସ୍ଥିର କରିବାକୁ କୋର୍ଟ ଗତ ଜୁଲାଇ ୩୦ରେ ନିର୍ଦ୍ଦେଶ ଦେଇଥିବାବେଳେ ପ୍ରାୟ ୧୨ଦିନ ପରେ ନୂତନ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୩ ପାକ୍ସ ସମ୍ପାଦକ ନିଲମ୍ବିତ

**ସୋନପୁର,୧୨।୮**
**(ମୃତ୍ୟୁଞ୍ଜୟ ଶତପଥୀ)**

ଖରିଫ ଧାନ ବିକ୍ରି ପାଇଁ ଗୁରୁତ୍ୱପୂର୍ଣ୍ଣ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବା ବେଳେ ବ୍ୟାଙ୍କକ୍ ବୁଲିବା ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ୩ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକଙ୍କୁ ମହଙ୍ଗା ପଡ଼ିଛି। ଅଭିଯୋଗକ୍ରମେ ସମବାୟ ବିଭାଗ ପକ୍ଷରୁ ଏହାର ତଦନ୍ତ ହୋଇଥିଲା। ସମ୍ପାଦକମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଜଣାପଡ଼ିବା ପରେ ସୋନପୁର ମଣ୍ଡଳ ସମବାୟ ସମିତି ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁ ସମ୍ପୃକ୍ତ ୩ ପାକ୍ସ ସମ୍ପାଦକଙ୍କୁ ମଙ୍ଗଳବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ଲଛିପୁର ପାକ୍ସ ସମ୍ପାଦକ ମଞ୍ଜୟ ଧରୁଆ, ମୟୂରଉଡାନ ପାକ୍ସ ସମ୍ପାଦକ ଧନେଶ୍ୱର ସାହୁ ଓ ରେଙ୍ଗାଲି ପାକ୍ସ ସମ୍ପାଦକ ଅରୁଣ ପୂଜାରୀ। ଧନେଶ୍ୱର ଓ ଅରୁଣ ମେଡିକାଲ ଗ୍ରାଉଣ୍ଡ ଏବଂ ପାରିବାରିକ କାରଣ ଦର୍ଶାଇ ସମ୍ପୃକ୍ତ ପାକ୍ସ ପରିଚାଳନା ପରିଷଦ ସଭାପତିଙ୍କ ନିକଟରେ ଛୁଟି ପାଇଁ ଆବେଦନ କରିଛନ୍ତି। କିନ୍ତୁ ମଞ୍ଜୟ ଛୁଟି ପାଇଁ ଆବେଦନ କରିନାହାନ୍ତି।

# ତମାଖୁମୁକ୍ତ ଯୁବ ଅଭିଯାନ ୨.୦: ଓଡ଼ିଶାକୁ ସର୍ବଶ୍ରେଷ୍ଠ ପୁରସ୍କାର




କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପରାମର୍ଶଦାତା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୨।୮**
**(ବନ୍ଦନା ସେଠୀ)**

ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁଣିଥରେ ସମ୍ମାନିତ ହୋଇଛି ଓଡ଼ିଶା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପାଳିତ ବିଶ୍ୱ ମୁଖଗହ୍ୱର ସ୍ୱାସ୍ଥ୍ୟ ଦିବସ-୨୦୨୫ ଏବଂ ତମାଖୁମୁକ୍ତ ଯୁବ ଅଭିଯାନ ୨.୦ରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ ପୁରସ୍କାର ପ୍ରଦାନ ସହ ଜାତୀୟସ୍ତରରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ଦିଲ୍ଲୀ ଏମ୍ସରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟ ପରାମର୍ଶଦାତାଙ୍କ ଦ୍ୱାରା ଏହି ପୁରସ୍କାର ଗ୍ରହଣ କରାଯାଇଛି। ସେହିପରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ତମାଖୁମୁକ୍ତ ଯୁବ ଅଭିଯାନ ୨.୦ (ସେପ୍ଟେମ୍ବର-ନଭେମ୍ବର ୨୦୨୪ରେ ୬୦ ଦିନ ପାଇଁ)ରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ କାର୍ଯ୍ୟକୁଶଳ ରାଜ୍ୟ ଭାବେ ଚୟନ କରାଯାଇ ଜାତୀୟସ୍ତରରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ରାଜ୍ୟର ଯୁବଶକ୍ତିଙ୍କ ଦ୍ୱାରା ସମାଜରେ ତମାଖୁ ବ୍ୟବହାରର କୁପ୍ରଭାବ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଥିଲା। ଏହି ସମ୍ମାନ ମୁଖ ସ୍ୱାସ୍ଥ୍ୟସେବାକୁ ଗାଁରୁ ସହର ସବୁ ସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ଦେଉଛି ବୋଲି ସୂଚନା ଦିଆଯାଇଛି।

# ସବୁ ବିଭାଗକୁ ଅନୁସୂଚିତ ଜାତି ବିଭାଗର ତାଗିଦ

# 'ହରିଜନ' ଲେଖନାହିଁ

**ଭୁବନେଶ୍ୱର,୧୨।୮**
**(ରବିନାରାୟଣ ଜେନା)**

ଏଣିକି 'ହରିଜନ' ଶବ୍ଦ କୌଣସି ସରକାରୀସ୍ତର କିମ୍ବା ଶିକ୍ଷାକ୍ଷେତ୍ରରେ ବ୍ୟବହାର କରାଯିବନାହିଁ। ଏନେଇ ବହୁ ପୂର୍ବରୁ ରୋକ୍ ଲାଗିଥିଲେ ହେଁ ମଙ୍ଗଳବାର ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ସଚିବ ବି. ପରମେଶ୍ୱର ପୁନର୍ବାର ସମସ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମଙ୍ଗଳବାର ସଚିବ ପରମେଶ୍ୱର ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଏ ସଂକ୍ରାନ୍ତରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୨ ନଭେମ୍ବର ୨୨ର ଏକ ନିର୍ଦ୍ଦେଶନାମାକୁ ଆଧାରକରି ୨୦୧୩ ଜାନୁଆରୀ ୧୦ରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହେଲେ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ପକ୍ଷରୁ ଏକ ମାମଲାକୁ ଆଧାରକରି ୨୦୨୫ ଜାନୁଆରୀ ୩୧ରେ ପୁନର୍ବାର ନିର୍ଦ୍ଦେଶ ଆସିଛି ଯେ, 'ହରିଜନ' ଶବ୍ଦ ବ୍ୟବହାର କରାଯିବନାହିଁ। ତେଣୁ ସରକାରୀ କାର୍ଯ୍ୟ, ନଥିପତ୍ର ସମ୍ପାଦନ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ ବେଳେ ଏହି ଶବ୍ଦ ବ୍ୟବହାର ହେବନାହିଁ। ସେ ଦର୍ଶାଇଛନ୍ତି, ସମ୍ବିଧାନରେ ଉଲ୍ଲେଖ ଥିବା 'ସିଡ୍ୟୁଲ୍ଡ କାଷ୍ଟ' ଅର୍ଥାତ୍ ଅନୁସୂଚିତ ଜାତି ହିଁ 'ହରିଜନ' ଶବ୍ଦର ପ୍ରତିବଦଳରେ ସବୁକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏହାକୁ ପ୍ରତ୍ୟେକ ସରକାରୀସ୍ତର, ସ୍ୱୟଂଶାସିତ ପରିଷଦ ଏବଂ ଅଧସ୍ତନ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏନେଇ ବିଭାଗ ପକ୍ଷରୁ ଉପଯୁକ୍ତ ସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଲାଗି ସଚିବ ବି. ପରମେଶ୍ୱର ପତ୍ରରେ ଦର୍ଶାଇଛନ୍ତି।

# ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳଭାଗ ବାହାରକୁ ରହିବ। ତା'ପରେ ସେହି ଛତୁମଞ୍ଜି ଖଣ୍ଡଗୁଡିକ ଉପରେ ଏକ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣିଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ଅର୍ଥକରୀ ଫଳଚାଷ



ଡ. ପରେଶ କୁମାର ପଣ୍ଡା

"ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ ସେପରି ଲାଭଜନକ। ଏକ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ଏକ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ। ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇ ବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ।"

ଫଳଚାଷ ବହୁ ପୁରାତନ ସମୟରୁ ଚାଲିଆସିଛି। ଏପରିକି ୩୫୦୦ ବର୍ଷ ତଳୁ ଲୋକମାନେ ବିଭିନ୍ନ ପ୍ରକାର ଫଳଚାଷ କରୁଥିବାର ଅନେକ ପ୍ରମାଣ ତଥ୍ୟ ମିଳୁଛି। ଆମ ରାଜ୍ୟରେ ବିଶେଷଭାବରେ ଆମ୍ବ, ନଡ଼ିଆ, ପିଜୁଳି, ଲେମ୍ବୁଜାତୀୟ, ସପେଟା, କଦଳୀ, ଲିଚୁ, ଅମୃତଭଣ୍ଡା, ସପୁରି, ଡାଳିମ୍ବ, ଆତ ଓ ପଣସ ଉତ୍ପାଦିତ ହୋଇଥାଏ। ଏହିସବୁ ଫଳ ବିଶେଷଭାବରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ରାୟଗଡ଼ା, ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାରେ ଅଧିକ ଚାଷ ହୋଇଥାଏ। ଆହୁରି ମଧ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ କଦଳୀଚାଷ, ଗଞ୍ଜାମ, ପୁରୀ, କଟକ ଏବଂ ବାଲେଶ୍ୱର ଜିଲାରେ ସପେଟା, ଅନୁଗୋଳରେ ଲିଚୁ ଚାଷ ଖୁବ୍ ଲୋକପ୍ରିୟ। ଆମ ରାଜ୍ୟରେ ପ୍ରାୟ ୩, ୪୦, ୪୮୦ ହେକ୍ଟର ଫଳ ଚାଷ ଅଞ୍ଚଳ ଏବଂ ୨୪, ୦୨,୩୦୦ ମେଟ୍ରିକ ଟନ୍ ଫଳ ଉତ୍ପାଦିତ ହେଉଛି।

ଦେଶରେ ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ଏଥିରେ ବିଭିନ୍ନ ପ୍ରକାର ଧାତବ ଲବଣ ଓ ଭିଟାମିନ୍ ରହିଥାଏ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ। ଫଳ ଗଛର ଚେର, ମୂଳ, ପତ୍ର, ଛେଲି ଇତ୍ୟାଦିକୁ ଔଷଧ ରୂପେ ବ୍ୟବହାର କରାଯାଏ। ଫଳଚାଷ ଖୁବ୍ ଲାଭଜନକ। ଫଳରେ ଜୈବିକ ଅମ୍ଳ ରହିଥାଏ। ଫଳ ଖାଇଲେ ହଜମ ଶକ୍ତି ବଢ଼ିଯାଏ ଓ ଭୋକ ଠିକ୍ ସମୟରେ ହୋଇଥାଏ। ଫଳରସ ରୋଗୀମାନଙ୍କ ପାଇଁ ଖୁବ୍ ଉପକାରୀ। ଫଳ ବଗିଚାରେ ମହୁଚାଷ କରି ଅଧିକ ଲାଭବାନ୍ ହେବାର ସୁଯୋଗ ରହିଛି। ଫଳଚାଷ ହେଉଥିବା ଅଞ୍ଚଳରେ ନାନା ପ୍ରକାର ଶିଳ୍ପ ପ୍ରତିଷ୍ଠା କରି ବହୁ ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ। ଫଳଗଛ ବୟସ୍କ ହେଲେ ତାହାର କାଠରୁ ଆସବାବପତ୍ର ତିଆରି ହୁଏ। ଡାଳପତ୍ରକୁ ଜାଳେଣି ରୂପେ ବ୍ୟବହାର କରାଯାଇଥାଏ। ଆହୁରି ମଧ ଫଳକୁ ସଂରକ୍ଷଣକରି ରଖିପାରିଲେ ବର୍ଷର ଯେକୌଣସି ସମୟରେ ତାହାକୁ ବ୍ୟବହାର କରାଯାଇପାରିବ। ଫଳଚାରା ରୋପଣ ବର୍ଷାଦିନେ କରାଯାଏ। ଜଣେ ପ୍ରାପ୍ତ ବୟସ୍କ ଲୋକ ଦିନକୁ ୮୫ ଗ୍ରାମ ଫଳ ଖାଇବା ଦରକାର। ରୋଗ ହେଲେ ଆମ ଦେଶର ଲୋକମାନେ ଫଳକୁ ପଥ୍ୟ ହିସାବରେ ଖାଇଥାଆନ୍ତି। ଭିଟାମିନ୍-ଏ ଅଭାବରୁ ଅନ୍ଧାରକଣା, ଭିଟାମିନ୍-ବି ଅଭାବରୁ ବେରିବେରି ଓ ପାଲେଗ୍ରା ରୋଗ ହୁଏ। ଭିଟାମିନ୍-ସି ଅଭାବରୁ ସ୍କର୍ଭି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଅମୃତଭଣ୍ଡା, ଆମ୍ବ, କମଳା, ଗାଜର ପ୍ରଭୃତି ପାଚିଲା ଫଳରୁ ଯଥେଷ୍ଟ ପରିମାଣ ଭିଟାମିନ୍-ଏ ମିଳିଥାଏ। କାଜୁବାଦାମ, ସେଓ, ନାସ୍‌ପାତିରୁ ଭିଟାମିନ୍-ବି ମିଳିଥାଏ। କମଳା, ଲେମ୍ବୁ, ଅଁଳା, ପିଜୁଳି ପ୍ରଭୃତିରୁ ପ୍ରଚୁର ପରିମାଣର ଭିଟାମିନ୍-ସି ମିଳିଥାଏ। ପନିପରିବା ଓ ଫଳରୁ ବିଭିନ୍ନ ଧାତବ ଲବଣ ମିଳିଥାଏ। ଏଥିଲାଗି ଖରାଦିନେ ଥଣ୍ଡା ଫଳରସ ପିଇଲେ ଶରୀର ସୁସ୍ଥ ରହେ। ମନୁଷ୍ୟ ଶରୀରର ବିକାଶ ପାଇଁ ସ୍ରଷ୍ଟା ବିଭିନ୍ନ ଖାଦ୍ୟପଦାର୍ଥ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ କଞ୍ଚାଫଳ ଶରୀର ପାଇଁ ନିହାତି ଜରୁରୀ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚାଫଳ ସେବନ ଦ୍ୱାରା ମୋଟାପଣରୁ କେତେକାଂଶରେ ରକ୍ଷା ମିଳେ। ଜଣେ ସୁସ୍ଥ ମଣିଷ ପ୍ରତିଦିନ ସକାଳେ କଞ୍ଚାଫଳ ସେବନ କଲେ ଅନେକାଂଶରେ ନୀରୋଗ ଜୀବନ ବିତାଇପାରିବ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି। ଫଳ ହୃଦ୍‌ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ତା'ସହ ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟ୍ରଲ ସମସ୍ୟାକୁ ଏହା ନିୟନ୍ତ୍ରଣରେ ରଖେ।

ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ ସେପରି ଲାଭଜନକ। ୧ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ୧ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ। ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ। ସେ ବିଷୟରେ କେତୋଟି କଥା–

**ମରୁଡ଼ି ଅଞ୍ଚଳରେ ଫଳଚାଷ**

ଆମ ରାଜ୍ୟର ୬୦ ଭାଗ ଜମିରେ ଜଳସେଚନର ସୁବିଧା ନାହିଁ। ସେସବୁ ଜମି ପାହାଡ଼ିଆ ଅଞ୍ଚଳ ଯେଉଁଥିରେ ଫଳଚାଷ ଭଲ ହୁଏ। ଫଳ ଗଛ ଲଗାଇବା ଦ୍ୱାରା ମାଟିରେ ପାଣି ସଞ୍ଚୟ ବୃଦ୍ଧି ଘଟିବା ସହ ଉର୍ବରିଆ ମାଟି ସଂରକ୍ଷିତ ହୋଇ ରହେ। ଅଧିକନ୍ତୁ, ଫଳ ଗଛ ମରୁଡ଼ି ସହିପାରେ। ତେଣୁ ଖାଦ୍ୟ ନିରାପତ୍ତା ପାଇଁ ସେସବୁ ଅଞ୍ଚଳରେ ଆମ୍ବ, ପିଜୁଳି, ଡାଳିମ୍ବ, ସୀତାଫଳ ଓ ଲେମ୍ବୁ ଇତ୍ୟାଦିର ବ୍ୟବସାୟିକ ଫଳଚାଷ ବ୍ୟାପକସ୍ତରରେ କରାଯାଇପାରିବ।

**ବନ୍ୟାଞ୍ଚଳ ଫଳଚାଷ**

ବନ୍ୟାପ୍ଲାବିତ ଅଞ୍ଚଳରେ ନଡ଼ିଆ, ଆମ୍ବ, ପିଜୁଳି ଓ ଅମୃତଭଣ୍ଡା ଇତ୍ୟାଦି ଚାଷକଲେ ସେଥିରୁ ଭଲ ଆୟ ମିଳିଥାଏ। ବାଡ଼ି ବଗିଚାରେ କିଛି ଫଳଗଛ ଲଗାଇଲେ, ସେଥିରୁ ହେଉଥିବା ଆୟରେ ବୁଢ଼ା କାଳେ ଯେନତେନ ପ୍ରକାରେ ଚାଷୀମାନେ ଚଳିଯାଆନ୍ତି।

**ସୁସ୍ଥ ପରିବେଶ**

ଫଳଚାଷ ରାଜ୍ୟରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ସହ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

**ଅମଳ ଓ ବିପଣନ**

ପରିବା ପାଇଁ ବ୍ୟବହୃତ ଫଳ କଞ୍ଚା ଅବସ୍ଥାରେ ତୋଳାଯାଏ। ପାକଳ ଫଳକୁ ତୋଳି କାଗଜରେ ଗୁଡ଼ାଇ କାଠ କିମ୍ବା ପ୍ଲାଷ୍ଟିକ୍ ଝୁଡ଼ିରେ ପ୍ୟାକିଂକରି ବଜାରକୁ ପଠାଯାଏ ଓ ଭଲ ରୋଜଗାର ହୋଇଥାଏ। ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଲୋକ ଫଳ ଓ ପନିପରିବା ଚାଷକରି ଯଥେଷ୍ଟ ଉନ୍ନତ ହୋଇପାରିଛନ୍ତି। କେତେକ ଫଳ ପତିତ ଜମିରେ ଭଲ ରୂପେ ଚାଷ କରାଯାଇପାରିବ। ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଯାନବାହନ ଦରକାର ହେଉଥିବାରୁ ଲୋକଙ୍କୁ କର୍ମନିଯୁକ୍ତି ଦିବସ ଅଧିକ ମିଳିଥାଏ। ସୁତରାଂ, ଉଦ୍ୟାନ ଫସଲ ବିଲ ଫସଲଠାରୁ ଅଧିକ ଲାଭଦାୟକ।

–ଜିଲା କୃଷି ଅଧିକାରୀ,
ସାକ୍ଷୀଗୋପାଳ, ପୁରୀ
ମୋ : ୯୪୩୭୧୧୨୭୦୪



# ବର୍ଷାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ବର୍ଷାଦିନେ ଗୋରୁଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ ।

**ସାହାଣା ରୋଗ:** ଏହା ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ।

**ଚିକିତ୍ସା ପଦ୍ଧତି:** ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩–୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ।

**ପ୍ରତିଷେଧକ ବ୍ୟବସ୍ଥା:** ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍.ଏସ୍. ଟିକା ଦେଇଦେବା ଦରକାର।

**ଫାଟୁଆ ଚଉଆ:** ଏହି ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଇ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧରେ ଫାଟି ଘା ସୃଷ୍ଟି ହୁଏ।

**ଚିକିତ୍ସା ପଦ୍ଧତି:** ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌ଝ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷାପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

## ଚାଷୀଙ୍କ ପାଇଁ..



ବାଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା – ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍। ସଙ୍କର ଜାତୀୟ କିସମ ହିସାବରେ ଜେକେ–୮୦୩୧, ଜେକେ–୮୦୩୫, ତାରିଣୀ, ଅକ୍ଷିତା, ସୁଗ୍ରୋ–୧୩୨, ସୁଗ୍ରୋ–୩୮, ଭିଏନ୍‌ଆର୍–୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗାସରିଥିଲେ କୋଡ଼ାଖୁସାକରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ। ବର୍ଷାଦିନେ ଉକ୍ତ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସାକରି ସାର ଦେଇ ହୁଡ଼ା ଟେକନ୍ତ। ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ।

# ମୁଗ ଫସଲରେ ରୋଗପୋକ ପରିଚାଳନା



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ଏକ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଖୁ କିଆରିରୁ ଜଳ ନିଷ୍କାସନ

ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଫସଲ ୪–୫ ମାସର ହୋଇଗଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ x ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩–୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ବର୍ଷାଋତୁରେ ଧାନଜମିର ଯତ୍ନ



ସାଧାରଣତଃ ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କରନାଳୀଗୁଡ଼ିକୁ ସଫାକରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ସୀମା ଅତିକ୍ରମକଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା–ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । ଧାନଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

# ମେସ୍ ବାଥ୍‌ରୁମ୍‌ରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ମୋବାଇଲ ଜବତ କରି ପୋଲିସର ତଦନ୍ତ**

ଭଦ୍ରକ,୧୨।୮
(ସନାତନ ରାଉତ)

ପାରିବାରିକ କଳହ କି ପ୍ରେମଜନିତ ହେଉ ବା ଅନ୍ୟ କୌଣସି କାରଣ ହେଉ ଛାତ୍ରଛାତ୍ରୀ ଏହାକୁ ଧୈର୍ଯ୍ୟର ସହ ମୁକାବିଲା ନ କରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛି ନେଉଛନ୍ତି। ଭଦ୍ରକ ସହରରେ ମଙ୍ଗଳବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଭଦ୍ରକ କଲେଜ ନିକଟସ୍ଥ ଏକ ଘରୋଇ ମେସ୍ ବାଥ୍‌ରୁମ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତା ଛାତ୍ରୀ ହେଲେ ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର କଳା ଛାତ୍ରୀ ପୁଷ୍ପଲତା ମଲିକ(୧୮)। ସେ ମେସର ବାଥ୍‌ରୁମ୍‌ରେ ନିଜ ଆପ୍ରୋନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି। ଖବରପାଇ ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ଟାଉନ ଥାନାଧିକାରୀ ପ୍ରଭାଷ୍ମ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପୁଷ୍ପଲତାଙ୍କ ପକେଟ୍‌ରେ ଥିବା ମୋବାଇଲ ଜବତ କରିଛନ୍ତି। ତାଙ୍କ ରୁମରେ ଥିବା ସହପାଠୀମାନଙ୍କୁ ପୋଲିସ ପଚରାଉଚରା କରିବା ସହ ମା' ବାପାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।



ଘଟଣାସ୍ଥଳରେ ଏସ୍‌ପି ମନୋଜ ରାଉତ ତଦନ୍ତ କରୁଛନ୍ତି।

ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ଉମାକାନ୍ତ ମଲିକଙ୍କ ଏକମାତ୍ର ଝିଅ ପୁଷ୍ପଲତା ଭଦ୍ରକ କଲେଜରେ ପଢୁଥିବା ବେଳେ ଗତ ୨ ମାସ ହେବ ସେ ନିକଟସ୍ଥ ଜଗନ୍ନାଥପୁରର ଏକ ଲେଡିଜ୍ ମେସ୍‌ରେ ରହୁଥିଲେ। ରକ୍ଷାବନ୍ଧନ ପାଇଁ ଘରକୁ ଯାଇଥିବା ବେଳେ ସୋମବାର ମେସ୍‌କୁ ଫେରିଥିଲେ। ବାପା ଉମାକାନ୍ତଙ୍କ କହିବା ଅନୁଯାୟୀ, ମଙ୍ଗଳବାର ସକାଳେ ପୁଷ୍ପଲତା କୋଚିଂ କ୍ଲାସ୍ ଯାଇଥିଲେ। କୋଚିଂରୁ ଫେରି ସେ ତାଙ୍କ ମା'ଙ୍କ ସହ ଫୋନ୍‌ରେ ଭଲ କଥାବାର୍ତ୍ତା ହୋଇଥିଲେ। ପୂର୍ବାହ୍ନ ୧୦ଟା ପରେ ଅନ୍ୟ ସହପାଠୀମାନେ କଲେଜ ଯାଇଥିବାବେଳେ ସେ ଏକୁଟିଆ ମେସ୍‌ରେ ଥିଲେ। ସହପାଠୀମାନେ କଲେଜରୁ ଫେରିବା ପରେ ବାଥରୁମ୍‌ରେ ସାଓ୍ୱାର ଚାଲିଥିବା ବେଳେ ପୁଷ୍ପଲତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ମଧ୍ୟାହ୍ନ ୧୨ଟା ବେଳକୁ ସେ ବାଥ୍‌ରୁମ୍‌ରେ ଆତ୍ମହତ୍ୟା କରିଥିବା ନେଇ ମେସ୍‌ର ମାଲିକ ଫୋନ୍ ମାଧ୍ୟମରେ ଜଣାଯାଇଥିଲା। ତାଙ୍କ ଝିଅ ଆତ୍ମହତ୍ୟା କରିବା ପଛରେ କୌଣସି କାରଣ ସେ ଜାଣି ନାହାନ୍ତି। ପୋଲିସ ତଦନ୍ତ କରି ଆଇନ ଅନୁଯାୟୀ ଯାହା ପଦକ୍ଷେପ ନେବ ବୋଲି ଉମାକାନ୍ତ କହିଛନ୍ତି। ଅପରପକ୍ଷରେ ମେସ୍‌ରେ ଥିବା ସହପାଠୀ ଓ ପରିବାର ଲୋକେ ଆତ୍ମହତ୍ୟାର କାରଣ ବିଷୟରେ କିଛି କହିପାରୁ ନାହାନ୍ତି। ପୁଷ୍ପଲତାଙ୍କ ମୋବାଇଲ ପାସୱାର୍ଡ ମିଳିବା ପରେ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ପି ରାଉତ କହିଛନ୍ତି। ଏନେଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି, ଯେଉଁ ବୟସରେ ପାଠପଢ଼ା ପାଇଁ ଛାତ୍ରୀମାନେ ସଂଘର୍ଷ କରିବା କଥା, ସେହି ସମୟରେ ଆତ୍ମହତ୍ୟା କରିବା ଏକ ଦୁଃଖଦ ଘଟଣା। ଏହାର ନିରପେକ୍ଷ ତଦନ୍ତ କରି ପୋଲିସ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୫) ରୁଜୁ ହୋଇଥିବା ଥାନାଧିକାରୀ ମିଶ୍ର କହିଛନ୍ତି।

## କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଠାକୁରମୁଣ୍ଡା,୧୨।୮
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅଧୀନ ଚମ୍ପାଖର ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଅମାନବୀୟ ଘଟଣା ଘଟିଛି। ଲୁହା ରଡ୍ ଓ କାଠଫାଳିଆରେ ପିଟି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟାକରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୬୬/୨୫) ରୁଜୁକରି ଅଭିଯୁକ୍ତ ଉଦୟ ହେମ୍ବ୍ରମ୍‌ଙ୍କୁ ଗିରଫ କରିଛି। ମୃତ ମହିଳା ଜଣକ ହେଲେ ସାଲିତା ମୁଣ୍ଡା। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ୍ ଓ କାଠଫାଳିଆକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ପରକିୟା ପ୍ରୀତି ସନ୍ଦେହରେ ସୋମବାର ସନ୍ଧ୍ୟାରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଉଦୟ ଲୁହାରଡ୍ ଓ କାଠଫାଳିଆରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସାଲିତାଙ୍କ ମୃତ୍ୟୁ ଘଟିଥିଲା। ପଡ଼ୋଶୀଙ୍କଠାରୁ ଖବରପାଇ ମହୁଲଡିହା ଥାନା ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ଗାନ୍ଧୀମାର୍ଗରେ ଶିଶୁକନ୍ୟାଙ୍କୁ ଧରି ଦମ୍ପତିଙ୍କ ଆତ୍ମାହୁତି ଧମକ

- **ବିଧାନସଭା ଆଡ଼କୁ ଅଗ୍ରସର ବେଳେ ଅଟକାଇଲା ପୋଲିସ**
- **କୁନିଝିଅଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ପଠାଗଲା**



ଭୁବନେଶ୍ୱର,୧୨।୮
(ସତ୍ୟଜିତ୍ ରାଉତ)

ଦୁରାରୋଗରେ ପଡ଼ିତ ୭ବର୍ଷୀୟା ଶିଶୁକନ୍ୟାଙ୍କ ଚିକିତ୍ସା ପାଇଁ ନୟାନ୍ତ ହୋଇପଡ଼ିଲେଣି ଦମ୍ପତି। କୁନିଝିଅଙ୍କୁ ଭଲ କରିବା ପାଇଁ ବହୁ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ଶେଷରେ ଉପାୟଶୂନ୍ୟ ହୋଇ ସବୁ ଆଶା ଭରସା ତୁଟାଇଦେଲେ ଦମ୍ପତି। ଗାଁରୁ ରାଜଧାନୀକୁ ଆସି ଆତ୍ମାହୁତି ଧମକ ଦେବାବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗାନ୍ଧୀମାର୍ଗରେ ଏଭଳି ଘଟଣା ଘଟିଛି। ଉକ୍ତ ଦମ୍ପତି ହେଲେ ବୌଦ୍ଧ ଜିଲା କୋଟିଙ୍ଗିଆ ଗ୍ରାମର ତୀର୍ଥ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ରିନି। ସବୁଆଡୁ ନିରାଶ ହେବା ପରେ ଆତ୍ମାହୁତି ଶେଷବାଟ ବୋଲି ତୀର୍ଥ କହିଛନ୍ତି। ଜଟିଳ ରୋଗରେ ପଡ଼ିଥିବା ଝିଅ ଭଲ ହେଉନାହିଁ। ପରେ ଗାଁରୁ ଟଙ୍କା ଯୋଗାଡ଼ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସାହାଯ୍ୟ ମାଗିବାକୁ ଆସିଥିଲେ ତୀର୍ଥ ଓ ରିନି। ଆତ୍ମାହୂତି ଧମକ ଦେଇ ବିଧାନସଭା ଆଡ଼କୁ ଯାଉଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏପରିକି ପୋଲିସ ସେମାନଙ୍କୁ କିଛି ସମୟ ବୁଝାଶୁଝା କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସହ ଯୋଗାଯୋଗ କରାଯାଇ ତୀର୍ଥଙ୍କ ଅସୁସ୍ଥ ଝିଅଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ଦମ୍ପତିଙ୍କୁ ତାଙ୍କ ଝିଅ ସହ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏହି ଦମ୍ପତିଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି।

# ରିମାଣ୍ଡରେ ଆଣି ୨ ଛାତ୍ରଙ୍କୁ ମାରାଥନ ଜେରା

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୧୨।୮
(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ସୋମବାରଠାରୁ ୩ଦିନିଆ ରିମାଣ୍ଡରେ ଆଣିଥିବା ଜଣେ ଛାତ୍ର ଓ ଜଣେ ଅଣଛାତ୍ରଙ୍କୁ ମଙ୍ଗଳବାର ୨ୟ ଦିନରେ ଜେଲରେ ମାରାଥନ୍ ଜେରା କରାଯାଇଛି। କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ବାଲେଶ୍ୱର ଜେଲରେ ପହଞ୍ଚି ଉକ୍ତ ୨ ଛାତ୍ରଙ୍କୁ ସୌମ୍ୟାଶ୍ରୀଙ୍କ ଆତ୍ମହୁତି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚୁରା କରିଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ ଉପସ୍ଥିତ ଥିବା ଜଣାପଡ଼ିଛି। ଏସ୍‌ଏଫ୍‌ଏସ୍‌ଏଲ୍‌ର ଗୋଟିଏ ଟିମ୍ ମଧ୍ୟ ଜେରାରେ ସାମିଲ ଥିବା ସୂଚନା ମିଳିଛି। ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମରେ ସହଯୋଗ କରିଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ ଗତ ୩ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜ୍ୟୋତି ପ୍ରକାଶ ପୀଡ଼ିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। କଟକ ମେଡିକାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ଘରକୁ ଫେରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା। ଅପରପକ୍ଷରେ ଶୁଭ୍ର ସମ୍ବିତ ଏବିଭିପି ଛାତ୍ର ସଙ୍ଗଠନର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ସୂଚନା ଯେ, ଶିକ୍ଷା ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇଥିଲେ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ସେ ପୋଡ଼ିହୋଇଯାଇଥିଲେ। ୧୪ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମ୍ବେଦନଶୀଳ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ପୋଲିସ ଏଚ୍‌ଓଡି ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କାର୍‌ରେ ଧକ୍କାଦେଇ ଯୁବକଙ୍କୁ ହତ୍ୟା ଅଭିଯୋଗ

କବିସୂର୍ଯ୍ୟନଗର,୧୨।୮
(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଝାଡବନ୍ଧ ଗାଁ ଛକରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଝାଡ଼ବନ୍ଧ ଗ୍ରାମର କୃଷ୍ଣ ପାତ୍ର। କାରରେ ଧକ୍କାଦେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ପେଟରେ ଛୁରିମାଡ ହୋଇଥିବା ଜଣାପଡିଛି। କୃଷ୍ଣ ଓ ତାଙ୍କୁ କାରରେ ଧକ୍କା ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ରହିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତମାନଙ୍କ ଘର ଶେରଗଡ ଥାନା ଅଞ୍ଚଳରେ। ଦୁର୍ଘଟଣା ଘଟାଇଥିବା କାର ୧୦ ଦିନ ହେଲା ଏହି ଅଞ୍ଚଳରେ ବୁଲୁଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏକାଧିକ ବ୍ୟକ୍ତିଙ୍କୁ ଉଠାଇ ଆଣି ଘଟଣାର ତଦନ୍ତ ଚଳାଇଛି। ତେବେ ଏହା ହତ୍ୟା ନା ଦୁର୍ଘଟଣା ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରାଯାଇଛି।

# ଅନ୍‌ଲାଇନ ଗେମ୍ ହେଲା କାଳ | ଜୀବନ ହାରିଲେ ୮ମ ଶ୍ରେଣୀ ଛାତ୍ର

ବାଲେଶ୍ୱର(ବାଞ୍ଛାନିଧି ଦେ)/ଲଙ୍ଗଳେଶ୍ୱର
(କମଳାକାନ୍ତ ଦାସ), ୧୨।୮

ଅନ୍‌ଲାଇନ ଗେମ ଖେଳିବାକୁ ମା' ବାପା ବାରଣ କରିବାରୁ ମଙ୍ଗଳବାର ଜଣେ ୮ମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଗୁହାଳିପଦା ଗ୍ରାମରେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ଛାତ୍ର ଅଧିକାଂଶ ସମୟରେ ଅନଲାଇନ୍ ଗେମ୍ ଖେଳିବା ସହ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିଲେ। ପରିବାର ଲୋକେ ଏହାକୁ ବାରମ୍ବାର ବିରୋଧ କରି ଆସୁଥିଲେ। ମଙ୍ଗଳବାର ସକାଳେ ସେ ପାଠ ନ ପଢ଼ି ଗେମ୍ ଖେଳୁଥିବାରୁ ମା' ବିରକ୍ତ ହୋଇଥିଲେ। ଏଥିରେ ସେ ରାଗିଯାଇ ଗାଧୁଆଘର ଭିତରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ବହୁ ସମୟ ଧରି ବାଥରୁମରୁ ନ ବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସିଂଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ବିଜୟୱାଡାରୁ ଅଭିଯୁକ୍ତ ଗିରଫ

ପାରାଦୀପ, ୧୨।୮
(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ କରି ୫ ଲକ୍ଷ ଦାବି କରିବା ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଗରାପୁର ଗ୍ରାମର କାର୍ତ୍ତିକ ଜେନା। ଥାନାରେ ମାମଲା ପରଠୁ ସେ ଫେରାର ଥିଲେ। ଏହାପରେ ପୋଲିସ ତାଙ୍କୁ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ଠାବ କରି ମଙ୍ଗଳବାର ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ସାମାଜିକ ଗଣମାଧ୍ୟମ ଜରିଆରେ ୧୭ ବର୍ଷୀୟା ନାବାଳିକାଙ୍କ ସହ କାର୍ତ୍ତିକଙ୍କ ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟେ ଏକାଠି ମିଳାମିଶା କରିବା ସହ ବିଭିନ୍ନ ଫଟୋ ଭିଡିଓ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କାର୍ତ୍ତିକଙ୍କୁ ସମ୍ପୃକ୍ତା ନାବାଳିକା ଅଣଦେଖା କରିଥିଲେ। ଏନେଇ କାର୍ତ୍ତିକ ସାମାଜିକ ଗଣମାଧ୍ୟମରେ ଏକ ନକଲି ଆଇଡି ଖୋଲି ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିଥିଲେ। ଉକ୍ତ ଭିଡିଓ ଭାଇରାଲ କରିବା ପୂର୍ବରୁ ନାବାଳିକା ଓ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବାପାଇଁ ଦାବି କରିଥିଲେ। ଅର୍ଥ ମିଳିବାରେ ବିଳମ୍ବ ହେବାରୁ କାର୍ତ୍ତିକ ଫଟୋ ଓ ଭିଡିଓ ଭାଇରାଲ କରିଦେଇଥିଲେ। ଏନେଇ ନାବାଳିକାଙ୍କ ମା' ଅଗଷ୍ଟ ୮ରେ ଲକ୍‌ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୪୮/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।


**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**

1st Corrigendum to Tender Call Notice

Bid Identification No. CCE-Khordha (R&B) Circle-05/2025-26 dt.25.07.2025

No.B-391 — No.2169 Dt.06.08.2025

1. The tender for the works invited vide Bid Identification No. CCE-Khordha (R&B) Circle-05/2025-26 dt 25.07.2025 vide letter no. 2029 dt 25.07.2025 have been modified as follows.

Modification in Critical dates:-

1) Date and Time of sale and receipt of Bids : From 10.00 AM of Dt. 21.08.2025 to 5.00 PM of Dt. 08.09.2025 instead of from 10.00 AM of dt 07.08.2025 to 05.00 PM of dt 21.08.2025.
2) Last Date for Submission of Bid : 5.00 PM of Dt. 08.09.2025 instead of from 05.00 PM of dt 21.08.2025.
3) Date of Opening of the Bid : 11.30 AM of 22.08.2025 instead of from 11.30 AM of dt 22.08.2025.

The other terms & conditions stipulated in the Original tender call notice remain unchanged.

Sd./- Chief Construction Engineer
Khordha (R&B) Circle, Khordha

OIPR-34127/11/0045/2526

**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**

At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:nac.padampur@gmail.com

No.2285/NACP — Date:08.08.25

National Competitive Bidding through e-Procurement
Bid Identification No.NAC-PDP-02/2025-26

No.C-845:The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of Works : 10 (Ten Nos.)
3. Estimate Cost : Rs.1,57,428/- to Rs.16,34,241/-
4. Class of Contractor : "C" or "D" Class
5. Date & Time of availability of Bid Documents in the Portal : 9.00 AM on dt.11.08.2025 upto 05.00 PM on dt.20.08.2025
6. Last date & time for receipt of Bids in the Portal : 20.08.2025 at 05.00 P.M.
7. Original Bids document received : Before 05.00 PM on Dt.21.08.2025
8. Bid Opening Date : Dt.22.08.2025 at 11.00 AM

The bidders have to participate in online bidding only. Further details can be seen from the website https://www.tendersodisha.gov.in.

Sd./- Executive Officer
N.A.C., Padampur

OIPR-13118/11/0037/2526

**Kotpad NAC**
**Government of Odisha**

Main Road, Kotpad, Dist-Koraput, Odisha, E-mail:kotpadnac@gmail.com
Letter No.1705/2025 — Date:08.08.2025

QUOTATION CALL NOTICE

No.C-847: Sealed quotations are invited to reach by Speed Post/ Registered Post/ Courier by hand from interested agencies/firms/companies for "15 KW on GRID SOLAR SYSTEM NON DCR WITH SUPPLY, ERECTION COMMISSIONING, Kotpad NAC." The quotation will be dropped in the drop box kept in the office of the Executive Officer, Kotpad, with supporting documents like copy of PAN, GST, Authorized Certificate of Govt. and dealership certificate on or before 13.08.2025 and shall be opened on the same day at 5.00 P.M. in the presence of the bidder and the tender committee. The authority has reserved the right to cancel or modify or accept any or all quotation without assigning any reason thereof.

OIPR-13182/11/0013/2526 Sd./-Executive Officer, Kotpad NAC

**NOTICE INVITING BID (TENDER)**

Reference No.1859/Dr ACHMC — Dt.11-08-2025

TENDER FOR SUPPLY OF EXTRA NEUTRAL ALCOHOL (ENA) FOR PREPARATION OF HOMOEOPATHIC MEDICINES AT THE MINI PHARMACY ATTACHED TO DR ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR FOR THE YEAR 2025-26.

No.E-305 : Sealed tenders are invited from reputed manufacturers/ authorized dealers/ traders including wholesale co-operative organizations and Government/ Semi Govt. agencies for supply of Extra Neutral Alcohol (ENA) to the Mini Pharmacy attached to Dr Abhin Chandra Homoeopathic Medical College & Hospital, Bhubaneswar for the financial year 2025-26.

| | | |
|---|---|---|
| 1. | Value of Tender | Rs 1180852 /-) ( Eleven lakhs eighty thousands eight hundred fifty two only) |
| 2. | Cost of Tender Book | Rs. 500.00 (Five hundred only including GST) |
| 3. | Availability of tender book | In the office of the Principal Dr Abhin Chandra Homoeopathic Medical College & Hospital, Bhubaneswar / downloaded from the website - www.ayushodisha.nic.in |
| 4. | Mode of payment of cost of Tender Book | In shape of Demand Draft in favor of Principal Dr Abhin Chandra Homoeopathic Medical College & Hospital, Bhubaneswar |
| 5. | Date of commencement of sale of Tender Book | From Dt: 12-08-2025 at 11.00 A.M. to 03-09-2025 up to 4.00 P.M. |
| 6. | Last date & time for submission of tender | Dt 03-09-2025 up to 5.00 P.M. |
| 7. | Mode of submission of tender | To be submitted through a sealed Tender box kept in the office chamber of the Principal Dr Abhin Chandra Homoeopathic Medical College & Hospital, Bhubaneswar. |
| 8. | Mode of submission of sealed samples | To be submitted to the Principal Dr Abhin Chandra Homoeopathic Medical College & Hospital, Bhubaneswar |
| 9. | Date, Time & Place for opening of tenders | Technical bids will be opened on Dt 04-09-2025 at 11.30 A.M. at office of the Principal Dr Abhin Chandra Homoeopathic Medical College & Hospital, Bhubaneswar. The date, time & place of opening of the Financial Bids of the technically qualified bidders will be intimated later on. |

The tender Inviting Authority reserves the right to accept / reject any or all the bids without assigning any reason thereof.

For more details contact - 9937103803, 9583550609

Sd./- Principal,
Dr. Abhin Chandra Homeopathic Medical College & Hospital, Bhubaneswar

OIPR-10030/11/0009/2526

**DEPUTY DIRECTOR**
**NANDANKANAN ZOOLOGICAL PARK**

P.O-BARANG, DIST-KHURDA, PIN-754005
PHONE/FAX No-0674-2466075, 9437022023 (M)
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web: www.nandankanan.org

e-PROCUREMENT NOTICE

No.MM-155
e-Tender No.DD-NKN-19/NKZP-2025-26 Dt.11.08.2025

| | | |
|---|---|---|
| 1 | Name of the Work | EXPRESSION OF INTEREST-CUM-REQUEST FOR PROPOSAL (RFP) FOR ENGAGEMENT OF AN AGENCY FOR SOURCING, HANDLING, CRATING, TRANSPORTATION AND DOCUMENTATION OF ANIMALS FROM INDIA OR ABROAD FOR NANDANKANAN ZOOLOGICAL PARK, ODISHA, BHUBANESWAR THROUGH PATRONS OF NANDANKANAN |
| 2 | No. of Works | 1 (One) No. |
| 3 | Date of availability of bid document in the portal | 13.08.2025 |
| 4 | Last date for receipt of bids in the portal | 29.08.2025 upto 5.00 P.M. |
| 5 | Date of Opening of Technical Bid (Cover-I) | 30.08.2025 at 3.30 P.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

Sd./- Deputy Director,
Nandankanan Zoological Park

OIPR-08070/11/0100/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**

Tel. No. (06792)260788, e-Mail ID : mi.mayurbhanj@yahoo.co.in

1st Corrigendum Notice
To
Identification No. - S.E.M.I.D.MBJ. No.-05/MID,MBJ/2025-26

Letter No.2933 — Date.10.08.2025

No.A-487 : The E-procurement Notice No. S.E.M.I.D.MBJ. No.-05/MID,MBJ/2025-26 invited by the Superintending Engineer, M.I.Division, Mayurbhanj is hereby modified as follows.

| Sl. no. as per e-TCN | Particulars | Date & Time As per TCN | Modified Date & Time |
|---|---|---|---|
| 6 | date & time of Availability of Bid Document in the Portal | 11.08.2025 at 10.00 A.M. to 22.08.2025 up to 5.00 P.M. | 14.08.2025 at 10.00 A.M. to 25.08.2025 up to 5.00 P.M. |
| 7 | Last date / Time for receipt of Bids in the Portal | 22.08.2025 up to 5.00 P.M. | 25.08.2025 up to 5.00 P.M. |
| 8 | Date/Time of opening of Bid | 25.08.2025 at 11.00 A.M. | 26.08.2025 at 11.00 A.M. |

Further details can be seen from the "e" Procurement Portal "https://tendersorissa.gov.in"

N.B. - All other terms and conditions will remain same as per the e-tender notice S.E.M.I.D.MBJ. No. 05/MID,MBJ/2025-26

Sd./- Superintending Engineer
M.I.Division, Mayurbhanj

OIPR-32041/11/0013/2526

**Department of Tourism**
**Government of Odisha**

ODISHA INDIA'S BEST KEPT SECRET
Paryatan Bhawan, Lewis Road, Bhubaneswar - 751014
Phone : (0674) 243 2177 I Fax : (0674)-243887
https://dot.odishatourism.gov.in

No.9833 — Date : 11.08.2025

REQUEST FOR PROPOSAL FOR SELECTION OF AN AGENCY FOR REDESIGN, REDEVELOPMENT, AUGMENTATION AND OPERATION & MAINTENANCE OF ODISHA TOURISM WEBSITE, MOBILE APP AND BOOK ODISHA PORTAL & APP

No.R- : Department of Tourism (DoT) invites proposals from prospective applicant (s) for Request for Proposal for Selection of an agency for Redesign, Redevelopment, Augmentation and Operation & Maintenance of Odisha Tourism Website, Mobile App and Book Odisha Portal & App for DoT in accordance with the conditions and manner prescribed in the RFP document. The proposals should be submitted by the interested parties to The Director Tourism, Paryatan Bhawan, Lewis Road, Bhubaneswar - 751014 on or before 09.09.2025 up to 15:00 Hrs. The detailed RFP may be downloaded from DoT's website: https://odishatourism.gov.in/content/tourism/en/dot/quickLinks/tender.html

Sd./- Deputy Secretary to Govt.
Department of Tourism

OIPR-37001/11/0055/2526

**DIRECTORATE OF ECONOMICS AND STATISTICS**
**ODISHA, BHUBANESWAR**

Parisankshyan Bhawan, Heads of Department Building Campus
Unit-V, Bhubaneswar, PIN-751001, Ph.-0674-2391295
e-Mail:desbbsr@gmail.com, desbbsr@gov.in
Letter No.5009/DES-VSSS-TEND-0005-2025/Date:11.8.25

No.X-31: TENDER NOTICE

(For award of contract for outsourcing of Light Vehicle Driving Services of Drivers for Directorate of Economics and Statistics, Bhubaneswar)

Sealed tenders are invited from intending service providing agencies and Travel agencies for the outsourcing of Light vehicle Driving Services of Drivers in the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the P&C Department's website https://pc.odisha.gov.in or can be obtained from office on any working day from 08.08.2025 at 10.30 A.M. to 20.08.2025 till 5.30 P.M. The downloaded Tender document from the website should be submitted alongwith a Bank Draft/ Bankers Cheque of Rs.500/- (Non-Refundable) in favour of Establishment Officer-cum-DDO, Directorate of Economics and Statistics, Odisha, Bhubaneswar.

The tender document will be received only through Speed Post/ Registered Poer during office hours only. The last date and time for receipt of filled-in Tender documents are 21.05.2025 by 5.00 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason thereof.

OIPR-21002/11/0011/2526 Sd./- DIRECTOR

**GOVERNMENT OF ODISHA** No.A-485
**DEPARTMENT OF WATER RESOURCES**
'e' Procurement Notice No.05 (NGR) / 2025-26

| | | |
|---|---|---|
| 1 | Type of work | Electrical Work |
| 2 | Total No. of work | 1 (One) |
| 3 | Estimated cost | Rs.29.61 Lakhs |
| 4 | Period of completion | (01) Calendar Month |
| 5 | Date & time of availability of Bid Document in the portal | 15.00 hours of 11.08.2025 to 17.00 hours of 20.08.2025 |
| 6 | Last date/Time for receipt of Bids in the Portal | 20.08.2025 up to 17.00 hours |
| 7 | Date and place of opening of Technical Bid | Dt.21.08.2025 at 11.00 Hours in the office of the Superintending Engineer, Nayagarh Irrigation Division, Nayagarh |
| 8 | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh |

Further details can be seen from the e-Procurement Portal "https://tendersodisha.gov.in".

Superintending Engineer, Nayagarh Irrigation Division, Nayagarh

OIPR-32303/11/0021/2526

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟରର ଅନାବରଣ

**ଭୁବନେଶ୍ୱର,୧୨।୮ (ଅଭୟ ଦାଶ)**



କ୍ଲାସିକ୍ ଲିଜେଣ୍ଡସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ତଥା ଜାୱା ୟେଜ୍‌ଦି ମୋଟରସାଇକେଲର ବହୁ ପ୍ରତୀକ୍ଷିତ ମଡେଲ 'ଅଲ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର (୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର)'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ମଙ୍ଗଳବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହାର ଅନାବରଣ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର ସ୍ୱତନ୍ତ୍ର ଥିମ୍ 'ବର୍ନ ଆଉଟ୍ ଅଫ ଲାଇନ୍'ରେ ଡିଜାଇନ କରାଯାଇଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଓ ଫିଚର ସାମିଲ ରହିଛି। ସେହିଭଳି ଏହି ମଡେଲ ଏକ ଶକ୍ତିଶାଳୀ ଇଞ୍ଜିନ ଓ ବୃହତ୍ ଅଏଲ ଟ୍ୟାଙ୍କ(୧୨.୫ ଲି. କ୍ଷମତା) ସହ ଆକର୍ଷଣୀୟ ଡିଜାଇନ୍‌ରେ ସଜ୍ଜିତ ହୋଇଛି। ସେହିପରି ୨ଟି ଭାରିଆଣ୍ଟ ଓ ୪ଟି ଚିତ୍ତାକର୍ଷକ କଲରରେ ଏହି ମଡେଲ ସବୁବର୍ଗର ଗ୍ରାହକ ଓ ଯୁବବର୍ଗଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବ୍ରାଣ୍ଡ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୨,୦୯,୯୬୯ ଟଙ୍କା ରହିଛି।

### 'ବର୍ନ ଆଉଟ୍ ଅଫ ଲାଇନ୍'

ଏ ସମ୍ପର୍କରେ ଜାୱା ୟେଜ୍‌ଦି ମୋଟରସାଇକେଲର ସହପ୍ରତିଷ୍ଠାତା ଅନୁପମ ଥାରେଜା କହିଥିଲେ, ଆମେ ଆମର ନୂତନ ମଡେଲ 'ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଏହି ମଡେଲ ବଜାରରେ ଏକ ନୂଆ ଓ ବୈପ୍ଲବିକ ପରିବର୍ତ୍ତନ ସହ ଗାଡ଼ିଚାଳନା (ରାଇଡିଂ)ରେ ଏକ ସମ୍ଭାବନା ସୃଷ୍ଟି କରିବ। ଏହାର ଡିଜାଇନ ଓ କଲର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ଲମ୍ବାରାସ୍ତାର ଯାତ୍ରା ପାଇଁ ଏହା ଏକ ଅଭିନବ ଅନୁଭବ ଦେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୨।୮**

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୩୬୮(୩୬୮.୪୯) ପଏଣ୍ଟ ହ୍ରାସ ଘଟି ୮୦,୨୩୬ (୮୦,୨୩୫.୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ କମି ୨୪,୪୮୭ (୨୪,୪୮୭.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ମାସି ଡାଇନାଷ୍ଟାର ସିଜନ-୨ ଉଦ୍‌ଯାପିତ

**ଭୁବନେଶ୍ୱର,୧୨।୮**

### ଟାଫେର 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍'

ଟ୍ରାକ୍ଟର ଆଣ୍ଡ ଫାର୍ମ ଇକ୍ୱିପ୍‌ମେଣ୍ଟ ଲିମିଟେଡ୍ ବା ଟାଫେର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ତଥା ମାସି ଫର୍ଗୁସନର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମାସି ଡାଇନାଷ୍ଟାର ପ୍ରତିଯୋଗିତା'ର ୨ୟ ସଂସ୍କରଣ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଶୀର୍ଷକ 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍' ରହିଥିଲାବେଳେ ଟାଫେ ଦ୍ୱାରା ଏହି ଅଗ୍ରଣୀ ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ହୋଇଥିଲା। ସେହିଭଳି ସିଜନ-୨କୁ ମୋଟ୍ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳର ୧୬,୦୦୦ରୁ ଅଧିକ ପ୍ରବେଶ ମିଳିଛି, ଯାହା ଭାରତର କୃଷି ଭୂଦୃଶ୍ୟର ଉଲ୍ଲେଖନୀୟ ବିବିଧତାକୁ ପ୍ରତିଫଳିତ କରିଛି। ଏହି ସିଜନରେ ଆସାମ, ଗୁଜରାଟ, କର୍ନାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ଭଳି ପ୍ରମୁଖ ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀମାନେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷିଛାତ୍ରଙ୍କ ଏକ ଗତିଶୀଳ ମିଶ୍ରଣରେ ସାମିଲ ଥିଲେ, ଯେଉଁମାନେ ତୃଣମୂଳ ସ୍ତରରେ ନବସୃଜନର ଏକ ସ୍ପନ୍ଦନଶୀଳ ସଂସ୍କୃତି ପ୍ରଦର୍ଶନ କରିଥିଲେ।

ସେହିପରି ମାସି ଫର୍ଗୁସନ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ପରିଚାଳିତ ଏକ ମୋବାଇଲ୍ ସ୍ଲରି ଡିୱାଟରିଂ ମେଶିନ୍ ପାଇଁ ଅଭିନବ ଧାରଣା ଉପସ୍ଥାପନ କରିଥିବା କର୍ନାଟକର ବେଲଗାମ୍‌ରୁ ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ପ୍ରାୟ ୮.୨ ଲକ୍ଷ ଟଙ୍କାର ଏକ ସମ୍ପୂର୍ଣ୍ଣ ନୂତନ ଏମ୍‌ଏଫ୍ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲାବେଳେ ୨ୟ ପୁରସ୍କାର ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏକ ସୌରଚାଳିତ ସ୍ଥାୟୀ ଶକ୍ତିକେନ୍ଦ୍ରର ଧାରଣା ପାଇଁ ଦିଆଯାଇଥିଲା। ଏଥିପାଇଁ ତାଙ୍କୁ ୮ ଗ୍ରାମ୍ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଇଥିଲା। ତୃତୀୟ ପୁରସ୍କାର ପଟିଆଲା ପଞ୍ଜାବର ଅମ୍ରିତ୍ ଜୋତ ସିଂହଙ୍କୁ ଏମ୍‌ଏଫ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ଚାଳିତ ଜଳ ବିଶୋଧନ ୟୁନିଟ୍‌ର ଧାରଣା ପାଇଁ ୮ ଗ୍ରାମ୍ ସୁନାମୁଦ୍ରା ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ଜୁରିସ ଚଏସ୍ ପୁରସ୍କାର ଆସାମର କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଡକ୍ଟର ଜୟକୁମାର କାରୁପ୍ପୁସାମିଙ୍କୁ ପ୍ରଦାନ କରାଯାଇଥିଲା। ସେ ଏକ ବହୁମୁଖୀ କୃଷି ମେଶିନ ପ୍ରସ୍ତାବ କରିଥିଲେ ଏବଂ ତାଙ୍କୁ ୫୦ ଗ୍ରାମ୍ ରୁପା ମୁଦ୍ରାରେ ସମ୍ମାନିତ କରାଯାଇଥିଲା।


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଫ୍ୟାଶନ ଫ୍ୟାକ୍ଟ୍ରିର ନୋ କଣ୍ଡିସନ୍ସ ସେଲ୍




**ମୁମ୍ବାଇ,୧୨।୮**

ରିଲାଏନ୍ସ ରିଟେଲର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଫ୍ୟାଶନ୍ ଫ୍ୟାକ୍ଟ୍ରିର ବହୁ ପ୍ରତୀକ୍ଷିତ ତଥା ଏକ ୪ ଦିନିଆ ସ୍ୱତନ୍ତ୍ର ଅଫର 'ନୋ କଣ୍ଡିସନ୍ସ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫ୍ୟାଶନ୍ ଡିସକାଉଣ୍ଟର ଏହି ମେଗା ସେଲ ୨୦୨୫ ଅଗଷ୍ଟ ୧୪ ରୁ ୧୭ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସେଲରେ ସମସ୍ତ ବଡ଼ ବ୍ରାଣ୍ଡ ଉପରେ ୫୦%ର ଏକ ସ୍ୱତନ୍ତ୍ର ରିହାତି ସହିତ ୨୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ପୋଷାକ କ୍ରୟ ଉପରେ ମାଗଣା ଉପହାର ମଧ୍ୟ ଉପଲବ୍ଧ। ସେହିଭଳି ଏହି ସେଲରେ ଲେଭିସ୍, ପେପେ, ପାର୍କ ଆଭେନ୍ୟୁ, ରେମଣ୍ଡ, କଲର ପ୍ଲସ୍, ପାର୍କ୍ସ, ଟର୍ଟଲ୍, ୱିଲ୍ସ, ହୁର, ଲି କୁପର, ଇଣ୍ଡିବି, ଜନ୍ ପ୍ଲେୟର୍ସ, ନେଟପ୍ଲେ, ପିଟର ଇଂଲଣ୍ଡ , କିଲର, ପାଇନ୍ କ୍ଲବ୍, ସାଡଲ୍ ଏଣ୍ଡ ମାଲେଟ୍ ଭଳି ବ୍ରାଣ୍ଡ ଅନ୍ତର୍ଭୁକ୍ତ ରହିଛି। ଏପରିକି କ୍ଲାସିକ୍ ଫର୍ମାଲ୍‌ଠାରୁ ସ୍ମାର୍ଟ କାଜୁଆଲ୍ କିମ୍ବା ସପ୍ତାହାନ୍ତ ପୋଷାକ ପର୍ଯ୍ୟନ୍ତ ଫ୍ୟାଶନ୍ ପ୍ରେମୀଙ୍କ ପାଇଁ ସମସ୍ତ ପ୍ରକାରର ଉତ୍ପାଦ ଏହି ସେଲରେ ଉପଲବ୍ଧ ହେଉଛି। ସେହିପରି ୨୦%ରୁ ୭୦% ପର୍ଯ୍ୟନ୍ତ ମେଗା ରିହାତି ଅଫର ବର୍ଷକ ବାର ମାସ ବା ୩୬୫ ଦିନ ଆଉଟଲେଟରେ ଉପଲବ୍ଧ।

# ନିସାନ ପକ୍ଷରୁ ୱାରେଣ୍ଟି ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୧୨।୮**

ନିସାନ ମୋଟର(ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ଅଫର ତଥା ୱାରେଣ୍ଟି ଯୋଜନାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ଅଫର ନୂତନ ନିସାନ ମାଗ୍ନାଇଟ ପାଇଁ ଡିଜାଇନ କରାଯାଇଥିବାବେଳେ ଏହା ଏକ ପ୍ରଥମ ଧରଣର ଏବଂ ୧୦ ବର୍ଷର ଏକ୍ସଟେଣ୍ଡେଡ ୱାରେଣ୍ଟି ପ୍ଲାନ ଭାବେ ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ସେଗ୍‌ମେଣ୍ଟ ପ୍ରଥମ ଗ୍ରାହକ-କେନ୍ଦ୍ରିତ ପଦକ୍ଷେପ। ଯାହା ଗୁଣବତ୍ତା, ନିର୍ଭରଯୋଗ୍ୟତା ଓ ମାନସିକ ଶାନ୍ତି ପାଇଁ ବ୍ରାଣ୍ଡର ଦୀର୍ଘାବଧି ପ୍ରତିବଦ୍ଧତାକୁ ସୂଚିତ କରୁଛି। ନୂଆ ନିସାନ ମାଗ୍ନାଇଟ ଆଡଲ୍ଟ ଅକ୍ୟୁପାଣ୍ଟ ସେଫ୍ଟି (ଏଓପି)ରେ ୫ ଷ୍ଟାର ରେଟିଂ ସହିତ ସାମଗ୍ରିକ ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୫ ଷ୍ଟାର ରେଟିଂ ହାସଲ କରିବାର ତତ୍କାଳ ପରେ ଏହି ପ୍ଲାନ ସମ୍ପର୍କରେ ଘୋଷଣା କରାଯାଇଛି।

ସେହିଭଳି ଏହି ପ୍ଲାନ ୩ ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟି ପ୍ରଦାନ କରୁଛି, ଯାହାକି ୧୦ ବର୍ଷ ପର୍ଯ୍ୟନ୍ତ ଏକ ବର୍ଦ୍ଧିତ ୱାରେଣ୍ଟି ପ୍ଲାନର ନମନୀୟ ଯୋଜନା ମାଧ୍ୟମରେ ବୃଦ୍ଧି କରାଯାଇପାରିବ। ଏହି ପ୍ଲାନର ସୁରକ୍ଷା କେବଳ ୨୨ ପଇସା/ପ୍ରତି କିମି କିମ୍ବା ୧୨ଟଙ୍କା/ପ୍ରତି ଦିନର ଏକ ସୁଲଭ ମୂଲ୍ୟରେ ୧୦ବର୍ଷ/୨ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ଅବଧି ପାଇଁ ପ୍ରଯୁଜ୍ୟ ରହିବ। ନିସାନ ମୋଟର ଇଣ୍ଡିଆର ଏମ୍‌ଡି ସୌରଭ ବତ୍ସ କହିଛନ୍ତି, ନୂଆ ନିସାନ ମାଗ୍ନାଇଟ ଭାରତୀୟ ଗ୍ରାହକଙ୍କ ପାଇଁ ଗୁଣବତ୍ତା, ନିର୍ଭରଯୋଗ୍ୟତା, ସୁରକ୍ଷା ଓ ଦୀର୍ଘାବଧି ମୂଲ୍ୟର ଏକ ପ୍ରତୀକ ଭାବେ ଉଭା ହୋଇଛି। ଗ୍ଲୋବାଲ ଏନ୍‌ସିଏପିଠାରୁ ଏହା ସମ୍ମାନଜନକ ୫ଷ୍ଟାର ସେଫ୍ଟି ରେଟିଂ ହାସଲ କରିଥିବାରୁ ଆମେ ଖୁବ୍ ଗର୍ବିତ ଅନୁଭବ କରୁଛୁ।


# Classified Everyday

0674-2580101, 9692975378



MATRIMONIAL

BRIDE WANTED

Handsome Brahmin boy "1989, 5.6' B.tech, serving software Engineer CTS Bangalore. "SUNASANSAR" ,9937512659. D-1615



REAL ESTATE

SALE

Prime stithiban plot for sale- Airport area, Bhubaneswar near Naveen Niwas, 2178sqft., excellent connectivity, developed area. Ideal for residential construction. The property is guarded and secluded by boundarywall around it. Expected possession of property immediately. Deal directly with the owner. No brokers involved, Contact- 9439861119. D-76071

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

**Duplex sale with gated Society near Allms Hospital, Bhubaneswar- 9777433701.** D-1614

LOST

ମୁଁ ଲିଙ୍ଗରାଜ ରାଉତ, ପି- କେଳା ରାଉତ, ଚନ୍ଦନପୁର ଥାନା ଦଣ୍ଡା ଗ୍ରାମ ଅଧିବାସୀ ଅଟେ। ଦାସଗୋବାରେ ଥିବା ମୋର ଖାତା ନଂ.- 215/372, ପ୍ଲଟ୍ ନଂ- 126 (ଘରବାରି) ମୌଜା ଦାସଗୋବା, ତହସିଲ- ପୁରୀର ପୂର୍ବ ଦଲିଲ ନଂ.- 11481403092ଟି ଭୁଲ୍‌ବଶତଃ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଆନ୍ତି ତେବେ ନିମ୍ନଲିଖିତ ନଂରେ ଯୋଗାଯୋଗ କରିବାକୁ ଅନୁରୋଧ।

ଦୀପକ କୁମାର ସାହୁ
9937058785
D-1628

By the virtue of an affidavit in the Court of Executive Magistrate, Banpur, vide general station diary No.- 007/6.8.2025 15.00 hrs. near Entry Officer name with rank: Akshaya Pradhan, ASI, we describe that: By this time one person namely Krushna Chandra Guru (54), S/o- Gobardhan Guru, At- Badapadar, Banpur, Khorda appeared at PS and presented a written report that on date 27.07.2025 at 11AM while he was travelling from Vani Vihar to Acharya Vihar, his bag was lest some where along with Khata No. 294/23, Gangadharpur Sasan. He attached an affidavit Copy with his report. Brought the matter notice of IIC Directed enter the fact as GD for further references. Therefore if anybody has found the same, please contact with the area Manager, Chandrasekharpur, Bhubaneswar Mob- 9778970930 or N.C. Pattnaik lawyer with mobile number within 7days to take further course of action. D- 1626

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com

I, Dushasan Tarai, S/o- Late Bidyadhar Tarai, At- Madan Mohan Nagar, Tinigharia, P.O.- Nayabazar, P.S.- Madhupatna, Dist.- Cuttack- 753004 States that I am owner of property Khata No.- 941/30, Plot No.- 1602, area AC 0.040 dec., Kisam-Gharabari, Mouza- Bidyadharpur Tahasil- Cuttack Sadar, Dist.- Cuttack on 26.05.25, Original Regd Sale Deed No.- 2532, dt- 03.06.1988 executed by Trilochan Sahoo in favour of Sri Jogendra Behera and record of right having Mouza Bidyadharpur, Khata No.- 348, Plot No.- 1602, area- Ac0.040dec. recorded in the name of Jogendra Behera (which is the Link Deed of my property) has been missed when transit from Nuapada Chhak to my residence. The finder please contact soon above address. D-1627

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

AFFIDAVIT

By virtue of an affidavit before Notary Public, Chandikhole 11.08.25, I, Shaikh Khurban, aged about (59), S/o- Shaikh Habib, At- Matakatpur, P.O.- Palai, P.S.- Balichandrapur, Dist.- Jajpur, Odisha-754205 declare that Shaikh Khurban and Shaikh Khorban same and one person and there is no difference in it, Date of Birth 15.03.1966. D-1633

By virtue of an affidavit sworn before the Executive Magistrate, Jharsuguda, No.- 9334, date 11.08.26, I, Tuleswar Sa, S/o- Adikanta Sa, R/o. Vill- Kandsar, P.O.-Ubuda, P.S.-Lakhanpur, Dist.- Jharsuguda-768217 declare that, I have changed my name from Tuleswar Sa to Tuleswar AB Sa. Henceforth, I shall be known as Tuleswar AB Sa for all future purposes.

Tuleswar AB Sa
D-1634

ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/-
ରେ। ରଙ୍ଗୀନ ଟ୪୨୦/-
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhadrak, dtd. 19.05.2025, I, Bharatilata Behera (33 yrs), W/o- Dhaneswar Parida, Vill/P.O.- Naami, P.S.- Bhandaripokhari, Dist.- Bhadrak, PIN- 756121 declare that I have changed my name from Bharati Parida to Bharatilata Behera. Henceforth, I shall be known as Bharatilata Behera for all purposes. D-1629

By virtue of an affidavit sworn before Notary Public, Titilagarh, dated 09.08.2025, I, Manjushree Nayak, D/o- Sudarshan Nayak, At- Ghantasuni Pada, P.O.- Titilagarh, Dist.-Balangir, Odisha, 767033 declare that I have changed my name from Manju Sree Nayak to Manjushree Nayak.Henceforth, I shall be known as Manjushree Nayak for all purposes.

(Manjushree Nayak)
D-1630

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମଞ୍ଜୁଲତା ବେହେରା
ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା
ସାଇଗୋଡ଼ା, ମନୋହରପୁର, ସାଲେପୁର, କଟକ
ଆବିର୍ଭାବ- ତା୨୧।୦୨।୧୯୭୩ରିଖ
ତିରୋଧାନ- ତା୧୩।୦୮।୨୦୨୨ରିଖ

ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ଏବେବି ତୁମ କଥା ସବୁ ସମୟରେ ମନେପଡ଼େ। ତୁମ ସ୍ଥାନ ଅପୂରଣୀୟ । ତୁମ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦାସର୍ବଦା ମନେ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ। ।

ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ, ପୁଅ: ନୀହାର, ଚିଣ୍ଟୁ, ସୁସ୍ମିତା, ସାଇରିତିସା, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।

ଧ-୧୬୩୧

DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ନୂଆ କ୍ରୀଡ଼ା ବିଲ୍ ସ୍ୱଚ୍ଛତା ଆଣିବ: ଉଷା

ନୂଆଦିଲ୍ଲୀ,୧୨।୮(ପି.ଟି.)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପି ଟି ଉଷା ମଙ୍ଗଳବାର ଜାତୀୟ କ୍ରୀଡ଼ା ଶାସନ ବିଲ୍ ପ୍ରତି ସମର୍ଥନ ବ୍ୟକ୍ତ କରିବା ସହ କହିଛନ୍ତି, ଏହା ଦେଶର କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଣିବ। ନୂଆ ବିଲ୍ ଉପରେ ମଙ୍ଗଳବାର ରାଜ୍ୟ ସଭାରେ ଆଲୋଚନା ବେଳେ ଉଷା ଏଥିରେ ଦିଆଯାଇଥିବା ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍ଏସ୍‌ବି), ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ (ଏନ୍ଏସ୍‌ଟି) ଓ ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି।

'ଆଜିର ଦିନ ବ୍ୟକ୍ତିଗତ ଓ ଜାତୀୟ ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମୁଁ ଏହି ମୁହୂର୍ତ୍ତ ଲାଗି ଦୀର୍ଘବର୍ଷ ହେଲା ଅପେକ୍ଷା କରିଛି। ୧୯୮୪ରେ ମୋତେ ୨୦ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଲସ୍ ଏଞ୍ଜେଲ୍ସରେ ଅଲିମ୍ପିକ୍ ପଦକ ହାତଛଡ଼ା କରିଥିଲି। ସେହିଦିନ ମୋ ମନ ଭାଙ୍ଗିଯାଇଥିଲା। ସେତେବେଳେ ଆମ ହୃଦୟର ସ୍ୱପ୍ନକୁ ସାକାର କରିବା ପାଇଁ କୌଣସି କ୍ରୀଡ଼ା ଆଇନ ନ ଥିଲା। ସେହି ଘଟଣାକୁ ୪ ଦଶନ୍ଧି ବିତିବା ପରେ ବି ଆମ ପାଖରେ କୌଣସି ବ୍ୟବସ୍ଥା ନ ଥିଲା। ଏବେ ଏହି ଆଶା କାର୍ଯ୍ୟ ଓ ଆଇନରେ ପରିଣତ ହୋଇଛି। ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଦୀର୍ଘଦିନ ଧରି ବକେୟା ରହିଥିବା ବିଲ୍। ଏହି ବିଲ୍ ଭାରତୀୟ କ୍ରୀଡ଼ା ପ୍ରଶାସନରେ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ସହ ସ୍ୱଚ୍ଛତା ଓ ଲିଙ୍ଗଗତ ସମାନତା ଆଣିବ। ଏହା ଆଥ୍‌ଲେଟ୍‌ଙ୍କୁ ସଶକ୍ତ କରିବା ସହ ସ୍ପନ୍ସର୍ସ ଓ ଫେଡେରେଶନ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବ। ଏହା ନ୍ୟାୟ ଓ ନିରପେକ୍ଷତାର ବିଷୟ। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ସ୍ୱପ୍ନ ଦେଖୁଥିବା ବେଳେ ଏହି ଆଇନ ଆସିଛି। ଭାରତ ପାଇଁ ଏହା କେବଳ ଏକ ବିଲ୍ ନୁହେଁ, ବରଂ କାର୍ଯ୍ୟ ଲାଗି ଏକ ସ୍ପଷ୍ଟ ଆହ୍ୱାନ। ଏହି ବିଲ୍ ମହାନ୍ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହା ଏକ ନୈତିକ ପ୍ରତିଶ୍ରୁତି ଯେ, ଆଥ୍‌ଲେଟଙ୍କୁ ଆଉ ଉଦାସୀନ ବ୍ୟବସ୍ଥା ଦ୍ୱାରା ନିରାଶ ହେବାକୁ ପଡ଼ିବ ନାହିଁ। ମାଟି ରାସ୍ତାରେ ଖାଲିପାଦରେ ଦୌଡୁଥିବା କୁନି କୁନି ପିଲାଙ୍କ ଲାଗି ଏହି ବିଲ୍ ଜୀବନ ବଦଳାଇ ଦେବ' ବୋଲି ଉଷା କହିଛନ୍ତି।


ରାଜ୍ୟ ସଭାରେ ପିଟି ଉଷା ।

## ସଂସଦରେ ପାରିତ

ଜାତୀୟ କ୍ରୀଡ଼ା ଶାସନ ବିଲ୍ ଓ ଜାତୀୟ ଡୋପିଂ ନିବାରଣ (ସଂଶୋଧିତ) ବିଲ୍ ମଙ୍ଗଳବାର ସଂସଦରେ ପାରିତ ହୋଇଯାଇଛି। ଲୋକସଭାରେ ପାରିତ ହେବାର ୨୪ ଘଣ୍ଟା ମଧ୍ୟରେ ଏହି ଦୁଇ ବିଲ୍‌କୁ ରାଜ୍ୟ ସଭାର ଅନୁମୋଦନ ମିଳିଛି। ଏହି ଦୁଇ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱାକ୍ଷର ପରେ ଆଇନରେ ପରିଣତ ହେବ। ଅପରାହ୍ନ ୩ଟାରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଉଭୟ ବିଲ୍ ଉପରେ ବିଚାର କରିବା ପାଇଁ ଉଚ୍ଚ ସଦନକୁ ପଠାଇଥିଲେ। ହେଲେ ବିହାରରେ ଭୋଟର ତାଲିକା ସଂଶୋଧନ ନେଇ ଆଲୋଚନା ଦାବିରେ କଂଗ୍ରେସ ସଭାପତି ମଲିକାର୍ଜ୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ ସଦନରୁ ଚାଲିଯାଇଥିଲେ।

'୨୦ ଦେଶରେ କ୍ରୀଡ଼ା ଆଇନ ରହିଛି। ଏହି ଧାରାରେ ଭାରତକୁ ୨୧ତମ ଦେଶ ଭାବେ ସାମିଲ କରିବା ପାଇଁ ମୁଁ ରାଜ୍ୟ ସଭାକୁ ଅନୁରୋଧ କରୁଛି' ବୋଲି ମାଣ୍ଡବ୍ୟ ସମ୍ବୋଧନ ଦେବା ପରେ ଦୁଇ ଘଣ୍ଟା ଧରି ବିଲ୍ ଉପରେ ଚର୍ଚ୍ଚା ହୋଇଥିଲା। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନର ପୂର୍ବତନ ସଭାପତି ତଥା ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ଓ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ସଭାପତି ପିଟି ଉଷା ପ୍ରମୁଖ ନୂଆ କ୍ରୀଡ଼ା ବିଲ୍‌କୁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକା, ବ୍ରିଟେନ, ଚାଇନା, ଜାପାନ ଭଳି ଦେଶରେ ଏହି କ୍ରୀଡ଼ା ଆଇନ ମଧ୍ୟ ରହିଛି।



ବାନ୍ଧବୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କ ସହ କ୍ରିଷ୍ଟିଆନୋ ରୋନାଲ୍ଡୋ।

# ରୋନାଲ୍ଡୋ-ରୋଡ୍ରିଗୁଏଜ୍‌ଙ୍କ ନିର୍ବନ୍ଧ

ୱାଶିଂଟନ,୧୨।୮(ଏପି)

କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ତାଙ୍କ ଦୀର୍ଘଦିନର ସାଥୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କର ନିର୍ବନ୍ଧ ଶେଷ ହୋଇଛି। ୩୧ ବର୍ଷୀୟା ରୋଡ୍ରିଗୁଏଜ ହାତରେ ଏକ ବଡ଼ ହୀରାଖଚିତ ମୁଦିର ଫଟୋ ସହ ଇନ୍‌ଷ୍ଟାଗ୍ରାମରେ ନିର୍ବନ୍ଧ ସମ୍ପର୍କରେ ଘୋଷଣା କରିଛନ୍ତି। ରୋଡ୍ରିଗୁଏଜ ଓ ୪୦ ବର୍ଷୀୟ ରୋନାଲ୍ଡୋଙ୍କର ଦୁଇଟି ଝିଅ ଅଛନ୍ତି। ସେମାନଙ୍କ ବ୍ୟତୀତ ରୋନାଲ୍ଡୋଙ୍କ ୩ ଛୁଆଙ୍କୁ ପାଳିବାରେ ରୋଡ୍ରିଗୁଏଜ୍ ସହାୟତା କରୁଛନ୍ତି। ରୋନାଲ୍ଡୋ ୨୦୧୬ରେ ମାଡ୍ରିଡ୍‌ର ଏକ ଗୁସି ଷ୍ଟୋରରେ ରୋଡ୍ରିଗୁଏଜ୍‌ଙ୍କୁ ଭେଟିଥିଲେ। ପୂର୍ବତନ ରିୟଲ ମାଡ୍ରିଡ୍ ଓ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳି ଏବେ ସାଉଦି ଆରବରେ ଅଲ-ନାସର କ୍ଲବ ପାଇଁ ଖେଳୁଛନ୍ତି।

# ହରିୟାଣାକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଝାଡ଼ଖଣ୍ଡ ଦଳ।

**ଜାତୀୟ ଜୁନିୟର ମହିଳା ହକି**

କାକିନାଡା, ୧୨।୮ (ପି.ଟି.)

ଝାଡ଼ଖଣ୍ଡ ଏଠାରେ ଅନୁଷ୍ଠିତ ୧୫ତମ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ ଟାଇଟଲ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଡିଭିଜନ 'ଏ' ଫାଇନାଲରେ ଦଳ ୨-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ତରଫରୁ ପ୍ରଥମ କ୍ୱାର୍ଟରରେ ସ୍ୱିଟି ଡୁଙ୍ଗ୍‌ଡୁଙ୍ଗ୍ (୧୦ମ ମିନିଟ) ଓ ଶାନ୍ତି କୁମାରୀ (୧୨ତମ) ଗୋଲ ସ୍କୋର କରିଥିବା ବେଳେ ହରିୟାଣା ତରଫରୁ କୀର୍ତ୍ତ ୫୨ତମ ମିନିଟ୍‌ରେ ଏକମାତ୍ର ଗୋଲ୍ ଦେଇଥିଲେ। ଇଭେଣ୍ଟର ଅନ୍ତିମ ଦିବସରେ ପ୍ରଥମେ ୩ୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଉତ୍ତର ପ୍ରଦେଶ ୨-୦ ଗୋଲ୍‌ରେ ଛତିଶଗଡ଼କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ଦଳ ପକ୍ଷରୁ ସୁନୀତା କୁମାରୀ (୧୦ମ) ଓ ମନୀଷା ପଟେଲ (୬୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

## ଗୁକେଶ ମିଳିତ ତୃତୀୟ

**ସେଣ୍ଟ ଲୁଇସ୍, ୧୨।୮(ପି.ଟି.):** ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟର ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ମିଳିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓପନିଂ ରାଉଣ୍ଡରେ ସେ ଆମେରିକାର ଲେଭନ ଆରୋନିଆନଙ୍କ ନିକଟରୁ ହାରିଯିବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ଗ୍ରିଗୋରି ଓପାରିନ୍ ଓ ଲିମ୍ ଲି' କ୍ୱାଙ୍ଗଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟ ହେଉଛି ଗ୍ରାଣ୍ଡ ଚେସ୍ ଟୁର୍‌ର ଏକ ଅଂଶବିଶେଷ। ପ୍ରଥମ ଦିବସରେ ସମ୍ଭାବ୍ୟ ୬ ପଏଣ୍ଟରୁ ଗୁକେଶ ୪ ପଏଣ୍ଟ ଅର୍ଜନ କରିପାରିଛନ୍ତି। ଟୁର୍ନାମେଣ୍ଟରେ ପ୍ରତ୍ୟେକ ରାପିଡ୍ ବିଜୟ ପାଇଁ ଦୁଇ ପଏଣ୍ଟ ବ୍ୟବସ୍ଥା ରହିଥିବାବେଳେ ଆରୋନିଆନ ପ୍ରଥମ ଦିବସରେ ସମସ୍ତ ୩ଟି ଗେମ୍ ଜିତି ଅଗ୍ରଣୀ ଲାଭ କରିଛନ୍ତି। ନିକଟରେ ଲାସ୍‌ଭେଗାସ୍‌ଠାରେ ଅନୁଷ୍ଠିତ ଫ୍ରିଷ୍ଟାଇଲ ଚେସ୍ ଟୁର୍ନାମେଣ୍ଟରେ ସାନି ସଫଳତା ହାସଲ କରି ଫେରିଥିବା ଏହି ଆମେରିକୀୟ ଗ୍ରାଣ୍ଡମାଷ୍ଟର ପର୍‌ଫେକ୍ଟ ସ୍କୋର ବଜାୟ ରଖି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଉଜ୍‌ବେକିସ୍ତାନର ନୋଦିରବେକ୍ ଅବଦୁସାତ୍ତୋରୋଭ ଓ ଫ୍ରାନ୍ସର ମାକ୍ସିମ ଭାଚିର ଲାଗ୍ରେଭଙ୍କୁ ପରାସ୍ତ କରିଥିଲେ। ଆରୋନିଆନ ୬ ପଏଣ୍ଟ ଅର୍ଜନ କରିପାରିଛନ୍ତି। ତାଙ୍କ ଦେଶର ଫାବିଆନୋ କାରୁଆନା ଦୁଇ ବିଜୟ ଓ ଗୋଟିଏ ଡ୍ର ସହ ୫ ପଏଣ୍ଟ ଅର୍ଜନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗୁକେଶ ଅନ୍ୟ ଜଣେ ଆମେରିକୀୟ ୱେସ୍‌ଲି ସୋ'ଙ୍କ ସହ ମିଳିତ ୩ୟ ସ୍ଥାନରେ ଥିବାବେଳେ ଭାଚିର ଲାଗ୍ରେଭ ଓ ଲିନର ଡୋମିନ୍‌ଗୁଏଜ୍ ପେରେଜ ମିଳିତ ତୃତୀୟ ହୋଇଛନ୍ତି।

# ବେଙ୍ଗାଲୁରୁ ମ୍ୟାଚ୍ ସ୍ଥାନାନ୍ତର ହେବ

ନୂଆଦିଲ୍ଲୀ,୧୨।୮

ଆସନ୍ତା ସେପ୍ଟେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଭେନ୍ୟୁ ତାଲିକାରୁ ବେଙ୍ଗାଲୁରୁ ବାଦ୍ ପଡ଼ିବାକୁ ଯାଉଛି। ଶ୍ରୀଲଙ୍କାର କଲମ୍ବୋ ବ୍ୟତୀତ ଭାରତରେ ଗୌହାଟୀ, ବିଶାଖାପାଟଣା ଓ ଇନ୍ଦୋର ସହିତ ଅନ୍ୟ ଏକ ସହରରେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରାଯିବ। ଏ ସମ୍ପର୍କରେ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଥିରୁଭାନନ୍ତପୁରମ କିମ୍ବା ହାଇଦ୍ରାବାଦ୍‌କୁ ଚତୁର୍ଥ ଭେନ୍ୟୁ ଭାବେ ଚୟନ କରାଯାଇପାରେ। ବେଙ୍ଗାଲୁରୁରେ ହେବାକୁ ଥିବା ମ୍ୟାଚ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନାହିଁ। କିନ୍ତୁ ବିସିସିଆଇ ପକ୍ଷରୁ ଅତିରିକ୍ତ ଦୁଇ ଦିନ ଦିଆଯିବା ସତ୍ତ୍ୱେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ପୋଲିସଠାରୁ ଅନୁମତି ନେବାରେ ବିଫଳ ହୋଇଛି। ଅନୁମତି ନେବା ଲାଗି ପୂର୍ବରୁ ଅଗଷ୍ଟ ୯ ତାରିଖକୁ ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଥିଲା। ପରେ କେଏସ୍‌ସିଏକୁ ସୋମବାର ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ସେପ୍ଟେମ୍ବର ୩୦ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ସମେତ ୫ଟି ମ୍ୟାଚ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବାର ଥିଲା। କିନ୍ତୁ ଜୁନ ୪ ତାରିଖରେ ଆର୍‌ସିବିର ଭିକ୍ଟ୍ରି ପରେଡ ବେଳେ ଦଳାଚକଟାରେ ୧୧ ପ୍ରଶଂସକଙ୍କ ମୃତ୍ୟୁ ଘଟିବା ପରେ ସହରରେ କ୍ରିକେଟ ମ୍ୟାଚ୍ ଆୟୋଜନ ସଂକ୍ରାନ୍ତରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଆପଣେଇଛନ୍ତି।



# ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଦୁବାଇ, ୧୨।୮(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ସହ ପ୍ରଥମ ସ୍ଥାନ ନିକଟତର ହୋଇଛନ୍ତି। ଦୀପ୍ତି ବର୍ତ୍ତମାନ ୭୩୨ ରେଟିଂ ପଏଣ୍ଟ ସହ ପାକିସ୍ତାନର ସାଦିଆ ଇକ୍‌ବାଲଙ୍କ ସହିତ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଆନାବେଲ୍ ସଦରଲାଣ୍ଡ ପ୍ରଥମଥର ଅନ୍ତର୍ଜାତୀୟ ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିନେଇଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ଇକ୍‌ବାଲ ମାତ୍ର ୩ଟି ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ୧ ନମ୍ବର ସ୍ଥାନ ହରାଇବାକୁ ପଡ଼ିଛି। ବ୍ୟାଟର ତାଲିକାରେ ଓପନର ସ୍ମୃତି ମନ୍ଧାନା ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଉଇକେଟ ସଫଳତା ପରଠାରୁ ସଦରଲାଣ୍ଡ ଆଉ ଅନ୍ତର୍ଜାତୀୟ ଟି୨୦ ଖେଳିନାହାନ୍ତି। କିନ୍ତୁ ତାଙ୍କ ରେଟିଂ ପଏଣ୍ଟ ଅପରିବର୍ତ୍ତିତ ରହିଛି, କାରଣ ଟପ୍ ର୍‍ୟାଙ୍କିଙ୍ଗ୍‌ର ନିକଟତର ଥିବା ଗତ ସପ୍ତାହରେ ଭଲ ପ୍ରଦର୍ଶନ କରିପାରି ନ ଥିବାରୁ ସେମାନଙ୍କୁ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହରାଇବାକୁ ପଡ଼ିଛି। ଅନ୍ତର୍ଜାତୀୟ ଟି୨୦ ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗ୍ ତାଲିକାରେ ଦୀପ୍ତି ୩୮୭ ରେଟିଂ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁସ୍(୫୦୫) ଓ ନ୍ୟୁଜିଲାଣ୍ଡର ଆମେଲିଆ କେର୍(୪୩୪)ଙ୍କ ପଛରେ ତୃତୀୟ ସ୍ଥାନରେ ରହିଛନ୍ତି।



## ବିନି ବିସିସିଆଇ ସଭାପତି ରହିବେ

**ବେଙ୍ଗାଲୁରୁ,୧୨।୮ (ପି.ଟି.):** ପୂର୍ବତନ ଅଲ୍‌ରାଉଣ୍ଡର ରୋଜର ବିନି ଗତମାସରେ ୭୦ ବର୍ଷରେ ପାଦ ଦେଇଛନ୍ତି। ହେଲେ ସଂସଦରେ ପାସ୍ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଅନୁଯାୟୀ, ବିନି ବିସିସିଆଇ ସଭାପତି ଭାବେ କାର୍ଯ୍ୟ ଜାରି ରଖିବେ। ଅତିକମ୍‌ରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ଏଜିଏମ୍ ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇବେ। ଯଦି ବିସିସିଆଇର ରାଜ୍ୟ ସଦସ୍ୟ ରାଜି ହୁଅନ୍ତି, ତେବେ ବିନି ୭୫ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ, ଯାହାକି ଜାତୀୟ କ୍ରୀଡ଼ା ମହାସଂଘର ଅଧିକାରୀଙ୍କ ଲାଗି ନୂଆ କଟ୍-ଅଫ୍ ବୟସ।

## ଇଣ୍ଡିଆନ ନେଭି କ୍ୱାର୍ଟର ଫାଇନାଲରେ

**ଡୁରାଣ୍ଡ କପ୍ ଫୁଟ୍‌ବଲ**

ଇମ୍ଫାଲ, ୧୨।୮(ପି.ଟି.)

ଇଣ୍ଡିଆନ୍ ନେଭି ଫୁଟ୍‌ବଲ ଟିମ୍ ୧୩୪ତମ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ 'ଏଫ୍'ର ଏକ ମ୍ୟାଚ୍‌ରେ ବିଳମ୍ବରେ ପିଣ୍ଟୁ ମହାତା ଓ ଶେୟସ ଭି.ଜିଙ୍କ ଗୋଲ୍ ବଳରେ ଦଳ ୨-୧ ଗୋଲ୍‌ରେ ଟ୍ରାଉ(ଟିଡିମ୍ ରୋଡ୍ ଆଥଲେଟିକ୍ ୟୁନିୟନ) ଏଫ୍‌ସିକୁ ପରାସ୍ତ କରିଛି। ଖେଳର ୨୯ତମ ମିନିଟ୍‌ରେ ଟ୍ରାଉ ମୋଇରାଙ୍ଗଥେମ୍ ନେଲସନ ସିଂଙ୍କ ଗୋଲ୍ ଜରିଆରେ ଅଗ୍ରଣୀ ଲାଭ କରିଥିଲା। ୮୭ତମ ମିନିଟ୍‌ରେ ପିଣ୍ଟୁଙ୍କ ଗୋଲ୍ ବଳରେ ଇଣ୍ଡିଆ ନେଭି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିବା ବେଳେ ପିଣ୍ଟୁ ଇଞ୍ଜୁରି ଟାଇମ୍‌ର ୩ୟ ମିନିଟ୍‌ରେ ଆଉ ଏକ ଗୋଲ୍ କରି ଦଳକୁ ବିଜୟୀ କରାଇଥିଲେ। ଏହି ବିଜୟ ଦ୍ୱାରା ଇଣ୍ଡିଆନ ନେଭି ୭ ପଏଣ୍ଟ ସହ ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲରେ ରିୟଲ କଶ୍ମୀର ଏଫ୍‌ସି(୬ ପଏଣ୍ଟ) ଆଗରେ ପ୍ରଥମ ସ୍ଥାନରେ ରହିଥିଲା।

# ସୁବ୍ରତ କପ୍ ଫୁଟ୍‌ବଲ ୧୯ରୁ

ନୂଆଦିଲ୍ଲୀ, ୧୨।୮(ପି.ଟି.)

ଅଗଷ୍ଟ ୧୯ରୁ ୬୪ତମ ସୁବ୍ରତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳାଯିବ। ଏଥିରେ ତିନୋଟି କାଟେଗୋରିରେ ୪ ଅନ୍ତର୍ଜାତୀୟ ଦଳ ସହ ମୋଟ ୧୦୬ଟି ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଖେଳାଳିମାନେ ୩ଟି କାଟେଗୋରି ଯଥା ଜୁନିୟର ବାଳକ(୧୭ ବର୍ଷରୁ କମ୍), ଜୁନିୟର ବାଳିକା(୧୭ ବର୍ଷରୁ କମ୍) ଏବଂ ସବ୍‌ଜୁନିୟର ବାଳକ (୧୫ ବର୍ଷରୁ କମ୍)ରେ ଭାଗନେବେ। ଏୟାରଫୋର୍ସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡର ତତ୍ତ୍ୱାବଧାନରେ ସୁବ୍ରତ ମୁଖାର୍ଜୀ ସ୍ପୋର୍ଟ୍ସ ଏଜୁକେଶନ ସୋସାଇଟି (ଏସ୍ଏମ୍ଏସ୍ଇଏସ୍) ଦ୍ୱାରା ଆୟୋଜନ କରାଯାଉଥିବା ଏହି ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର ଓ ବେଙ୍ଗାଲୁରୁସ୍ଥିତ ଭେନ୍ୟୁଗୁଡ଼ିକରେ ଖେଳାଯିବ। ନେପାଳ ଓ ଶ୍ରୀଲଙ୍କାରୁ ଅନ୍ତର୍ଜାତୀୟ ଦଳଗୁଡ଼ିକ ଭାଗନେବେ ବୋଲି ଏୟାର ମାର୍ଶାଲ ଏସ୍. ଶିବକୁମାର ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ସ୍କୁଲ ପିଲାମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ଅଭିଜ୍ଞତା ହାସଲ କରିବା ତଥା ସିନିୟର ସ୍ତର ଫୁଟ୍‌ବଲ ପାଇଁ ପ୍ରସ୍ତୁତ ହେବାଲାଗି ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ। ଏହି ଟୁର୍ନାମେଣ୍ଟରୁ କେତେଜଣ ମନୋନୀତ ଖେଳାଳିଙ୍କୁ ଜର୍ମାନୀରେ ଟ୍ରେନିଂ ସୁଯୋଗ ମିଳିବ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତୀୟ ମହିଳା ଫୁଟ୍‌ବଲର ଡାଲିମା ଛିବର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨୦୧୧ରେ ଏହି ଟୁର୍ନାମେଣ୍ଟ ଜରିଆରେ ତାଙ୍କ ଫୁଟ୍‌ବଲ କ୍ୟାରିୟର ଯାତ୍ରା ଆରମ୍ଭ ହୋଇଥିଲା। ଆମର ୨୦ ବର୍ଷରୁ କମ୍ ଦଳ ଏସିଆନ୍ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଆମେ ଏକ ସୁବର୍ଣ୍ଣ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୧୯୬୦ରେ ପ୍ରଥମକରି ଆୟୋଜିତ ଏହି ଟୁର୍ନାମେଣ୍ଟ ହେଉଛି ଏୟାର ମାର୍ଶାଲ ସୁବ୍ରତ ମୁଖାର୍ଜୀଙ୍କ ଏକ ପରିକଳ୍ପନା। ଭାରତରେ ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳର ପ୍ରସାର ତାଙ୍କ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ସମୟରେ ଏହା ଦେଶର ସବୁଠାରୁ ବଡ଼ ଆନ୍ତଃ-ସ୍କୁଲ ଟୁର୍ନାମେଣ୍ଟରେ ପରିଣତ ହୋଇପାରିଛି।



ସୁବ୍ରତ କପ୍ ଫୁଟ୍‌ବଲର ୬୪ତମ ସଂସ୍କରଣ ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏୟାର ମାର୍ଶାଲ ଏସ୍. ଶିବକୁମାର ଏବଂ ଭାରତୀୟ ଫୁଟ୍‌ବଲର ଡାଲିମା ଛିବର।

# ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ

**ଦ୍ୱିତୀୟ ଟି୨୦ : ଦକ୍ଷିଣ ଆଫ୍ରିକା ଜିତିଲା**

ଡାରୱିନ୍,୧୨।୮

ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଜିତିନେଇଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି। ଅପରାଜିତ ଶତକୀୟ ଇନିଂସ୍ ଖେଳିଥିବା ବ୍ରେଭିସ୍‌ଙ୍କୁ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୧୬ ତାରିଖରେ କେର୍ନସରେ ଖେଳାଯିବ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୮ ରନ୍ କରିଥିଲା। ଦଳ ପାଇଁ ବ୍ରେଭିସ୍ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହିତ ଅପରାଜିତ ୧୨୫ ରନ୍‌ର ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ଟି୨୦ ଶତକ ଓ ଏହା ଅନ୍ତର୍ଜାତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅନ୍ୟମାନଙ୍କ ମଧ୍ୟରେ ଟ୍ରିଷ୍ଟାନ ଷ୍ଟବ୍ସ ୩୧ ଓ ଏଡେନ ମାରକ୍ରାମ ୧୮ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ ମ୍ୟାକ୍ସୱେଲ ଓ ବେନ ଡ୍ୱାରଶୁଇସ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୭.୪ ଓଭରରେ ୧୬୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ଲାଗି ଟିମ୍ ଡେଭିଡ୍ ୫୦(୪ ଲେଖାଏ ଚୌକା ଓ ଛକା), ଆଲେକ୍ସ କାରେ ୨୬ (୩ ଚୌକା) ଓ ଅଧିନାୟକ ମିଚେଲ ମାର୍ଶ ୨୨(୨ ଚୌକା ଓ ୧ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱେନା ମାଫାକା ଓ କର୍ବିନ ବୋଶ୍ଚ ୩ ଲେଖାଏ ଉଇକେଟ ହାତେଇଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଏହା ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ସର୍ବବୃହତ୍ ପରାଜୟ। ଏହି ପରାଜୟ ପରେ ଗତ ୯ ମ୍ୟାଚ୍‌ରେ ଚାଲିଆସିଥିବା ଅଷ୍ଟ୍ରେଲିଆର ବିଜୟଧାରା ଭଙ୍ଗ ହୋଇଯାଇଛି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୨୧୮/୭(ଡିୱାଲ୍ଡ ବ୍ରେଭିସ-୧୨୫*, ଟ୍ରିଷ୍ଟାନ ଷ୍ଟବ୍ସ-୩୧, ବେନ ଡ୍ୱାରଶୁଇସ-୨/୨୪, ଗ୍ଲେନ ମ୍ୟାକ୍ସୱେଲ-୨/୪୪)।

ଅଷ୍ଟ୍ରେଲିଆ: ୧୭.୪ ଓଭରରେ ୧୬୫/ଅଲଆଉଟ୍ (ଟିମ୍ ଡେଭିଡ୍-୫୦, ଆଲେକ୍ସ କାରେ-୨୬, କର୍ବିନ ବୋଶ୍ଚ-୩/୨୦, କ୍ୱେନା ମାଫାକା-୩/୫୭)।


ଅପରାଜିତ ଶତକୀୟ ଇନିଂସ୍ ଅବସରରେ ଡିୱାଲ୍ଡ ବ୍ରେଭିସ୍।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.